# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 8/2026 | Page 14 | ₹ 7.00

୫୨ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 76 | ମୂଲ୍ୟ ₹୭/-




**କାନ୍ଦିଲେ ଭୂମିକା**

ଅଭିନେତ୍ରୀ ଭୂମିକା ଚାୱଲା 'ୟୁଫୋରିଆ' ଫିଲ୍ମରେ ନଜର ଆସିବେ। ତେବେ ଏକ କାର୍ଯ୍ୟକ୍ରମରେ ସେ ଫିଲ୍ମରେ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ।

୦୨

୧୪

**ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍**

ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ୍ ଉଇକେଟ ସଫଳତା ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜ ବୋଲର ରୋମାରିଓ ଶେଫର୍ଡ।



# ବିଜୟରୁ ଭାରତର ଅଭିଯାନ

**ମୁମ୍ବାଇ, ୭।୨**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଟି୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୨୯ ରନ୍‌ରେ ଆମେରିକାକୁ ପରାସ୍ତ କରିଛି। ଏହି ବିଜୟରୁ ଭାରତ ଦୁଇ ପଏଣ୍ଟ ପାଇଛି। ଭାରତୀୟ ଦଳ ଆସନ୍ତା ୧୨ ତାରିଖରେ ଦିଲ୍ଲୀଠାରେ ନାମ୍ବିଆକୁ ଭେଟିବ।

ଭାରତ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଫୁଲ୍ ଫର୍ମରେ ଥିବା ଅଭିଷେକ ବିନା ରନ୍‌ରେ ଆଉଟ୍ ହେବାପରେ ଇଶାନ କିଶନ ଓ ତିଲକ ବର୍ମା ଦ୍ୱିତୀୟ ଉଇକେଟରେ ୩୭ ରନ୍ ଯୋଡ଼ିଥିଲେ। ହେଲେ ଭ୍ରମଣକାରୀ ଦଳର ପେସର ଶାଡ୍‌ଲି ଭାନ ସ୍କାଲକ୍ୱିକ ପାୱାରପ୍ଲେର ଅନ୍ତିମ ଓଭରରେ କିଶନ ୨୦ (୧ ଚୌକା ଓ ୨ ଛକା), ତିଲକ ୨୫ (୩ ଚୌକା ଓ ୧ ଛକା) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟପଟେ କ୍ରମାଗତ ବ୍ୟବଧାନରେ ରିଙ୍କୁ ସିଂ(୬), ହାର୍ଦ୍ଦିକ ପାଣ୍ଡ୍ୟା(୫) ଓ ଅକ୍ଷର ପଟେଲ(୧୪) ଆଉଟ୍ ହୋଇଥିଲେ। କ୍ରିଜ୍‌ରେ ସେଟ୍ ଥିବା ଅଧିନାୟକ ସୂର୍ଯ୍ୟ ଅନ୍ତିମ ଓଭରରେ ୨ ଟି ☞ପୃଷ୍ଠା-୪



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ।

# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି

ଭାରତ ଏବଂ ଆମେରିକା ମଧ୍ୟରେ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକାର ୩୦ ଟ୍ରିଲିୟନ ଡଲାରର ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏହାସହ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍)କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ହଟାଇ ଦେଇଛନ୍ତି। ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଗତ ଅଗଷ୍ଟରେ ଦଣ୍ଡସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଇଥିଲା। ଗତ ସୋମବାର ଟ୍ରମ୍ପ ଭାରତ ଉପରେ ଲଗାଯାଇଥିବା ୨୫% ଜବାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏବେ ଅତିରିକ୍ତ ୨୫% ଶୁଳ୍କ ହଟିବା ଫଳରେ ଭାରତୀୟ ରପ୍ତାନି ପୁଣି ସୁଗମ ହେବା ଆଶା କରାଯାଉଛି। ଦୁଇ ଦେଶର ଏକ ମିଳିତ ବିବୃତି ଅନୁଯାୟୀ, ଭାରତରୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଶୁଳ୍କ କୋହଳ କରାଯାଇଛି, ଯାହା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି। ସେହିପରି ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ଲକ୍ଷ୍ୟ ରଖିଛି। ଏଥିରେ ମୁଖ୍ୟତଃ ଶକ୍ତି, ବିମାନ ଉପକରଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ, ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହିସବୁ ସାମଗ୍ରୀ ଉପରେ ଆମେରିକାକୁ କୌଣସି ବଡ଼ ରିହାତି ଦିଆଯାଇନାହିଁ। ଏହି ଚୁକ୍ତିକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହଗଲୋମାସି' ବା କୋଳାଗ୍ରତ କରିବାର ଶୈଳୀ ଏବଂ ଫଟୋ ଉଠାଇବା ଦ୍ୱାରା ଦେଶକୁ ପ୍ରକୃତ ଲାଭ ମିଳିନାହିଁ। ଚୁକ୍ତିରେ ଭାରତ ନିଜ ସ୍ୱାର୍ଥକୁ ବଳି ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

- **ରୁଷିଆ ତୈଳ ପାଇଁ ଭାରତ ଉପରେ ଲାଗିଥିବା ଅତିରିକ୍ତ ୨୫% ଶୁଳ୍କ ହଟିଲା**
- **ଭାରତ ଦେଇଛି ୫୦୦ ବିଲିୟନ ଡଲାରର ଆମଦାନୀ ପ୍ରତିଶ୍ରୁତି**



**ୱାଶିଂଟନ୍/ନୂଆଦିଲ୍ଲୀ, ୭।୨(ପି.ଟି./ ରଏଟର୍ସ/ବ୍ଲୁମ୍‌ବର୍ଗ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ କ୍ଷମତାକୁ ଆସିବା ପରଠୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଅନେକ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମେ ସେ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଆମଦାନୀ ଶୁଳ୍କ ଲଗାଇଥିଲେ। ସେପଟେ ୨୦୨୨ ୟୁକ୍ରେନ୍ ଯୁଦ୍ଧ ପରଠୁ ଆକ୍ରମଣକାରୀ ରୁଷିଆଠାରୁ ଭାରତ କ୍ରୁଡ୍ ଆମଦାନୀ କରିଚାଲିଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨ ପ୍ରକାର ଟିକସ କଷିଥିଲେ। ୨୫% ଆମଦାନୀ ଟିକସ ସାଙ୍ଗକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଯିବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାକୁ ଯାଇ ନାନା କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ କୌଣସି ଜିଦ୍ ଆଗରେ ନୂଆଦିଲ୍ଲୀ ମୁଣ୍ଡ ନୁଆଇ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂସ୍କାର ଓ ଅନ୍ୟ ଦୂରଦର୍ଶୀ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍ ଦେଶରେ ସମାଲୋଚନାର ଶିକାର ହୋଇଥିଲେ। ବହୁ ବିରୋଧକୁ ସାମ୍ନା କରିବା ପରେ ଶେଷରେ ଗତ ସପ୍ତାହରେ ରାଷ୍ଟ୍ରପତି ଟ୍ରମ୍ପ୍ ନରମିଯାଇଥିଲେ। 'ମଦର ଅଫ୍ ଅଲ୍ ଡିଲ୍ସ' ନାମରେ ପରିଚିତ ବହୁପ୍ରତୀକ୍ଷିତ ଭାରତ-ୟୁରୋପୀୟ ☞ପୃଷ୍ଠା-୪

# ଗଲ୍‌ୱାନ ସଂଘର୍ଷ ପରେ ଆଣବିକ ପରୀକ୍ଷା କରିଥିଲା ଚାଇନା

**ଜେନେଭା, ୭।୨**

ଚାଇନା ବିରୋଧରେ ଆମେରିକା ଏକ ବିସ୍ଫୋରକ ଅଭିଯୋଗ ଆଣିଛି। ୨୦୨୦ରେ ସୀମାନ୍ତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିଲେ। ଏହାର ୭ ଦିନ

**ଆମେରିକାର ଅଭିଯୋଗ**

ପରେ ଚାଇନା ଗୋପନରେ ଅଣୁଅସ୍ତ୍ର ପରୀକ୍ଷା କରିଥିଲା ବୋଲି ଆମେରିକା କହିଛି। ସେତେବେଳେ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀକୁ ନେଇ ଯୁଝୁଥିଲାବେଳେ ବେଜିଂ ନିଜର ଆଣବିକ କ୍ଷମତାର ପରୀକ୍ଷା କରିଥିଲା ବୋଲି ଆମେରିକା ପରରାଷ୍ଟ୍ର ଅନୁସଚିବ ଥୋମାସ୍ ଡିନାନୋ ଶୁକ୍ରବାର ଜେନେଭାରେ ନିରସ୍ତ୍ରୀକରଣ ଉପରେ ଅନୁଷ୍ଠିତ ଜାତିସଂଘ ସମ୍ମିଳନୀରେ କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଶେଷ ଆଣବିକ ଚୁକ୍ତିନାମା ସମୟସୀମା ଗତ ୫ ତାରଖରେ ଶେଷ ହୋଇଥିବାବେଳେ ଏଭଳି ଗମ୍ଭୀର ଅଭିଯୋଗ ଆସିଛି। ଭବିଷ୍ୟତର କୌଣସି ଆଣବିକ ଚୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ସାଙ୍ଗରେ ନେବାକୁ ଚାହୁଁଛନ୍ତି।






**ଆଜିର ସମ୍ପାଦକୀୟ** ଆତ୍ମସମର୍ପଣ

# ଛାତ୍ରାବାସରୁ ଛାତ୍ର ନିଖୋଜ

**ଦାରିଙ୍ଗବାଡ଼ି, ୭।୨(ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡିସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ନାମ କିଷାନ ବେହେରା(୧୪)। କିଷାନଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦ୍ରୁକୁମ୍ପା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ଛାତ୍ରଙ୍କ ସମ୍ପର୍କରେ କିଛି ସୁରାକ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ମଧ୍ୟରେ ଏହି ବିଦ୍ୟାଳୟରେ ୨ ଥର ଅଘଟଣ ଘଟିବା ସାଧାରଣରେ ଗଭୀର ଆଲୋଡନ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

ଖବରରୁ ଜଣାପଡ଼ିଛି, ସୁଦ୍ରୁକୁମ୍ପା ଅଞ୍ଚଳର ଅର୍ଜୁନ ବେହେରାଙ୍କ ପୁଅ କିଷାନ ଦାରିଙ୍ଗବାଡିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଯାଇଥିଲେ। ☞ପୃଷ୍ଠା-୪









ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ। ଆଇଆରଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ। ଏଭଳି ଫୋନ କଲ୍ ପାଉଥିବା ପଲିସୀଧାରକ ବା ପ୍ରସ୍‌ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ। ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ।
ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍ସ ଉତ୍ପାଦସବୁ ପାରମ୍ପରିକ ବୀମା ଉତ୍ପାଦଙ୍କ ଅପେକ୍ଷା ଭିନ୍ନ ହୋଇଥାଆନ୍ତି ଏବଂ ଆପଦ ତଥ୍ୟାବଳୀ ଉପରେ ନିର୍ଭର କରନ୍ତି।
ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍ସ ପଲିସୀମାନଙ୍କରେ ଭରାଯାଇଥିବା ପ୍ରିମିଅମରେ ପୁଞ୍ଜି ବଜାର ଓ ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ ସମ୍ପୃକ୍ତ ବିନିଯୋଗ ଆପଦ ଥାଏ। ଫଣ୍ଡ ଓ ପୁଞ୍ଜିବଜାର/ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ କୁ ପ୍ରଭାବିତ କରୁଥିବା ତଥ୍ୟାବଳୀଙ୍କ କାର୍ଯ୍ୟକାରିତା ଉପରେ ନିର୍ଭର କରି ୟୁନିଟଙ୍କ ନୀ.ପ. ମୂଲ୍ୟ ବଢ଼ିପାରେ ବା କମିପାରେ ଏବଂ ବୀମାକାରୀ ତାଙ୍କ ନିର୍ଣ୍ଣୟ ଲାଗି ଦାୟୀ।
ଭାରତୀୟ ଜୀବନ ବୀମା ନିଗମ ହେଉଛି ଜୀବନ ବୀମା କମ୍ପାନୀର ନାମ ଏବଂ ପ୍ରୋଟେକ୍ସନ୍ ପ୍ଲସ୍ ହେଉଛି କେବଳ ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍ସ କଣ୍ଟ୍ରାକ୍ଟ'ର ନାମ ଓ କୌଣସି ରୂପେ କଣ୍ଟ୍ରାକ୍ଟ'ର ଗୁଣ-ମାନ, ଏହାର ଭାବି ସମ୍ଭାବନା କି ଅର୍ଜନ ଦର୍ଶାଉ ନାହିଁ।
ସମ୍ପୃକ୍ତ ଆପଦ ଆଉ ପ୍ରଯୁଜ୍ୟ ଚାର୍ଜସବୁ ନିଜ ବୀମା ଏଜେଣ୍ଟ ବା ମଧ୍ୟସ୍ଥିଙ୍କ ଠାରୁ କିମ୍ବା ବୀମା କମ୍ପାନୀ ଜାରି କରିଥିବା ପଲିସୀ ଡକୁମେଣ୍ଟ ରୁ ଜାଣନ୍ତୁ।
ଏହି କଣ୍ଟ୍ରାକ୍ଟ ଅନ୍ତର୍ଗତ ଅଫର୍ କରାଯାଉଥିବା ବିବିଧ ଫଣ୍ଡ ହେଉଛି ଫଣ୍ଡଗୁଡ଼ିକର ନାମ ଏବଂ କୌଣସି ରୂପେ ଏସବୁ ପ୍ଲାନ'ର ଗୁଣ-ମାନ, ଏଗୁଡ଼ିକର ଭାବି ସମ୍ଭାବନା ଓ ଅର୍ଜନ ଦର୍ଶାଉ ନାହିଁ।

DHARITRI
52 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 8/2026 | Page 14 | ₹ 7.00
୫୨ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 76 | ମୂଲ୍ୟ ₹୭/-



**କାନ୍ଦିଲେ ଭୂମିକା**

ଅଭିନେତ୍ରୀ ଭୂମିକା ଚାୱଲା 'ୟୁଫୋରିଆ' ଫିଲ୍ମରେ ନଜର ଆସିବେ। ତେବେ ଏକ କାର୍ଯ୍ୟକ୍ରମରେ ସେ ଫିଲ୍ମରେ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ।

୦୨

୧୪

**ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍**

ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ୍ ଉଇକେଟ ସଫଳତା ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜ ବୋଲର ରୋମାରିଓ ଶେଫର୍ଡ।



# ବିଜୟରୁ ଭାରତର ଅଭିଯାନ

**ମୁମ୍ବାଇ, ୭।୨**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଟି୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୨୯ ରନ୍‌ରେ ଆମେରିକାକୁ ପରାସ୍ତ କରିଛି। ଏହି ବିଜୟରୁ ଭାରତ ଦୁଇ ପଏଣ୍ଟ ପାଇଛି। ଭାରତୀୟ ଦଳ ଆସନ୍ତା ୧୨ ତାରିଖରେ ଦିଲ୍ଲୀଠାରେ ନାମ୍ବିଆକୁ ଭେଟିବ।

ଭାରତ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଫୁଲ୍ ଫର୍ମରେ ଥିବା ଅଭିଷେକ ବିନା ରନ୍‌ରେ ଆଉଟ୍ ହେବାପରେ ଇଶାନ କିଶନ ଓ ତିଲକ ବର୍ମା ଦ୍ୱିତୀୟ ଉଇକେଟରେ ୩୭ ରନ୍ ଯୋଡ଼ିଥିଲେ। ହେଲେ ଭ୍ରମଣକାରୀ ଦଳର ପେସର ଶାଡ୍‌ଲି ଭାନ ସ୍କାଲକ୍ୱିକ ପାୱାରପ୍ଲେର ଅନ୍ତିମ ଓଭରରେ କିଶନ ୨୦ (୧ ଚୌକା ଓ ୨ ଛକା), ତିଲକ ୨୫ (୩ ଚୌକା ଓ ୧ ଛକା) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟପଟେ କ୍ରମାଗତ ବ୍ୟବଧାନରେ ରିଙ୍କୁ ସିଂ(୬), ହାର୍ଦ୍ଦିକ ପାଣ୍ଡ୍ୟା(୫) ଓ ଅକ୍ଷର ପଟେଲ(୧୪) ଆଉଟ୍ ହୋଇଥିଲେ। କ୍ରିଜ୍‌ରେ ସେଟ୍ ଥିବା ଅଧିନାୟକ ସୂର୍ଯ୍ୟ ଅନ୍ତିମ ଓଭରରେ ୨ ଟି ☞ପୃଷ୍ଠା-୪



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ।

# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି

- ରୁଷିଆ ତୈଳ ପାଇଁ ଭାରତ ଉପରେ ଲାଗିଥିବା ଅତିରିକ୍ତ ୨୫% ଶୁଳ୍କ ହଟିଲା
- ଭାରତ ଦେଇଛି ୫୦୦ ବିଲିୟନ ଡଲାରର ଆମଦାନୀ ପ୍ରତିଶ୍ରୁତି

ଭାରତ ଏବଂ ଆମେରିକା ମଧ୍ୟରେ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକାର ୩୦ ଟ୍ରିଲିୟନ ଡଲାରର ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏହାସହ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍)କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ହଟାଇ ଦେଇଛନ୍ତି। ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଗତ ଅଗଷ୍ଟରେ ଦଣ୍ଡସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଇଥିଲା। ଗତ ସୋମବାର ଟ୍ରମ୍ପ ଭାରତ ଉପରେ ଲଗାଯାଇଥିବା ୨୫% ଜବାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏବେ ଅତିରିକ୍ତ ୨୫% ଶୁଳ୍କ ହଟିବା ଫଳରେ ଭାରତୀୟ ରପ୍ତାନି ପୁଣି ସୁଗମ ହେବା ଆଶା କରାଯାଉଛି। ଦୁଇ ଦେଶର ଏକ ମିଳିତ ବିବୃତି ଅନୁଯାୟୀ, ଭାରତରୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଶୁଳ୍କ କୋହଳ କରାଯାଇଛି, ଯାହା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି। ସେହିପରି ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ଲକ୍ଷ୍ୟ ରଖିଛି। ଏଥିରେ ମୁଖ୍ୟତଃ ଶକ୍ତି, ବିମାନ ଉପକରଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ, ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହିସବୁ ସାମଗ୍ରୀ ଉପରେ ଆମେରିକାକୁ କୌଣସି ବଡ଼ ରିହାତି ଦିଆଯାଇନାହିଁ। ଏହି ଚୁକ୍ତିକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହଗଲୋମାସି' ବା କୋଳାଗ୍ରତ କରିବାର ଶୈଳୀ ଏବଂ ଫଟୋ ଉଠାଇବା ଦ୍ୱାରା ଦେଶକୁ ପ୍ରକୃତ ଲାଭ ମିଳିନାହିଁ। ଚୁକ୍ତିରେ ଭାରତ ନିଜ ସ୍ୱାର୍ଥକୁ ବଳି ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।



**ୱାଶିଂଟନ୍/ନୂଆଦିଲ୍ଲୀ, ୭।୨(ପି.ଟି./ରଏଟର୍ସ/ବ୍ଲୁମ୍‌ବର୍ଗ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ କ୍ଷମତାକୁ ଆସିବା ପରଠୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଅନେକ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମେ ସେ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଆମଦାନୀ ଶୁଳ୍କ ଲଗାଇଥିଲେ। ସେପଟେ ୨୦୨୨ ୟୁକ୍ରେନ୍ ଯୁଦ୍ଧ ପରଠୁ ଆକ୍ରମଣକାରୀ ରୁଷିଆଠାରୁ ଭାରତ କ୍ରୁଡ୍ ଆମଦାନୀ କରିଚାଲିଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨ ପ୍ରକାର ଟିକସ କଷିଥିଲେ। ୨୫% ଆମଦାନୀ ଟିକସ ସାଙ୍ଗକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଯିବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାକୁ ଯାଇ ନାନା କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ କୌଣସି ଜିଦ୍ ଆଗରେ ନୂଆଦିଲ୍ଲୀ ମୁଣ୍ଡ ନୁଆଇ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂସ୍କାର ଓ ଅନ୍ୟ ଦୂରଦର୍ଶୀ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍ ଦେଶରେ ସମାଲୋଚନାର ଶିକାର ହୋଇଥିଲେ। ବହୁ ବିରୋଧକୁ ସାମ୍ନା କରିବା ପରେ ଶେଷରେ ଗତ ସପ୍ତାହରେ ରାଷ୍ଟ୍ରପତି ଟ୍ରମ୍ପ୍ ନରମିଯାଇଥିଲେ। 'ମଦର ଅଫ୍ ଅଲ୍ ଡିଲ୍ସ' ନାମରେ ପରିଚିତ ବହୁପ୍ରତୀକ୍ଷିତ ଭାରତ-ୟୁରୋପୀୟ ☞ପୃଷ୍ଠା-୪

# ଗଲ୍‌ୱାନ ସଂଘର୍ଷ ପରେ ଆଣବିକ ପରୀକ୍ଷା କରିଥିଲା ଚାଇନା

**ଆମେରିକାର ଅଭିଯୋଗ**

**ଜେନେଭା, ୭।୨**

ଚାଇନା ବିରୋଧରେ ଆମେରିକା ଏକ ବିସ୍ଫୋରକ ଅଭିଯୋଗ ଆଣିଛି। ୨୦୨୦ରେ ସୀମାନ୍ତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିଲେ। ଏହାର ୭ ଦିନ ପରେ ଚାଇନା ଗୋପନରେ ଅଣୁଅସ୍ତ୍ର ପରୀକ୍ଷା କରିଥିଲା ବୋଲି ଆମେରିକା କହିଛି। ସେତେବେଳେ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀକୁ ନେଇ ଯୁଝୁଥିଲାବେଳେ ବେଜିଂ ନିଜର ଆଣବିକ କ୍ଷମତାର ପରୀକ୍ଷା କରିଥିଲା ବୋଲି ଆମେରିକା ପରରାଷ୍ଟ୍ର ଅନୁସଚିବ ଥୋମାସ୍ ଡିନାନୋ ଶୁକ୍ରବାର ଜେନେଭାରେ ନିରସ୍ତ୍ରୀକରଣ ଉପରେ ଅନୁଷ୍ଠିତ ଜାତିସଂଘ ସମ୍ମିଳନୀରେ କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଶେଷ ଆଣବିକ ଚୁକ୍ତିନାମା ସମୟସୀମା ଗତ ୫ ତାରଖରେ ଶେଷ ହୋଇଥିବାବେଳେ ଏଭଳି ଗମ୍ଭୀର ଅଭିଯୋଗ ଆସିଛି। ଭବିଷ୍ୟତର କୌଣସି ଆଣବିକ ଚୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ସାଙ୍ଗରେ ନେବାକୁ ଚାହୁଁଛନ୍ତି।




**ଆଜିର ସମ୍ପାଦକୀୟ** ଆତ୍ମସମର୍ପଣ

# ଛାତ୍ରାବାସରୁ ଛାତ୍ର ନିଖୋଜ

**ଦାରିଙ୍ଗବାଡ଼ି, ୭।୨(ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ନାମ କିଷାନ ବେହେରା(୧୪)। କିଷାନଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦୃକୁମ୍ପା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ଛାତ୍ରଙ୍କ ସମ୍ପର୍କରେ କିଛି ସୁରାକ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ମଧ୍ୟରେ ଏହି ବିଦ୍ୟାଳୟରେ ୨ ଥର ଅଘଟଣ ଘଟିବା ସାଧାରଣରେ ଗଭୀର ଆଲୋଡନ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

ଖବରରୁ ଜଣାପଡ଼ିଛି, ସୁଦୃକୁମ୍ପା ଅଞ୍ଚଳର ଅର୍ଜ୍ଜୁନ ବେହେରାଙ୍କ ପୁଅ କିଷାନ ଦାରିଙ୍ଗବାଡ଼ିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଯାଇଥିଲେ। ☞ପୃଷ୍ଠା-୪






**ରୁଷିଆରେ ୪ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼**

ରୁଷିଆର ଉଫାସ୍ଥିତ ମେଡିକାଲ ୟୁନିଭର୍ସିଟି ସ୍ପୋର୍ଟସ୍ ହଲ୍‌ରେ ରବିବାର ବିଦେଶୀ ଛାତ୍ରମାନଙ୍କ ଉପରେ ଜଣେ ସ୍ଥାନୀୟ ଯୁବକ ଛୁରିରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ୪ ଭାରତୀୟ ଛାତ୍ରଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଯୁବକ ଜଣଙ୍କୁ ଗିରଫ କରିବାକୁ ଯାଇ ୨ ପୋଲିସ ଅଧିକାରୀ ମଧ ଆହତ ହୋଇଛନ୍ତି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନାହିଁ। ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି।



କୁଆଲାଲମପୁରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ଅଭିବୃଦ୍ଧି ପାଇଁ ଭାରତ ବିଶ୍ୱସ୍ତ ସହଯୋଗୀ: ମୋଦି

**କୁଆଲାଲମପୁର, ୭।୨(ପି.ଟି.)**

ଭାରତ ଅଭିବୃଦ୍ଧିର ଏକ ବିଶ୍ୱସ୍ତ ସହଯୋଗୀ, ଯାହା ନିକଟରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ସମେତ ବିଭିନ୍ନ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତି ସହମତିରୁ ପ୍ରତିଫଳିତ ହୋଇଛି। ୨ ଦିନିଆ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହା କହିଛନ୍ତି। କୁଆଲାଲମପୁରଠାରେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ପ୍ରବାସୀ ଭାରତୀୟମାନେ ଯୋଗାଯୋଗର ଏକ ଦୃଢ଼ ସେତୁ ଭାବେ କାର୍ଯ୍ୟ କରିଆସୁଛନ୍ତି। ଭାରତୀୟ ଭାଷା ଏବଂ ମଳୟ ମଧ୍ୟରେ ବହୁସଂଖ୍ୟାରେ ସମାନ ଶବ୍ଦ ରହିଥିବାରୁ ୨ ଦେଶ ପରସ୍ପରକୁ ଖୁବ୍ ଭଲ ଭାବରେ ଜାଣନ୍ତି। ୨୦୨୬ର ପ୍ରଥମ ବିଦେଶ ଗସ୍ତରେ ମାଲେସିଆ ଆସିଥିବାରୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଖୁସି ଅନୁଭବ କରୁଥିବା କହିଛନ୍ତି। ମୋଦିଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଉପସ୍ଥିତ ଥିଲେ। ମାଲେସିଆରେ ତାମିଲ ପ୍ରବାସୀମାନେ ବହୁ ଶତାବ୍ଦୀ ଧରି ରହିଆସିବା ସହ ବିଭିନ୍ନ କ୍ଷେତ୍ରରେ ସମାଜର ସେବା କରୁଛନ୍ତି। ୟୁନିଭର୍ସିଟି ଅଫ୍ ମଳୟରେ

**ମାଲେସିଆରେ ଖୁବ୍‌ଶୀଘ୍ର ୟୁପିଆଇ ଶୁଭାରମ୍ଭ**

ଥିରୁଭାଲ୍ଲୁଭାର ଚେୟାର ସ୍ଥାପନ କରି ଆମେ ଗର୍ବିତ ଏବଂ ଆମ ମିଳିତ ଐତିହ୍ୟକୁ ଅଧିକ ମଜଭୁତ କରିବା ଲାଗି ଥିରୁଭାଲ୍ଲୁଭାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛୁ ବୋଲି ମୋଦି କହିଛନ୍ତି। ମାଲେସିଆରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ୨ ଦେଶ ମଧ୍ୟରେ ଆର୍ଥିକ, ପ୍ରତିରକ୍ଷା ଏବଂ ଲୋକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଭାରତୀୟ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍) ମାଲେସିଆରେ ଶୁଭାରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟକ୍ରମରେ ମୋଦି ଓ ତାଙ୍କ ମାଲେସିଆ ପ୍ରତିପକ୍ଷ ଇବ୍ରାହିମ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାରତ ନାଟ୍ୟମ, ଓଡ଼ିଶୀ, କଥକ, କଥାକଲି, କୁଚିପୁଡ଼ି ଆଦି ଭାରତୀୟ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ମୋଦି ଓ ଇବ୍ରାହିମ୍ ଗୋଟିଏ କାରରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ।

# ଟ୍ରେଡ୍ ଡିଲ୍ ଭାରତ ପ୍ରତି ବିଶ୍ୱାସଘାତ: କଂଗ୍ରେସ

**ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଥିବାବେଳେ ଶନିବାର ଏହା ଉପରେ ଉଭୟ ଦେଶ ପକ୍ଷରୁ ବିସ୍ତୃତ ରୂପରେଖ ପ୍ରକାଶ କରାଯାଇଛି। ଟ୍ରେଡ୍ ଡିଲ୍‌ରେ କ'ଣ ସବୁ ରହିବ, ଏହାଦ୍ୱାରା ଭାରତ ଓ ଆମେରିକାକୁ କେତେ ଲାଭ ମିଳିବ ସେନେଇ ଚର୍ଚ୍ଚା ଜାରି ରହିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ଟ୍ରେଡ୍ ଡିଲ୍ ନୁହେଁ, ବରଂ ଭାରତର ଆତ୍ମସମ୍ମାନ ଓ ସ୍ୱାର୍ଥର ଆତ୍ମସମର୍ପଣ ବୋଲି କଂଗ୍ରେସ ସମାଲୋଚନା କରିଛି। କେନ୍ଦ୍ର ସରକାର ଭାରତ ଓ ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଥିବା ବିରୋଧୀ ଦଳ କହିଛି। ଅନ୍ୟପକ୍ଷେ ଭାରତର ଖାଦ୍ୟ ଓ ଅନ୍ୟ ସମ୍ବେଦନଶୀଳ ସେକ୍ଟରଗୁଡ଼ିକୁ ସରକାର ଏହି ଡିଲ୍‌ରେ ସୁରକ୍ଷିତ ରଖିଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଏହାଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ଭଳି ବୃହତ୍ ବଜାର ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।**

**ନୂଆଦିଲ୍ଲୀ,୭।୨**

ଟ୍ରେଡ୍ ଡିଲ୍ ଉପରେ ମିଳିତ ଘୋଷଣାନାମା ଜାରି କରାଯିବା ପରେ କଂଗ୍ରେସ ମିଡିଆ ଓ ପବ୍ଲିସିଟି ବିଭାଗ ମୁଖ୍ୟ ପଓ୍ୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ଆମେରିକୀୟ ସାମଗ୍ରୀର ଅଳିଆ ଗଦାରେ ପରିଣତ ହେବାକୁ ଯାଉଛି। ଦେଶର କୃଷକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ସହିବାକୁ ପଡ଼ିବ।



ପଓ୍ୱନ ଖେରା



ପୀୟୂଷ ଗୋୟଲ

ଏହା ଆମ ସ୍ୱାର୍ଥ ପାଇଁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୂର୍ଣ୍ଣ ଆତ୍ମସମର୍ପଣ। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଚୂଡ଼ାନ୍ତ ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ସଂସଦରେ ଏହାର ପ୍ରତିଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ। ଏଥିରେ ଅନେକ ପ୍ରସଙ୍ଗର ସ୍ପଷ୍ଟ ଅବତାରଣା କରାଯାଇ ନ ଥିବାରୁ କୃଷି, ଶିଳ୍ପ ଓ ନିଯୁକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କଂଗ୍ରେସ ନେତା ରଣଦୀପ ସିଂ ସୁର୍ଯ୍ୟେଓ୍ୱାଲା ଏହାଦ୍ୱାରା ଗ୍ରାମାଞ୍ଚଳ କୃଷକଙ୍କ ଜୀବନଜୀବିକା ଉଜୁଡ଼ିଯିବ ବୋଲି ସମାଲୋଚନା କରିଥିବାବେଳେ ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ ଟ୍ରେଡ୍ ଡିଲ୍‌ର ରୂପରେଖକୁ 'ଓ୍ୱାଶିଂଟନ୍‌ର ଅର୍ଡର' ରୂପେ ଅଭିହିତ କରିଛନ୍ତି।

**କୃଷି ସମେତ ଅନ୍ୟ ସମ୍ବେଦନଶୀଳ ସେକ୍ଟର ସୁରକ୍ଷିତ: କେନ୍ଦ୍ର**

ଅନ୍ୟପକ୍ଷେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଆମେରିକାକୁ କୌଣସି କୃଷି ଫଳ ଓ ଦୁଗ୍ଧଜାତ ସାମଗ୍ରୀ ଉପରେ ରିହାତି ଦେଇନାହିଁ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକା ସହ ଜଡ଼ିତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମକା, ଗହମ, ଧାନ, ସୋୟା, ପଲ୍ଟ୍ରି, ଦୁଗ୍ଧ ଏଥାନଲ୍, ତମାଖୁ ଆଦି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଟ୍ରେଡ୍ ଡିଲ୍‌ର ଅନ୍ତରୀଣ ରୂପରେଖରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳର ସମର୍ଥନ ମିଳିବା ଭଳି ଉଦ୍ୟମ କରାଯାଇଛି।

## ଏମ୍‌ପି ପପୁ ଯାଦବ ଗିରଫ

**ପାଟନା, ୭।୨**

ପୂର୍ଣ୍ଣିଆ ଏମପି ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ବିହାର ପୋଲିସ ଶୁକ୍ରବାର ମଧ୍ୟ ରାତ୍ରରେ ତାଙ୍କ ବାସଭବନରୁ ଗିରଫ କରିଛି। ୩୧ ବର୍ଷ ତଳର ଏକ ଜମି ଘୋଟାଲା ମାମଲାରେ ପପୁଙ୍କୁ କୋର୍ଟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ବାରମ୍ବାର ସମନ କରାଯିବା ସତ୍ତ୍ୱେ ସେ ହାଜର ନ ହେବାରୁ କୋର୍ଟ ଓ୍ୱାରେଣ୍ଟ ଜାରି କରିଥିଲେ। ଏହାସତ୍ତ୍ୱେ ସେ ନ ଆସିବାରୁ ଶୁକ୍ରବାର ରାତିରେ ପାଟନା ପୋଲିସ ପପୁଙ୍କ ବାସଭବନରେ ପହଞ୍ଚିଥିଲା। ଖବର ପାଇ ପପୁଙ୍କ ଅନେକ ଶହ ସମର୍ଥକ ରୁଣ୍ଡ ହୋଇ ପୋଲିସକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ପୋଲିସ ଏବଂ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ଶେଷରେ ପୋଲିସ ପପୁଙ୍କୁ ଗିରଫ କରିଥିଲା।

## ଆକ୍ରମଣକଲେ ପାଲଟା ଜବାବ ଦେବୁ

**ଆମେରିକାକୁ ଇରାନର ଚେତାବନୀ**

**ତେହରାନ୍,୭।୨**

ଓମାନ ମଧ୍ୟସ୍ଥତାରେ ଶୁକ୍ରବାର ମସ୍କାଟ୍‌ରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବୈଠକକୁ ୨୪ ଘଣ୍ଟା ନ ପୂରୁଣୁ ଇରାନ ଆମେରିକାକୁ ଚେତାବନୀ ଦେଇଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ଇରାନ ମଧ୍ୟ ଆମେରିକାର ନୌସେନା ବେସ୍ ଉପରେ ଆକ୍ରମଣ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି କହିଛନ୍ତି। ଇରାନ ଏହାର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ପରମାଣୁ ପ୍ରକଳ୍ପକୁ ଆବଶ୍ୟକ ଅନୁସାରେ ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଧମକ ଦେଇଛନ୍ତି।

## ବାଂଲାଦେଶ ହାଜତରେ ହିନ୍ଦୁ ନେତାଙ୍କ ମୃତ୍ୟୁ

**ଢାକା,୭।୨**

ହାଜତରେ ଥିବା ବାଂଲାଦେଶର ଅନ୍ୟତମ ଶୀର୍ଷ ହିନ୍ଦୁ ନେତା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ସେନ୍ ଗୁରୁତର ଅସୁସ୍ଥ ହୋଇପଡ଼ିବା ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଖୁବ୍ ସାହାଯ୍ୟକାରୀ ଏବଂ ତାଙ୍କ ରାଜନୈତିକ ଜୀବନ ସ୍ୱଚ୍ଛ ଥିଲା। ଆଓ୍ୱାମୀ ଲିଗ୍‌ର ଏହି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କୁ ହାଜତରେ କରାଯାଇଥିବା ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଛି। ୮୫ ବର୍ଷୀୟ ସେନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାବେଳେ ଜଣେ ପୂର୍ବତନ ମନ୍ତ୍ରୀ ଭଳି ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିଲା ବୋଲି ଜଣାପଡ଼ିଛି। ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ଆଓ୍ୱାମୀ ଲିଗ୍ ନେତାମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇ ସେମାନଙ୍କୁ ବିଭିନ୍ନ ମାମଲାରେ ଜେଲରେ ରଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ସେନ୍‌ଙ୍କ ବିରୋଧରେ ହତ୍ୟା ସମେତ ୩ଟି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା।

## ସମୁଦ୍ର ମଧ୍ୟରେ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣ ର୍ୟାକେଟ୍ ଠାବ



**ନୂଆଦିଲ୍ଲୀ,୭।୨(ପି.ଟି.)**

ଭାରତୀୟ ତଟସୁରକ୍ଷା ବାହିନୀ ମୁମ୍ବାଇ ଉପକୂଳରୁ ପଶ୍ଚିମରେ ପ୍ରାୟ ୧୦୦ ନଟିକାଲ ମାଇଲ ଦୂର ସମୁଦ୍ର ମଝିରେ ଏକ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣକାରୀ ର୍ୟାକେଟ୍‌କୁ ଠାବ କରିଥିବା ଶନିବାର କହିଛି। ଏହି କାର୍ଯ୍ୟରେ ନିୟୋଜିତ କେତେକ ଜାହାଜକୁ ତଟସୁରକ୍ଷା ବାହିନୀ ଜବତ କରିଛି। ବିବାଦ ମଧ୍ୟରେ ଥିବା ଦେଶଗୁଡ଼ିକରୁ ପ୍ରଚୁର ପରିମାଣର ଶସ୍ତା ତୈଳ ଏବଂ ତୈଳଭିତ୍ତିକ ପଣ୍ୟ ଚୋରା ଚାଲାଣ କରିବା ପାଇଁ ଉକ୍ତ ଜାହାଜଗୁଡ଼ିକ ଏକ ପଦ୍ଧତି ବାହାର କରିଥିଲେ। ସମୁଦ୍ର ମଧ୍ୟରେ ଉକ୍ତ ତୈଳକୁ ସେମାନେ ମୋଟର ଟ୍ୟାଙ୍କରଗୁଡ଼ିକୁ ସ୍ଥାନାନ୍ତର କରି ଲାଭ ଉଠାଉଥିଲେ ବୋଲି ତଟସୁରକ୍ଷା ବାହିନୀ କହିଛି। ସମୁଦ୍ର ମଧ୍ୟଭାଗରେ ସେମାନଙ୍କର ଏହି ଦୁଃସାହସିକ ଅଭିଯାନକୁ ତଟସୁରକ୍ଷା ବାହିନୀ ଡିଜିଟାଲ ସର୍ଭିଲାନ୍ସ ବଳରେ ଧରିବାରେ ସଫଳ ହୋଇଛି। ଗତ ଗୁରୁବାର ୩ଟି ଜାହାଜକୁ ତଟସୁରକ୍ଷା ବାହିନୀ ପିଛା କରିବା ପରେ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରିବା ଓ ସେଥିରେ ଥିବା କର୍ମଚାରୀମାନଙ୍କୁ ଜେରା କରିବା ପରେ ତୈଳ ଚୋରାକାରବାର ସମ୍ପର୍କିତ ତଥ୍ୟ ମିଳିଥିଲା। ଉପକୂଳ ରାଜ୍ୟଗୁଡ଼ିକର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଉକ୍ତ ଜାହାଜଗୁଡ଼ିକ ବାରମ୍ବାର ପରିଚୟ ବଦଳାଉଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜାହାଜ ମାଲିକ ଅନ୍ୟ ଦେଶର ବୋଲି ଜଣାପଡ଼ିଛି।

## ରିତୁ ତାଓ୍ୱଡେ ହୋଇପାରନ୍ତି ମୁମ୍ବାଇ ମେୟର

**ମୁମ୍ବାଇ,୭।୨**

ବିଏମ୍‌ସି ମେୟର ନିର୍ବାଚନ ଆସନ୍ତା ୧୧ରେ ହେବାକୁ ଯାଉଛି। ଭାଜପା ଏହାର ବରିଷ୍ଠ କର୍ପୋରେଟର ରିତୁ ତାଓ୍ୱଡେଙ୍କୁ ମେୟର ପ୍ରାର୍ଥୀ କରିଛି। ବୃହନ ମୁମ୍ବାଇ ମହାନଗର ନିଗମରେ ଭାଜପାର ଏକକ ସଂଖ୍ୟାଗରିଷ୍ଠତା ଥିବାରୁ ରିତୁ ବିଜୟ ହେବା ନିଶ୍ଚିତ ବୋଲି କୁହାଯାଉଛି।



ରିତୁ ଏହା ପୂର୍ବରୁ କର୍ପୋରେଟର ରହିବା ସହିତ ଶିକ୍ଷା କମିଟିର ଅଧ୍ୟକ୍ଷା ରହିଥିଲେ। ତାଙ୍କର ଦୃଢ଼ ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତାକୁ ନେଇ ଦଳ ତାଙ୍କର ବିଜୟ ଆଶା ରଖିଛି। ସେପଟେ ସହଯୋଗୀ ଶିବସେନା ପକ୍ଷରୁ ସଞ୍ଜୟ ଶେଖର ଘଡିଙ୍କୁ ଡେପୁଟି ମେୟର ପ୍ରାର୍ଥୀ କରାଯାଇଛି। ୨୫ ବର୍ଷ ବିଏମ୍‌ସିକୁ ଦଖଲରେ ରଖିଥିବା ଶିବସେନା (ୟୁବିଟି) ପ୍ରଥମଥର ପାଇଁ କ୍ଷମତା ହରାଇଛି।

## ପିଓକେ, ଅକ୍ସାଇ ଚୀନ୍‌କୁ ଭାରତର ଦର୍ଶାଇଲା ଆମେରିକା

**ପାକିସ୍ତାନ, ଚାଇନାକୁ ଧକ୍କା**

**ନୂଆଦିଲ୍ଲୀ,୭।୨**

ଆମେରିକା ସହ ଭାରତର ବାଣିଜ୍ୟ ବୁଝାମଣାକୁ ନେଇ ଉଭୟ ପକ୍ଷ ଉତ୍ସାହିତ ରହିଛନ୍ତି। ବିଶେଷକରି ଶିଳ୍ପଦ୍ୟୋଗୀ ଏବଂ ରପ୍ତାନିକାରୀମାନେ ଅତ୍ୟନ୍ତ ଆଶାବାଦୀ ହୋଇପଡ଼ିଛନ୍ତି। ଏହାମଧ୍ୟରେ ଆମେରିକା ଏବଂ ଭାରତ ପକ୍ଷରୁ ଶୁକ୍ରବାର ଏନେଇ ଏକ ଅନ୍ତରୀଣ ଫ୍ରେମ୍‌ଓ୍ୱାର୍କ ଘୋଷଣା କରାଯାଇଛି। କିନ୍ତୁ ଏହି ଫ୍ରେମ୍‌ଓ୍ୱାର୍କ ଘୋଷଣା ସମୟରେ ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ ଭାରତର ଯେଉଁ ମାନଚିତ୍ର ପ୍ରକାଶ କରାଯାଇଛି ତାହାକୁ ନେଇ ଚାଇନା ଏବଂ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି। ଭାରତ-ଆମେରିକା ବାଣିଜ୍ୟ ବୁଝାମଣାକୁ ନେଇ ଆମେରିକାର ଟ୍ରେଡ୍ ରିପ୍ରେଜେନ୍‌ଟେଟିଭସ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ଭାରତର ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସମେତ ସମ୍ପୂର୍ଣ୍ଣ ଜମ୍ମୁ କଶ୍ମୀରକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। ସେହିପରି ଅକ୍ସାଇ ଚୀନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିଲାବେଳେ ଏହାକୁ ମଧ୍ୟ ଉକ୍ତ ମାନଚିତ୍ରରେ ଭାରତର ଅଂଶ ଭାବେ ଦର୍ଶାଯାଇଛି। କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଏଥିରେ ସନ୍ଦେହ ନାହିଁ,ହେଲେ ପିଓକେ ସମେତ କଶ୍ମୀରକୁ ଆମେରିକା ସମ୍ପୂର୍ଣ୍ଣ ଭାରତର ଅଂଶ ଭାବେ ଦର୍ଶାଇବା ପାକିସ୍ତାନ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦୁଇ ଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦାବି କରିବା ସହିତ ଏହାକୁ ଫେରାଇ ଆଣିବାକୁ ପଡ଼ିବ ବୋଲି କହିଥିଲେ। କିନ୍ତୁ ଏହାର ୪୮ ଘଣ୍ଟା ପରେ ଆମେରିକା ଜାରି କରିଥିବା ମାନଚିତ୍ରକୁ ନେଇ ପାକିସ୍ତାନକୁ କୂଟନୈତିକ ସ୍ତରରେ ଉଚିତ ଜବାବ ମିଳିଯାଇଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମାନଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଅକ୍ସାଇ ଚୀନ୍‌କୁ ସବୁବେଳେ ବିବାଦୀୟ କହି ଆସିଥିବା ଚାଇନାକୁ ମଧ୍ୟ ଆମେରିକା କୂଟନୈତିକ ସ୍ତରରେ ଉଚିତ ଜବାବ ଦେଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।




## ଇନ୍‌ଷ୍ଟାଗ୍ରାମ ରିଲ୍ କଲାବେଳେ ଭାରସାମ୍ୟ ହରାଇ ମହିଳାଙ୍କ ମୃତ୍ୟୁ

**କାନପୁର,୭।୨**

ଉତ୍ତରପ୍ରଦେଶର ବଣ୍ଡା ଜିଲା ଅନ୍ତର୍ଗତ ବବେରୁ ସହରର କରୁଇୟା ପୁର୍‌ଓ୍ୱାଠାରେ ଜଣେ ୨୭ ବର୍ଷୀୟା ମହିଳା ଇନ୍‌ଷ୍ଟାଗ୍ରାମ ରିଲ୍ ପ୍ରସ୍ତୁତ କରୁଥିବାବେଳେ ପ୍ରାଣ ହରାଇଛନ୍ତି। ଗୋଡ଼ ଖସିଯିବାରୁ ସେ ଲଗାଇଥିବା ଫାଶ ତାଙ୍କ ବେକରେ ଚାପି ହୋଇଯାଇଥିଲା। ମୋହିନୀ ନାମ୍ନୀ ଉକ୍ତ ମହିଳା ଶୁକ୍ରବାର ସନ୍ଧ୍ୟାରେ ମୋବାଇଲ ଫୋନ୍ ଯୋଗେ ଫାଶୀଦୃଶ୍ୟର ଶୁଟିଂ କରୁଥିଲେ। ସେ ସିଲିଂ ହୁକରୁ ଏକ ଫାଶ ଝୁଲାଇ ତାଙ୍କ ବେକରେ ଲଗାଇଥିଲେ। ଭାରସାମ୍ୟ ହରାଇବାରୁ ଷ୍ଟୁଲ୍‌ରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଫାଶୀ ଦୃଶ୍ୟ ବାସ୍ତବ ଫାଶୀରେ ପରିଣତ ହୋଇ ମୋହିନୀଙ୍କ ପ୍ରାଣ ଚାଲିଯାଇଥିଲା।

## ମାର୍ଚ୍ଚ ପୂର୍ବରୁ ବୋତୋସ୍ୱାନାରୁ ଆସିବେ ଚିତା

**ନୂଆଦିଲ୍ଲୀ,୭।୨(ପି.ଟି.)**

ବୋତୋସ୍ୱାନାରୁ ପ୍ରଥମ ପର୍ଯ୍ୟାୟରେ କେତେକ ଚିତାବାଘ ଚଳିତ ମାସ ଶେଷ ସୁଦ୍ଧା ଭାରତରେ ଆସି ପହଞ୍ଚିବେ ବୋଲି ଆଶା କରାଯାଉଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର କହିଛନ୍ତି। ସେଠାରୁ ୮ଟି ଚିତାବାଘ ଆଣିବା ପାଇଁ ଯୋଜନା ଚାଲିଛି। ବାଘ ସଂଖ୍ୟାରେ ପରିବର୍ତ୍ତନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରିତାର ଆକଳନ ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣକୁ ନେଇ ରହିଥିବା ଚ୍ୟାଲେଞ୍ଜଗୁଡ଼ିକ ଉପରେ ସମୀକ୍ଷା କରିବା ଲାଗି ୪ଟି କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବାକୁ ଯାଦବ କହିଛନ୍ତି। ରାଜସ୍ଥାନର ଅଲଓ୍ୱାରରେ ବାଘ ଥିବା ରାଜ୍ୟଗୁଡ଼ିକର ମୁଖ୍ୟ ବନ୍ୟପ୍ରାଣୀ ଓ୍ୱାର୍ଡେନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ନିର୍ଦ୍ଦେଶକମାନଙ୍କ ୨ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ ପରିବେଶ ମନ୍ତ୍ରୀ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣରେ ଭାରତ ୫୦ ବର୍ଷ ପୂରଣ କରିଥିବାରୁ ବିସ୍ତୃତ ନୀତି ସମୀକ୍ଷାର ଏହା ଉପଯୁକ୍ତ ସମୟ। ଦେଶରେ ଲୁପ୍ତ ହୋଇଥିବା ବନ୍ୟପ୍ରାଣୀଗୁଡ଼ିକର ଅନ୍ତର୍ଜାତୀୟ ସ୍ଥାନାନ୍ତରଣରେ ଭାରତ ସଫଳତା ହାସଲ କରିଛି। ବିଦେଶରୁ ଅଣାଯାଇଥିବା ଚିତାବାଘଗୁଡ଼ିକ ଭାରତରେ ଜନ୍ମିତ ତୃତୀୟ ପିଢ଼ିରେ ପହଞ୍ଚିଥିବାବେଳେ ଫେବୃଆରୀ ଶେଷ ସୁଦ୍ଧା ଆଉ ଏକ ନୂଆ ବ୍ୟାଚ୍ ଚିତାବାଘ ବୋସ୍‌ଓ୍ୱାନାରୁ ଆସି ଭାରତରେ ପହଞ୍ଚିବା ଆଶା କରାଯାଉଛି ବୋଲି ଯାଦବ କହିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଭାରତ ପ୍ରୋଜେକ୍ଟ ଚିତା ଆରମ୍ଭ କରି ଆଫ୍ରିକୀୟ ଦେଶ ନାମିବ୍ୟାରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୮ଟି ଚିତାବାଘ ଆଣିଥିଲା।





ଭୂମିକା ଚାଓ୍ୱଲା

## କାନ୍ଦିଲେ ଭୂମିକା

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଭୂମିକା ଚାଓ୍ୱଲା। ଏବେ ସେ ଫିଲ୍ମରେ କମ୍ ସକ୍ରିୟ ଥିଲେ ବି ପ୍ରାୟତଃ ଚର୍ଚ୍ଚାରେ ଅଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ତେରେ ନାମ୍'ରେ ନିର୍ଜରା ଭୂମିକା ପାଇଁ ଏବେ ବି ଚର୍ଚ୍ଚିତ। ନିକଟରେ ଭୂମିକା ଏକ କାର୍ଯ୍ୟକ୍ରମର ମଞ୍ଚ ଉପରେ କାନ୍ଦୁଥିବାର ଦେଖାଯାଇଥିଲା। ଭୂମିକା ଫିଲ୍ମ 'ୟୁଫୋରିଆ'ରେ ନଜର ଆସିବେ। ଏଥିରେ ରଣବୀର ସିଂଙ୍କ ବ୍ଲକ୍‌ବଷ୍ଟର 'ଧୁରନ୍ଧର'ର ନାୟିକା ସାରା ଅର୍ଜୁନ ମଧ୍ୟ ଅଛନ୍ତି। ଏହି ଫିଲ୍ମର କାହାଣୀ ହାଇଦ୍ରାବାଦ୍‌ରେ ସଂଘଟିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ହାଇଦ୍ରାବାଦ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଭୂମିକା 'ୟୁଫୋରିଆ' ସହିତ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ। ଫିଲ୍ମର କାହାଣୀ ଶୁଣି ସାରାରାତି ଶୋଇ ପାରି ନ ଥିବା ସେ କହିଛନ୍ତି। ଗୁଣଶେଖରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ନିଶା ନିବାରଣ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଯୌନ ଶୋଷଣର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। କାହାଣୀଟି ୨୦୨୨ରେ ଜୁବିଲିହିଲ୍ସରେ ଘଟିଥିବା ଏକ ଘଟଣା ଉପରେ ଆଧାରିତ। ଏଠାରେ ଏକ ପ୍ରଭାବଶାଳୀ ପରିବାରର ପାଞ୍ଚଜଣ ନାବାଳକ ଜଣେ ୧୭ ବର୍ଷୀୟା ଝିଅକୁ ଯୌନ ନିର୍ଯାତନା ଦେଇଥିଲେ।




# ସମୃଦ୍ଧିର ପ୍ରୟୋଗଶାଳା ହେବ ବିସିପିପିଇଆର୍

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଏକ ଅର୍ଥନୈତିକ ଯୋଜନା (ଇକୋନୋମିକ ପ୍ଲାନ୍)ର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ପରିକଳ୍ପନା ଅନୁଯାୟୀ ଏହି ଅଞ୍ଚଳଗୁଡ଼ିକରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଯୋଜନା କରାଯାଇଛି। ଏହାସହ ୩୦ରୁ ଅଧିକ ପଲିସି ଇନିସିଏଟିଭ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**

## ଯୋଜନା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଉଦ୍ଦିଷ୍ଟ ଇକୋନୋମିକ ପ୍ଲାନ୍‌କୁ ଉନ୍ମୋଚନ କରାଯାଉଛି। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ବିସିପିପିଇଆର୍ ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଥିଲେ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଉକ୍ତ ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଏବଂ ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବ୍ୟବସାୟିକ ପରମ୍ପରାରେ କଟକ, ସଂସ୍କୃତି ଗରିମାରେ ପୁରୀ ଏବଂ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୬-୨୭ ବଜେଟରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନ ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର୍ ରିଜିଅନ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କା ରଖାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତି ଅନୁଯାୟୀ ୧୯% ରହିଛି। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

### ୮୦ରୁ ଅଧିକ ପ୍ରକଳ୍ପ, ୩୦ରୁ ଊର୍ଦ୍ଧ୍ୱ ପଲିସି ଇନିସିଏଟିଭ ନିଆଯିବ

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଆଗକୁ ରାଜ୍ୟର ଅନ୍ୟ ସହରଗୁଡ଼ିକ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ।

ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା କହିଛନ୍ତି, ବିସିପିପିଇଆର୍ ପ୍ରୋଜେକ୍ଟ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ। ଏହି ରିଜିଅନର ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କ ମଧ୍ୟ ଅଭିବୃଦ୍ଧି ହେବ। ଯୋଜନାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ କହିଛନ୍ତି, ୭୦ରୁ ୮୦% ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ବାଇ, ସୁରଟ, ବିଶାଖାପାଟଣା, ବାରାଣସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତଙ୍କୁ ସ୍ୱାଗତକରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଏମ୍‌ବିଏ ବିଭାଗର ଗବେଷଣାରତ ଜଣେ ପିଏଚ୍.ଡି. ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ତାଙ୍କ ଗାଇଡ୍ ସହକାରୀ ପ୍ରଫେସର ଡ. ସରୋଜ ସାହୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଦନ୍ତକରି ରିପୋର୍ଟ ଦାଖଲ କରିଥିଲା। ତଦନୁଯାୟୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରିଉକ୍ତ ନିଲମ୍ବନ ଆଦେଶ ଅନୁସାରେ ଡ. ସାହୁଙ୍କୁ ଶୈକ୍ଷିକ ଓ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ବା ସ୍ନାତକୋତ୍ତର ବିଭାଗର କୌଣସି ବିଭାଗକୁ ପ୍ରବେଶ ବା କୌଣସି ପ୍ରଶାସନିକ ବୈଠକରେ ଯୋଗ ଦେବାକୁ ବାରଣ କରାଯାଇଛି। ଏପରିକି ବିନା ଅନୁମତିରେ କେନ୍ଦ୍ରୀୟ ପାଠାଗାରକୁ ମଧ୍ୟ ଯାଇପାରିବେ ନାହିଁ। ସେହିପରି କର୍ତ୍ତୃପକ୍ଷଙ୍କ କୌଣସି ପ୍ରାକ୍ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ଅନ୍ୟତ୍ର ଯାଇପାରିବେ ନାହିଁ। ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବାବେଳେ ଛୁଟି ଦରମା ହାରରେ ବେତନ ଦିଆଯିବ। ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ଜଡ଼ିତ ହୋଇପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ନ ଥିବା ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ।

# ଉତ୍ତର ଓଡ଼ିଶାରେ ୫ ଡିଗ୍ରୀ କମିଲା ତାପମାତ୍ରା

ଭୁବନେଶ୍ୱର,୭।୨(ବନ୍ଦନା ସେଠୀ)

ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିଛି। ରାତି ତାପମାତ୍ରା ହଠାତ୍ ୪ରୁ ୫ ଡିଗ୍ରୀ କମିଯିବାରୁ ଶୀତ ଅନୁଭୂତ ହୋଇଛି। ହେଲେ ଦିନରେ ଖରାତାତି ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଅପରପକ୍ଷେ ବିଭିନ୍ନ ଜିଲାରେ କୁହୁଡ଼ି ପରିଲକ୍ଷିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ରବିବାର ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି।

# ୧୮ରୁ ଯୁକ୍ତ୨, ୧୯ରୁ ମାଟ୍ରିକ୍ ପରୀକ୍ଷା

## ପରୀକ୍ଷା ପରିଚାଳନା ଅବହେଳାକୁ ବରଦାସ୍ତ କରାଯିବନି: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)

ଆସନ୍ତା ୧୮ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ସେହିପରି ୧୯ ତାରିଖରୁ ମାଟ୍ରିକ ସହ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷା ଚାଲିବ। ଶୃଙ୍ଖଳିତ ପରୀକ୍ଷା ପରିଚାଳନାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେବା ସହ ଶନିବାର ପୂରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନାହିଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ସମସ୍ତେ ଯଥେଷ୍ଟ ସତର୍କତା ଅବଲମ୍ବନ ପୂର୍ବକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ଡ. ଏନ୍. ତିରୁମାଲା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ।

ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ୨୩ଦିନ ଧରି ଚାଲିବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଏବର୍ଷ କଳାରେ ୨ ଲକ୍ଷ ୫୬ ହଜାର ୭୦୭ଜଣ, ବାଣିଜ୍ୟରେ ୨୪ ହଜାର ୬୨୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ଜଣଙ୍କୁ ମିଶାଇ ମୋଟ ୪ ଲକ୍ଷ ୧୬ ହଜାର ୬୨୩ଜଣ ପରୀକ୍ଷା ଦେବେ। ଏଥିପାଇଁ ☞ ପୃଷ୍ଠା-୪

# ଗୋବରୀରେ ୧୦୦ ଫୁଟ ଅତଡ଼ା ଧସିଲା



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରଡ଼ିଆ-କଂସାର ଗୋବରୀ ନଦୀବନ୍ଧରେ ଶହେ ଫୁଟ ଲମ୍ବର ଅତଡ଼ା ଧସିଯାଇଛି।

ମହାକାଳପଡ଼ା,୭।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

### ନଦୀବନ୍ଧକୁ ଦୁର୍ବଳ କରୁଛି ବେଆଇନ ଚିଙ୍ଗୁଡ଼ିଘେରି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବି ଦାଣ୍ଡୁଆ ପଞ୍ଚାୟତ କଂସାର-ରଡ଼ିଆ-ବଗଗହଣ ଗୋବରୀ ନଦୀରେ ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଗୋବରୀ ନଦୀ କଂସାର ଗ୍ରାମ ସଂଲଗ୍ନ ପଥର ସ୍ପର ନିର୍ମାଣ କାର୍ଯ୍ୟ ହେଉଛି। ଗୋବରୀ ନଦକୂଳରେ କେତୋଟି ବେଆଇନ ଚିଙ୍ଗୁଡ଼ିଘେରି ଥିବାରୁ ତା'ର ଲୁଣିପାଣି ନଦୀ ବନ୍ଧରେ ଲିକ୍ ଯୋଗୁ ଏହା ଦୁର୍ବଳ ହେବାରେ ଲାଗିଛି। ଶନିବାର ହଠାତ୍ ଗୋବରୀ ନଦୀ ବନ୍ଧରୁ ୧୦୦ ଫୁଟ ଲମ୍ବର ଅତଡ଼ା ଧସିଛି। ଫଳରେ ବନ୍ଧର ସୁରକ୍ଷା ପାଇଁ ନିର୍ମିତ ପଥର ପ୍ୟାକିଂ ଧସି ନଦୀଗର୍ଭକୁ ଚାଲିଯାଇଛି। ଏଥିଯୋଗୁ କଂସାର ଓ ବଡ଼ଦାଣ୍ଡୁଆ ଗ୍ରାମ ପ୍ରତି ବିପଦ ☞ ପୃଷ୍ଠା-୪



## ଦୋଳି ଖସି ଇନ୍ସପେକ୍ଟର ମୃତ,୧୩ ଆହତ

ନୂଆଦିଲ୍ଲୀ,୭।୨: ହରିୟାଣାର ଫରିଦାବାଦରେ ଚାଲିଥିବା ସୂରଜକୁଣ୍ଡ ମେଳାରେ ରବିବାର ସୁନାମି ସ୍ୱିଙ୍ଗ(ଦୋଳି) ଖସି ପଡ଼ିବାରୁ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ଦୋଳି ଖେଳ ଚାଲିଥିଲା ବେଳେ ହଠାତ୍ ଏହା ଖସିପଡ଼ିଥିଲା। ଫଳରେ ଅନେକ ଲୋକ ଏହା ତଳେ ଚାପିହୋଇ ଆହତ ହୋଇଥିଲେ। ଆହତମାନଙ୍କ ଉଦ୍ଧାର କରିବା ଲାଗି ପୋଲିସ କର୍ମଚାରୀମାନେ କାର୍ଯ୍ୟ କରୁଥିଲା ବେଳେ ଦୋଳିର ଏକ ଖଣ୍ଡ ଡ୍ୟୁଟିରେ ଥିବା ଇନ୍ସପେକ୍ଟର ଜଗଦୀଶ ପ୍ରସାଦଙ୍କ ମୁଣ୍ଡରେ ବାଜିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁଧା ସର୍ଜନା ମହାମହୋତ୍ସବ, ସ୍ଥାନ: ବାଲିଯାତ୍ରା ପଡ଼ିଆ(ଜରିପାଟଣା, ବରିମୁଣ୍ଡ), ସମୟ: ପ୍ରାତଃ ୫ଟାରୁ ରାତ୍ର ୯ଟା।
- ଆଶ୍ରା ଫାଉଣ୍ଡେଶନ୍ ଓଡ଼ିଶା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାରତୀ ପ୍ରାକ୍ତନୀ– ଆଲୁମିନି ଆସୋସିଏଶନ୍ ଅଫ୍ ବିଶ୍ୱ ଭାରତୀ ପକ୍ଷରୁ ୮ମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୟୁନାଇଟେଡ୍ ୟୁଥ ଆସୋସିଏଶନ ପକ୍ଷରୁ ଚାଲିଥିବା ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ଅଧିବେଶନ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍ ୯, ସମୟ: ସନ୍ଧ୍ୟା ୫ଟା ୩୦।
- ଧଉଳି–କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୩୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଦୁର୍ଗା ପୂଜାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ୨୦୨୬ର ଉଦଘାଟନୀ ସମାରୋହ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ବିଜେଡି କଟକ ପକ୍ଷରୁ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଦାବି କରି ପ୍ରତିବାଦ, ସ୍ଥାନ: ବାରବାଟୀ ଷ୍ଟାଡ଼ିୟମ୍, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମୋସନ ପିକ୍‌ଚର ଟେକ୍ନିସିଆନ୍ସ ଆଣ୍ଡ ୱାର୍କସ୍ ଆସୋସିଏସନ୍‌ର ୩୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁଇଦିନିଆ ବାର୍ଷିକ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୩ଟା।
- ଗୋପିନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟ ପୂଜା ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ତୃତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାଡ଼ିମଙ୍ଗଳା ସାହିତ୍ୟ ସଂସଦର ବସନ୍ତ ମହୋତ୍ସବ, ସ୍ଥାନ: ମା' ଜାଡ଼ିମଙ୍ଗଳା ପୀଠ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମଙ୍ଗଳା ମଣ୍ଡପ, ଅବକାଶ ଲେନ୍, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ବଳଗଣ୍ଡି ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜାପାନ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବିକାଶନଗର ନାଗରିକ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ସାନପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର, ସମୟ: ଅପରାହ୍ନ ୩ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଧବଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ବାରିଙ୍ଗିଆ ମହୋତ୍ସବର ଉଦ୍‌ଘାଟନୀ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କଳାକାର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦୋଦରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶିବରାତ୍ରି ପାଇଁ ଦାୟିତ୍ୱ ବଣ୍ଟନ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମ ଗାଁ ଗୁରୁଜନ ପୂଜନ ଉତ୍ସବ, ସ୍ଥାନ: ଡିହିରାକୁଳ ଗ୍ରାମ ଦୋଳ ମଣ୍ଡପ ପଡ଼ିଆ, ଉଦଳା, ସମୟ: ସକାଳ ୮ଟା ୩୦।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଅଷ୍ଟଶମ୍ଭୁ ଶିବ ମନ୍ଦିର ପରିସର, ଉଦଳା ଏନ୍‌ଏସି, ସମୟ: ସକାଳ ୮ଟା ୩୦।
- ବିଶାଳ ହିନ୍ଦୁ ସମ୍ମିଳନୀ , ସ୍ଥାନ: ବାବା ଭୂତେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାସଗୋବିନ୍ଦପୁର, ସମୟ: ସକାଳ ୮ ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ତ୍ରିରଙ୍ଗା ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବଜାର ସାହି, ଗାନ୍ଧୀ ଛକ, ଦିଗପହଣ୍ଡ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ : ଯାତ୍ରା ପଡିଆ, ଦଣ୍ଡପଦର, ବାଲିଗୁଡା, ସମୟ : ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଅନୁଗୋଳ

- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା ଗଣଦୌଡ଼ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୬ଟା।
- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ହରିଡ଼ାନାଳୀ, ସମୟ : ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ବ୍ଲକସ୍ତରୀୟ ସମ୍ମିଳିତ ମହାମହୋତ୍ସବ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ ଖେଳପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା'ତାରିଣୀଙ୍କ ଷଷ୍ଠ ବାର୍ଷିକ ଯଜ୍ଞ, ସ୍ଥାନ: ମା' ତାରିଣୀ ପୀଠ, ଡିଏସାହି, ବାଲିବିଲ ବରୀ, ସମୟ: ସକାଳ ୮ଟା।
- ଡାକ୍ତର ସୁରେଖା ଓଝାଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା, ସ୍ଥାନ: ବରୀ–ବାଗଦା, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବର ପ୍ରଥମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ:ସକାଳ ୭ଟାରୁ ରାତ୍ର ୯ଟା ।
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନର ଉଦ୍‌ଯାପନୀ ଦିବସ, ସ୍ଥାନ:ଦଶପଲ୍ଲା ସାତପାଟଣା ଛକ ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତ୍ର ୯ଟା ।

## ରାୟଗଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜଳନିଧି, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜେକେପୁର ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ସାରସ୍ୱତ ସମାବେଶ ଏବଂ କବିତା ପାଠୋତ୍ସବ, ସ୍ଥାନ: ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ସତ୍‌ସଙ୍ଗ ବିହାର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଁ ଶାନ୍ତି ଇଶ୍ୱରିୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଥି ସାମାଜିକ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- ୨୪ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି, ସମୟ : ପୂର୍ବାହ୍ନ ୧୦ଟା।
- ବଡ଼ମାଲ ଲୋକ ମହୋତ୍ସବ ଦହନା ପାଇଁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ରେଢାଖୋଲ ବ୍ଲକ ଅର୍ନ୍ତଗତ ବଡ଼ମାଳ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଲୋଇସିଂହା ବ୍ଲକର କୁଶଙ୍ଗ, ଆଗଲପୁର ବ୍ଲକର ମୁରସୁଣ୍ଡି, ପୁଇଁତଲା ବ୍ଲକର ମହିମୁଣ୍ଡା, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ସନ୍ତୋଷ ଜିମ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଛକ ଶ୍ରୀହରି ଭବନ ସମ୍ମୁଖ, କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୫ଟା।
- ନବ ଗଠିତ ଲୋଇସିଂହା ଏନ୍‌ଏସି ସୀମା ନିର୍ଦ୍ଧାରଣ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଲୋଇସିଂହା ବ୍ଲକ ସଭା ଗୃହ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଫିଟ୍ ଇଣ୍ଡିଆ ପରିପ୍ରେକ୍ଷୀରେ ସାଇକେଲ ରାଲି, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ରାଉରକେଲା ପୁସ୍ତକ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସି.କେ ନାଇଡୁ ଟ୍ରଫି, ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସକାଳ ୯ଟା।
- ଜର୍ଜ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ:ସକାଳ ୯ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: କେସିଙ୍ଗା ସହରର ବୋରିଙ୍ଗ ପଦରସ୍ଥିତ ସାଇ ବୃନ୍ଦାବନ ଇନ୍ ହୋଟେଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ

- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସରସରା, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଛତରଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର, ହରଭଙ୍ଗା, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ଜିଲାସ୍ତରୀୟ ନବମ ବାର୍ଷିକ ସ୍ମୃତି ମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସତ୍‌ସଙ୍ଗ ବିହାର, ସମୟ: ସକାଳ ୮ଟା।

## ନୂଆପଡ଼ା

- ୧୯ତମ ଆର୍‌ଏସ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହେବେ। ଏକାଦଶସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ।

**ବୃଷ**
ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଆପଣଙ୍କ ସହଯାତ୍ରୀ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନରେ ସମସ୍ୟା ଦୂର ହେବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ମିଥୁନ**
କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ଅସୁବିଧା ହେତୁକ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ମକଦ୍ଦମାରେ ବିଚାର ବିଳମ୍ବିତ ହେଉଥିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା ହେତୁ କରଜ କରିବାକୁ ପଡ଼ିବ।

**କର୍କଟ**
ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ**
ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶକୁ ପାଥେୟ କରି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସହକର୍ମୀଙ୍କ ସହିତ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହେଲେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ ।

**ତୁଳା**
ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବାରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ମନ ମୁତାବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ବିଶୃଙ୍ଖଳିତ କରିବ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ ସହକର୍ମୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜି ପ୍ରତିଯୋଗିତାରେ ସଫଳତା ପାଇବା ସହଜସାଧ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଅଗ୍ରଗତି ଘଟିବ ।

**ମକର**
ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି । ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଲାଭ ଯୋଗୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ ଅସୁବିଧା ହେବ ନାହିଁ । ବ୍ୟବସାୟିକ ବୁଦ୍ଧି ପ୍ରଭାବରେ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସମ୍ଭାବନା ରହିଛି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ**
କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଫେବୃଆରୀ ୮ ତାରିଖ, ବିଶ୍ୱ ବିବାହ ଦିବସ, ଫାଲ୍‌ଗୁନ କୃଷ୍ଣ ସପ୍ତମୀ ରବିବାର। ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୪ ଗତେ ଘ.୦୫।୩୮ ମଧ୍ୟେ ରାହୁକାଳ।

## ଛାତ୍ରାବାସରୁ ଛାତ୍ର ...

ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଷାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। କାଳେ ସେ ଗାଁକୁ ଚାଲିଯାଇଥିବେ ଚିନ୍ତାକରି ପ୍ରଧାନଶିକ୍ଷକ ଉମାଶଙ୍କର ସାମନ୍ତରାୟ କିଷାନଙ୍କ ମା'ବାପାଙ୍କୁ ପଚାରିଥିଲେ। ମାତ୍ର ସେ ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ପ୍ରଧାନଶିକ୍ଷକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟରେ ସୁପରିଣ୍ଟେଣ୍ଡଙ୍କ ସମେତ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ) ଥାଇ ସୁଦ୍ଧା ଗୋଟିଏ ମାସ ମଧ୍ୟରେ ୨ଥର ଅଘଟଣ ଘଟିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଲେ ଯେଉଁ ଛାତ୍ର ଏବେ ନିଖୋଜ ରହିଛନ୍ତି ସେ ପୂର୍ବରୁ ମଧ ହଷ୍ଟେଲ ଛାଡ଼ି ପଳାଇଥିବା ନଜିର ରହିଛି। ଏବେ ଆମେ ସମ୍ପୃକ୍ତ ଛାତ୍ରଙ୍କୁ ଖୋଜୁଛୁ, ଶୀଘ୍ର ସେ ମିଳିଯିବେ ବୋଲି ଆଶା ରଖୁଛୁ। ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ତାଙ୍କ ଦୃଷ୍ଟିଆକର୍ଷଣ କରିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଧାନଶିକ୍ଷକ ସାମନ୍ତରାଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ମିଶ୍ର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲି ଗଲି,
ଯାହା ଦେଖିଥିଲି ତାହା କହିଲି ।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବାଣି କାଟଇ ଝୋଟ,
ଠାଏ ସରୁ ଠାଏ ମୋଟ ।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଭାରତ-ଆମେରିକା ....

ସଂଘ (ଇୟୁ) ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ପରେ ଏକ ବଡ଼ ସୁଯୋଗ ହାତଛଡ଼ା ହେଉଥିବା ଦେଖି ଟ୍ରମ୍ପ ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) କରିବାକୁ ଫେବୃଆରୀ ୨ରେ ଘୋଷଣା କରିଥିଲେ। ତେବେ ଉକ୍ତ ଟ୍ରେଡ୍ ଡିଲ୍‌ର ରୂପରେଖ ଚୂଡ଼ାନ୍ତ ହୋଇ ନ ଥିବାରୁ ଭାରତରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସଂସଦ ଭିତରେ ଓ ବାହାରେ ସମାଲୋଚନା କରିଆସିଥିଲେ। ତେବେ ଉଭୟ ଭାରତ ଓ ଆମେରିକା ପକ୍ଷରୁ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଥିବାବେଳେ ଶନିବାର ଆନୁଷ୍ଠାନିକ ଭାବେ ଏନେଇ ଏହାର ରୂପରେଖ ପ୍ରକାଶ କରାଯାଇଛି। ତଦନୁଯାୟୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ଐତିହାସିକ ଡିଲ୍ ସମ୍ପନ୍ନ ହେଲେ ଉଭୟ ଦେଶ ଲାଭାନ୍ୱିତ ହେବେ ଏବଂ ପୁଞ୍ଜିନିବେଶ ବଢ଼ିବା ଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି।

ଆମେରିକା ହେଉଛି ଭାରତର ଅନ୍ୟତମ ବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪–୨୫ରେ ଦୁଇଦେଶ ମଧ୍ୟରେ ୧୯୦ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର କାରବାର ହୋଇଥିଲା। ତେବେ ଟ୍ରମ୍ପ ୫୦% ଟାରିଫ୍ କଷିବା ପରଠୁ ନୂଆଦିଲ୍ଲୀ–ୱାଶିଂଟନ୍ ଉତ୍ତେଜନା ବୃଦ୍ଧିପାଇ ଚାଲିଥିଲା। ରୁଷିଆଠାରୁ ଭାରତ ଅଶୋଧିତ ତୈଳ ବହୁମାତ୍ରାରେ କିଣିବା ହ୍ରାସ କରିଦେଇଥିବା ଦର୍ଶାଇ ଟ୍ରମ୍ପ ନିଜ ପ୍ରଶାସନକୁ ଟ୍ରେଡ୍ ଡିଲ୍‌ର ସର୍ତ୍ତ ଓ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନବପ୍ରସ୍ତୁତ ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ଅନୁସାରେ ଉଭୟ ଭାରତ ଓ ଆମେରିକା ପରସ୍ପରର ସାମଗ୍ରୀ ଓ ସେବା ଉପରୁ ଆମଦାନୀ ଟିକସ ହ୍ରାସ କରିବେ। ଡିଜିଟାଲ ଟ୍ରେଡ୍, ନିୟାମକ ସହଭାଗିତା ଓ ଯୋଗାଣ ଶୃଙ୍ଖଳ ନମନୀୟତା ମଧ୍ୟ ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଡିଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଆମେରିକା ଏଣିକି ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ପରିବର୍ତ୍ତେ ୧୮% ଟିକସ କଷିବ। ଏହାସହ ରୁଷୀୟ ତୈଳ କ୍ରୟ ବାବଦକୁ ଲଗାଯାଉଥିବା ୨୫% ଦଣ୍ଡାତ୍ମକ ଟିକସ ମଧ୍ୟ ହଟାଇବ। ଦେଖିବାକୁ ଗଲେ ମୋଟ ୫୦%ରୁ ଟିକସ ୧୮%କୁ ଖସିଛି। କେବଳ ଏତିକି ନୁହେଁ, ଆମେରିକା ଭାରତରୁ ଆମଦାନୀ କରୁଥିବା ଜେନେରିକ୍ ମେଡିସିନ୍, ମୁକ୍ତା, ହୀରା ଓ ଏୟାରକ୍ରାଫ୍ଟ ଯନ୍ତ୍ରାଂଶ ସମେତ ଆଉ କେତେକ ସେକ୍ଟର ଉପରେ ଆଦୌ ଟିକସ ଲଗାଇବ ନାହିଁ। ଏହା ବଦଳରେ ଭାରତ ଆମେରିକାଠାରୁ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷିଜାତ ସାମଗ୍ରୀ ଉପରେ ଟିକସ ହ୍ରାସ କରିବ। ଆସନ୍ତା ୫ ବର୍ଷରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ଏୟାରକ୍ରାଫ୍ଟ ପାର୍ଟ୍ସ, ଟେକ୍ନୋଲୋଜି ଗୁଡ୍ସ, କୋଇଲା ଆଦି କିଣିବାକୁ ସହମତି ପ୍ରକାଶ କରିଛି। ସେହିପରି ୮୦୦–୧,୬୦୦ ସିସି ଏବଂ ତଦୂର୍ଦ୍ଧ୍ୱ କାପାସିଟି ଇଞ୍ଜିନ୍ ବିଶିଷ୍ଟ ଆମେରିକୀୟ ବାଇକ୍‌ଗୁଡ଼ିକ ପାଇଁ ଭାରତ ଆଦୌ ଟିକସ ଲଗାଇବ ନାହିଁ। ଆମେରିକୀୟ ବ୍ରାଣ୍ଡ୍ ହାର୍ଲେ–ଡାଭିଡ୍‌ସନ୍‌କୁ ଏଥିରୁ ସର୍ବାଧିକ ଲାଭ ପାଇବ।

ଅନ୍ତରୀଣ ଚୁକ୍ତି ଅନୁସାରେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ୩୦ ଟ୍ରିଲିୟନ୍ ଡଲାରର ଏକ ବଜାର ଉନ୍ମୁକ୍ତ ହେବାକୁ ଯାଉଛି। ବିଶେଷକରି ଏମ୍‌ଏସ୍‌ଏମ୍‌ଇ, କୃଷକ, ମତ୍ସ୍ୟଜୀବୀମାନେ ଏଥିରୁ ଲାଭବାନ୍ ହେବେ ବୋଲି କୁହାଯାଉଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଆମେରିକାକୁ ମାଛ, ଚିଙ୍ଗୁଡ଼ି ଓ ଅନ୍ୟ ଉପକରଣ ରପ୍ତାନି ବୃଦ୍ଧି ପାଇବା ନେଇ ଆଶା କରାଯାଉଛି। ଏହି ଦୃଷ୍ଟିରୁ ନୂଆଦିଲ୍ଲୀ ଏହାକୁ ବିଶ୍ୱର ୨ ବୃହତ୍ ଗଣତନ୍ତ୍ର ମଧ୍ୟରେ ଐତିହାସିକ ଡିଲ୍ ରୂପେ ଅଭିହିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅନ୍ତରୀଣ ଟ୍ରେଡ୍ ଏଗ୍ରିମେଣ୍ଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ'କୁ ବଳ ଦେବା ସହ କୃଷକ, ଉଦ୍ୟୋକ୍ତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ମହିଳା ଓ ଯୁବପିଢ଼ିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ତିଆରି ହେବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ଆମେରିକା ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍‌ଟିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଟ୍ରମ୍ପ ଆମେରିକୀୟ କୃଷକ ଓ ନିର୍ମାତାମାନଙ୍କ ପାଇଁ ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତିକୁ ବାଟ ଖୋଲିଦେଇଛନ୍ତି। ଭାରତୀୟ ବଜାରରେ ଆମେରିକୀୟ ସାମଗ୍ରୀଗୁଡ଼ିକୁ ପ୍ରବେଶ ପାଇଁ ପଥ ସୁଗମ ହେବ ବୋଲି ୟୁଏସ୍‌ଟିଆର୍ ଆମ୍ବାସାଡର ଜାମିସନ୍ ଗ୍ରିର୍ କହିଛନ୍ତି।

## ବିଜୟରୁ ଭାରତର ...

ଲେଖାଏ ଚୌକା ଓ ଛକା ସହିତ ୨୧ ରନ୍ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ସୂର୍ଯ୍ୟକୁମାର ୪୯ ବଲରେ ୧୦ ଚୌକା ଓ ୪ ଛକା ସହାୟତାରେ ୮୪ ରନ୍‌କରି ଅପରାଜିତ ରହିଥିଲେ। ଜବାବରେ ଆମେରିକା ଆରମ୍ଭରୁ ୩ ଉଇକେଟ ହରାଇଥିଲା। ମିଲିନ୍ଦ କୁମାର (୩୪ ରନ୍, ୩ ଚୌକା ଓ ୧ ଛକା) ଓ ସଞ୍ଜୟ କ୍ରିଷ୍ଣମୂର୍ତ୍ତୀ (୩୭ ରନ୍, ୧ ଚୌକା ଓ ୨ ଛକା) ଚତୁର୍ଥ ଉଇକେଟରେ ୫୮ ରନ୍ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଆମେରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ପାଇଁ ମହମ୍ମଦ ସିରାଜ ୩ ଉଇକେଟ ନେଇଥିବାବେଳେ ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୬୧/୯(ସୂର୍ଯ୍ୟକୁମାର ଯାଦବ–୮୪*, ତିଲକ ବର୍ମା–୨୫, ଶାଡ୍‌ଲି ଭାନ ସ୍କାଲକ୍ୱିକ–୪/୨୫)। ଆମେରିକା: ୨୦ ଓଭରରେ ୧୩୨/୮(ସଞ୍ଜୟ କ୍ରିଷ୍ଣମୂର୍ତ୍ତୀ–୩୭, ମିଲିନ୍ଦ କୁମାର–୩୪, ମହମ୍ମଦ ସିରାଜ–୩/୨୯, ଅକ୍ଷର ପଟେଲ–୨/୨୪, ଅର୍ଶଦୀପ ସିଂ–୨/୧୮)।

## ୧୮ରୁ ଯୁକ୍ତ୨...

୨୧୧ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ ପରୀକ୍ଷା କେନ୍ଦ୍ର ସହ ୭ ଉପକେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସେହିପରି ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୮୭୫ ଜଣ ଫର୍ମ ପୂରଣ କରିଥିବାବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମାରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ଜିଲାରେ ୩୨୨ଟି ନୋଡାଲ ସେଣ୍ଟର, ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୫୦ଟି ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ପରୀକ୍ଷା ସୁପରିଚାଳନା ନେଇ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍ ରୁମରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ସୁରକ୍ଷାର ସହ ପଠାଯିବା କାର୍ଯ୍ୟରେ ଡେସ୍‌ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ପୋଲିସ ନିୟୋଜିତ ରହିବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ନୋଡାଲ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନିରୀକ୍ଷଣରେ ରଖାଯିବ। ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ ଫୋନ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସମ୍ପର୍କିତ ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ ୧୯୮୮ ଏବଂ ଭାରତୀୟ ନ୍ୟାୟ ସଂହିତା ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗାଇଡ୍‌ଲାଇନ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଜିଲା ନୋଡାଲ ଅଧିକାରୀ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ଅନୁସରଣ କରିବାକୁ କହିଛନ୍ତି।

## ଗୋବରୀରେ ୧୦୦...

ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି। ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଗୋବରୀ ନଦୀରେ ପ୍ରଖର ଅନ୍ତଃସ୍ରୋତ ଯୋଗୁ ଭଉଁରି ସୃଷ୍ଟିହୋଇ କୂଳ ଖାଇ ଜନବସତିମୁହାଁ ହେଉଛି। ଗୋବରୀ ନଦୀ ପାର୍ଶ୍ୱ ଚିଙ୍ଗୁଡିଘେରିକୁ ତୁରନ୍ତ ଉଚ୍ଛେଦ କରି ବଡ଼ ପ୍ରାଚୀର ନିର୍ମାଣ ହେଲେ ବନ୍ଧ ପ୍ରତି ବିପଦ ରହିବ ନାହିଁ। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ଗୋବରୀ ନଦୀ ବନ୍ଧ ସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁଅବଗତ କରାଯାଇଛିବୋଲିସେ କହିଛନ୍ତି।




# ମହାନଦୀକୁ ନେଇ ନବୀନ-ଏଜି ମୁହାଁମୁହିଁ

■ ଏଜି ଟ୍ରିବ୍ୟୁନାଲ ଶୁଣାଣିରେ କାହିଁକି ଉପସ୍ଥିତ ନ ଥିଲେ: ନବୀନ
■ ଟ୍ରିବ୍ୟୁନାଲ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଉପସ୍ଥିତି ଜରୁରୀ ନ ଥିଲା: ଏଜି

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମହାନଦୀ ପ୍ରସଙ୍ଗରେ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ମହାନଦୀକୁ ବଞ୍ଚାଇବା ପାଇଁ ଇଏ କ'ଣ ଭାଜପା ସରକାରର ଆନ୍ତରିକତା। ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଶନିବାର ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏପରି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଗଲା ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ। ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ରାଜ୍ୟବାସୀଙ୍କୁ କ'ଣ ମିଳିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର କୌଣସି ଆନ୍ତରିକତା କି ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ମହାନଦୀ ପ୍ରସଙ୍ଗରେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଓଡ଼ିଶାର ଜୀବନ ରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ


ନବୀନ ପଟ୍ଟନାୟକ

ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି, ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜେଡିର ଲଢ଼େଇ ଜୋର୍‌ଦାର ହେବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏଭଳି ପୋଷ୍ଟ ପରେ ପୀତାମ୍ବର ତାଙ୍କ 'X' ଜରିଆରେ କହିଛନ୍ତି, ମହାନଦୀ ମାମଲାରେ ନବୀନ ମୁହଁ ଖୋଲିବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ ଥିଲା। ୭ ବର୍ଷ ଧରି ନବୀନବାବୁଙ୍କ ଲିଗାଲ ଟିମ୍ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ଶ୍ରାଦ୍ଧକରି ଗୋଟେ ପଇସାର ସୁଫଳ ମିଳି ନ ଥିଲା। ଭାଜପା ସରକାରକୁ ଆସିବା ପରେ


ପୀତାମ୍ବର ଆଚାର୍ଯ୍ୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସକାରାତ୍ମକ ଚିନ୍ତାଧାରା ଏବଂ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ଉଭୟ ରାଜ୍ୟ ବର୍ତ୍ତମାନ ଆପୋସ ସମାଧାନର ଦ୍ୱାରଦେଶରେ। ଏଜି ଦାୟିତ୍ୱ ପରେ ସମସ୍ତ ଶୁଣାଣିରେ ତାଙ୍କ ଉପସ୍ଥିତି ଓ ଭୂମିକା ବାବଦରେ ରାଜ୍ୟବାସୀଙ୍କୁ ଜଣାଅଛି। ଶନିବାର ହୋଇଥିବା ଶୁଣାଣି କେବଳ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଫଳରେ ତାଙ୍କ ଉପସ୍ଥିତି ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ନବୀନ ବାବୁଙ୍କ ଉକ୍ତି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ଏବଂ ହଠାତ୍ ନିଦରୁ ଉଠି ପ୍ରଳାପ କଲା ଭଳି ମନେହେଉଛି ବୋଲି ପୀତାମ୍ବର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ପୀତାମ୍ବରଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଶଙ୍ଖ

**ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମାର୍ଚ୍ଚ ୧୪ରେ ଟ୍ରିବ୍ୟୁନାଲରେ ଶୁଣାଣି**

ଭବନଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଜୀବନରେଖା ମହାନଦୀ ସ୍ରୋତକୁ ଦୀର୍ଘବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିବା ପରେ ଓଡ଼ିଶା ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହି ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୁହାଗଲା। ହେଲେ ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ମହାନଦୀର ସୁରକ୍ଷା ଲାଗି ଟ୍ରିବ୍ୟୁନାଲ ଏକମାତ୍ର ରାସ୍ତା। ତେଣୁ ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ରଖିବାକୁ ଆଡ୍‌ଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ଲେନିନ୍ କହିଛନ୍ତି।

# ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)




ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ୨୦୨୬-୨୭ କେନ୍ଦ୍ର ବଜେଟ ୬.୮%ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣକରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ ବର୍ଷରେ ରପ୍ତାନି ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ବର୍ତ୍ତମାନ ତାହା ୭୭% ବୃଦ୍ଧି ହୋଇ ୮୨୪.୯ ବିଲିୟନ ଡଲାରରେ ପହଞ୍ଚିଛି। ଦେଶରେ ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ୨ ଗୁଣା ହୋଇ ୮୧.୦୪ ବିଲିୟନ ଡଲାରରେ ପହଞ୍ଚିଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ୩ ଗୁଣା ବଢ଼ି ୩୩୧.୦୩ କୋଟିରେ ପହଞ୍ଚିଛି। ଦେଶରେ ବୈଦେଶିକ ମୁଦ୍ରାଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସ୍‌ଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବଜେଟରେ ଆସନ୍ତା ୫ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ ବାୟୋଫାର୍ମା ଶକ୍ତି ଏବଂ ୪୦ ହଜାର କୋଟି ଟଙ୍କାର ଇଣ୍ଡିଆ ସେମିକଣ୍ଡକ୍ଟର ୨.୦ ମିଶନ ଆରମ୍ଭ କରାଯାଇଛି। ଶ୍ରମଭିତ୍ତିକ ବୟନ ଶିଳ୍ପ ଏବଂ ଖଦି ହସ୍ତଶିଳ୍ପର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଅଭିଯାନ ଘୋଷଣା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବାକୁ ମୋଦି ସରକାର ତାଙ୍କ ବଜେଟରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି ଲାଗୁହେବ। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ନୂଆ ଅବକାରୀ ଆଇନ ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅବକାରୀ ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋର୍‌ଦାର ହେବ। ଅବୈଧ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ନିଆଯିବ। ଚଢ଼ାଉ କରିବାକୁ ଯିବା ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେହରେ ବଡି କ୍ୟାମେରା ଲଗାଇବେ। ଏହାଦ୍ୱାରା କୋର୍ଟରେ ତଦନ୍ତକାରୀ ଅଫିସର ଭିଡିଓ ପ୍ରମାଣ ଦେଇପାରିବେ। ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତମାନେ ଖସିପାରିବେ ନାହିଁ। ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି, ନବୀନ ତା'ର ଖସଡ଼ା ପ୍ରସ୍ତୁତ କରିଥିଲେ: ପ୍ରତାପ

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)

ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅଞ୍ଚଳକୁ ନେଇ ବିକାଶର ପଥ ପାଇଁ ଡବଲ ଇଞ୍ଜିନ ସରକାର ପ୍ରସ୍ତୁତ ହେଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଘୋଷଣା କରିଛନ୍ତି ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖସଡ଼ା ପ୍ରସ୍ତୁତ କରି ସାରିଥିଲେ। ରାଜ୍ୟର ବିକାଶ ପାଇଁ ପୂର୍ବରୁ ଯାହାସବୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା, ରାଜ୍ୟରେ ତାହା କେତେ ପ୍ରତିଫଳନ ହେଲାଣି। ଯେଉଁ ଅଞ୍ଚଳର ବିକାଶ ପାଇଁ ଏବେ ସରକାର ପ୍ରସ୍ତୁତ ହେଉଛନ୍ତି ସେଠାରେ ଇଲେକ୍ଟ୍ରୋନିକ ଭେହିକିଲ୍


ଖବରଦାତା ସମ୍ମିଳନୀରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ପ୍ରତାପ ଦେବ।

ମାନୁଫ୍ୟାକ୍ଟରିଂ ୟୁନିଟ୍, ଷ୍ଟିଲ ପ୍ଲାଣ୍ଟ, ସ୍ପିନିଂ ପ୍ଲାଣ୍ଟ ସବୁ କୁଆଡ଼େ ଗଲା, ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। କେବଳ ଘୋଷଣା କରିଦେଲେ ପ୍ରଗତି ହୁଏ ନାହିଁ। ଉତ୍କର୍ଷ ଓଡ଼ିଶାରେ ଯେଉଁ ଘୋଷଣା ହୋଇଥିଲା ସେସବୁ କେତେବାଟ ଗଲା। ଗୋଟିଏ ବର୍ଷରେ ସାଢେ ୨୨ ଲକ୍ଷ କୋଟି ଟଙ୍କାର ଘୋଷଣା କରାଯାଇଛି, ହେଲେ ଏତେ ସପନକୁ ରାତି କାହିଁ ବୋଲି ଶନିବାର ସ୍ଥାନୀୟ ସର୍କିଟ୍ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଳିର ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି। ଏଥିସହ ସେ କହିଛନ୍ତି, ବିକାଶ ପାଇଁ ଯେଉଁ ଆନୁଷଙ୍ଗିକ ବ୍ୟବସ୍ଥା ଦରକାର ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଚିନ୍ତା କରାଯାଇଥିଲା। କିନ୍ତୁ ଭାଜପା ସରକାର ଆସିବା ପରେ ମନ୍ତ୍ରୀ, ବିଧାୟକମାନେ କହିଛନ୍ତି, ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏଭଳି ସ୍ଥିତିରେ ବିକାଶ କ'ଣ ସମ୍ଭବ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

# ଗୈରିକ ବିଚାର ବ୍ୟକ୍ତିଙ୍କୁ କୁଳପତି କରିବା ଯୋଜନା: ଅରୁଣ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

**ଫେବୃଆରୀ ସୁଦ୍ଧା ସବୁ ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ ନ ସରିଲେ ଆନ୍ଦୋଳନ: ବିଜେଡି**



ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ଗୈରିକୀକରଣ କରିବା ପାଇଁ ଉଦ୍ୟମ କରାଯାଉଛି। ସେଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି, ୨୦୨୦ରେ କିଛି ଅସଙ୍ଗତି ଦୂର ପାଇଁ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ସରକାର ଆଣିଥିଲେ। ଏହାଛଡ଼ା ତତ୍କାଳୀନ ରାଜ୍ୟପାଳଙ୍କ ପ୍ରସ୍ତାବ ମୁତାବକ ଓପିଏସ୍‌ସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ହେଲେ ରାଜ୍ୟରେ ୨୦୨୪ରେ ଭାଜପା ସରକାର ଆସିବା ପରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ। ୨୦୨୫ ବେଳକୁ ଆଉ ଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ। ଏହି ସଂଶୋଧିତ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ ଲାଗି ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଯୋଗ୍ୟତା ଭିତ୍ତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ୍ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଏପରି ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ୩ ଜଣଙ୍କୁ ଚୟନ କରିବେ ତା'ର କିଛି ସ୍ପଷ୍ଟତା ନ ଥିବାରୁ କେବଳ ଗୈରିକ ବିଚାରରେ ଥିବା ବ୍ୟକ୍ତିଙ୍କୁ ଯେ ମନୋନୀତ କରାଯିବ ତାହା ସ୍ପଷ୍ଟ ଜଣାପଡୁଛି ବୋଲି ଅରୁଣ ଅଭିଯୋଗ କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ୧୮ ମାସ ପୂରିଗଲାଣି , କିନ୍ତୁ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନ ଥିବାରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ରାଜ୍ୟର ୧୭ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୭୦୬, ଆସୋସିଏଟ ପ୍ରଫେସର ଲାଗି ୪୫୮, ପ୍ରଫେସର ପାଇଁ ୨୬୧ ଏବଂ ନନ୍ ଟିଚିଂରେ ୨୩୨୫ ପଦବୀ ଖାଲି ପଡିଛି। ତେଣୁ ଫେବୃଆରୀ ଶେଷ ସୁଦ୍ଧା କୁଳପତି ପଦବୀଗୁଡିକ ପୂରଣ ନ ହେଲେ ବିଜୁ, ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାସ୍ତାରେ ଆନ୍ଦୋଳନ ହେବ ବୋଲି ଦଳ ଚେତାବନୀ ଦେଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ ଏବଂ ବିଜୁ ଯୁବଜନତା ଦଳ ସଭାପତି ଚିନ୍ମୟ ସାହୁ ଉପସ୍ଥିତ ଥିଲେ।

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ୫ ଗୁରୁତର


ଡାକ୍ତରଖାନାରେ ଗୁରୁତର ଆହତ

ଆନନ୍ଦପୁର,୭।୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଚୁକୁଣା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଗ୍ରାମର ଅକ୍ଷୟ ଦାସଙ୍କ ଘରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ପରିବାର ୫ ଜଣ ଗୁରୁତର ହୋଇଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ ଡଲି ଦାସ ରାତିଭୋଜନ ପାଇଁ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଘରେ ବ୍ୟାପିଯାଇ ଅକ୍ଷୟଙ୍କ ସମେତ ପରିବାରର ଜୀବନ ଦାସ, ସିପାଲୀ ଦାସ, ନିଧି ଦାସ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସମସ୍ତ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତୁତି ଚାଲିଛି।



ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ? -ଶ୍ରୀମା

# ଆତ୍ମସମର୍ପଣ



ଆକାର ପଟେଲ

ସାର୍ବଭୌମତ୍ୱ ଉଲ୍ଲଂଘନକୁ ଏକ ଦେଶର ଆଞ୍ଚଳିକ ଅଖଣ୍ଡତାର ଉଲ୍ଲଂଘନ କିମ୍ବା ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ ବୋଲି କୁହାଯାଏ। ଜଣେ ଆତ୍ମସମର୍ପଣ କରେ ଯେତେବେଳେ ସେ ବିନା ପ୍ରତିରୋଧରେ ଅନ୍ୟପକ୍ଷର କ୍ଷମତା ନିକଟରେ ମୁଣ୍ଡ ନୁଆଁଏ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ଯାହା ଘଟିଛି ତାହା ସ୍ପଷ୍ଟତଃ ଏହାର ଏକ ନମୁନା। ଏହାକୁ ବୁଝିବା ପାଇଁ କେବଳ ପ୍ରକାଶିତ ବିବୃତିଗୁଡ଼ିକୁ ଜାଣିବା ଦରକାର। ଡୋନାଲ୍ଡ ଟ୍ରମ୍ପ ୬ ଅଗଷ୍ଟ ୨୦୨୫ର ତାଙ୍କ ନିର୍ଦ୍ଦେଶ (ସଂଖ୍ୟା ୧୪୩୨୯)ରେ ଲେଖିଥିଲେ, ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତୈଳ ଆମଦାନୀ କରୁଥିବାରୁ ମୁଁ ସ୍ଥିର କଲି ଯେ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ମୂଲ୍ୟ ଆଧାରିତ ଶୁଳ୍କ ଲାଗୁ କରିବା ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ।'' ୬ ଫେବୃଆରୀ ୨୦୨୬ରେ ତାଙ୍କ ନିର୍ଦ୍ଦେଶରେ ପ୍ରକାଶ ପାଇଛି, ''ବିଶେଷକରି ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ରୁଷିଆ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିବଦ୍ଧ ଏବଂ ଦର୍ଶାଇଛି ଯେ ଏହା ଆମେରିକାଠାରୁ ଶକ୍ତି ଉତ୍ପାଦ କିଣିବ। ଏହାସହ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଆମେରିକା ସହିତ ଏକ ଢାଞ୍ଚା ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ପ୍ରକାଶ କରିଛି।'' ଦେଖାଯାଉଛି, ଏବେ ଆମେରିକା ଯାହା ଚାହୁଁଛି ଭାରତ ସେଭଳି କରୁଛି। ଟ୍ରମ୍ପ କହିଛନ୍ତି, ''ମୁଁ ପର୍ଯ୍ୟାୟକ୍ରମେ ଭାରତ ଉପରେ ଲାଗୁ ଅତିରିକ୍ତ ଶୁଳ୍କକୁ ହଟାଇ ନେବାକୁ ସ୍ଥିର କରିଛି।'' ଭାରତର ଭଲ ଆଚରଣ କିମ୍ବା କୂଟନୈତିକ ଦୃଷ୍ଟିରୁ ଆଜ୍ଞାପାଳନ ପାଇଁ ହଟାଇ ଦିଆଯାଇଥିବା ଜଣାପଡୁଛି। ତଥାପି, ଟ୍ରମ୍ପ ଚେତାବନୀ ଦେଇଛନ୍ତି , ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତେଲ ଆମଦାନୀ ପୁନର୍ବାର ଆରମ୍ଭ କରୁଛି କି ନାହିଁ ତାହା ଉପରେ ଆମେରିକା ନଜର ରଖିବ'' ଏବଂ ଯଦି ଏହା ଘଟେ, ''ମୁଁ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ପୁଣି ନିଶ୍ଚିତ ଲାଗୁ କରିବି।'' ଭାରତ ବିବୃତିରେ କହିଛି, ''ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାର୍ଷିକ ୧୦୦ ବିଲିୟନ ଡଲାର ହିସାବରେ ୫୦୦ ବିଲିୟନ ଡଲାର ଆମେରିକୀୟ ଉତ୍ପାଦ କିଣିବାକୁ ଚାହୁଁଛି। ୨୦୨୪ରେ ଏହା ୪୦ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ଭାରତ ଆମେରିକାରୁ ଦୁଇଗୁଣରୁ ଅଧିକ ଉତ୍ପାଦ କିଣିବାକୁ ପ୍ରତିବଦ୍ଧ ହୋଇଛି। ଏହା ପ୍ରତିବଦଳରେ ପାଇଛି କ'ଣ? ତେବେ ପୂର୍ବରୁ କୌଣସି ଟାରିଫ ନ ଥିଲାବେଳେ ଏବେ ବୃଦ୍ଧି କରିବା ପରେ ସେଥିରୁ ୧୮% କମାଇଛି। ଏହା ଆମ ପାଇଁ ପୁରସ୍କାର। ଏଥିରେ ସାର୍ବଭୌମତ୍ୱ ଉଲ୍ଲଂଘନ ହେଉନି କି? ଯାଞ୍ଚ କରନ୍ତୁ, ଅନିଚ୍ଛା ସତ୍ତ୍ୱେ ଚାପ ପକାଯାଇଛି କି ନାହିଁ? ଆତ୍ମସମର୍ପଣ କଥାକୁ ବି ପରଖନ୍ତୁ। ଦୁର୍ଭାଗ୍ୟବଶତଃ ଏସବୁ ଘଟିଛି। ଜୟଶଙ୍କର ଏବଂ ଭାରତ ସରକାର କ'ଣ କହୁଛନ୍ତି ତାହା ଶୁଣିବା ଆବଶ୍ୟକ ନାହିଁ, କେବଳ ସ୍ୱାକ୍ଷର କରାଯାଇଥିବା ବୁଝାମଣା ସମ୍ପର୍କରେ ଆମେ ଜାଣିବା ଦରକାର।

ପ୍ରଶ୍ନ ହେଉଛି ଆମେ କାହିଁକି ଆତ୍ମସମର୍ପଣ କଲୁ। ମୋର ବନ୍ଧୁ ତଥା ଅର୍ଥନୀତିଜ୍ଞ ଅଶୋକ ବର୍ଦ୍ଧନ ଚୁକ୍ତି ସ୍ୱାକ୍ଷରିତ ହେବା ପୂର୍ବରୁ ଏକ ମେସେଜ ପଠାଇଥିଲେ; ଯେଉଁଥିରେ ସେ କ'ଣ ଘଟିବ ତାହା ପୂର୍ବାନୁମାନ କରି ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ। ସେ ଲେଖିଥିଲେ, ''ଭାରତ ଆତ୍ମସମର୍ପଣ କରିବାର ଦୁଇଟି କାରଣ ଅଛି। ପ୍ରଥମେ, ଏହି ସରକାରଙ୍କ ତଥାକଥିତ ଜାତୀୟତାବାଦୀ ପରିଚୟ ଏବଂ ଏହାର ସମର୍ଥନ ଆଧାରକୁ ଅତିରଞ୍ଜିତ କରି ଦର୍ଶାଇବା। ଜାତୀୟତାବାଦୀ କାଡକୁ ବୃହତ ଶକ୍ତିଗୁଡ଼ିକ ସହିତ ଚୁକ୍ତି କରିବା ସମୟରେ ବ୍ୟବହାର କରିବା ଉଚିତ ନୁହେଁ। ଏହା ବ୍ୟତୀତ, ଭାରତର ଅର୍ଥ ବ୍ୟବସ୍ଥାରେ ଥିବା କିଛି ଗତିଶୀଳ କ୍ଷେତ୍ର ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥ ସର୍ବାଧିକ ଭୂମିକା ଗ୍ରହଣ କରେ ଏବଂ ଉଭୟ ଆମେରିକୀୟ ବଜାର, ଫାର୍ମଗୁଡ଼ିକ ସହିତ ବ୍ୟାପକ ଭାବେ ଜଡ଼ିତ ଓ ପାଣ୍ଠି ଉପରେ ଅଧିକ ନିର୍ଭରଶୀଳ।'' ଭାରତର ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକର ମୋଟ ଉତ୍ପାଦର ପ୍ରାୟ ୭୦% ଆମେରିକାକୁ ରପ୍ତାନି ହେଉଛି। ଭାରତ ୨୦୨୪ରେ ଆମେରିକାକୁ ପ୍ରାୟ ୪୦ ବିଲିୟନ ଡଲାର ସର୍ଭିସେସ୍ ରପ୍ତାନି କରିଥିଲା। ବର୍ଦ୍ଧନ କହନ୍ତି, ''ଭାରତୀୟ ଆର୍ଥିକ ବଜାରର ପ୍ରତ୍ୟେକ କ୍ଷେତ୍ର ମୁଖ୍ୟତଃ ଭେଞ୍ଚର ଫଣ୍ଡିଂଠାରୁ ଆରମ୍ଭ କରି ଆର୍ଥିକ ଗବେଷଣା ଓ ବିତ୍ତୀୟ ଖବର ସରବରାହ ସଂସ୍ଥା ଇତ୍ୟାଦି ଆମେରିକା ସହିତ ବି ଜଡ଼ିତ। ଆମର ଜାତୀୟତାବାଦ, ଆମର ସାହସ, ଆମର ୫୬ ଇଞ୍ଚ କେବଳ ଅନ୍ୟ ଭାରତୀୟମାନଙ୍କୁ ନିର୍ଯାତନା ଏବଂ ଧମକାଇବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଜଣେ ପ୍ରକୃତ ପ୍ରତିପକ୍ଷଙ୍କ ସାମ୍ନାରେ ଏହା ମଳିନ ପଡ଼ିଯାଏ। ତେବେ ଟ୍ରମ୍ପ ଆମକୁ ତାଙ୍କ ଇଚ୍ଛାରେ ଏଭଳି ଆତ୍ମସମର୍ପଣ କରିବାକୁ ବାଧ କରିବା ଘଟଣା ପ୍ରଥମ ଥର ଘଟିନାହିଁ। ମେ ୨୦୧୯ରେ, ଟ୍ରମ୍ପ ଶୁଳ୍କ ଛାଡ଼ ପାଇଁ ଅନୁମତି ନ ଦେବା ପରେ ଭାରତ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ବାଧ ହୋଇଥିଲା। ଟ୍ରମ୍ପଙ୍କ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ ବୋଲ୍ଟନ ତାଙ୍କ ପୁସ୍ତକ 'ଦି ରୁମ୍ ହୋୟାର ଇଟ୍ ହାପେଣ୍ଡ'ରେ ଲେଖିଛନ୍ତି, ଟ୍ରମ୍ପ ମୋଦିଙ୍କ ସମସ୍ୟାକୁ ନ ଦେଖି ତାଙ୍କ ଟିମ୍‌କୁ କହିଥିଲେ ଯେ 'ସେ(ମୋଦି) ଠିକ୍ ହୋଇଯିବେ'। ଏହାର ଅର୍ଥ ହେଉଛି ଭାରତକୁ ମାଗଣା ପରିବହନ ଏବଂ ବୀମା ଓ ୬୦ ଦିନର କ୍ରେଡିଟ ଭଳି ରିହାତି ସହିତ ଆସୁଥିବା ତେଲ ଆଣିବାକୁ ମନା କରାଯାଇଥିଲା। ଭାରତ ବୁଝାଇବାକୁ ଚେଷ୍ଟା କରିଥିଲା ଯେ ଏହାର ଅନେକ ରିଫାଇନେରି ଇରାନର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି ଏବଂ ହଠାତ୍ ପରିବର୍ତ୍ତନ ହୋଇପାରିବ ନାହିଁ ଓ ଇରାନରୁ ଯୋଗାଣ ବନ୍ଦ ହେଲେ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ପ୍ରଭାବିତ ହେବ। ଟ୍ରମ୍ପ ଏହାକୁ ସ୍ୱୀକାର କରି ନ ଥିଲେ। ଆମେ ସେତେବେଳେ ତାଙ୍କ କଥା ମାନିଥିଲୁ, ଯେପରି ଆମେ ପୁଣି ଥରେ ରୁଷିଆ ତୈଳ ଏବଂ ବର୍ତ୍ତମାନ ଭେନେଜୁଏଲା ଓ ଆମେରିକୀୟ ତୈଳ କିଣିବାକୁ ରାଜି ହୋଇଛୁ। ଯେଉଁଠାରୁ ଆରମ୍ଭ କରିଥିଲୁ ସେହିଠାକୁ ଆମକୁ ଫେରିଯିବାକୁ ପଡ଼ିବ, କାରଣ ଭାରତୀୟମାନେ ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କ ନାମରେ କ'ଣ କରାଯାଇଛି। ସ୍ପଷ୍ଟତଃ ସରକାରୀ କାର୍ଯ୍ୟରେ ବିଦେଶୀ ହସ୍ତକ୍ଷେପ ଦ୍ୱାରା ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଛି। ପ୍ରତିରୋଧ କରିବା ବନ୍ଦ କରି ଅନ୍ୟପକ୍ଷର କର୍ତ୍ତୃତ୍ୱ ନିକଟରେ ଆତ୍ମସମର୍ପଣ କରିଛୁ।

Email:aakar.patel@gmail.com

# ଆତଙ୍କବାଦର ପୃଷ୍ଠପୋଷକ କିଏ



ହରେକୃଷ୍ଣ ପଣ୍ଡା

ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆକୁ 'ଆତଙ୍କବାଦ ପୃଷ୍ଠପୋଷକ ରାଷ୍ଟ୍ର' ବୋଲି ଘୋଷଣା କରିଥିଲା ବେଳେ ଆମେରିକା ପାକିସ୍ତାନକୁ ସହଯୋଗର ହାତ ବଢ଼ାଇ ନିଜର ମିତ୍ର ରାଷ୍ଟ୍ରର ପରିଚୟ ଦେଇଥିଲା। ୟୁକ୍ରେନ୍‌ରେ ମସ୍କୋ ଲଗାତର ଆକ୍ରମଣ କରିବା ସହ ମାନବାଧିକାର ଓ ଅନ୍ତର୍ଜାତୀୟ ମାନବାଧିକାର ଆଇନଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି ପାର୍ଲାମେଣ୍ଟ ଦର୍ଶାଇଥିଲା। ଅନ୍ତର୍ଜାତୀୟ ଆଇନର ଏଭଳି ଉଲ୍ଲଂଘନକୁ ଆତଙ୍କବାଦ ବୋଲି ଦର୍ଶାଯାଇଥିବା ବେଳେ ବାରମ୍ବାର ଆମେରିକା ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ ଏବଂ ଗୋଟିଏ ପରେ ଗୋଟିଏ ଆତଙ୍କ ସୃଷ୍ଟି କରୁଥିବା କେବେ ବି ୟୁରୋପୀୟ ସଂଘ କିମ୍ବା ପାର୍ଲାମେଣ୍ଟର ଆଖିକୁ ଦେଖାଯାଉ ନାହିଁ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୋଗୀର ବାହ୍ୟ ଲକ୍ଷଣ ଉପରେ ଯେତେ ଗୁରୁତ୍ୱ ଦିଅନ୍ତି, ରୋଗର କାରଣ ପ୍ରତି ସେତେ ଗୁରୁତ୍ୱ ଦିଅନ୍ତି ନାହିଁ। ୟୁକ୍ରେନରେ ଆରମ୍ଭ ହୋଇଥିବା ଯୁଦ୍ଧ ସ୍ଥିତିକୁ ଯୋଜନାବଦ୍ଧ ଭାବେ ଜାରି ରଖିବେ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୃଢ଼ ପ୍ରତିଜ୍ଞାବଦ୍ଧ ଥିବା ବେଳେ ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ବିପକ୍ଷ ଯୋଜନାରେ ଲାଗି ରହୁଥିବାରୁ ଯୁଦ୍ଧ ବନ୍ଦ ହେଉ ନାହିଁ। ଦୀର୍ଘ ୨୦ ବର୍ଷ ମଧ୍ୟରେ ବିଶ୍ୱରେ ଯେତେଗୁଡ଼ିଏ ଯୁଦ୍ଧ ଆତଙ୍କ ସୃଷ୍ଟି ହୋଇଛି, ସେଥିରେ ଆମେରିକାର ପ୍ରତ୍ୟକ୍ଷ ହାତ ଯେ ନାହିଁ, ତାହା କହିବା ନିଷ୍ପ୍ରୟୋଜନ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି କାର୍ଯ୍ୟ କରୁଥିବା କଥା କହିଚାଲିଥିବା ବେଳେ ସେ ଗୋଟିଏ ପରେ ଗୋଟିଏ ଯୁଦ୍ଧର ଆତଙ୍କ ଖେଳାଇ ଚାଲିଛନ୍ତି। ଏବେ ଭେନେଜୁଆଲା ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଶ୍ୱରେ ପୁଣି ଆତଙ୍କ ସୃଷ୍ଟି କରିଛି।

ତେବେ ରୁଷିଆ ନିକଟରେ ଆମେରିକା ସହିତ ଥିବା ପରମାଣୁ ଚୁକ୍ତିକୁ ରଦ୍ଦ କରିଦେଇଛି। ଆମେରିକା ସହ ପ୍ରମୁଖ ପରମାଣୁ ଅସ୍ତ୍ରଚୁକ୍ତିରେ ରୁଷିଆର ଅଂଶ ଗ୍ରହଣ ପ୍ରକ୍ରିୟା ରଦ୍ଦ ହୋଇଯାଇଛି, ଯାହା ବିଶ୍ୱ ପାଇଁ ଆଶଙ୍କା ଆଣିଦେଇଛି। ୨୦୧୦ରେ ରୁଷଆ ଆମେରିକା ସହ ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିଥିଲା। ପୁଣି ୨୦୨୧ରେ ଆଉ ୫ ବର୍ଷ ପାଇଁ ବୃଦ୍ଧି ହୋଇଥିଲା। ଏହାକୁ ନ୍ୟୁ ଷ୍ଟାର୍ଟ ଟ୍ରିଟି କୁହାଯାଇଥିଲା। ଏଭଳି କରିବା ଦ୍ୱାରା ରୁଷିଆ ରାଷ୍ଟ୍ରପତି ୟୁକ୍ରେନ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ବାରମ୍ବାର ଦେଇ ଚାଲିଛି। ୟୁରୋପୀୟ ରାଷ୍ଟ୍ର ଏବଂ ଆମେରିକା ଏକ ନିର୍ଣ୍ଣାୟକ ସ୍ଥିତିକୁ ନ ଆସି ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଯୁଦ୍ଧର ଗତିକୁ ବଢ଼ାଇ ଚାଲିଛି। ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆ ବିରୋଧରେ କୌଣସି ପଦକ୍ଷେପ ନେବା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା ନଥିବା ବେଳେ ଆତଙ୍କବାଦୀ ଘୋଷଣା କେବଳ ହାସ୍ୟାସ୍ପଦ ବୋଲି କୁହାଯାଇପାରେ। ରୁଷିଆକୁ ଯୁଦ୍ଧ ଅପରାଧ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ଦଣ୍ଡିତ କରାଯିବାକୁ କ୍ୱାଡ ରାଷ୍ଟ୍ରର ନେତାମାନେ ମିଳିତ ଭାବେ ମତ ରଖିଥିଲେ। କିନ୍ତୁ ପରମାଣୁ ଅସ୍ତ୍ର ବ୍ୟବହାର ପାଇଁ ରଷିଆର ଧମକକୁ ଅଗ୍ରହଣୀୟ କହିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ଏମାନେ କୌଣସି ସୂତ୍ର ବାହାର କରିପାରିନାହାନ୍ତି। ରୁଷିଆ ଆଣବିକ ଚୁକ୍ତିକୁ ବାତିଲ କଲା ପରେ ଆମେରିକା ଓ କ୍ୱାର୍ଡ ରାଷ୍ଟ୍ର ସମୂହ ବିଚାରବିମର୍ଶ କରି ଏହାର ନିରାକରଣ ପନ୍ଥା ଦର୍ଶାଇବା ଉଚିତ ଥିଲା। ୟୁରୋପୀୟ ରାଷ୍ଟ୍ରସମୂହ ରୁଷିଆ ସହିତ ଆଲୋଚନା କରି ପରମାଣୁ ଚୁକ୍ତିକୁ କାଏମ ରଖିବା ଆବଶ୍ୟକ ଥିଲା। ଏହା ନ ହେବାରୁ ରୁଷିଆ ତାହାର ଆବଶ୍ୟକତା ଦର୍ଶାଇ ପରମାଣୁ କାର୍ଯ୍ୟକ୍ରମ ଚଳାଇବାକୁ ଘୋଷଣା କରିସାରିଲାଣି। ଜି-୨୦ ବୈଠକରେ ଭାରତର ପ୍ରତିନିଧି ଜୟଶଙ୍କର ଯୁଦ୍ଧ ବନ୍ଦ ପାଇଁ ବୈଶ୍ୱିକ ସହମତି ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସହମତି ପାଇଁ ଜି-୨୦ ରାଷ୍ଟ୍ରସମୂହ ଆଗ୍ରହର ସହିତ କିଛି କାର୍ଯ୍ୟକ୍ରମ ହାତକୁ ନେଲେନାହିଁ। ଏଥିରୁ ଜଣାପଡ଼େ, ଜି-୨୦ ସହମତି କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି।

ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯେତେବେଳେ ଆତଙ୍କବାଦ ବୃଦ୍ଧି ପାଇ ଦେଶଗୁଡ଼ିକୁ ପ୍ରଭାବିତ କଲା, ସେତେବେଳେ ସବୁ ରାଷ୍ଟ୍ର ଏକଜୁଟ ହେଲେ ସତ; କିନ୍ତୁ ଆତଙ୍କବାଦ ନିରୋଧ କ୍ଷେତ୍ରରେ ସହମତି ହେବା ନେଇ ଦ୍ୱନ୍ଦ୍ୱ ଦେଖାଦେଲା। ସେହିଦିନରୁ ଏଯାବତ୍ ଆତଙ୍କବାଦ ତିଷ୍ଠି ରହିଛି। କ୍ଷତାକ୍ତ ଓ ରକ୍ତାକ୍ତ ହୋଇ ସାରିଲା ପରେ ବି ୟୁରୋପୀୟ ରାଷ୍ଟ୍ର ସଚେତନ ହୋଇ ପାରିନାହାନ୍ତି। ତେଣୁ ବାସ୍ତବରେ ଜି-୨୦ ରାଷ୍ଟ୍ର ସଂଘକୁ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭରସା କରାଯାଇନପାରେ। ଏବେ ଯୁଦ୍ଧ ଘଟଣା ନେଇ ରୁଷିଆ ବିରୋଧରେ ଭାରତ-ଆମେରିକା-ଜାପାନ-ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ମିଳିତ ବିବୃତିରେ କହିଛନ୍ତି ଯେ, ରୁଷିଆ ୟୁକ୍ରେନ୍‌ରେ ଯେଉଁ ଅପରାଧ ଘଟାଇଛି, ଯଦି



ଏହାକୁ ଦଣ୍ଡ ନ ମିଳେ, ତେବେ ଆକ୍ରମଣକାରୀ ସବୁଠି ଆକ୍ରମଣ କରିବେ ଏବଂ ବିନା ଦୋଷରେ ଖସିଯିବେ। ଏହା ଅବଶ୍ୟ ଯୁକ୍ତିଯୁକ୍ତ ମନେହୁଏ। କିନ୍ତୁ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ?

ୟୁରୋପୀୟ ପାର୍ଲାମେଣ୍ଟରେ ଗୃହୀତ ନିଷ୍ପତ୍ତିକୁ ୟୁକ୍ରେନ୍ ସ୍ୱାଗତ କରି ଆଶା ପ୍ରକଟ କରିଛି ଯେ, ୟୁକ୍ରେନ୍ ସମେତ ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାରର ନୀତି ଯୋଗୁ ରୁଷିଆକୁ ସବୁସ୍ତରରେ ଏକଘରକିଆ ଓ ଉତ୍ତରଦାୟୀ କରାଯିବା ଜରୁରୀ। ଏଭଳି ଏକ ପନ୍ଥା ଗ୍ରହଣ ନ କରି ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଯେଉଁ କଟକଣା ଜାରି ରଖିଛନ୍ତି, ତାହା ତାକୁ ପ୍ରଭାବିତ କରିପାରୁ ନାହିଁ। ବିଶ୍ୱସ୍ତରରେ ଏକ ସ୍ୱଚ୍ଛ ଓ ନିର୍ଭୀକ ନୀତିକୁ ଗ୍ରହଣ ନ କଲେ ଯୁଦ୍ଧ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ଆମେରିକା ଦେଖୁଛି ବର୍ତ୍ତମାନ କ୍ୟୁବା, ଉତ୍ତରକୋରିଆ, ଇରାନ, ସିରିଆ ହେଉଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ। ୟୁରୋପୀୟ ଦେଶ ଲିଥୁଆନିଆ, ଲାଟ୍‌ଭିଆ, ଷ୍ଟୋନିଆ ଏବଂ ପୋଲାଣ୍ଡ ମଧ୍ୟ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ଭାବେ ଘୋଷଣା କରିସାରିଛି। ହେଲେ ଏହିସବୁ ଦେଶକୁ ଏ କ୍ଷେତ୍ରରୁ ନିବୃତ୍ତାଇବା ପାଇଁ କୌଣସି କର୍ତ୍ତୃତ୍ୱ ଜାରି କରିପାରୁନାହାନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଜି-୨୦ ତଥା ପାଶ୍ଚାତ୍ୟ ରାଷ୍ଟ୍ର ନିଜେ ହିଁ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି। ସମାଧାନ କରିବାର ସାହସ ବା ନିର୍ଭୀକତା ଏମାନଙ୍କ ପାଖରେ ନାହିଁ। ଆମେରିକା ସ୍ପଷ୍ଟ ଓ ନିରପେକ୍ଷ ହୋଇପାରୁନାହିଁ।

ରୁଷିଆ ୫୦ ବର୍ଷ ଧରି ନିଜକୁ ଶକ୍ତିଶାଳୀ ରାଷ୍ଟ୍ର ଦର୍ଶାଇବାକୁ ଉଦ୍ୟମ କରିଆସୁଛି। ପୁଟିନ୍‌ଙ୍କ କ୍ରମାଗତ ବିଜୟ ତାଙ୍କ ମନରେ ଏକ ବିଶ୍ୱାସ ବି ସୃଷ୍ଟି କରିଛି। ତାଙ୍କ ଦେଶବାସୀ ତାଙ୍କୁ ପୁନର୍ବାର ବିଜୟୀ କରିଥିବା ଯୋଗୁ ନିଜର ପ୍ରତିପତ୍ତି କିପରି ଆମେରିକାକୁ ଅତିକ୍ରମ କରିବ, ସେଥିପାଇଁ ସେ ଆଶା ବାନ୍ଧିଛନ୍ତି। ବିଶ୍ୱରେ କିପରି ସୁପର ଦେଶ ହୋଇପାରିବ, ସେଥିପାଇଁ ସଂଗ୍ରାମ ସେ ଜାରି ରଖିଥିବା ମନେହୁଏ। ଏଇଭଳି ଲକ୍ଷ୍ୟ ପୋଷଣ କରିଥିଲା ଚାଇନା। ସେଥିରୁ ସେ ମଧ୍ୟ ଓହରି ନାହିଁ। ତେବେ ରୁଷିଆ ଆଗ ଚାଇନାକୁ ପରାହତ କରିବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସ୍ଥାନ ନେବାକୁ ହେଲେ ଏସୀୟ ରାଷ୍ଟ୍ରଗୁଡ଼ିକ ରୁଷିଆର ବିଶ୍ୱାସଭାଜନ ହେବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କ ଚିନ୍ତାଧାରା ପ୍ରତି ରୁଷିଆ କିମ୍ବା ଆମେରିକା ସଚେତନ ହେବା ଜରୁରୀ। ରୁଷିଆ ଯଦି ଏବେ ଯୁଦ୍ଧ ରହିତ ମାନସିକତା ଗ୍ରହଣ କରିପାରନ୍ତା, ଚାଇନାର ଔଦ୍ଧତ୍ୟ ବିରୋଧରେ କୂଟନୀତି ପ୍ରୟୋଗ କରି ବିଶ୍ୱ ଶାନ୍ତି ଦିଗରେ ଅଗ୍ରସର ହୁଅନ୍ତା, ତେବେ ସର୍ବପ୍ରଥମେ ରୁଷିଆ ନିଜକୁ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରନ୍ତା। କିନ୍ତୁ ରୁଷିଆ ବେଳେବେଳେ ଆମେରିକାଠାରୁ ଭୟଙ୍କର ହୋଇଯାଉଛି। ଆମେରିକା ଓ ରୁଷିଆ ଅସ୍ତ୍ର ବେପାରକୁ ନେଇ ବିଶ୍ୱବାସୀଙ୍କୁ ଆତଙ୍କିତ କରି ଚାଲିଛନ୍ତି। ଏଥିରୁ ନିବୃତ୍ତ ନ ରହିଲେ, ଏମାନେ ବିଶ୍ୱବାସୀଙ୍କ ଆସ୍ଥା ଭାଜନ ହୋଇପାରିବେ ନାହିଁ।

– ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ବିଶ୍ୱାସ ଅଛି, ଭରସା ନାହିଁ



ସବ୍ୟସାଚୀ ଦତ୍ତ

ଆଗକୁ ଅନ୍ଧାରପକ୍ଷ ଆସୁଛି। କୁଞ୍ଜବଦଳିଆ, ଦାଆଗେଣ୍ଡାଳିଆ, ସାରସ, ପାତିହଂସ, ଜଡ଼ାହଂସ ସମସ୍ତଙ୍କ ମଧ୍ୟରେ ଭାଳେଣି, ମାଫିଆଙ୍କ ହାତରୁ ଏଥର ନିସ୍ତାର ନାହିଁ। କାକଟପୁର, ଅସ୍ତରଙ୍ଗ, ଦେବୀନଦୀ ମୁହାଣ, ଶଙ୍କରାଡିଆ, ସୁନାଡିଆ ଆଦି ଅଞ୍ଚଳରେ ଅତିଥି ପକ୍ଷୀମାନେ ମନ ମାରି ବସିଛନ୍ତି। ତାଙ୍କ ଫେରାଦ ''ଆମେ କ'ଣ ଅତିଥି ନୋହୁଁ? ଚିଲିକା ନଳବଣ ଅଭୟାରଣ୍ୟର ଆୟତନ ମାତ୍ର ୧୫.୫୩ ବର୍ଗ କି.ମି.। ଆମେ ଏତେ ଏତେ ସଂଖ୍ୟକ ବିଦେଶାଗତ ଅତିଥି ସେତିକି ଜାଗାରେ କେମିତି ବା ରହନ୍ତୁ? ପାଖାପାଖି ଅନ୍ୟ ପାଣି ଆଶ୍ରା ଜାଗା ଦେଖି ଆମେ ବସିଗଲୁ ବୋଲି 'ସାଇବେରିଆନ୍ କ୍ରେନ୍' ନ କହି ଆମକୁ ଦେଶୀ ନାଁରେ ଡକାଗଲାଣି। ଆମ ପାଇଁ ସିକ୍ୟୁରିଟି ବ୍ୟବସ୍ଥା ନାହିଁ। କିଏ ଅଠାକାଠିରେ, କିଏ ବିଷ ଦେଇ ତ କିଏ ଗୁଳି ଫୁଟାଇ ଶିକାର କରୁଛି। ଗାଁ ଗହଳିରେ ଦିନ ଦ୍ୱିପ୍ରହରରେ ବି ବିକ୍ରି ଚାଲିଛି ପକ୍ଷୀଙ୍କ ମାଂସ; ମାତ୍ର ୩୦୦ରୁ ୪୦୦ ଟଙ୍କା କିଲୋରେ। ସମସ୍ତେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଦେଶୀ ଅତିଥିଙ୍କ ମାଂସର ସ୍ୱାଦ ଚାଖିପାରୁଛନ୍ତି। ବନ ବିଭାଗ କର୍ମଚାରୀ ମଝିରେ ମଝିରେ ଚଢ଼ାଉ କରୁଛନ୍ତି। ତାଙ୍କୁ ମଧ କିଛି ବିରଳ ପକ୍ଷୀର ମାଂସ ଭେଟି ଦେଲେ କାର୍ଯ୍ୟାନୁଷ୍ଠାନ ହୁଗୁଳା ହୋଇଯାଉଛି। ପରିବେଶବିତ୍‌ମାନେ କିନ୍ତୁ ନଛୋଡ଼ବନ୍ଦା। ବାରମ୍ବାର ସ୍ୱର ଉତ୍ତୋଳନ କରିଚାଲିଛନ୍ତି- 'ରକ୍ଷକ ସାଜିଛି ଭକ୍ଷକ'। ଏଇ ପରିବେଶବିତ୍‌ମାନେ ହିଁ ଆମର ଭରସା।''

ନଭେମ୍ବର ମାସରୁ ସମସ୍ତଙ୍କ ନଜର ଚିଲିକା ଉପରେ। ଏବେ ଜାନୁଆରୀ ୨୦୨୬ରେ ପକ୍ଷୀଗଣନା ସରିଲା। ୨୦ ଜାନୁଆରୀ ସୁଦ୍ଧା ୧୯୬ ପ୍ରଜାତିର ୧୧ ଲକ୍ଷ, ୩୨ ହଜାର, ୨୦୦ ବିଦେଶୀ ଅତିଥି ପକ୍ଷୀ ଆସିଥିଲେ ବୋଲି ବନ ବିଭାଗ ଘୋଷଣା କରିଛି। ଗତବର୍ଷ ମାତ୍ର ୧୦୬ ପ୍ରଜାତିର ପକ୍ଷୀ ବିଦେଶରୁ ଓଡ଼ିଶା ଆସିଥିଲେ ଓ ସେମାନଙ୍କର ସଂଖ୍ୟା ଥିଲା ମାତ୍ର ୧୧ ଲକ୍ଷ, ୧୦ ହଜାର ୨୫୭। ତେଣୁ ଏବର୍ଷ ପ୍ରାୟ ୪,୯୭୨ ଅଧିକ ପକ୍ଷୀ ଆସିଛନ୍ତି। କେବଳ ନଳବଣରେ ଠୁଳ ହୋଇଛନ୍ତି ୫୪,୩୬୧ ପକ୍ଷୀ। ଏ ପରିସଂଖ୍ୟାନକୁ ସାର୍ବଜନୀନ କରିବା ପାଇଁ ବନ ବିଭାଗ ପାଞ୍ଚଟି ରେଞ୍ଜରେ ୨୨ଟି ଟିମ୍‌କୁ ନିୟୋଜିତ କରିଥିଲେ। ଯାହା ଚାକ୍ଷୁଷ ଗଣତିରୁ ଜଣାପଡ଼ିଛି, ପ୍ଲେନ୍ ମାର୍ଟିନ୍ ଓ ବେଙ୍ଗଲ୍ ବୁଶ୍ ଲାର୍କ ନାମକ ଦୁଇଟି ପ୍ରଜାତିର ନୂଆ ପକ୍ଷୀ ଏ ବର୍ଷ ଚିଲିକାକୁ ଆସିଛନ୍ତି। ତେଣୁ ସରକାରଙ୍କ ତରଫରୁ ସବୁ ତତ୍ପରତା ସେଇଠି। ଗୋଟିଏ ସେକ୍ସନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରାୟ ୨୦ଟି ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ପୂର୍ବତନ ଜଣାଶୁଣା ପକ୍ଷୀ ଶିକାରୀଙ୍କୁ ନେଇ ଏହି ପକ୍ଷୀ ସୁରକ୍ଷା କମିଟି ଗଠିତ।



ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ ସାମିଲ କରାଯାଇଛି। ପ୍ରତିଦିନ ପ୍ରାୟ ୫/୬ ଡାବା ଉପରେ ଅତର୍କିତ ଚଢ଼ାଉ କରାଯାଉଛି। ଡି.ଏଫ୍.ଓ. ସାହେବଙ୍କ ଭାଷାରେ 'ବିଲେଇକୁ ମାଛଭଜା ଜଗେଇବାରୁ ସୁଫଳ ମିଳିଲା'। ଚିଲିକାରେ ପକ୍ଷୀ ଶିକାର ଏବେ କମୁଛି। ଚିଲିକା ଅଞ୍ଚଳରେ ପ୍ରାୟ ୧୫୦ ପୂର୍ବତନ ଶିକାରୀ ଏବେ ପକ୍ଷୀଙ୍କର ସୁରକ୍ଷା ଦାୟିତ୍ୱ ନେଉଛନ୍ତି। ବିଶେଷକରି ପୂର୍ବତନ ପେସାଦାର ପକ୍ଷୀ ଶିକାରୀମାନେ ଲୋକଙ୍କୁ ପକ୍ଷୀ ଶିକାରର ଅପକାରିତା ସମ୍ପର୍କରେ ବୁଝାଉଥିବାରୁ ଜନସଚେତନତା ଯଥେଷ୍ଟ ବୃଦ୍ଧି ପାଇଛି। ପକ୍ଷୀଙ୍କୁ ଦେଖିବା ପାଇଁ ମଙ୍ଗଳାଯୋଡ଼ି ଓ ନଳବଣରେ ପର୍ଯ୍ୟଟକମାନଙ୍କ ଭିଡ଼ । ତେବେ ପକ୍ଷୀମାନଙ୍କର ସ୍ୱାଭାବିକ ଜୀବନ ଯେପରି ବିପର୍ଯ୍ୟସ୍ତ ନ ହୁଏ, ସେଥିପାଇଁ ନଳବଣ ମଧ୍ୟକୁ ବିଶେଷ ଅନୁମତି ବିନା କୌଣସି ବୋଟ୍‌କୁ ଯିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି। ପର୍ଯ୍ୟଟକମାନେ ଯେପରି ନଳବଣର ସୀମା ବାହାରୁ ପକ୍ଷୀଙ୍କୁ ଠିକ୍‌ଭାବେ ଦେଖିପାରିବେ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି।

ଆପଣ କେବେ ମୋଟରବୋଟ୍‌ରେ ୧୫୦୦ ଟଙ୍କା ଭଡ଼ା ଦେଇ ନଳବଣକୁ ପକ୍ଷୀ ଦେଖିବାର ସଉକ ମେଣ୍ଟାଇବା ପାଇଁ ଯାଇଛନ୍ତି କି? ଆପଣଙ୍କ ଆଖି କୌଣସି ଜୀବିତ ପ୍ରାଣୀକୁ ପକ୍ଷୀ ବୋଲି ଠଉରେଇ ପାରିବାର ଦୂରତ୍ୱରୁ ହିଁ ପକ୍ଷୀ ସୁରକ୍ଷା ପୋଲିସ୍ ଆପଣଙ୍କୁ ରୋକିଦେବେ। ଯଦି ଆପଣ ବିଦେଶୀ ଅତିଥି ପକ୍ଷୀ ଦେଖିବାର ଆଶା ମନରେ ପୋଷଣ କରିଛନ୍ତି, ତେବେ ଚିଲିକା ନ ଯାଇ ପ୍ରୟାଗରାଜ (ଆହ୍ଲାବାଦ) କି ବାରାଣସୀ ଯାଆନ୍ତୁ। ତୀର୍ଥକୁ ତୀର୍ଥ ହେବ। ତ୍ରିବେଣୀସଙ୍ଗମ ଦେଖିବାକୁ ସଡ଼କ ପଥରେ ନଯାଇ ନଦୀପଥରେ ଡଙ୍ଗାଘାଟରୁ ଯାଆନ୍ତୁ। ନଦୀପଥରେ କିଶୋରମାନେ ୧୦ ଟଙ୍କାର ସେଉ/ଗାଣ୍ଠିଆ ପ୍ୟାକେଟ ଡଙ୍ଗାରେ ବିକ୍ରି କରୁଥିବାର ଭେଟିବେ। ତାଙ୍କଠାରୁ ପ୍ୟାକେଟିଏ କିଣି ଆ...ଆ... ବୋଲି ଡାକନ୍ତୁ। ବିଦେଶାଗତ ପକ୍ଷୀ ଆପଣଙ୍କ ହାତରୁ ତାହା ଛଡେଇ ନେଇ ଖାଇବେ। ଘଣ୍ଟା ଘଣ୍ଟା ଧରି ଏ ଦୃଶ୍ୟ ଅବିରତ ଚାଲିବ। ଆପଣ ଯଥେଷ୍ଟ ଆମୋଦିତ ହେବେ।

ଖାଲି ଚିଲିକା କାହିଁକି, ପ୍ରୟାଗରାଜ, ବାରାଣସୀ ଭଳି ଅନେକ ଜାଗାକୁ ସାଇବେରିଆ ଆଦି ଅଞ୍ଚଳର ପକ୍ଷୀମାନେ ଶୀତଦିନେ ଆସନ୍ତି। ପ୍ରୟାଗରାଜର ସଂସ୍କୃତି ନୁହେଁ ଆମିଷ ଭକ୍ଷଣ। ଫଳତଃ ପକ୍ଷୀମାନେ ଆପଣଙ୍କ ହାତରୁ ଗାଣ୍ଠିଆ ଖାଇବେ ଓ ବିନିମୟରେ ଆମୋଦ ବିତରଣ କରିବେ। କିନ୍ତୁ ଆମ ଓଡ଼ିଶା ତ ଆମିଷ ବାବଦରେ ନିଆରା। ଏଠି ପକ୍ଷୀକୁଳ ଓଡ଼ିଆଙ୍କ ବ୍ୟବହାରରେ ନିଜକୁ ନିରାପଦ ମଣନ୍ତି ନାହିଁ। ତେଣୁ ପର୍ଯ୍ୟଟକ ଦେଖିଲେ ଦୂରକୁ ଦୂରକୁ ପଳାନ୍ତି। ତଥାପି ପ୍ରଶ୍ନ ଆସେ ଯେ ପ୍ରତ୍ୟେକ ବର୍ଷ ଅତିଥି ପକ୍ଷୀଙ୍କ ସଂଖ୍ୟା ଓଡ଼ିଶାରେ ଏତେ ବଢୁଛି କାହିଁକି? ବୋଧେ ବିଦେଶୀ ପକ୍ଷୀଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ଅଛି ଯେ, ଓଡ଼ିଶାକୁ ଗଲେ ସଫଳ ପ୍ରଜନନ କରି ଭବିଷ୍ୟତ ଗଢ଼ି ହେବ, କିନ୍ତୁ ଓଡ଼ିଆଙ୍କୁ ଭରସା ନାହିଁ। କିଏ କହିପାରେ, କେତେବେଳେ କୋଉ କଥା। ଜୀବନ ବଞ୍ଚାଇ ନିରାପଦ ଦୂରତ୍ୱରେ ରହିଲେ ସାଇବେରିଆ ଫେରିବା କଥା ଚିନ୍ତା କରିହେବ।

ମୋ: ୯୪୩୭୦୪୫୫୪୭

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଟିଭି ଶୋ' ଦେଖି ସେ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଷ୍ଟ୍ରବେରି ଚାଷ କରିବା ପୂର୍ବରୁ ୧୩ ବର୍ଷ ଧରି ୧୦ ଏକର ଜମିରେ ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲର ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ହାଇଡ୍ରୋପୋନିକ୍ସ ପଦ୍ଧତି ସମ୍ପୂର୍ଣ୍ଣ କରିବା ପାଇଁ ସେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏଥିପାଇଁ ଦେଢ଼ବର୍ଷ ସମୟ ଲାଗିଥିଲା। ସେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିରୁ ପ୍ରଥମେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି ଏବଂ ଆସନ୍ତା ବର୍ଷ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି କହନ୍ତି ଧୀରଜ। ସେ ମଧ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଲାଲ ଓ ହଳଦିଆ କ୍ୟାପ୍ସିକମ୍ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୬

- କଂଗ୍ରେସ ଦଳର ପ୍ରାର୍ଥୀତ୍ୱକୁ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଭିଭି ଗିରିଙ୍କ ପୁତ୍ର ଶ୍ରୀ ଶଙ୍କର ଗିରିଙ୍କ ପ୍ରତ୍ୟାଖ୍ୟାନ।
- ରାଜ୍ୟର ନବନିଯୁକ୍ତ ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍ ଏକ ମନୋରମ ପରିବେଶ ମଧ୍ୟରେ ଶପଥ ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାର ନିକଟରେ ଡାକତାର ବିଭାଗ ପକ୍ଷରୁ ଏକ ନୂତନ ପୋଷ୍ଟାଲ ଡିଭିଜନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | | | | | | 1 |
| | | | | | | | | |
| 6 | | 2 | 8 | | | | | |
| | 6 | 4 | 9 | | 8 | 5 | 2 | |
| 9 | | | | 5 | | 1 | 3 | |
| | | 1 | | 6 | 3 | 4 | 9 | 8 |
| 5 | 4 | | | 9 | | 8 | 7 | 2 |
| | 2 | | | | 4 | 9 | | |
| | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 4 | 5 | 8 | 9 | 3 | 6 |
| 4 | 9 | 3 | 7 | 6 | 1 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 9 | 2 | 7 | 8 | 1 | 6 | 3 | 4 | 5 |
| 6 | 8 | 5 | 2 | 3 | 4 | 1 | 7 | 9 |
| 3 | 1 | 4 | 5 | 9 | 7 | 2 | 6 | 8 |
| 7 | 5 | 9 | 3 | 4 | 2 | 6 | 8 | 1 |
| 2 | 3 | 1 | 6 | 8 | 5 | 7 | 9 | 4 |
| 8 | 4 | 6 | 1 | 7 | 9 | 5 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ବସ୍ ପରିଚାଳନାର ପୁନଃ ବିଚାର ହେଉ

ମହାଶୟ,

ନିକଟ ଅତୀତରେ ପ୍ରକାଶିତ ସ୍କ୍ରିନିଂ ଟେଷ୍ଟ ପାସ୍ କରିବା ପରେ ଆମ ବସ୍‌ଗୁଡ଼ିକୁ ରାଜଧାନୀ ତଥା ତତ୍ ସଂଲଗ୍ନ ସ୍ଥାନଗୁଡ଼ିକରେ ଡ୍ରାଇଭରମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଚଳାଇ ପାରିବେ। କେବଳ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା, ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମିଳିପାରିବ ପ୍ରୋତ୍ସାହନ ରାଶି ସାଙ୍ଗକୁ ଉତ୍ତମ ଦରମା। ରଙ୍ଗ ବଦଳା ଯାଇ ମୋ ବସ୍‌କୁ ଆମ ବସ୍ ସେବାକୁ ରୂପାନ୍ତରିତ କରାଯିବା ବର୍ତ୍ତମାନ ସରକାରଙ୍କର ନ୍ୟାୟୋଚିତ ପଦକ୍ଷେପ ନୁହେଁ। ତେବେ ବର୍ତ୍ତମାନ ଆମ ବସ୍‌ର ପରିଚାଳନାଗତ ତ୍ରୁଟି କ୍ରମାଗତ ଭାବେ ଘଟି ଚାଲିଛି। ଏସବୁ ଦୋଷ ଦୁର୍ବଳତାକୁ ଏଡ଼ାଯାଇପାରିବ ନାହିଁ। କାରଣ ଏହି କ୍ଷେତ୍ରରେ ପ୍ରଶାସନିକ ଅବହେଳା ରହିଛି। ସରକାର ଦୁର୍ଘଟଣାରେ ପୀଡ଼ିତାପୀଡ଼ିତଙ୍କ ହିତ ଦୃଷ୍ଟିରୁ ଉପଯୁକ୍ତ କ୍ଷତି ପୂରଣ ପାଇଁ ପଦକ୍ଷେପ ନେବା ଉଚିତ। ଦ୍ୱିତୀୟତଃ ଉପଯୁକ୍ତ ଏବଂ ଦକ୍ଷ ବସ୍ ଚାଳକଙ୍କୁ ଚୟନ କରିବାର ଆବଶ୍ୟକତା ରହିଛି। ଏମ୍‌ଭିଆଇମାନଙ୍କର ଦାୟିତ୍ୱ ମଧ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ତତ୍ ସହିତ ବସ୍‌ଚାଳକ ରୂପେ ଚୟନ ହୋଇଥିବା ସମସ୍ତଙ୍କୁ ଦକ୍ଷତା ହିସାବରେ ନିୟୋଜିତ କରାଯାଇ କାର୍ଯ୍ୟ କରାଯିବାର ଆବଶ୍ୟକତା ପରିଲକ୍ଷିତ ହୁଏ। ତେଣୁ ଆମ ବସ୍ ଦୁର୍ଘଟଣାର ହାରକୁ କମ୍ କରାଯିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ।

**– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକରୋଡ଼, ଭୁବନେଶ୍ୱର**

## ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହେଁ ସତେ?

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୁବନେଶ୍ୱର ଲୋକସେବା ଭବନରେ ଶନିବାର ଆୟୋଜିତ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକରେ ଆଲୋଚନାରତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀମାନେ।

# ପୃଥକ୍ ଦୁର୍ଘଟଣାରେ ୬ ମୃତ

ଛେଣ୍ଡିପଦା(ଅଜିତ ଧଳ), କୋକସରା/ବେହେରା(ଦୁଷ୍ମନ୍ତ କୁମାର ପାଢୀଯୋଷୀ/ଭୂପେଶ ତିୱାରୀ), କ. ନୂଆଗାଁ (କାଳୀ ପ୍ରାସାଦ ତ୍ରିପାଠୀ) ୭।୨

ଦ୍ରୁତଗତି ମହା ବିପତ୍ତି। ଦୁର୍ଘଟଣା ଏଡ଼ାଇବା ପାଇଁ ଅଧିକାଂଶ ଟ୍ରକ୍ ଓ ବଡ଼ ଗାଡ଼ି ପଛ ନମ୍ବର ପ୍ଲେଟ୍ ପାଖରେ ଏହି ସତର୍କବାଣୀ ଲେଖାଯାଇଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଗାଡ଼ି ଚାଳକମାନେ ନିଜେ ଏଥିପ୍ରତି ସତର୍କ ରହୁ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଏହି କ୍ରମେ ଶନିବାର ଅନୁଗୋଳ, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ୩ ସଡ଼କ ଦୁର୍ଘଟଣା ଘଟି ୬ ଜଣ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି।

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଏକ ପୂର୍ତ୍ତ ବିଭାଗ ରାସ୍ତାର ମହିତଲା ଛକ ନିକଟରେ ସକାଳ ୫ଟାରେ କୋଇଲା ବୋଝେଇ ଟ୍ରକ୍ ଧକ୍କାଦେବାରୁ ବାଇକ୍‌ରେ ଯାଉଥିବା କଣିହାଁ ଥାନା ଦଣ୍ଡସିଂହାର ବୁଲୁ ପରିଡ଼ା ଏବଂ ନତଡ଼ା ଗ୍ରାମର ବୀରେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିବାରୁ ୧୨ ଘଣ୍ଟା ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ନିଶା ଶିଳ୍ପାଞ୍ଚଳ ଥାନାରେ ନଂ. ୪୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

ସେହିପରି କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ବିଦେଶୀ ମଦ ଦୋକାନ ଛକରେ ଏକ ଟାଟା ଆଇଚର ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। କ୍ଷତିପୂରଣ ଦାବିରେ ଲୋକେ ଦୁର୍ଘଟଣାସ୍ଥଳରେ ହୋହଲ୍ଲା କରିବାରୁ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ଟ୍ରକ୍‌କୁ କୋକସରା ଥାନାକୁ ନିଆଯାଇଥିବାବେଳେ ଦୁର୍ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।

ଅନୁରୂପ ଭାବେ କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ବୁଡ଼ାବାଲିଠାରେ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ଜଣେ ପ୍ରଶାନ୍ତ ପାତ୍ର ହୋଇଥିବାବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଡାକ୍ତରଖାନାକୁ ପଠାଇଛି।

# ଜଙ୍ଗଲ ନିଆଁ ନିବାରଣ: ସାଇକେଲ ଯାତ୍ରାକୁ ବିପୁଳ ସ୍ୱାଗତ

## ୩ୟ ଦିନ ସୁଦ୍ଧା ୨୯ ଗ୍ରାମରେ ସଚେତନତା

ଅନୁଗୋଳ ୭।୨(ମାନସ ବିଶ୍ୱାଳ)

ଜଙ୍ଗଲ ନିଆଁ ନିବାରଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷାକୁ ଜନାନ୍ଦୋଳନର ଆକାର ଦେବା ଉଦ୍ଦେଶ୍ୟରେ ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଗତ ଗୁରୁବାରଠାରୁ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରିଥିବା ସଚେତନତାମୂଳକ ସାଇକେଲ ଶୋଭାଯାତ୍ରାକୁ ବିଭିନ୍ନ ଗ୍ରାମରେ ବିପୁଳ ସ୍ୱାଗତ କରାଯାଉଛି। ପ୍ରତି ଗ୍ରାମରେ ମହିଳା ଓ ଗ୍ରାମବାସୀ ନାମ ସଂକୀର୍ତ୍ତନ ସହ ପୂଜା ମାଧ୍ୟମରେ ସ୍ୱାଗତ କରୁଛନ୍ତି। ଶନିବାର ତୃତୀୟ ଦିନରେ ଏହି ସଚେତନତା ସାଇକେଲ ଯାତ୍ରା ଆଠମଲ୍ଲିକ ବନ୍ଧଗାଁରୁ ପେଡ଼ିପଥର ଅଞ୍ଚଳରେ ପହଞ୍ଚିଛି। ଇତିମଧ୍ୟରେ ୨୯ଟି ଗାଁ ପରିକ୍ରମା କରିବା ସହ ଫୁଲଝରୀ, ନତଡ଼ା, ଜିଅନ୍ତାନାଳୀ, ଅଙ୍ଗପଡ଼ା ଏବଂ ବିଲେଇନାଳୀ ଗ୍ରାମବାସୀଙ୍କ ସହ ଅଙ୍ଗପଡ଼ା କଲେଜ ଓ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି।




ମହିଳାମାନେ ନାମ ସଂକୀର୍ତ୍ତନ ମାଧ୍ୟମରେ ସଚେତନତା ସାଇକେଲ ଯାତ୍ରାକୁ ସ୍ୱାଗତ କରୁଛନ୍ତି।

ଏହି ସଚେତନତା ଯାତ୍ରାରେ ସାଥୀ ପରିବାରର ସଦସ୍ୟ ସୁଶାନ୍ତ ତ୍ରିପାଠୀ, ପିଣ୍ଟୁ ବେହେରା, ସୌମ୍ୟରଞ୍ଜନ ଥମ୍ବ, ପପୁନ ସାହୁ, ରାଜେଶ ରଞ୍ଜନ ସାହୁ, ସୁମନ୍ତ ସାହୁ, ଦିବ୍ୟରଞ୍ଜନ ସାହୁ, ଗୁରୁଦେବ ସାହୁ, ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି। ଶନିବାର ଏହି ସାଇକେଲ ଯାତ୍ରାକୁ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍) ପକ୍ଷରୁ ସହଯୋଗ କରାଯାଇଥିଲା। ଏହି ସଚେତନତା ସାଇକେଲ ଯାତ୍ରା ଆସନ୍ତା ୯ ତାରିଖରେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଉଦ୍‌ଯାପନ ହେବ।

# ମର୍ଯ୍ୟାଦା ଦୃଷ୍ଟିରୁ କଂଗ୍ରେସ ପାଇଁ କଟକ ଗୁରୁତ୍ୱପୂର୍ଣ୍ଣ: ଭକ୍ତ



## କଂଗ୍ରେସରେ ଯୋଗଦେଲେ ବିଜେଡିର ପୂର୍ବତନ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଟକର ବିଜେଡି ନେତା ବିଶ୍ୱଜିତ ମହାନ୍ତି ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦାନ କରିଛନ୍ତି। ମହାନ୍ତିଙ୍କୁ ସ୍ୱାଗତ କରି ସଭାପତି ଦାସ କହିଛନ୍ତି, 'ବିଶ୍ୱଜିତ ବାବୁଙ୍କ ପିତା ବାରିଷ୍ଟର ରଣଜିତ୍ ମହାନ୍ତି ମୋର ଜଣେ ମାର୍ଗଦର୍ଶକ ଥିଲେ ଏବଂ ମତେ ପୁତ୍ରବତ ସ୍ନେହ କରୁଥିଲେ। ବିଶ୍ୱଜିତ ବାବୁଙ୍କ କଂଗ୍ରେସରେ ଯୋଗଦାନ ଦଳକୁ ଅଧିକ କ୍ରିୟାଶୀଳ ଏବଂ ସଶକ୍ତ କରିବ। କଟକ ଏକ ଐତିହାସିକ ସହର, କଂଗ୍ରେସ ପ୍ରତି ଅନେକ ବିଚାରନ୍ତ ମହାନୁଭବଙ୍କ ଦାନ ଅତୁଳନୀୟ। ତେଣୁ ଐତିହାସିକ ଏବଂ ମର୍ଯ୍ୟାଦା ଦୃଷ୍ଟିରୁ କଟକ କଂଗ୍ରେସ ପାଇଁ ମହତ୍ତ୍ୱପୂର୍ଣ୍ଣ। କଂଗ୍ରେସ ବର୍ତ୍ତମାନ ଆଗେଇ ଚାଲିଛି, ଅଧିକରୁ ଅଧିକ ଲୋକ ଦଳରେ ସାମିଲ ହେଉଛନ୍ତି।' ମହାନ୍ତି ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ଓ ସଭାପତି ଦାସଙ୍କୁ କୃତଜ୍ଞତା ଜ୍ଞାପନ କରି କହିଥିଲେ, 'କଂଗ୍ରେସକୁ ସଶକ୍ତ କରି କ୍ଷମତାସୀନ କରିବା ଓ ଭାଜପାକୁ ତଡ଼ିବା ଆମ ଲକ୍ଷ୍ୟ'।

ଏହି ମିଶ୍ରଣ ପର୍ବକୁ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରୁଥିବାବେଳେ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, କଟକ ସିଟି ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଶାନ୍ତାୟନ ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମହାନ୍ତିଙ୍କ ସମେତ ଲେଖିକା ଦିଶା ବରାଳ, ବିଜେଡିସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ପୂର୍ବତନ କର୍ପୋରେଟର ପ୍ରବୀଣ ରାଉଳ, ଗାନ୍ଧୀବାଦୀ ବୟୋଜ୍ୟେଷ୍ଠ ବିଶ୍ୱ ଦାସ, ଯୁବ ବିଜେଡି ସମ୍ପାଦକ ଏସ୍ କେ ଅସଲାମ ତଥା ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦାନ କରିଥିଲେ।

# ପୋଲ ତିଆରି କ୍ୟାମ୍ପ ଅଫିସ୍‌ରେ ଅଗ୍ନିକାଣ୍ଡ

## କାର୍, ୪ ବାଇକ୍ ଜଳିଗଲା

ପାଟକୁରା,୭।୨(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଚିତ୍ରୋତ୍ପଳା ନଦୀ ଉପରେ ବିଚଣା-ପିକରାଳିକୁ ସଂଯୋଗ କରିବା ପାଇଁ ସେତୁ ନିର୍ମାଣ ଚାଲିଛି। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ନଦୀ ବନ୍ଧ ପାର୍ଶ୍ୱରେ ଏକ ଅସ୍ଥାୟୀ ଲେବର କ୍ୟାମ୍ପ ଅଫିସ ଖୋଲିଥିଲେ। ଶନିବାର ମଧ୍ୟାହ୍ନ ପ୍ରାୟ ୧୨.୪୫ରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ସେଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିକଟରେ ଥିବା ଗୋଟିଏ କାର ଓ ୪ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଅଫିସ୍‌ର ଅନେକ କାଗଜପତ୍ର ଓ ନଗଦ ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ପରେ ରୋଷେଇ ଗ୍ୟାସ୍ ଟାଙ୍କି ଫାଟି ଯାଇଥିଲା। ପରେ ସେଠାରେ ଥିବା ଡିଜେଲରେ ନିଆଁ ଲାଗିବାରୁ ଏହା ଅଗ୍ନିକାଣ୍ଡର ଭୟାବହତାକୁ ବଢ଼ାଇ ଦେଇଥିଲା। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଗରଦପୁର ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଓ ମାର୍ଶାଘାଇରୁ ଗୋଟିଏ ଦମକଳ ଗାଡ଼ି ଆସି ନିଆଁ ଲିଭାଇଛନ୍ତି। ପାଟକୁରା ଥାନା ଅଧିକାରୀ ମହମଦ ଜାମସେଦ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ସୂଚନାଯୋଗ୍ୟ, ପୋଲ ତିଆରି ପାଇଁ ୮ଟି ରୁମ୍‌ରେ ପ୍ରାୟ ୫୦ ଶ୍ରମିକ ରୁହନ୍ତି। ସମସ୍ତ ଶ୍ରମିକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଯୋଗୁ କାହାର କୌଣସି କ୍ଷତି ହୋଇନାହିଁ। କିନ୍ତୁ ସେମାନଙ୍କର ସମସ୍ତ ଆସବାବପତ୍ର ଜଳି ଯାଇଛି।

**BEFORE THE STATE CONSUMER DISPUTES REDRESSAL COMMISSION, ORISSA, CUTTACK**
(First Appeal No. 435 of 2024)
**IN THE MATTER OF:**
Branch Manager,
The Sundargarh District Central Co-operative Bank Ltd.,
Hemgir Branch ... Petitioner
Vrs.
Niranjan Pradhan & Others ... Opp. Parties
To
The Manager
Sivam Agrotech, Cuttack
At/P.O./Dist.: Cuttack

**DRAFT NOTICE**
**SUMMONS BY PAPER PUBLICATION IN LOCAL NEWS PAPER FOR SHOW CAUSE AS TO WHY RELIEF PRAYED IN THE F.A. SHOULD NOT BE GRANTED**
To know the addressee that, above mentioned appellant has filed the appeal against the respondents before this Hon'ble Commission, Cuttack notice was sent to Respondent No. 2, through Speed Post, it has returned un-served. Hence, this notice is being published as per direction of this Hon'ble Commission interalia informing you to appear in person before this Hon'ble Commission in person or through Advocate on dated 23.2.26 at 10.30 A.M. in the appeal, failing which appropriate order shall be passed ex-party by this Hon'ble Commission.
By the Order of SCDRC,
Odisha, Cuttack
Secretary, SCDRC
Odisha, Cuttack

# ଖୁବ୍‌ଶୀଘ୍ର ମାଓବାଦୀମୁକ୍ତ ହେବ ରାୟଗଡ଼ା: ଏଡିଜି

## ରାୟଗଡ଼ାରେ ଆତ୍ମସମର୍ପଣ ସମାରୋହ

### ପୋଲିସକୁ ୧୪ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେଲେ ମାଓବାଦୀ



ରାୟଗଡ଼ା,୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୋଲିସ ପାଖରେ ଶୁକ୍ରବାର ବାଶଧାରା-ଘୁମୁସର-ନାଗାବଳୀ(ବାଘୁନା) ଡିଭିଜନର ମାଓବାଦୀ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ ଜଣ ଆତ୍ମସମର୍ପଣ କରିଥିଲେ। ଏହାପରେ ଶନିବାର ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ ସମାରୋହ କରାଯାଇଛି। ରାୟଗଡ଼ା ମାଓବାଦୀ ମୁକ୍ତ ଜିଲା ହେବ ବୋଲି ଏଡିଜି ସଞ୍ଜୀବ ପଣ୍ଡା ସେଠାରେ ଯୋଗଦେଇ କହିଛନ୍ତି। ଏଡିଜି (ଆଣ୍ଟି ନକ୍ସଲ ଅପରେସନ) ସଞ୍ଜୀବ ପଣ୍ଡା, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଆଇଜି ଅପରେସନ ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣ - ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ, ରାୟଗଡ଼ା ଏସପି ସ୍ୱାଥି ଏସ୍.କୁମାର, କନ୍ଧମାଳ ଏସ୍‌ପି ହରିଶ ବିଶି, କଳାହାଣ୍ଡି ଏସ୍‌ପି ନାଗରାଜୁ ଡି ଓ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀମାନେ ପୋଲିସ ନିକଟରେ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗ କରିଥିଲେ। ୨ଟି ଏକେ ୪୭, ଏସ୍‌ଏଲ୍‌ଆର ୫ଟି, ଗୋଟିଏ ଲେଖାଏ ଷ୍ଟାଣ୍ଡଗନ୍, ଇନସାସ, ୩୦୩ ରାଇଫଲ ଏବଂ ସିଙ୍ଗଲ ସଟ ଗନ୍ ୪ଟି ପୋଲିସକୁ ହସ୍ତାନ୍ତର କରିଥିଲେ। ଦିନକୁ ଦିନ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଜୋରଦାର ହେବା ପରେ ଏକ ବଡ ମାଓବାଦୀ ଗୋଷ୍ଠୀ ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି ବୋଲି ଏଡିଜି ପଣ୍ଡା ପ୍ରକାଶ କରିଛନ୍ତି।

ରାୟଗଡ଼ା ଜିଲାରେ ବାଘୁନା ଡିଭିଜନର ୧୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତନ୍ମଧ୍ୟରେ ୨ ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ୍ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଇନ୍ଦୁ ଓରଫ୍ ଅଙ୍କିତା ଓରଫ୍ ରଶ୍ମୀତା ଲେଙ୍କା (କଟକ) ଅଛନ୍ତି। ନିଖିଲ ୨ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି,କନ୍ଧମାଳ ଓ ଗଞ୍ଜାମ ଜିଲାରେ ସକ୍ରିୟ ଥିଲେ। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ଥିଲା। ଅନ୍ୟ ମାଓବାଦୀମାନେ ହେଲେ ଡିସିଏମ୍ ବିକାଶ, ଏସିଏମ୍ ସୁନ୍ଦର, ଏସିଏମ୍ ପ୍ରଦୀପ, ଏସିଏମ୍ ରୋଷନୀ, ଏସିଏମ୍ ଅରୁଣା, ଏସିଏମ୍ ନାନ୍ଦେ, ପିଏମ୍ ନିକିତା, ପିଏମ୍ ନିକିତା, ପିଏମ୍ କୁମାରୀ, ପିଏମ୍ ଦୀପକ, ପିଏମ୍ ରାକେଶ, ପିଏମ୍ ଲଳିତ, ପିଏମ୍ ରାଜେ ଓ ପିଏମ୍ ମାଳତୀ।

ଓଡ଼ିଶା ସରକାର
GOVERNMENT OF ODISHA
ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**
Phone No. 0661-2664637, Fax No. 0661-2664639, email : dfo.rourkela@odisha.gov.in
Order No. 40 / Dtd. 05.02.2026
Local Tender Call Notice For "Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"
**No.8001/20/2526** : Sealed tenders are invited under Single Bid system from the intending suppliers/manufacturers for **"Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"** under Rourkela Forest Division on terms and conditions mentioned in the standard bidding documents so as to reach in the O/o the DFO, Rourkela on or before 13.02..2026 up to 05:00 P.M through Registered/ Speed Post/ Courier Service and can also be dropped in Tender Box placed in Office of the Divisional Forest Officer, Rourkela Forest Division. The tenders will be opened on dtd. 13.02.2026 at 11:00 AM in the O/o the Divisional Forest Officer, Rourkela. The standard bidding documents and terms and conditions can be downloaded from www.dforourkela.in/ www.odishaforest.in and also can be obtained from Office of the Divisional Forest Officer, Rourkela Division, Panposh from 07.02.2026 to 12.02.2026 during office hours.
Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.
Sd./- (Tender Calling Authority)
OIPR-8001/8044/1/25-26/0020 Divisional Forest Officer, Rourkela Forest Division

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK**
Letter No. 629 / Dt. 06.02.2026
GOVERNMENT OF ODISHA e-Procurement Notice
Bid Identification No. online SECMID - 33/2025-26
No.32001/27/2526 eemidcuttack@yahoo.co.in

| | | |
|---|---|---|
| 1 | Name of work | : **Construction of Check Dams & MIP under MATY and MIPSP scheme in MI Sub-Division Athagarh Banki & Narasinghpur** |
| 2 | Total Number of work | : **04 (Four) nos.** |
| 3 | Estimated cost | : **Varies from Rs.51.62 to 78.57 lakhs** |
| 4 | Tender paper Cost (Online) | : **Rs.10,000/-** |
| 5 | Bid Security (Online) | : As per DTCN |
| 6 | Period of Completion | : As per DTCN |
| 7 | Availability of Bid Document | : From **11.02.2026, 10.00 A.M. to 20.02.2026, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | : **20.02.2026 at 5.00 P.M.** through online Bid |
| 9 | Date of opening of Technical Bid documents | : **21.02.2026 at 11.00 A.M.** in the office of the SE, M.I. Division, Cuttack |
| 10 | Date of Opening of Financial Bid Documents | : **25.02.2026 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | : **06.03.2026 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web-Site www.tendersorissa.gov.in
**Notes : Corrigendum / Addendum / Modification / Additions if any, can be seen through On-line only.**
Sd./- Superintending Engineer
OIPR-32001/32121/1/25-26/0027 M.I. Division, Cuttack

**GOVERNMENT OF ODISHA, DEPARTMENT OF WATER RESOURCES**
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com
No.32001/29/2526 **e-Procurement Notice**
**Bid Identification No. - CEM/MDL-07/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDL - 07/2025-26 |
| 5. | Estimated Cost | : Rs.1,24,97,624.00 |
| 6. | Period of Completion | : 06 (Six) calendar months |
| 7. | Date & time of availability of bid documents in the Portal | : From dt.11.02.2026 (10.00 A.M.) to dt.23.02.2026 (5.30 P.M.) |
| 8. | Last date / time for receipt of bid in the portal | : Dt.23.02.2026 (up to 5.30 P.M.) |
| 9. | Date and Place of opening of Technical Bid | : Dt.24.02.2026 (12.00 Noon onwards in the O/o the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar
OIPR-32001/32520/1/25-26/0029

**PUBLIC NOTICE**



This is to inform general public at large including media, investors and all concerned persons, that immovable properties exclusively belonging to Sahara India Group and owned by various Group Companies are scattered all over India. It has come to the knowledge of the Company that persons illegally claiming themselves to be rightful owners or title holders or duly authorised persons, are trying to dispose of those properties by illegal means for illegal purposes.
Through this public notice, public at large is being warned and cautioned that no property belonging to Sahara India Group can be sold, transferred or alienated or registered without permission, directions and approval of the Hon'ble Supreme Court of India. Any person or institution trying to sell or purchase any of the properties belonging to Sahara India Group is liable for prosecution and imprisonment and such transfer shall be void ab initio, illegal and deemed to be non-est in the eyes of law. If any person is trying to enter into any such transaction, shall be liable for all consequences thereto.
It has also come to the knowledge of the company that one Mr. Kuruba B. Nagaraj and his associate Mr. Y. S. Srinivasan have allegedly sold and caused registration of Sahara properties by impersonation including misrepresentation and through fabricated documents. In furtherance of aforesaid criminal intent, sale deed having numbers 10612600003/2026 and 10612600004/2026 for land admeasuring 31 Acres 597 Decimals situated at Mouza: Pathara, Tehsil: Kanisi, District: Ganjam, State: Odisha have been registered before the Sub-Registrar, Berhampur-1, Odisha.
All members of the public, investors and real-estate dealers are again strictly cautioned not to purchase, invest in, or enter into any type of transaction for any property belonging to Sahara India Group, unless it is backed by specific orders of the Hon'ble Supreme Court of India or concerned authority.
Any such transaction shall be entirely at the risk and peril of the concerned parties.
**Issued in public interest.**
Date: 06.02.2026
Place: Lucknow
**Issued by: Sahara India Commercial Corporation Limited**
**Sd./- Sri Naveen Kumar Maurya**
**Authorised Representative**
**Mobile : 9369721496/9776785555**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified
**NOTICE INVITING TENDER NO. UIHEP-49/2025-26 DATED. 05.02.2026**
**No.32001/33/2526** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years | 11,800/- (Inclusive of GST) | 51,000/- | From 10.02.2026 to 25.02.2026 up to 12.00 Hrs. | 25.02.2026 (up to 13:00 Hrs) | 25.02.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32001/32136/1/25-26/0033 Sd./- C&P Head, UIHEP, Mukhiguda

**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना



नाम–असयानी समद, उम्र–19 वर्ष, उँचाई–5 फीट, रंग–गोरा, पहनावा–लाल रंग का सलवार एवं लाल रंग का पायजाम पहनी हुई है।
उपरोक्त लापता महिला असयानी समद, उम्र–19 वर्ष, पिता–बुधु मुण्डा, स्थायी पता–कुरूंगा, बीरबाकी, थाना–अड़की, जिला–खूँटी, वर्तमान पता–गन्यौर टोली, अपर हटिया, थाना–जगरनाथपुर, जिला–राँची जो दिनांक–19.01.2026 को घर से काम करने को कहकर निकली जो आजतक अपने घर वापस नहीं आई है। जिसके संबंध में जगरनाथपुर थाना सनहा संख्या–19/2026, दिनांक–20.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। –9431706143
थाना प्रभारी जगरनाथपुर, राँची। –9431706169
वरीय पुलिस अधीक्षक, राँची
PR 372562 (Police)25-26*D

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
E-mail : eerwss_mal@nic.in, eerwssmlkg@gmail.com
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. : RWSS_MKG_ONLINE_06/2025-26** **DATED : 04.02.2026**
**No.25001/24/2526** : The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible Authorised Manufacturers / Dealers / Distributers / Firms for the work detailed in the table below to be eventually drawn up in **P-1 contract.**
1. Name of the Work : Supply & Installation of Equipments, Glassware, Furniture with desktop etc. at Sub-Divisional Water Testing Laboratory, Mathili under RWS&S Division, Malkangiri in Malkangiri District (As detailed in TCN), 2. No. of Works : **01 No.**, 3. Estimated Cost : **₹ 11.61 Lakhs**, 4. Tender Paper Cost : Rs. 6000/- each, 5. Class of Contractor : Authorised Manufacturer / Dealer / Distributer / Firm, 6. Period of Completion : 01 (One) calendar month, 7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ ONLINE_06 of 2025-26** | **11.02.2026 at 09.00 Hours** | **19.02.2026 up to 17.00 Hours** | **18.02.2026** | **20.02.2026 At 11.00 Hours** |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the website.
❖ Authority reserves the right to reject any or all tenders without assigning any reason thereof.
Superintending Engineer
RWS&S Division, Malkangiri
OIPR-25001/25044/1/25-26/0024

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
No.25001/38/2526
Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
No:-Tender-Online-BBSR Divn.-38 **e-Procurement Notice** Date : 05.02.2026
1. Name of the work : Repair / Maintenance Road / Building
2. Total No. of Projects : 02 Nos. of Projects
3. **Class of contractor**
a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh to 25.42 Lakh
5. Time for completion : **As per annexure of TCN Col. No.6**
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-38 | 11.02.2026 at 11.00 A.M. | 20.02.2026 up to 5.00 P.M. | 21.02.2026 at 11.00 A.M. |

Further details can be seen from the website www.tendersorissa.gov.in
Sd./- Superintending Engineer
Rural Works Divn., BBSR
OIPR-25001/25066/1/25-26/0038

See Career Appointment on every Wednesday & Saturday

# ତୁଳସୀ ମାଲିକ, କଳାକାରଙ୍କ ନାଁରେ ଏତଲା ଦେଲା ଯାତ୍ରା କମିଟି

## ଖଣ୍ଡଗିରିରେ ଯାତ୍ରାପାର୍ଟି ମାଲିକ-କଳାକାର ବିବାଦ ଥମୁନି

■ଖଣ୍ଡଗିରି ଥାନାରେ ପୁଣି ହାଜର ହେଲେ ଅନନ୍ତ ଧଳ

■ପାର୍ଟିର କ୍ଷତି ହେଲେ ସାଇ ସତ୍ୟଜିତ୍ ଦାୟୀ ରହିବେ

ଭୁବନେଶ୍ୱର, ୭।୨ (ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଯାତ୍ରା ଶେଷ ହୋଇଛି। ହେଲେ ଯାତ୍ରା ମାଲିକ ଏବଂ କଳାକାରଙ୍କ ମଧ୍ୟରେ ଉପୁଜିଥିବା ବିବାଦ ତେଜିବାରେ ଲାଗିଛି। ଶୁକ୍ରବାର ଯୁବ ଖଳନାୟକ ସାଇ ସତ୍ୟଜିତ ପଣ୍ଡାଙ୍କ ମା' ବାଲିପାଟଣା ଥାନାରେ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାମରେ ନିର୍ଯାତନା ଅଭିଯୋଗ କରିଥିଲେ। ତୁଳସୀ ଯାତ୍ରା ପାର୍ଟିରେ ତାଙ୍କ ପୁଅଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ମାନସିକ ନିର୍ଯାତନା ଦିଆଯିବା ସହ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଥିବାରୁ ପୁଅ ସାଇ ଆଉ ଉକ୍ତ ଯାତ୍ରା ମଞ୍ଚକୁ ଯିବେ ନାହିଁ ବୋଲି ରୋକଠୋକ ଶୁଣାଦେଇଥିଲେ। ବାଲିପାଟଣା ପୋଲିସ ମାମଲାକୁ ଖଣ୍ଡଗିରି ଥାନାକୁ ସ୍ଥାନାନ୍ତର ପରେ ନାଣ୍ଟୁ ଥାନାରେ ହାଜର ହୋଇଥିଲେ। ଶନିବାର ନାଣ୍ଟୁଙ୍କ ନାମରେ ଖଣ୍ଡଗିରି ଥାନାରେ ଆଉଏକ ଅଭିଯୋଗ ହୋଇଛି। ଏଥିସହ ଖଳନାୟକ ସାଇ ସତ୍ୟଜିତ୍ ଓ ନାୟିକା ପାୟଲ ପଟେଲଙ୍କ ନାମରେ ମଧ୍ୟ ଅଭିଯୋଗ କରିଛି ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ। ପରିଷଦର କର୍ମକର୍ତ୍ତାଙ୍କ କହିବା କଥା, ଦର୍ଶକମାନେ କଳାକାରଙ୍କ ନାଟକ ଦେଖିବାକୁ ଟିକେଟ କରିଛନ୍ତି। ଏତିକି ବେଳେ ଯାତ୍ରା ଅଧାରୁ ଚାଲି ଯାଇଛନ୍ତି ସାଇ ଓ ପାୟଲ। ଇଏ ଯାତ୍ରା ଇତିହାସର ପ୍ରଥମ ଘଟଣା। ଏଥିସହ ସେମାନେ ପାର୍ଟି ମାଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିବାଦ ତାଙ୍କ ପଛରେ ଗୋଡାଉଛି ନା ସେ ଜାଣିଶୁଣି ବିବାଦରେ ରହିବାକୁ ଚାହୁଁଛନ୍ତି ବୋଲି ଆଲୋଚନା ହେଉଛି। ଯାତ୍ରା କମିଟି ଅଭିଯୋଗ ପରେ ପୋଲିସଠାରୁ ଡାକରା ପାଇ ପୁଣି ଖଣ୍ଡଗିରି ଥାନାରେ ଦ୍ୱିତୀୟଥର ହାଜର ହୋଇଥିଲେ ନାଣ୍ଟୁ। ତେବେ ପୂର୍ବରୁ ମଧ୍ୟ ନାଣ୍ଟୁଙ୍କ ନାମରେ ବହୁ କଳାକାର ନିର୍ଯାତନା ଓ ଅନ୍ୟାନ୍ୟ ଅଭିଯୋଗ ଆଣିଛନ୍ତି। ଏବେ ଥାନାରେ ଆଉ ଦୁଇଟି ଅଭିଯୋଗ ତାଙ୍କ ଅଡୁଆ ବଢ଼ାଇଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ଖଣ୍ଡଗିରିରେ ତୁଳସୀ ଗଣନାଟ୍ୟ ନାଟକ ମଞ୍ଚସ୍ଥ କରୁଥିବାବେଳେ ଖଳନାୟକ ସାଇ ସତ୍ୟଜିତ୍ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ସାଇଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପାର୍ଟି ମାଲିକଙ୍କ ନିର୍ଯାତନା ପଦାକୁ ଆସିଥିଲା। ଏହାପରେ ମୁହଁ ଖୋଲିଥିଲେ ତୁଳସୀ ଗଣନାଟ୍ୟ ମାଲିକ ନାଣ୍ଟୁ। ସେ କହିଥିଲେ, ଟଙ୍କା ନେଇଛନ୍ତି ମାନେ ମୋ ପାର୍ଟିରେ ଯାତ୍ରା କରିବାକୁ ଅଭିନେତା ସାଇ ବାଧ୍ୟ। ତାହା ନ ହେଲେ, ମୁଁ ତାଙ୍କ ବିରୋଧରେ କେସ୍ କରିବି। ବାକି ଟଙ୍କା ସହ କ୍ଷତିପୂରଣ ଦେବାକୁ ସେ ବାଧ୍ୟ ହେବେ। ମୋ ସହ ୫ବର୍ଷ ପାଇଁ ଏଗ୍ରିମେଣ୍ଟ କରି ବେଇମାନି କରିବାକୁ ଚେଷ୍ଟା କରୁଛି ସାଇ। ଅଧିକ ଟଙ୍କା ଲୋଭରେ ମୋ ନାଁରେ ମିଛ ଅଭିଯୋଗ କରି ଅନ୍ୟ ପାର୍ଟିକୁ ଯିବାକୁ ଚାହୁଁଛି। ଦେହ ଖରାପର ମିଛ ଡ୍ରାମା କରୁଛି। ମୋ ପାର୍ଟିର ଯାହା କ୍ଷତି ହେବ ସେଥିପାଇଁ ସାଇ ଦାୟୀ ରହିବେ ବୋଲି ନାଣ୍ଟୁ କହିଛନ୍ତି।

# ଡାଟା ଅଫିସରଙ୍କ ଦକ୍ଷତା ବିକାଶ କର୍ମଶାଳା



କର୍ମଶାଳାରେ ଡିପିଆଇସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉର୍ମିଳା ଚାଟାର୍ଜୀଙ୍କ ସହ ଡାଟା ଅଧିକାରୀମାନେ।

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଡାଟା, ପଲିସି ଆଣ୍ଡ୍ ଇନୋଭେଶନ୍ ସେଣ୍ଟର (ଡିପିଆଇସି) ପକ୍ଷରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଟ୍ରେନିଂ ସେଣ୍ଟରରେ ଦୁଇ ଦିନିଆ ଡାଟା ଅଫିସର ଦକ୍ଷତା ବିକାଶ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ସରକାରୀ ବିଭାଗର ପ୍ରାୟ ୪୦ଜଣ ଡାଟା ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ପ୍ରଶାସନିକ ତଥ୍ୟକୁ କ୍ୟୁରେଟ୍ ଏବଂ ପରିଚାଳନା କରିବା ପାଇଁ ବ୍ୟବହାରିକ ଦକ୍ଷତା ଉପରେ ଧ୍ୟାନ ଦିଆଯାଇଥିଲା। ଏଥିରେ ବିଶ୍ଳେଷଣ ଏବଂ ପ୍ରୟୋଗାତ୍ମକ ଏଆଇ ପାଇଁ ଗଠନମୂଳକ ଡାଟାସେଟ୍, ଡାଟା ଇନଭେଣ୍ଟୋରୀ, ମେଟାଡାଟା ଓ ଡାଟା ଅଭିଧାନର ବିକାଶ ଅନ୍ତର୍ଭୁକ୍ତ ଥିଲା। ଅଧିକାରୀମାନେ ସେମାନଙ୍କ ନିଜସ୍ୱ ବିଭାଗୀୟ ଡାଟାସେଟ୍ ସହିତ ସିଧାସଳଖ କାର୍ଯ୍ୟ କରିବା ସହ ତୁରନ୍ତ ପ୍ରାସଙ୍ଗିକତା ଓ ପ୍ରୟୋଗକୁ ସୁନିଶ୍ଚିତ କରିଥିଲେ। ଏନେଇ ଡିପିଆଇସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉର୍ମିଳା ଚାଟାର୍ଜୀ କହିଛନ୍ତି, ସରକାରୀ ତଥ୍ୟର ସମ୍ପୂର୍ଣ୍ଣ ସମ୍ଭାବନାକୁ ଖୋଲିବା ପାଇଁ ସୁ-ସଂରଚନା ତଥ୍ୟ ହେଉଛି ମୂଳଦୁଆ। ସରକାରୀ ନିଷ୍ପତ୍ତି ନେବାରେ ନିୟମିତ ତଥ୍ୟର ବ୍ୟବହାରକୁ ସକ୍ଷମ କରିବା ପାଇଁ ଏହି କର୍ମଶାଳା ଅଧିକାରୀଙ୍କ ସାମର୍ଥ୍ୟକୁ ମଜଭୁତ କରିବ ବୋଲି ସେ ମତ ରଖିଛନ୍ତି।

# ଆକର୍ଷଣ ସାଜିବ 'ଯାଯାବର' ଚଳଚ୍ଚିତ୍ରର ରଙ୍ଗିନ ସଂସ୍କରଣ

## ଆଜି କଳାଭୂମିରେ ଏକାମ୍ର ୱାକ୍‌ସ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ବିଡିଏ ପକ୍ଷରୁ ହେଉଥିବା 'ଏକାମ୍ର ୱାକ୍‌ସ'ର ଓଡ଼ିଆ ଫିଲ୍ମ ପାନୋରାମାରେ ରବିବାର କଳାଭୂମିଠାରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୯୭୫ରେ ମୁକ୍ତିଲାଭ କରିଥିବା କ୍ଲାସିକ ଓଡ଼ିଆ ଫିଲ୍ମ 'ଯାଯାବର'ର ୫୧ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଉପସ୍ଥାପନ କରାଯିବ। ଦର୍ଶକମାନେ ଏହି ଲୋକପ୍ରିୟ କଳା-ଧଳା ଫିଲ୍ମର ରଙ୍ଗିନ ସଂସ୍କରଣ ଦେଖିବାକୁ ପାଇବେ ବୋଲି ସୂଚନା ଦିଆଯାଇଛି। 'ଯାଯାବର' ଓଡ଼ିଆ ସିନେମାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ, ଏହାକୁ ଓଡ଼ିଆ ସଂସ୍କୃତିର ଏକ ବଡ଼ ଚିହ୍ନ ଭାବରେ ବିବେଚନା କରାଯାଏ। ରଙ୍ଗିନ ସଂସ୍କରଣଟି ବାପୁ ଲେଙ୍କାଙ୍କ ନେତୃତ୍ୱାଧୀନ ଏକ ବିସ୍ତୃତ ସଂରକ୍ଷଣ ଓ ପୁନରୁଦ୍ଧାରର ଫଳ। ୨୧ ଜଣିଆ ଟେକ୍ନୋକ୍ରାଟ୍ ଦଳ ୭୩୬ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ମୂଳ ଫିଲ୍ମର ୨,୧୯,୦୦୦ ଫ୍ରେମ୍‌କୁ ପୁନର୍ନିର୍ମାଣ ଓ ରଙ୍ଗିନ କରିଛନ୍ତି। ସନ୍ଧ୍ୟାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏହାର ପ୍ରମୁଖ କଳାକାର ଅଭିନେତ୍ରୀ ବନଜା ମହାନ୍ତି ଓ ତ୍ରିପୁରା ମିଶ୍ର, ଗାୟିକା ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ, ବାପୁ ଲେଙ୍କା, ପ୍ରଯୋଜକ ବିଜୟ ପଟ୍ଟନାୟକ ଏବଂ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ କ୍ରୁ ସଦସ୍ୟ ଉପସ୍ଥିତ ରହିବେ। ଏହା ଦର୍ଶକଙ୍କୁ ନିଆରା ଅନୁଭୂତି ଓ ପରସ୍ପର ଆଲୋଚନା କରିବାର ସୁଯୋଗ ଦେବ। ଅପରାହ୍ନ ୫ଟା ୩୦ରେ କଳାଭୂମିର ମୁକ୍ତାକାଶ ଅଡିଟୋରିୟମ୍‌ରେ ଏହା ପ୍ରଦର୍ଶିତ ହେବ। ଏହା ପୂର୍ବରୁ ଅପରାହ୍ନ ୨ଟାରେ ଓଡ଼ିଆ ସାହିତ୍ୟ ଟ୍ରେଲ୍ ଅନ୍ତର୍ଗତ ସଖୀ କଣ୍ଢେଇ ନାଚ ଓ କୁଲଫି ଉପରେ ଗପ ସେଶନ ଦିନଟିକୁ ଆହୁରି ସାଂସ୍କୃତିକ ଉତ୍ସବମୁଖର କରିବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ପକ୍ଷରୁ ଚାଲିଥିବା ଜୋନ୍‌ସ୍ତରୀୟ ଖଦି ପ୍ରଦର୍ଶନୀର ଶନିବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଓଡ଼ିଆ ସଂସ୍କୃତି ଉପରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଭାଙ୍ଗିଲା ରେଳ ସୁରକ୍ଷାବାଡ଼

ବାରଙ୍ଗ, ୭।୨ (ଲିଙ୍ଗରାଜ ରାଉତ)



ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ନିକଟ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାରେ ଥିବା ରେଳ ଓଭରବ୍ରିଜ୍‌ର ସୁରକ୍ଷା ବାଡ଼ଟି ଭାଙ୍ଗିଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇପଡ଼ିଥିଲା। କୌଣସି ଅଜଣା ଗାଡ଼ି ଧକ୍କାରେ ଏହି ବାଡ଼ଟି ଭାଙ୍ଗିଯାଇଥିବା ଶନିବାର ଭୋର୍ ସମୟରେ ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଉଭୟ ଘଟଣାସ୍ଥଳରେ ପହଞ୍ଚି ରାସ୍ତାମଝିରେ ଭାଙ୍ଗିପଡିଥିବା ସୁରକ୍ଷା ବାଡ଼ାକୁ ହଟାଇବା ପରେ ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଷଣ୍ଢପୁର ଗ୍ରାମ ଢାବା ନିକଟ ରେଳ ଓଭରବ୍ରିଜ୍ ସୁରକ୍ଷା ପାଇଁ ରେଳ ବିଭାଗ ତରଫରୁ ମୁଖ୍ୟରାସ୍ତାରେ ସୁରକ୍ଷା ବାଡ଼ା ଲଗାଯାଇଛି। ଏହାଦ୍ୱାରା ମୁଖ୍ୟରାସ୍ତାରେ ଯାଉଥିବା ଦ୍ରୁତଗାମୀ ଗାଡ଼ିର ବେଗ ନିୟନ୍ତ୍ରଣ ହେବା ସହ ବହୁ ଉଚ୍ଚରେ ମାଲ୍ ପରିବହନ କରିଥିବା ଗାଡ଼ି ଯାତାୟାତ କରିବାର ବାଧକ ସାଜିବ। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇଥିବାରୁ ସୁରକ୍ଷା ବାଡ଼ାଟି ଭାଙ୍ଗିଯାଇଛି। ଏହି ବାଡ଼ାଟି ମୁଖ୍ୟରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସୁରକ୍ଷା ବାଡ଼ାଟି ବାରମ୍ବାର ଭାଙ୍ଗି ପଡୁଥିବାରୁ ଏହାର ସ୍ଥାୟୀ ମରାମତି ନ କରି ଠିକାଦାର ପକେଟ ଗରମ ପାଇଁ କାମ କରୁଥିବାରୁ ଏପରି ସମସ୍ୟା ଉପୁଜୁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ଧାର ଟଙ୍କାକୁ କେନ୍ଦ୍ର କରି ବାପ, ପୁଅଙ୍କୁ ପଥରରେ ଛେଚି ଆକ୍ରମଣ

ଭୁବନେଶ୍ୱର, ୭।୨ (ତ୍ରିନାଥ ମହାନ୍ତି)

ଧାର ଟଙ୍କାକୁ କେନ୍ଦ୍ର କରି ବାପ,ପୁଅଙ୍କୁ ପଥରରେ ଛେଚି ମୁଣ୍ଡ ଫଟାଇବା ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ବିକାଶ ସ୍ୱାଇଁ। ମଞ୍ଚେଶ୍ୱର ଗ୍ରାମର ବିଦ୍ୟାଧର ଜେନାଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ଅଭିଯୁକ୍ତ ବିକାଶ ଆହତ ଦୀପକ ଜେନାଙ୍କୁ ସାଢେ ୩ ହଜାର ଟଙ୍କା ହାତ ଉଧାରି ଦେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ସେ ଦୀପକଙ୍କ କାର୍ଯ୍ୟାଳୟକୁ ଆସି ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ସନ୍ଧ୍ୟାରେ ଘରକୁ ଫେରିଲା ପରେ ଟଙ୍କା ଦେବେ ବୋଲି ଦୀପକ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଦୀପକ ଘରକୁ ଫେରିବା ପରେ ବିକାଶ ତାଙ୍କ ଘରକୁ ଆସି ଗାଳିଗୁଲଜ କରି ଟଙ୍କା ମାଗିଥିଲେ। ଦୀପକ ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ ବିକାଶ କ୍ରୋଧିତ ହୋଇ ତାଙ୍କୁ ଏକ ପଥରରେ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଦୀପକଙ୍କୁ ଆକ୍ରମଣ କରାଯାଇଥିବା ସମ୍ପର୍କରେ ତାଙ୍କ ବାପା ଭାସ୍କର ଜାଣିବା ପରେ ବିକାଶଙ୍କ ଘରକୁ ଯାଇ କାରଣ ପଚାରିଥିଲେ । ସେହି ସମୟରେ ବିକାଶ ଅତ୍ୟଧିକ ଉତ୍ତେଜିତ ହୋଇ ଭାସ୍କରଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ପଥର ଫୋପାଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିବାରୁ ରକ୍ତସ୍ରାବ ହୋଇଥିଲା ଏବଂ ତାଙ୍କ ଡାହାଣ ହାତ ଓ ବାମ ଗୋଡରେ ମଧ୍ୟ ଆଘାତ ଲାଗିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମଞ୍ଚେଶ୍ୱରରେ ଚଢାଉ କରି ବିକାଶଙ୍କୁ କାବୁ କରିଥିଲେ।

# ବିଶ୍ୱଭୂଷଣ ହରିଚନ୍ଦନଙ୍କ 'ଏ ମାଟି କଥା କହେ', 'ବକ୍ସି ଜଗବନ୍ଧୁ' ଉନ୍ମୋଚିତ

ଭୁବନେଶ୍ୱର, ୭।୨ (ସୌମ୍ୟରଞ୍ଜନ ରାଉତ)

ନେତୃତ୍ୱ କେବଳ କ୍ଷମତାର ପଦ ପଦବୀରେ ସୀମିତ ନୁହେଁ, ବରଂ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ସମାଜର ସେବା ମାଧ୍ୟମରେ ପ୍ରତିଫଳିତ ହୁଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ଶନିବାର ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଲିଖିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଓ ଇଂଲିଶ୍ ପୁସ୍ତକ 'ବକ୍ସି ଜଗବନ୍ଧୁ-ଦି ଗ୍ରେଟ୍ କମାଣ୍ଡର'କୁ ଉନ୍ମୋଚନ କରି ରାଜ୍ୟପାଳ ସାମ୍ବିଧାନିକ ମୂଲ୍ୟବୋଧ, ଜନକଲ୍ୟାଣ ଏବଂ ବୌଦ୍ଧିକ ସାଧନା ପ୍ରତି ଲେଖକଙ୍କ ଜୀବନବ୍ୟାପୀ ପ୍ରତିବଦ୍ଧତା ସମ୍ପର୍କରେ କହିଥିଲେ। ହରିଚନ୍ଦନଙ୍କ ଆଇନଗତ ବୃତ୍ତିରୁ ସାର୍ବଜନୀନ ଜୀବନ ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ରାଜ୍ୟପାଳ ଅବତାରଣା କରି ବ୍ୟକ୍ତିଗତ ସ୍ୱାର୍ଥ ଊର୍ଦ୍ଧ୍ୱରେ ନ୍ୟାୟିକ ସ୍ୱାଧୀନତା ଏବଂ ନାଗରିକ ସ୍ୱାଧୀନତା ଉପରେ ହରିଚନ୍ଦନଙ୍କ ଦୃଢ଼ ଦୃଷ୍ଟିକୋଣ ଉଲ୍ଲେଖ କରିଥିଲେ। ପୁସ୍ତକରେ ଗଣତନ୍ତ୍ର, ଓଡ଼ିଆ ପରିଚୟ, ଜାତୀୟ ନେତୃତ୍ୱ ଏବଂ ଆଧ୍ୟାତ୍ମିକ ପରମ୍ପରା, ପ୍ରଭୁ ଜଗନ୍ନାଥଙ୍କ ନବକଳେବରର ପ୍ରତିଫଳନ ରହିଛି। ସେହିପରି ତାଙ୍କ ଇଂଲିଶ୍ ପୁସ୍ତକଟି ଓଡ଼ିଶାର ପାଇକ ବୀରମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ରାଜ୍ୟପାଳ କହିଛନ୍ତି। ଅନ୍ୟତମ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ଓଡ଼ିଶା ରାଜନୀତିର ଜଣେ ଅନନ୍ୟ ପ୍ରତିଭା ତଥା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ପୂର୍ବତନ ରାଜ୍ୟପାଳ ହରିଚନ୍ଦନଙ୍କ ଦ୍ୱାରା ରଚିତ ୨ ପୁସ୍ତକ ଆମ ପାଇଁ ପ୍ରେରଣାଦାୟୀ। କାର୍ଯ୍ୟକ୍ରମରେ ଲେଖକ ତଥା ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, 'ବକ୍ସି ଜଗବନ୍ଧୁ-ଦି ଗ୍ରେଟ କମାଣ୍ଡର'ର ଅନୁବାଦକ ପ୍ରଫେସର ଭଗବାନ୍ ଜୟସିଂହ ଉପସ୍ଥିତ ଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୨ଟି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଦୂର ପାଇଁ 'ରୋଷ୍ଟରଭିତ୍ତିକ ବ୍ୟବସ୍ଥା' କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଏଡାଇବା ପାଇଁ ଆଉଏକ ପଦକ୍ଷେପ ନିଆଯିବ। ଗୋଷ୍ଠୀ ସ୍ୱେଚ୍ଛାସେବୀ, ବିଶେଷକରି ଗଜ ସାଥୀ ଏବଂ ବିଦ୍ୟୁତ୍ ପ୍ରହରୀମାନଙ୍କ ପାଇଁ ଏକ ସୁସଂଗଠିତ 'ରୋଷ୍ଟରଭିତ୍ତିକ ବ୍ୟବସ୍ଥା' କାର୍ଯ୍ୟକାରୀ କରିବାକୁ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରସ୍ତାବ ରଖିଛନ୍ତି। ଶୁକ୍ରବାର ଲୋକସେବା ଭବନସ୍ଥିତ ରାଜ୍ୟ କନଭେନ୍‌ଶନ ସେଣ୍ଟରଠାରେ 'ମଣିଷ-ବନ୍ୟଜନ୍ତୁ ସଂଘର୍ଷ ନିରାକରଣ' ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସିଂଖୁଣ୍ଟିଆ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏଥିରେ ଅଧ୍ୟକ୍ଷତା କରି କହିଲେ, ସଂଘର୍ଷର ସମାଧାନ ପାଇଁ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ୨୪ଘଣ୍ଟିଆ ନଜର ରଖିବା ଆବଶ୍ୟକ। ଏହି ରଣନୀତିକୁ ଅଧିକ ବାସ୍ତବବାଦୀ କରିବା ପାଇଁ ସେ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ଜିଲାରୁ ଯୋଗ ଦେଇଥିବା ବିଧାୟକଙ୍କ ସମସ୍ୟା ଓ ଏନ୍‌ଜିଓ ପ୍ରତିନିଧିଙ୍କ ବିଶେଷ ମତାମତକୁ ମଧ୍ୟ ବିଚାରକୁ ନେଇଥିଲେ। ସମ୍ମିଳନୀରେ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଅତିରିକ୍ତ ପିସିସିଏଫ (ବନ୍ୟପ୍ରାଣୀ) ଡ. ମନୋଜ ଭି. ନାୟାର ଓଡ଼ିଶାରେ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଉପରେ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ବର୍ତ୍ତମାନ ଏକ 'ବ୍ୟାପକ କାର୍ଯ୍ୟ ଯୋଜନା' କାର୍ଯ୍ୟକାରୀ ହୋଇଛି। ନିୟମିତ ସମୀକ୍ଷା ଯୋଗୁ ମଣିଷ-ହାତୀ ସଂଘର୍ଷ ପରିସ୍ଥିତିରେ ଉଲ୍ଲେଖନୀୟ ସୁଧାର ଆସିଛି ବୋଲି ଡ. ନାୟାର ମତ ରଖିଥିଲେ। କର୍ମଶାଳାରେ ସୁରକ୍ଷା ସ୍କ୍ୱାଡ୍ ଏବଂ ତୃଣମୂଳସ୍ତରର କର୍ମଚାରୀମାନେ ଏକତ୍ରିତ ହୋଇ ବନ୍ୟଜନ୍ତୁ ସୁରକ୍ଷା ଓ ସ୍ଥାନୀୟ ବାସିନ୍ଦାଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା।

# ମଞ୍ଚସ୍ଥ ହେଲା ନାଟକ 'ଜାନୁଆରୀ ୩୦'

ଭୁବନେଶ୍ୱର,୭।୨ (ସୌମ୍ୟରଞ୍ଜନ ରାଉତ)

ରାଜନୈତିକ ଆଦର୍ଶ, ଜୀବନ ଶୈଳୀର ପ୍ରତୀକ ଗାନ୍ଧୀବାଦ ଆଜି ସାମାଜିକ ପୂତିଗନ୍ଧମୟ ନର୍ଦ୍ଦମାରେ ପରିତ୍ୟକ୍ତ ହୋଇଯାଇଛି। ଏହା ଭିତରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଆମୂଳଚୂଳ ଭ୍ରଷ୍ଟାଚାରରେ ଲିପ୍ତ ମନ୍ତ୍ରୀ, ପୋଲିସ ଓ ପ୍ରଶାସନ 'ଗାନ୍ଧୀବାଦ'ର ଢାଲ ତଳେ ନିର୍ଭୟରେ ନିତ୍ୟ ପ୍ରତ୍ୟ ବଳାତ୍କାର କରିଚାଲନ୍ତି। ଧର୍ଷିତା ହୋଇ ଆତ୍ମହତ୍ୟା କରେ ଆଗାମୀ ସ୍ୱପ୍ନର ପ୍ରତୀକ କୁମାରୀ କନ୍ୟା 'କୁମ', ସୁନେଲି ଆଗାମୀକୁ ଜନ୍ମଦେବା ପୂର୍ବରୁ ଧର୍ଷିତା ହୋଇ ମରିଯାଏ ୭ମାସ ଗର୍ଭବତୀ 'ଚମ୍ପା', ଅତ୍ୟାଚାରର ଲେଲିହାନ ଶିଖାରେ ଜୀବନ୍ତ ଜାଳି ପୋଡି ପାଉଁଶ ହେଇଯାଏ 'ମା ବୁଢ଼ୀ', ସର୍ବହରା ଖଟିଖିଆର ପୁଞ୍ଜିଭୂତ ଆକ୍ରୋଶର ଭୟାନକ ବିସ୍ଫୋରଣ ତବଦା କରିଦିଏ ମନ୍ତ୍ରୀଙ୍କର ମିଥ୍ୟା ଆସ୍ଫାଳନକୁ - ଅସହିଷ୍ଣୁ ମନ୍ତ୍ରୀ ଗୁଳି କରନ୍ତି 'ଗାନ୍ଧୀ'ଙ୍କୁ। ସେ ସିନା ଟଳିପଡେ ସନା ହେ ରାମ ହେ ରାମ କହିସାରି। ପ୍ରତିବର୍ଷ ଜାନୁଆରୀ ତିରିଶରେ ଗୁଳିବିଦ୍ଧ ହୋଇ ରକ୍ତାକ୍ତ ମୃତ୍ୟୁ ବରଣ କରନ୍ତି ଅହିଂସାର ପୂଜାରୀ ଗାନ୍ଧୀ। ପୁନର୍ବାର ସେଇ ଔପଚାରିକ ଶବ ଶୋଭାଯାତ୍ରା - ନିତ୍ୟ ପ୍ରତ୍ୟ 'ନାଥୁରାମ'ମାନେ ଚିତ୍କାର କରୁଥାନ୍ତି-'ମହାତ୍ମା ଗାନ୍ଧୀ କି ଜୟ'। ଏପରି ଏକ ଘଟଣା ବଳୀକୁ ନେଇ ଶନିବାର ଲାବଣ୍ୟ ଥିଏଟର୍ ମହୋତ୍ସବରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଜାନୁଆରୀ ୩୦'। ଡ. ନରେନ୍ଦ୍ର କୁମାରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ କଳାକାରମାନେ ଅତି ନିଖୁଣ ଭାବରେ ପରିବେଷଣ କରିଥିଲେ। ଅତିଥି ଭାବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ରହିଥିଲେ। ଏହି ଅବସରରେ ଖବରଦାତା ମନୋରଞ୍ଜନ ମହାନ୍ତି, ଦେବଦଳନ ରଥ, ପୀୟୂସ ମହାନ୍ତି ଓ ସୌମ୍ୟରଞ୍ଜନ ରାଉତଙ୍କ 'ପ୍ରଚାର ବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ଜାନୁଆରୀ ୩୦ 'ର ଏକ ଦୃଶ୍ୟ।

# ସୁପ୍ରିୟା ପାଇବେ 'ଜଗଦୀଶ କଥା', ଶାନ୍ତନୁଙ୍କୁ 'ଜଗଦୀଶ ଯୁବ ସମ୍ମାନ'

ଭୁବନେଶ୍ୱର, ୭।୨ (ସୌମ୍ୟରଞ୍ଜନ ରାଉତ)- ଓଡ଼ିଆ କଥା ସାହିତ୍ୟର ସାରସ୍ୱତ ସାଧକ ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଜଗଦୀଶ ମହାନ୍ତି ଟ୍ରଷ୍ଟ ପକ୍ଷରୁ ୨୦୨୬ ମସିହା ପାଇଁ ସମ୍ମାନଜନକ ପୁରସ୍କାର ଘୋଷଣା କରାଯାଇଛି। ଗାଳ୍ପିକା ସୁପ୍ରିୟା ପଣ୍ଡା 'ଜଗଦୀଶ କଥା ସମ୍ମାନ' ଲାଗି ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଫଳକ ଓ ଉପଢ଼ୌକନ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଯୁବ ଗାଳ୍ପିକ ଶାନ୍ତନୁ କୁମାର ନାୟକଙ୍କୁ 'ଜଗଦୀଶ ଯୁବ ସମ୍ମାନ' ଦିଆଯିବ। ପୁରସ୍କାର ବାବଦରେ ତାଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୧୭ ତାରିଖରେ ବୁଦ୍ଧମନ୍ଦିରଠାରେ ହେବାକୁଥିବା ଜଗଦୀଶ ଜୟନ୍ତୀ ଉତ୍ସବରେ ଗାଳ୍ପିକ ପ୍ରଫେସର କୈଳାସ ପଟ୍ଟନାୟକ ଓ ଗାଳ୍ପିକ ସତ୍ୟ ମିଶ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

# ବିକାଶମୂଳକ ଯୋଜନା ନାଁରେ ଅଧିକାର କ୍ଷୁଣ୍ଣ ଗ୍ରହଣୀୟ ନୁହେଁ: ଓଏଚ୍‌ଆରସି

## ନାରାୟଣୀ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ମାମଲା

ଭୁବନେଶ୍ୱର, ୭।୨ (ତ୍ରିନାଥ ମହାନ୍ତି)

ଆଇନଗତ, ମାନବିକ ଏବଂ ସାମ୍ବିଧାନିକ ଅଧିକାର ଆଦିକୁ ଉପେକ୍ଷା କରି କୌଣସି ବିକାଶମୂଳକ ଯୋଜନା ଆଇନର ଶାସନ ମଧ୍ୟରେ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ ମାନବିକ ଅଧିକାର କମିଶନ କହିଛନ୍ତି। ଭୁବନେଶ୍ୱରର ୮ନମ୍ବରସ୍ଥିତ ନାରାୟଣୀ ବସ୍ତିର ବାସିନ୍ଦା ଭୂମି ଅଧିକାର ପାଇଥିଲେ ମଧ୍ୟ ସେମାନଙ୍କୁ ବଳପୂର୍ବକ ଉଚ୍ଛେଦ ନୋଟିସ ବିରୋଧରେ ହୋଇଥିବା ଏକ ମାମଲାର ଶୁଣାଣି କରି କମିଶନର ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରିଙ୍କ ଖଣ୍ଡପୀଠ ଏହି ଟିପ୍ପଣି ଦେଇଛନ୍ତି।

ବଟକୃଷ୍ଣ ରାଉତ, ସୋନି ନାଏକ, କୁସୁମ ନାଏକ ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ ନାରାୟଣୀ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଆଗତ ଏହି ମାମଲାର ବିବରଣୀରୁ ପ୍ରକାଶ ଯେ, ସମ୍ପୃକ୍ତ ବସ୍ତିବାସିନ୍ଦା ଦୀର୍ଘ ବର୍ଷ ଧରି ନାରାୟଣ ବସ୍ତିରେ ବସବାସ କରି ଆସୁଛନ୍ତି। ଓଡ଼ିଶା ମହାନଗର ନିଗମ ଆଇନର ପରିଚ୍ଛେଦ ଅନୁସାରେ ଏହି ବସ୍ତି ଟେନେବଲ ଘୋଷଣା କରାଯାଇ ୨୦୨୪ରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଅଭିଯୋଗକାରୀଙ୍କୁ ଏଲ୍‌ଆର୍‌ସି ପ୍ରଦାନ କରାଯାଇଥିଲା। ୨୦୨୫ରେ କେତେଜଣ ସ୍ଥାନୀୟ ବରିଷ୍ଠ ନାଗରିକଙ୍କ ଅନୁରୋଧକ୍ରମେ ଭୁବନେଶ୍ୱର ସାଂସଦଙ୍କ ପକ୍ଷରୁ ଏଠାରେ ଥିବା ଖାଲି ଜମିରେ ଏକ ପାର୍କ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏ ସମ୍ପର୍କରେ ପତ୍ର ପାଇବା ପରେ ବିଏମ୍‌ସି ଦ୍ୱାରା ଉଚ୍ଛେଦ ନୋଟିସ ଜାରି କରାଯାଇଥିଲା। ସେହି ଜମି ଖାଲି ନୁହେଁ ବରଂ ସେଠାରେ ବସ୍ତିବାସିନ୍ଦାମାନେ ଏଲ୍‌ଆର୍‌ସି ପାଇ ରହୁଛନ୍ତି। ସେମାନେ ଏହାକୁ ମାନବାଧିକାର ଉଲ୍ଲଂଘନ, ବିଶେଷକରି ବଞ୍ଚିବାର ଅଧିକାର ଓ ଆଶ୍ରୟର ମୌଳିକ ଅଧିକାର ଓ ମର୍ଯ୍ୟାଦାର ଅଧିକାର (ସମ୍ବିଧାନ ଧାରା -୨୧)ର ଉଲ୍ଲଂଘନ ବୋଲି ଦାବି କରିଥିଲେ। କମିଶନଙ୍କ ନୋଟିସ ପାଇବା ପରେ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା ଯେ, ପ୍ରସ୍ତାବିତ ପାର୍କ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଓ ଉଚ୍ଛେଦ ପରେ ପୁନର୍ବାସ ଅନ୍ୟତ୍ର ବ୍ୟବସ୍ଥା କରାଯିବ। ଏହାର ଶୁଣାଣି କରି କମିଶନ କହିଥିଲେ, ଜମି ପ୍ରମାଣ ପତ୍ର ପାଇଥିବା ପରିବାର ଜବରଦଖଲକାରୀ ନୁହନ୍ତି, ସେମାନଙ୍କୁ କୌଣସି ବିସ୍ଥାପନ ପୂର୍ବରୁ ଅଧିଗ୍ରହଣ ଆଇନ ୨୦୧୩ର ସମ୍ପୂର୍ଣ୍ଣ ପାଳନ ଅନିବାର୍ଯ୍ୟ ବୋଲି କମିଶନ ଆଦେଶ ଦେଇଛନ୍ତି। ପାର୍କ ପ୍ରସ୍ତାବର ପୁନଃସମୀକ୍ଷା କରିବା ପାଇଁ ମଧ୍ୟ କମିଶନ ଆଦେଶ ଦେଇଛନ୍ତି। ବିଡିଏ, ବିଏମ୍‌ସି ଓ ସମ୍ପୃକ୍ତ ବିଭାଗମାନେ ୪୫ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଆୟୋଗକୁ ଦାଖଲ କରିବେ ବୋଲି ଏହି ଆଦେଶରେ କୁହାଯାଇଛି । ଓଡ଼ିଶା ମାନବାଧିକାର ଆୟୋଗଙ୍କ ଏହି ଆଦେଶ ବସ୍ତି ବାସିନ୍ଦାଙ୍କର ଏକ ବଡ ଆଇନ ଗତ ବିଜୟ ବୋଲି ବସ୍ତି ସୁରକ୍ଷା ମଞ୍ଚ ସଭାପତି ହେନା ରାଣୀ ଓ ସାଧାରଣ ସମ୍ପାଦକ ପ୍ରମିଳା ପ୍ରକାଶ କରିଛନ୍ତି।

# ପ୍ରତି ଜିଲାରେ ଚିକିତ୍ସକ ସଂଘ କାର୍ଯ୍ୟାଳୟ ପାଇଁ ଜମି ଦିଆଯିବ

## ଆଇଏମ୍‌ଏର ୭୫ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

କଟକ,୭।୨(ଶିଳ୍ପା ପ୍ରିୟଦର୍ଶିନୀ)



୭୫ତମଆନୁଆଲକନଫରେନ୍ସଅଫ୍‌ଇଣ୍ଡିଆମେଡିକାଲଆସୋସିଏଶନପକ୍ଷରୁଅନୁଷ୍ଠିତସମ୍ମିଳନୀରେମନ୍ତ୍ରୀସୁରେଶପୂଜାରୀଓଅନ୍ୟଅତିଥିମାନେ।

ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ୭୫ତମ ବାର୍ଷିକ ସମ୍ମିଳନୀ ରାଣୀହାଟସ୍ଥିତ ସଂଘ କାର୍ଯ୍ୟାଳୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ଚିକିତ୍ସକମାନଙ୍କୁ ଭଗବାନଙ୍କ ରୂପ ଦିଆଯାଏ। ଚିକିତ୍ସକମାନଙ୍କ ଉଦ୍ୟମରେ ଗୁରୁତର ରୋଗୀମାନେ ନୂତନ ଜୀବନ ପାଇଥାନ୍ତି। ଏହାଦ୍ୱାରା ଚିକିତ୍ସକମାନଙ୍କୁ ଦେବତା ଭାବେ ବିବେଚିତ କରାଯାଏ। ଚିକିତ୍ସକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି। ଚିକିତ୍ସକମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ। ପ୍ରତି ଜିଲାରେ ଚିକିତ୍ସକ ସଂଘ କାର୍ଯ୍ୟାଳୟ ଖୋଲିବା ଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଚିକିତ୍ସା କ୍ଷେତ୍ରରେ ଅବଦାନ ଥିବା ଚିକିତ୍ସକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଆଇଏମ୍‌ର ପୂର୍ବତନ ଜାତୀୟ ସଭାପତି ଡା. ଦିଲୀପ ପି ଭାନୁସାଲି, ରାଜ୍ୟ ଆଇଏମ୍‌ଏ ନିର୍ବାଚିତ ସଭାପତି ଡା. ହରେକୃଷ୍ଣ ନାୟକ, ରାଜ୍ୟ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା. ଜୟନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଚିକିତ୍ସକମାନଙ୍କ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ବିଭାଗର ପ୍ରଫେସର, ଚିକିତ୍ସକ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ କୋଷାଧ୍ୟକ୍ଷ ସଚିବ ଡା. ସମ୍ରାଟ କର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଚିକିତ୍ସକ, ଗବେଷକ, ପ୍ରଫେସର ଏବଂ ଯୁବ ଚିକିତ୍ସକମାନେ ଯୋଗଦେଇ ବିଭିନ୍ନ ଆଲୋଚନାଚକ୍ରରେ ଆଧୁନିକ ଚିକିତ୍ସା ଏବଂ ରୋଗୀମାନଙ୍କୁ କିପରି ଉନ୍ନତମାନ ଚିକିତ୍ସା ଯୋଗାଇ ଦିଆଯିବା କ୍ଷେତ୍ରରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଦୁର୍ଘଟଣା, ବୃଦ୍ଧ ମୃତ

ନିଶ୍ଚିନ୍ତକୋଇଲି, ୭।୨ (ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ମାତକତପୁର ନିକଟରେ ଶନିବାର ଅପରାହ୍ନରେ ଏକ ଟ୍ରକ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ରାଧାନଗର ଗ୍ରାମର ଅକ୍ଷୟ କୁମାର ମହାନ୍ତି(୬୫)। ସାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏ ସମ୍ପର୍କରେ ବୃଦ୍ଧଙ୍କ ପରିବାର ତରଫରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି।

ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ମାତକତପୁର ନିକଟରେ ଥିବା ଏକ ପ୍ଲାଷ୍ଟିକ୍ କାରଖାନା ସମ୍ମୁଖରେ ଅକ୍ଷୟ ଚାଲି ଚାଲି ରାସ୍ତା ପାର ହେଉଥିଲେ। ଏହି ସମୟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଟ୍ରକ୍(ନଂ. ଓଡି-୦୪-ଟି-୨୪୨୬) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିଲେ।

### ବିଜେଡି ଜିଲା ଉପସଭାପତି ହେଲେ ବିଜନ କୁମାର ସାହୁ

ବାଙ୍କୀ, ୭।୨(ଶୁଭେନ୍ଦୁ ମହାପାତ୍ର): କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବିଜନ କୁମାର ସାହୁଙ୍କୁ ବିଜେଡିର ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଛି। ପୂର୍ବରୁ ମଧ୍ୟ ବିଜନ ଉପସଭାପତି ଭାବେ ଦଳ ପାଇଁ ତୃଣମୂଳସ୍ତରରେ ସାଂଗଠନିକ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ଦଳ ନେତୃତ୍ୱ ଆସ୍ଥା ଓ ବିଶ୍ୱାସ କରି ପୁନର୍ବାର ଜିଲା ଉପସଭାପତି ଭାବେ ମନୋନୀତ କରିଥିବାରୁ ଉପସଭାପତି ସାହୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସହ ଜିଲା ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

ବାରଙ୍ଗ, ୭।୨(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଞ୍ଚଳରେ ଏକ ପୁରୁଣା ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବାରଙ୍ଗ ଥାନା ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳର ପ୍ରଶାନ୍ତ କାଣ୍ଡି ଓରଫ ରାଜା ଓ ଲିଟୁ ପାତ୍ର ଓରଫ ମଣ୍ଟୁଙ୍କୁ । ଅଭିଯୁକ୍ତ ରାଜା ଓ ମଣ୍ଟୁ ବାରଙ୍ଗ ଥାନା ଅଞ୍ଚଳର ଜଣେ ୨୮ ବର୍ଷୀୟା ଯୁବତୀଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ଦେଇ ସ୍ଥାନୀୟ ଅଞ୍ଚଳର ଏକ ଭଡ଼ାଘରେ ରଖିଥିଲେ। କିଛି ଦିନ ପରେ ରାଜା ଯୁବତୀଙ୍କ ସହିତ ବଳପୂର୍ବକ ଶାରିରିକ ସମ୍ପର୍କ ରଖିଥିଲେ। ଏନେଇ ସମ୍ପୃକ୍ତା ଯୁବତୀ ପରିବାର ସହ ଯୋଗାଯୋଗ କରି ଘରକୁ ଫେରିବା ପରେ ୨୯ ଜୁଲାଇ ୨୦୧୭ରେ ଯୁବତୀ ମା'ଙ୍କ ସହ ଆସି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା(ନଂ. ୧୧୧/୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଉଭୟ ଅଭିଯୁକ୍ତ ଘଟଣା ଦିନ ଠାରୁ ଫେରାର ହୋଇ ଯାଇଥିଲେ। ଶନିବାର ଗୋଡିସାହି ଫାଣ୍ଡି ପୋଲିସ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳରୁ ଉଭୟ ଅଭିଯୁକ୍ତ ରାଜା ଓ ମଣ୍ଟୁଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଛି।

# ଉଦ୍ୟୋଗୀ ତାଲିମ କେନ୍ଦ୍ର

## କଳାପଥର ଆଦର୍ଶ ସମିତି

ବାଙ୍କୀ, ୭।୨(ଶୁଭେନ୍ଦୁ ମହାପାତ୍ର ):

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥରରେ ଇଫ୍‌କୋ ବଜାର ଏବଂ ଆଦର୍ଶ ସେବା ସମବାୟ ସମିତି ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ମହିଳାମାନଙ୍କ ପାଇଁ ସିଲେଇ ମେଶିନ, ଧୂପକାଠି ଏବଂ ମହମବତି ତିଆରି ତାଲିମ କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। କପିଳେଶ୍ୱର ମନ୍ଦିର ଆଶ୍ରୟ କେନ୍ଦ୍ରରେ ଆୟୋଜିତ ଏହି ତାଲିମ୍ ଅନୁଷ୍ଠିତ ହୋଇଥିଲା। କଳାପଥର ଆଦର୍ଶ ସମବାୟ ସମିତି ସମ୍ପାଦକ ମିର୍ଜା ଆନୱାର ଅଲ୍ଲୀବେଗ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତାଲିମ୍‌ରେ ମୁଖ୍ୟ ଅତିଥିଭାବେ ଇଫ୍‌କୋ କ୍ଷେତ୍ରୀୟ ଅଧିକାରୀ ବରୁଣ କୁମାର ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଳାପଥର ଇଫ୍‌କୋ କେନ୍ଦ୍ର ଅଧିକାରୀ ନୀହାର ରଞ୍ଜନ ରାଉତ, କେଶବ ଚନ୍ଦ୍ର ଭୋଇ, ଡାଇରେକ୍ଟର କାହ୍ନୁ ଚରଣ ସ୍ୱାଇଁ, ଭିକାରି ଚରଣ ସାହୁ, ଶାନ୍ତିଲତା ରାଉତ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତାଲିମ୍‌ଦାତା ଭାବେ ସୁରେନ୍ଦ୍ର କୁମାର ବଳିଆରସିଂହ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉତ୍କଳିକା ମହାରଣା ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କେନ୍ଦ୍ରରେ କଳାପଥର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ତାଲିମ ନେବା ପାଇଁ ପଞ୍ଜୀକରଣ କରିଛନ୍ତି। ମହିଳା ନେତ୍ରୀ କାଜଲ ଯୁଝାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ଅତିଥି ଓ ସମିତି ସଦସ୍ୟମାନେ।

# ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

କଟକ,୭।୨(କୁମାରଶ୍ରୀ):

## ବିକଶିତ ଭାରତ ଗଠନରେ ଛାତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୪୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବନ୍ଦିତା ଦାଶ ପୌରୋହିତ୍ୟ କରି ଶୃଙ୍ଖଳାବୋଧ ଜୀବନର ମୂଳମନ୍ତ୍ର ଏବଂ ଶୃଙ୍ଖଳିତ ଜୀବନ ପାଇଁ ସାମାଜିକ ଲକ୍ଷ୍ମଣରେଖା ସମସ୍ତଙ୍କ ଅନୁକରଣୀୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନରେ ଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ। ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଜ୍ଞାନ ହେଉଛି ବିଦ୍ୱାନ ବ୍ୟକ୍ତିର ଭୂଷଣ। ଛାତ୍ରୀମାନେ ବିଦ୍ୟା ଅଧ୍ୟୟନ କରି ପ୍ରତିଷ୍ଠା ଅର୍ଜନ କଲେ ସମାଜର ମଙ୍ଗଳ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡ. ଦିବ୍ୟଲୋଚନ ମହାନ୍ତି, ଅଭିନେତ୍ରୀ ଲେସଲୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଗୌରବ ଶର୍ମା, ଅଳଙ୍କୃତା ମହାନ୍ତି, ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଜୁଲି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୨ କଳା ବିଭାଗରୁ ୨ଜଣ, ବିଜ୍ଞାନ ବିଭାଗରୁ ଜଣେ ଏବଂ ଯୁକ୍ତ ୩ ରମାଦେବୀ ବିଶ୍ୱବିଦ୍ୟାଳୟ ଟପ୍ପର ସିମ୍ରନ ଅଖତରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାର୍ଥୀମାନେ ଶ୍ରୀରାମଚନ୍ଦ୍ରଙ୍କ ଜୀବନାଦର୍ଶ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ଡ. ଉପଦିଷ୍ଟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋରମ ଉଠାଇବାକୁ କେନ୍ଦ୍ରକରି ଆକ୍ରମଣ, ୩ ଗିରଫ

ବାରଙ୍ଗ,୭।୨(ଲିଙ୍ଗରାଜ ରାଉତ): ମଧୁବନ ଗାଁମୁଣ୍ଡ ପାହାଡ଼ରୁ ବେଆଇନ ଭାବେ କାଜୁ ଗଛ କାଟି ମୋରମ ଚାଲାଣ ହେଉଥିବାର ଅଭିଯୋଗ କରି ଶୁକ୍ରବାର ରାତିରେ ମଧୁବନ ଗ୍ରାମର କେତେଜଣ ଯୁବକ ଆସି କାର୍ଯ୍ୟରତ ଶ୍ରମିକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୨ଜଣ ଆହତ ହୋଇଥିଲେ। ଏହି ଘଟଣାରେ ବାରଙ୍ଗ ଥାନା ପୋଲିସ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁବନ ଗ୍ରାମର ଦେବେନ୍ଦ୍ର ପ୍ରଧାନ(୪୫), ଦେବାଶିଷ ରାଉଳ(୨୨)ଓ ଟିକେଲ ସ୍ୱାଇଁ (୨୨)। ତେବେ ଅନ୍ୟମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରଶାନ୍ତ ପାତ୍ର ନାମକ ବ୍ୟକ୍ତି କଟକ ଖଣି ଅଧିକାରୀଙ୍କଠାରୁ ଇଡକୋ ସାଇଟରେ କାମ ନିମନ୍ତେ ଆବଶ୍ୟକ ଥିବାରୁ ମଧୁବନ ଗାଁ ମୁଣ୍ଡ ପାହାଡରୁ ମୋରମ ଉଠାଇବା ଏବଂ ପରିବହନ କରିବା ଏକ ଟେଣ୍ଡର ଆଣିଛନ୍ତି। ଏହି ଆଧାରରେ ଶୁକ୍ରବାର ରାତିରେ ଶ୍ରମିକମାନଙ୍କୁ ନିୟୋଜିତ କରି ମୋରମ ଖୋଳି ପରିବହନ କାର୍ଯ୍ୟ କରୁଥିଲେ। ଏହି ସମୟରେ ମଧୁବନ ଗ୍ରାମର ପବିତ୍ର ପ୍ରଧାନ, ସୁନୀଲ ସ୍ୱାଇଁ ଏବଂ ଟୁଲିଆ ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୧୫/୨୦ ଜଣ ଯୁବକ ଉକ୍ତ ଜାଗାକୁ ଆସି ବେଆଇନ ଭାବେ ମୋରମ ଉଠାଇବା ଓ କାଜୁ ଗଛ କାଟିବା ଅଭିଯୋଗ କରି ଶ୍ରମିକମାନଙ୍କୁ ମାରିଦେବା ଉଦ୍ଦେଶ୍ୟରେ ପଥର ମାଡ଼ କରିଥିଲେ। ଫଳରେ ୨ଜଣ ଶ୍ରମିକ ଆହତ ହୋଇଥିଲେ। ଏନେଇ ଶନିବାର ବାରଙ୍ଗ ଥାନାରେ ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା(ନଂ.୬୨/୨୬) ରୁଜୁ କରିଛି।

# ଟେଟ୍ରାହେଡ୍ରନ ପକ୍ଷରୁ ୩ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ମଙ୍ଗୁଳି-ଜଗତପୁର,୭।୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ୩ ଅଗ୍ନିବିପନ୍ନ ପରିବାରଙ୍କୁ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତ୍ରିଦେବ ବେହେରା ବିପନ୍ନ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ଆର୍ଥିକ, ବସ୍ତ୍ର, ରାଶନ ସାମଗ୍ରୀ, ନିତ୍ୟାଆବଶ୍ୟକ ଜିନିଷ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ସୂଚନା ମୁତାବକ, ରାମଚନ୍ଦ୍ରପୁର ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ୩ ପୁଅ ସଦାନନ୍ଦ ସ୍ୱାଇଁ, ହୃଦାନନ୍ଦ ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ କେହି ନ ଥିବା ବେଳେ ହଠାତ୍ ହୃଦାନନ୍ଦଙ୍କ ଚାଳଘରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ଅନ୍ୟ ଘରକୁ ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁ ଆୟତ୍ତ କରିବାରେ ବିଫଳ ହେବାରୁ ବହୁ ବିଳମ୍ବରେ ଚୌଦ୍ୱାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। କିନ୍ତୁ ସେତେବେଳକୁ ୩ ପରିବାରର ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ ଓ ସମିତି ସଭ୍ୟା ସୁମିତ୍ରା ବେହେରା ପହଞ୍ଚି ସମବେଦନା ଜ୍ଞାପନ ପୂର୍ବକ ସହାୟତାର ହାତ ବଢ଼ାଇଥିଲେ।



ଟେଟ୍ରାହେଡ୍ରନ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ସେମିରେ ୟୁଥ୍ କ୍ଲବ କରଡ଼ାପଲ୍ଲୀ

ଟିଗିରିଆ, ୭।୨(ଜାଫର ଖାଁ):

## ଫଜ୍ଲୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମ୍‌ଠାରେ ୧୭ତମ ରାଜ୍ୟସ୍ତରୀୟ ଫଜ୍ଲୁଲ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ଏହି ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୟୁଥ୍ କ୍ଲବ କରଡ଼ାପଲ୍ଲୀ(ଟିଗିରିଆ) ୩ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ ଘାଟିକିଆ କ୍ଲବ୍ ଏବଂ ୟୁଥ୍ କ୍ଲବ୍ କରଡ଼ାପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୨ୟାର୍ଦ୍ଧର ୪ର୍ଥ ମିନିଟ୍‌ରେ କରଡ଼ାପଲ୍ଲୀ ଦଳର ନଂ.୧୫ ଖେଳାଳି ଅବିନାଶ ସାମଲ ଏକ ସୁନ୍ଦର ଗୋଲ ସ୍କୋରକରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ମାତ୍ର ୩୦ ମିନିଟ୍‌ରେ ଘାଟିକିଆ ଦଳର ନଂ.୧୮ ଖେଳାଳି ବିନୋଦ କୁମାର ଦଳେଇ ଏକ ଗୋଲସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ପରେ ଉଭୟ ଦଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ଖେଳିଥିଲେ ମଧ୍ୟ ଗୋଲସ୍କୋର କରିବାକୁ ସମର୍ଥ ହୋଇ ନ ଥିଲେ। ଟାଇବ୍ରେକର ମାଧ୍ୟମରେ ୟୁଥ୍ କ୍ଲବ କରଡ଼ାପଲ୍ଲୀ ୪/୧ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ରେଫରି ଦେବରାଜ ସ୍ୱାଇଁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନିଲ କୁମାର ନନ୍ଦ ଓ ବୋନସନ ଦଳେଇ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ଆଶୀର୍ବାଦ କାନୁନ୍‌ଗୋ ସହାୟତା କରିଥିଲେ। ରବିବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ମା' ମଙ୍ଗଳା କ୍ଲବ ବନମାଳୀପ୍ରସାଦ( ଢେଙ୍କାନାଳ) ସହ ପ୍ରତାପ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟିଗିରିଆ, ୭।୨(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ସ୍ନାତକ ମହାବିଦ୍ୟାଳୟରେ +୩ ଛାତ୍ରୀଙ୍କ ୮ ଦିନ ଧରି ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଲପସା ତବସୁମ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସଙ୍ଗୀତା ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ପତିତ ପାବନ ପଣ୍ଡା ବାଳିକା ଆତ୍ମପରିଚୟ, ସୁରକ୍ଷା, ଭବିଷ୍ୟତ ଗଠନ, ସଶକ୍ତୀକରଣରେ ମାନସିକ ଓ ବୌଦ୍ଧିକ ତଥା ନିଜ ଅଧିକାରର ସୁରକ୍ଷା ଦିଗରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ମତ ଦେଇଥିଲେ।

# ଭାଙ୍ଗିଲା ରେଳ ସୁରକ୍ଷାବାଡ଼

ବାରଙ୍ଗ, ୭।୨(ଲିଙ୍ଗରାଜ ରାଉତ):



ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ନିକଟ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାରେ ଥିବା ରେଳ ଓଭରବ୍ରିଜ୍‌ର ସୁରକ୍ଷା ବାଡ଼ଟି ଭାଙ୍ଗିଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇପଡ଼ିଥିଲା। କୌଣସି ଅଜଣା ଗାଡ଼ି ଧକ୍କାରେ ଏହି ବାଡ଼ଟି ଭାଙ୍ଗିଯାଇଥିବା ଶନିବାର ଭୋର୍ ସମୟରେ ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଉଭୟ ଘଟଣାସ୍ଥଳରେ ପହଞ୍ଚି ରାସ୍ତାମଝିରେ ଭାଙ୍ଗିପଡିଥିବା ସୁରକ୍ଷା ବାଡ଼ାକୁ ହଟାଇବା ପରେ ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଷଣ୍ଢପୁର ଗ୍ରାମ ଢାବା ନିକଟ ରେଳ ଓଭରବ୍ରିଜ୍ ସୁରକ୍ଷା ପାଇଁ ରେଳ ବିଭାଗ ତରଫରୁ ମୁଖ୍ୟରାସ୍ତାରେ ସୁରକ୍ଷା ବାଡ଼ା ଲଗାଯାଇଛି। ଏହାଦ୍ୱାରା ମୁଖ୍ୟରାସ୍ତାରେ ଯାଉଥିବା ଦ୍ରୁତଗାମୀ ଗାଡ଼ିର ବେଗ ନିୟନ୍ତ୍ରଣ ହେବା ସହ ବହୁ ଉଚ୍ଚରେ ମାଲ୍ ପରିବହନ କରିଥିବା ଗାଡ଼ି ଯାତାୟାତ କରିବାର ବାଧକ ସାଜିବ। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇଥିବାରୁ ସୁରକ୍ଷା ବାଡ଼ାଟି ଭାଙ୍ଗିଯାଇଛି। ଏହି ବାଡ଼ାଟି ମୁଖ୍ୟରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଏହି ସୁରକ୍ଷା ବାଡ଼ାଟି ବାରମ୍ବାର ଭାଙ୍ଗି ପଡୁଥିବାରୁ ଏହାର ସ୍ଥାୟୀ ମରାମତି କରା ନ ଯାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ଠିକାଦାର ସେମାନଙ୍କ ପକେଟ ଗରମ ପାଇଁ କାମ କରୁଥିବାରୁ ଏପରି ସମସ୍ୟା ଉପୁଜିବାର ମୁଖ୍ୟ କାରଣ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ରାସ୍ତା କାର୍ଯ୍ୟ ନ ସରୁଣୁ ଉଠିଗଲାଣି ପିଚୁ

## ସାମନ୍ତରାୟପୁରଠାରୁ ଡମପଡ଼ା ପର୍ଯ୍ୟନ୍ତ ରାସ୍ତା

- ୨୯କୋଟି ଟଙ୍କା ବ୍ୟୟ ବରାଦରେ ଚାଲିଛି ନିର୍ମାଣ କାର୍ଯ୍ୟ
- ନିମ୍ନମାନର କାର୍ଯ୍ୟ ଅଭିଯୋଗ

ବାଙ୍କୀ,୭।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର) :

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକର ସାମନ୍ତରାୟପୁରଠାରୁ ଡମପଡ଼ା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାଙ୍କୀ ପୂର୍ତ୍ତ ବିଭାଗ ଅଧୀନରେ ଡମପଡ଼ାଠାରୁ ସାମନ୍ତରାୟପୁର ପର୍ଯ୍ୟନ୍ତ ପ୍ରାୟ ୧୩ କି.ମି. ରାସ୍ତା ନିର୍ମାଣ ଚାଲିଛି। ଏନେଇ ୨୯କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ପୂର୍ବରୁ ଜାତମୁଣ୍ଡିଆଠାରୁ ଡମପଡ଼ା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରିଥିବାବେଳେ ଡମପଡ଼ା ନିକଟ ଆଦର୍ଶ ବିଦ୍ୟାଳୟଠାରୁ



ପିଚୁ ଉଠିଯାଇଥିବା ସ୍ଥାନକୁ ଲୋକେ ଦେଖାଉଛନ୍ତି।

କାର୍ଯ୍ୟ ଆରମ୍ଭ ହୋଇଛି। ତାଳବସ୍ତ ଫାଣ୍ଡି ପର୍ଯ୍ୟନ୍ତ ଏହି ରାସ୍ତା କାର୍ଯ୍ୟ ପ୍ରାୟ ସରିବା ଉପରେ ହୋଇଥିଲେ ମଧ୍ୟ କାର୍ଯ୍ୟ ନ ସରୁଣୁ ରାସ୍ତାର ଅନେକ ଜାଗାରୁ ପିଚୁ ଉଠିଯାଇଛି। । ଏପରିକି କିଛି ସ୍ଥାନରୁ ଗୋଡି ମଧ୍ୟ ବାହାରି ଗଲାଣି ଫଳରେ ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜାତମୁଣ୍ଡିଆ-ଡମପଡ଼ା ସାମନ୍ତରାପୁର ରାସ୍ତାର ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ ପାଇଁ ଅରପୁରଠାରେ ୨୦୨୪ ଫେବୃଆରୀ ୨ରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଭୂମି ପୂଜନ କରାଯାଇଥିଲା। ପାଖାପାଖି ଦୁଇ ବର୍ଷ ପରେ ବାଙ୍କୀ ପୂର୍ତ୍ତବିଭାଗ ତତ୍ତ୍ୱାବଧାନରେ ଏବେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଅତି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସେପଟେ କାର୍ଯ୍ୟର ସୂଚନା ଫଳକ ଲଗାଯାଇ ନ ଥିବା ବେଳେ କାର୍ଯ୍ୟର ଅଟକଳ ମୂଲ୍ୟ ମଧ୍ୟ ଠିକ୍‌ଭାବେ ଜଣାପଡି ନାହିଁ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ୨୯କୋଟି ଟଙ୍କାର କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି। ତେବେ କେଉଁ ଠିକାଦାର ଏହି କାର୍ଯ୍ୟ କରୁଛି ତାହା ବି ଅସ୍ପଷ୍ଟ ରହୁଛି।

ଏସମ୍ପର୍କରେ ପୂର୍ତ୍ତବିଭାଗ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ପଚାରିବାରେ କାର୍ଯ୍ୟ ଉପରେ ସେ ନଜର ରଖିଛନ୍ତି, ଖୁବ୍‌ଶୀଘ୍ର ଉଠିଯାଇଥିବା ପିଚୁ ପୁନର୍ବାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ୧୫ ଚୋରି ବାଇକ୍ ଜବତ, ନାବାଳକଙ୍କ ସମେତ ୫ ଧରାପଡ଼ିଲେ

ଖୋର୍ଦ୍ଧା/ନିରାକାରପୁର,୭।୨ (ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)



ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଉଛନ୍ତି।

ନିରାକାରପୁର ଥାନା ପୋଲିସ ବାଇକ୍ ଚୋରି ର୍‍ୟାକେଟ୍‌ର ନାବାଳକଙ୍କ ସମେତ ୫ ଜଣଙ୍କୁ ଧରିଛି। ସେମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସନାତନ ପ୍ରଧାନ ଓରଫ୍ ନନ୍ଦ(୨୦), ଗୁଡ଼ିଆପଡ଼ା ଗ୍ରାମର ଶୁଭମ୍ ସାମନ୍ତରାୟ(୧୯), ଖଡ଼ିପଦର ଗ୍ରାମର ସୁକାନ୍ତ ରାଉତରାୟ(୨୩), ଅକୁଳପାଟଣା ଗ୍ରାମର ଦିଲୀପ କୁମାର ସାହୁ ଓରଫ୍ ଦିଲୁ(୩୪) ଏବଂ ଜଣେ ୧୬ ବର୍ଷର ନାବାଳକ ରହିଛନ୍ତି। ସେମାନଙ୍କଠାରୁ ୧୫ଟି ଚୋରା ବାଇକ୍, ବିକ୍ରି କରାଯାଇଥିବା ଚୋରି ବାଇକ୍ ପାର୍ଟସ, ୫ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ଖୋର୍ଦ୍ଧା, ଜଟଣୀ ଏବଂ ପୁରୀ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ଚୋରି ବାଇକ୍‌କୁ ପଡ଼ୋଶୀ ଜିଲାରେ ବିକ୍ରି କରୁଥିଲେ। ଚୋରା ବାଇକ୍ କ୍ରୟ କରିଥିବା ଭେଣ୍ଡରଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ୪ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର ପରେ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ଏସ୍‌ପି ଶର୍ମାଙ୍କ ସୂଚନା ଅନୁଯାୟୀ, ଗତ ୬ ତାରିଖ ସନ୍ଧ୍ୟାରେ ନିରାକାରପୁର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଶରତ କୁମାର ବେହେରା ଏବଂ ଅନ୍ୟ କର୍ମଚାରୀ ନୂଆ ଜଗନ୍ନାଥ ସଡ଼କ କଲେଜ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ନୀଳ ଓ କଳା ରଙ୍ଗର ବାଇକ୍(ଓଡି ୩୩ଏଚ୍ ୭୬୬୫)ରେ ଜଣେ ଯୁବକ ପୁରୀପଟୁ ରାମେଶ୍ୱର ଅଭିମୁଖେ ଯାଉଥିଲେ। ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ଖସିଯାଇଥିଲେ। ପୋଲିସ ତାଙ୍କୁ ପିଛାକରି ନିରାକାରପୁର ଥାନା ନିକଟରେ କାବୁ କରିଥିଲା। ପୋଲିସ ତାଙ୍କୁ ପଚରାଉଚରା କରିବା ବେଳେ ବାଇକ୍ ଚାଳକ ନିଜ ନାମ ସନାତନ ପ୍ରଧାନ ବୋଲି ପରିଚୟ ଦେଇଥିବା ବେଳେ ବାଇକ୍‌ର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ପୋଲିସ ଚୋରା ବାଇକ୍ ବୋଲି ସନ୍ଦେହ ହେବାରୁ ପଚରାଉଚରା ବେଳେ ସେ ଅନ୍ୟ ସ୍ଥାନରୁ ଚୋରି କରିଥିବା ଏବଂ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ସ୍ୱୀକାର କରିବା ପରେ ପୋଲିସ ବାଇକ୍‌କୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ଦୀପଲିପ୍ସା ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା ବେଳେ ସନାତନ ଏବଂ ତାଙ୍କ ସାଥୀ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ସାଧାରଣ ଲୋକଙ୍କୁ କମ୍ ଦାମ୍‌ରେ ବିକ୍ରି କରୁଥିଲେ ବୋଲି କହିଥିଲେ। ତେବେ ଚୋରି ଯାଇଥିବା ବାଇକ୍ ଜବତ ଏବଂ ରାକେଟ୍‌କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ତଥା ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ନିରାକାରପୁର ଥାନାଧିକାରୀ ବିଶ୍ୱଜିତ ରାଉତରାୟ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ସଦର ଥାନାଧିକାରୀ ବାସୁଦେବ ଜୟସିଂଙ୍କ ସମେତ ନିରାକାରପୁର ଥାନା ଏସ୍‌ଆଇ ଦୀପଲିପ୍ସା ନାୟକ ଏବଂ ଅନ୍ୟମାନଙ୍କୁ ନେଇ ଗଠିତ ୩ ଟିମ୍ ସନାତନଙ୍କ ତଥ୍ୟ ଅନୁଯାୟୀ ଚଢ଼ାଉ କରି ୧୫ଟି ବାଇକ୍ ଜବତ କରିଥିବା ବେଳେ ଚୋରା ବାଇକ୍ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ଏବଂ ଚୋରା ବାଇକ୍ କ୍ରୟ କରିଥିବା ଭେଣ୍ଡର(ଜଣେ ନାବାଳକ)ଙ୍କୁ ଧରିବା ସହ ସେମାନଙ୍କଠାରୁ ବାଇକ୍ ପାର୍ଟସ ଜବତ କରିଥିଲା। ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଏହାର ଖୋଳତାଡ଼ କରାଯିବ। ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

- ବାଇକ୍ ପାର୍ଟସ, ୫ ମୋବାଇଲ ଫୋନ୍ ଜବତ
- ଖୋର୍ଦ୍ଧା, ଜଟଣୀ, ପୁରୀ ଅଞ୍ଚଳରୁ ଚୋରିକରି କମ୍ ଦାମ୍‌ରେ ବିକ୍ରି କରୁଥିଲେ


ଜବତ ଚୋରା ବାଇକ୍ ଏବଂ ପାର୍ଟ୍ସ।

# ଭାଜପାରେ ମିଶିଲେ ବାଙ୍କୋଇ ସରପଞ୍ଚ, କର୍ମୀ



ଖୋର୍ଦ୍ଧା,୭।୨(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ଭାରତୀୟ ଜନତା ପାର୍ଟି(ଭାଜପା) କାର୍ଯ୍ୟାଳୟରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତିଙ୍କ ଉପସ୍ଥିତିରେ ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତର ସରପଞ୍ଚ ରଶ୍ମିତା ରାଉତରାୟ, ତାଙ୍କ ପ୍ରତିନିଧି ଭାସ୍କର ରାଉତରାୟ, କଲାଙ୍ଗ ପଞ୍ଚାୟତର ବିଜୁ ଜନତା ଦଳର ଯୁବ ନେତା ଚିନ୍ମୟ ହୋତା ଏବଂ ଡାବରଧୁଆ ପଞ୍ଚାୟତର ପାପୁନ ରାଉତ ବିଧିବଦ୍ଧଭାବେ ଭାଜପାରେ ଯୋଗଦେଇଛନ୍ତି।

# ନୂତନ ପାଠ୍ୟପୁସ୍ତକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟାଙ୍ଗୀ,୭।୨(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଟାଙ୍ଗୀ ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା-୨୦୨୫ ଅନୁଯାୟୀ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ନୂତନ ପାଠ୍ୟକ୍ରମ ରୂପରେଖ ଭାରତୀୟ ଜ୍ଞାନ ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୁଳ ବୈଶିଷ୍ଟ୍ୟ, ନୂତନ ଦକ୍ଷତାଭିତ୍ତିକ ଶିକ୍ଷଣ, ପଞ୍ଚକୋଷର ବିକାଶ, ପଞ୍ଚପଦୀ ଶିକ୍ଷଣ, କଳା ଯୋଗ ଶାରିରୀକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ୫ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ସମ୍ବଳ ଶିକ୍ଷକ ଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି ସିଂହ, ବିଜୟ କୁମାର ସେଠୀ, ସମରେଶ୍ରୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ଦେବାନନ୍ଦ ବେହେରା, ଦୀନବନ୍ଧୁ ପୃଷ୍ଟିଙ୍କ ସମେତ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ୧୦୭ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଉଦ୍‌ଯାପନୀ ସଭାକୁ ସମ୍ବଳ ଶିକ୍ଷକ ନୀଳାଦ୍ରି ସିଂହ ସଂଯୋଜନା କରିଥିଲେ। ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦିଲୀପ ଦାସ, ରତ୍ନାକର ବେହେରା, କାହ୍ନୁଚରଣ ବେହେରା ପ୍ରମୁଖ ପ୍ରଶିକ୍ଷଣର ଅନୁଭୂତି ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ନାରାୟଣ ମହାପାତ୍ର, ପ୍ରସନ୍ନ ମଙ୍ଗରାଜ, ଧର୍ମାନନ୍ଦ ବେହେରା, ଇତିଶ୍ରୀ ରାଉତ, ଗୋପାଳ ସେଣ, ସାଗରିକା ପାଇକରାୟ, ଭାରତୀ ଦାସ, ଉଷାରାଣୀ ସାହୁ, ମଧୁସ୍ମିତା ବେହେରା, ସୁଶ୍ରୀସଙ୍ଗୀତା ଦଳେଇ, ଲିପ୍‌ସିତା ମଲ୍ଲିକ, ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳସୀ ମାଲିକ, କଳାକାରଙ୍କ ନାଁରେ ଏତଲା ଦେଲା ଯାତ୍ରା କମିଟି

## ଖଣ୍ଡଗିରିରେ ଯାତ୍ରାପାର୍ଟି ମାଲିକ-କଳାକାର ବିବାଦ ଥମୁନି

ଭୁବନେଶ୍ୱର, ୭।୨(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଯାତ୍ରା ଶେଷ ହୋଇଛି। ହେଲେ ଯାତ୍ରା ମାଲିକ ଏବଂ କଳାକାରଙ୍କ ମଧ୍ୟରେ ଉପୁଜିଥିବା ବିବାଦ ତେଜିବାରେ ଲାଗିଛି। ଶୁକ୍ରବାର ଯୁବ ଖଳନାୟକ ସାଇ ସତ୍ୟଜିତ ପଣ୍ଡାଙ୍କ ମା' ବାଲିପାଟଣା ଥାନାରେ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାମରେ ନିର୍ଯାତନା ଅଭିଯୋଗ କରିଥିଲେ। ତୁଳସୀ ଯାତ୍ରା ପାର୍ଟିରେ ତାଙ୍କ ପୁଅଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ମାନସିକ ନିର୍ଯାତନା ଦିଆଯିବା ସହ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଥିବାରୁ ପୁଅ ସାଇ ଆଉ ଉକ୍ତ ଯାତ୍ରା ମଞ୍ଚକୁ ଯିବେ ନାହିଁ ବୋଲି ରୋକଠୋକ ଶୁଣାଦେଇଥିଲେ। ବାଲିପାଟଣା ପୋଲିସ ମାମଲାକୁ ଖଣ୍ଡଗିରି ଥାନାକୁ ସ୍ଥାନାନ୍ତର ପରେ ନାଣ୍ଟୁ ଥାନାରେ ହାଜର ହୋଇଥିଲେ। ଶନିବାର ନାଣ୍ଟୁଙ୍କ ନାମରେ ଖଣ୍ଡଗିରି ଥାନାରେ ଆଉଏକ ଅଭିଯୋଗ ହୋଇଛି। ଏଥିସହ ଖଳନାୟକ ସାଇ ସତ୍ୟଜିତ୍ ଓ ନାୟିକା ପାୟଲ ପଟେଲଙ୍କ ନାମରେ ମଧ୍ୟ ଅଭିଯୋଗ କରିଛି ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ। ପରିଷଦର କର୍ମକର୍ତ୍ତାଙ୍କ କହିବା କଥା, ଦର୍ଶକମାନେ କଳାକାରଙ୍କ ନାଟକ ଦେଖିବାକୁ ଟିକେଟ କରିଛନ୍ତି। ଏତିକି ବେଳେ ଯାତ୍ରା ଅଧାରୁ ଚାଲି ଯାଇଛନ୍ତି ସାଇ ଓ ପାୟଲ। ଇଏ ଯାତ୍ରା ଇତିହାସର ପ୍ରଥମ ଘଟଣା। ଏଥିସହ ସେମାନେ ପାର୍ଟି ମାଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିବାଦ ତାଙ୍କ ପଛରେ ଗୋଡାଉଛି ନା ସେ ଜାଣିଶୁଣି ବିବାଦରେ ରହିବାକୁ ଚାହୁଁଛନ୍ତି ବୋଲି ଆଲୋଚନା ହେଉଛି। ଯାତ୍ରା କମିଟି ଅଭିଯୋଗ ପରେ ପୋଲିସଠାରୁ ଡାକରା ପାଇ ପୁଣି ଖଣ୍ଡଗିରି ଥାନାରେ ଦ୍ୱିତୀୟଥର ହାଜର ହୋଇଥିଲେ ନାଣ୍ଟୁ। ତେବେ ପୂର୍ବରୁ ମଧ୍ୟ ନାଣ୍ଟୁଙ୍କ ନାମରେ ବହୁ କଳାକାର ନିର୍ଯାତନା ଓ ଅନ୍ୟାନ୍ୟ ଅଭିଯୋଗ ଆଣିଛନ୍ତି। ଏବେ ଥାନାରେ ଆଉ ଦୁଇଟି ଅଭିଯୋଗ ତାଙ୍କ ଅଡୁଆ ବଢ଼ାଇଛି।

# 'ଶିକ୍ଷା ହେଉଛି ପ୍ରଗତିର ରଥ'


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବୋଲଗଡ଼, ୭।୨(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ କଳାଙ୍ଗ ସ୍ଥିତ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯୋଚିନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ କୈଳାସ ନାଥ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ହେଉଛି ପ୍ରଗତିର ରଥ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଗୋଷ୍ଠୀ ସହ ଶିକ୍ଷାଧିକାରିଣୀ ଅମ୍ରିତା ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଶିକ୍ଷକ ନେତା ପ୍ରସନ୍ନ ଶ୍ରୀଚନ୍ଦନ, ଏସ୍‌ଏମ୍‌ସି ସଭାପତି ନରେନ୍ଦ୍ର ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ହୋତା, ଅଭିନେତ୍ରୀ ସୁଭଦ୍ରା ମହାନ୍ତି, ସିଆର୍‌ସିସି ବିଭୁ ପ୍ରସାଦ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ କୁବେର ପ୍ରଧାନ, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ପ୍ରଧାନ, ନାଏବ ସରପଞ୍ଚ ପ୍ରଭାତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରଧାନଶିକ୍ଷକ ଦାସ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ପ୍ରଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରମୋଦ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଇତିଶ୍ରୀ ବଳିୟାରସିଂହ, ସନ୍ଧ୍ୟାରାଣୀ ପାଣି, ମାନସୀ ସାହୁ ପ୍ରମୁଖଙ୍କ ମିଳିତ ନିର୍ଦ୍ଦେଶନାରେ ନୃତ୍ୟଗୀତ ପରିବେଷଣ ହୋଇଥିଲା। ଶିକ୍ଷକ ପ୍ରବୀର ମୋହନ ପଟ୍ଟନାୟକ, ପ୍ରତାପ ରାଉତରାୟ, ଚିତ୍ତରଞ୍ଜନ ସାହୁ ଓ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର, ମାନସୀ ସାହୁ, ନନ୍ଦିନୀ ଚଣ୍ଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଲବଣଗିରି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଜଟଣୀ, ୭।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଲବଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହିତ ଉତ୍ତମ ବ୍ୟବହାର ଏବଂ ଖେଳକୁଦ, ଦେଶପ୍ରେମୀ ତଥା ସଂସ୍କାରିତ ରହି ଆଦର୍ଶ ଭାବେ ନିଜକୁ ଗଢ଼ି ତୋଳିବାକୁ ବିଶ୍ୱାଳ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୂର୍ବତନ ଶିକ୍ଷକ ଶଙ୍କର ମହାପାତ୍ର ଏବଂ ଶରତ ପାଇକରାୟ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ମୁଖ୍ୟବକ୍ତା, ସୁଧାଂଶୁ ଶେଖର ହରିଚନ୍ଦନ, ମନୋଜ ନନ୍ଦ, ସନ୍ତୋଷ କର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଦେବସ୍ମିତା ପ୍ରଧାନଙ୍କୁ ଉଲ୍ଲେଖନୀୟ କୃତିତ୍ୱ ପାଇଁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପିଏମ୍‌ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ବାଣପୁର, ୭।୨(ଦିଲୀପ କୁମାର ସ୍ୱାଇଁ)

ଗମ୍ଭାରୀମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ବିଶ୍ୱମୁକ୍ତି ପତ୍ରିକାର ସମ୍ପାଦକ ଡ. ଶଶାଙ୍କ ଚୂଡ଼ାମଣି, ସମ୍ମାନିତ ଅତିଥିଭାବେ ଡ. ସୁରେନ୍ଦ୍ର ନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ମହାରଣା, ପ୍ରଦୀପ ହୋତା, ଦୁଷ୍ମନ୍ତ ହରିଚନ୍ଦନ, ଚିନ୍ମୟ ପଟ୍ଟନାୟକ, ଅନିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ତ୍ରିନାଥ ହୋତା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ରାଉତ, ପ୍ରଜ୍ଞାଶ୍ରୀ ମହାରଣା, ଜ୍ୟୋତିପ୍ରଭା ସାହୁ, ବିଶ୍ୱରଞ୍ଜିତା ପ୍ରଧାନ, ଜୟଶ୍ରୀ ପ୍ରଧାନ, ବିଦ୍ୟୁତ୍ ପ୍ରଭା ସେଠୀ, ସସ୍ମିତା ବାଗସିଂ, ସ୍ମୃତିରେଖା ମନ୍ତ୍ରୀ, ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ ଜେନା, କୁମାର ଆଭାମାୟା ରଥ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସପ୍ତମ ଶ୍ରେଣୀ ଛାତ୍ରୀ ସ୍ୱୟଂଶ୍ରୀ ସମ୍ପୂର୍ଣ୍ଣା ଚାମ୍ପିୟନ ହୋଇଥିବା ବେଳେ ତାଙ୍କୁ ମନ୍ତ୍ରୀ ହରିଚନ୍ଦନ ପୁରସ୍କୃତ କରିଥିଲେ। ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶନିବାର ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଅତୁଲ୍ୟ ଚମ୍ପତିରାୟ, ସମ୍ମାନିତ ଅତିଥିଭାବେ ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା, ବାଣପୁର ବିଆର୍‌ସିସି ପ୍ରଭାତ କୁମାର ସେଠୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗୌରହରି ଦଳବେହେରା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଦାଶ, ଶାନ୍ତିଲତା ସେଠୀ ଯୋଗଦେଇଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କଳାପଥର,୭।୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟପୁର ଶାସନ ପଞ୍ଚାୟତ ଅଧୀନ ଶ୍ରୀରାମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ରାଜରାଣୀ ସାହୁ ଏବଂ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାହୁ ଖଣ୍ଡପଡ଼ାସ୍ଥିତ ସରପାରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାକିରି ଆରମ୍ଭକରି ଶେଷରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଅବସର ନେଇଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଚାଳିଶ ବର୍ଷ ଚାକିରି କରି ଉକ୍ତ ସ୍କୁଲରେ ଅବସର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକନେତା ସୁମନ୍ତ କୁମାର ଛୋଟରାୟ, ଅବସରପ୍ରାପ୍ତ ବିଇଓ ବିଷ୍ଣୁ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ବିଇଓ ବୈକୁଣ୍ଠ ନାଥ ମହାରଣା, ବିଇଓ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶିକ୍ଷକନେତା ମଳୟ କୁମାର ପଣ୍ଡା, ଶିକ୍ଷକନେତା ଶୈଳେନ ପଟ୍ଟନାୟକ, ଶିକ୍ଷକନେତା ଅପର୍ତ୍ତି ଭଞ୍ଜ, ପଦ୍ମଚରଣ ବେହେରା, ଯଶୋଦା ସାହୁ, ଏବିଇଓ ଗଙ୍ଗାଧର ଜେନା, ପ୍ରଫୁଲ୍ଲ କୁମାର ସିଂ, ସଞ୍ଜୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ'



ବାର୍ଷିକ ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

## ବେଗୁନିଆ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବେଗୁନିଆ, ୭।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟର ୪୮ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ବେଗୁନିଆ ପଞ୍ଚାୟତସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ପୂର୍ବତନ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ବିଧୁଭୂଷଣ ରାଉତ ବାର୍ଷିକ ବିବରଣୀ ପଠନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଅବଦୁଲ କଲାମଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ପିଲାମାନେ ତୁମେ ପରିଶ୍ରମ କର, ନିଶ୍ଚୟ ସଫଳତା ମିଳିବ। ସଦାସର୍ବଦା ନିଜ ମନକୁ ସ୍ୱଚ୍ଛ, ନିର୍ମଳ ରଖ ଏବଂ ସ୍ମାର୍ଟ ହୋଇ ଯୁବଶକ୍ତିକୁ ଜାଗ୍ରତ କର, ଯାହାକି ଦେଶ, ଜାତି ଏବଂ ରାଷ୍ଟ୍ର ପାଇଁ ଗରିୟାନ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ୫ ବଖରାବିଶିଷ୍ଟ କଳା ବିଭାଗର ନୂତନ ଶ୍ରେଣୀଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କ୍ରୀଡ଼ା, ସାହିତ୍ୟିକ, ଚାମ୍ପିୟନଙ୍କୁ ନବଘନ ପ୍ରତିଭା ମେଧାବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ବଲାଙ୍ଗୀ କଲେଜରେ ସଂସ୍କୃତ ବିଭାଗରେ ଆଲୋଚନାଚକ୍ର**

ବଲାଙ୍ଗୀ,(କେଦାରେଶ୍ୱର ନନ୍ଦ)- ବଲାଙ୍ଗୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗୀୟ ମୁଖ୍ୟ କେଳୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରରେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଧନକର୍ମୀ ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁଜିତ୍ କୁମାର ମିଶ୍ର ଆଲୋଚନାଚକ୍ରରେ ଭାଗନେଇ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପିକା ଭାରତୀ ତ୍ରିପାଠୀ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଜମି ବିବାଦ ନେଇ ବୋମାମାଡ଼, ଜଣେ ଗିରଫ

ଗୋପ,୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଜମି ବିବାଦକୁ ନେଇ ଗୋପ ଥାନା ଅନ୍ତର୍ଗତ ବନ୍ତଳି ପଞ୍ଚାୟତର ତରଣା ଗ୍ରାମରେ ବୋମାମାଡ଼ ହୋଇଛି। ଏହି ବୋମାମାଡ଼ ଘଟଣାରେ ଗୋପ ପୋଲିସ ଘଣ୍ଟାଏ ମଧ୍ୟରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ଫେରାର ଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ତରଣା ଗ୍ରାମର ମଙ୍ଗରାଜ ପଲେଇ (୨୧) ବୋଲି ତଦନ୍ତକାରୀ ଅଧିକାରୀ ବୁଦ୍ଧରାୟ ମାଝୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ଧରି ଜମିଜମା ଘଟଣାକୁ ନେଇ ତରଣା ଗ୍ରାମର ସସ୍ମିତା ପଲେଇ ଓ ମଙ୍ଗରାଜ ପଲେଇଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ଘଟଣାରେ ୪/୫ ଦିନ ତଳେ ମଧ୍ୟ ଥାନାରେ ବିବାଦୀୟ ଜମିରେ ଗୋଟିଏ କୁଟାଗଦାକୁ ନେଇ ପାଟିତୁଣ୍ଡ ହେବାରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉଭୟ ପକ୍ଷଙ୍କୁ ଡାକିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହେବାରୁ ମଙ୍ଗରାଜ ଓ ପପୁ ସସ୍ମିତା ପଲେଇଙ୍କ ଘର ଉପରକୁ ୨ଟି ବୋମାମାଡ଼ କରିଥିଲେ। ମାତ୍ର ବୋମା ସସ୍ମିତାଙ୍କ ପଡ଼ିଶା ଘର ସର୍ବେଶ୍ୱର ପଲେଇଙ୍କ କାନ୍ଥରେ ମାଡ଼ ହୋଇଥିଲା। ଦାଣ୍ଡ ପିଣ୍ଡାରେ ବସିଥିବା ସର୍ବେଶ୍ୱର ପଲେଇ (୫୮) ଓ ପତ୍ନୀ ବାସନ୍ତୀ ପଲେଇ (୫୫)ଙ୍କ ନିକଟରେ ବିସ୍ଫୋରଣ ହୋଇଥିଲା। ଫଳରେ ଦମ୍ପତି ଆହତ ହୋଇଥିଲେ। ପରିବାର ସଦସ୍ୟ ସଙ୍ଗେ ସଙ୍ଗେ ଉଭୟଙ୍କୁ ପୁରୀ ସଦର ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଘଟଣା ଘଟିବା ପରେ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ଓ ବୁଦ୍ଧରାୟ ମାଝୀଙ୍କ ଟିମ୍ ସହ ତରଣା ଗ୍ରାମରେ ଚଢ଼ାଉ କରି ମଙ୍ଗରାଜ ପଲେଇଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ହୋଇଥିଲେ। ଶନିବାର ଗୋପ ପୋଲିସ ଓ ଜିଲା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ୪୫/୨୬ରେ ଏକ ମାମଲା ରୁଜୁ କରିଛି।

## ଶନିଶ୍ଚର ଦେବଙ୍କ ୯ମ ବାର୍ଷିକ ଉତ୍ସବ

ଚାରିଛକ,୭।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମର ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ୧୦ମ ବାର୍ଷିକୋତ୍ସବ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମାନସିକ ବ୍ରତଧାରୀ ଶ୍ରଦ୍ଧାଳୁ ନିକଟସ୍ଥ ଗ୍ରାମ ପୁଷ୍କରିଣୀରୁ ୨୦ରୁ ଊର୍ଦ୍ଧ୍ୱ ଜଳକଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଉପସ୍ଥିତ ପଣ୍ଡିତ ବିଦ୍ୟାଭୂଷଣ ମିଶ୍ର, ସୁବାସ କୁମାର ଦାଶ, ବିଜୟ କୁମାର ମିଶ୍ର ଓ ନିମାଇଁ ଚରଣ ମିଶ୍ରଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ପୂଜାରେ ମୁଖ୍ୟକର୍ତ୍ତା ଭାବେ ରଘୁନାଥ ସାହୁ ଓ କର୍ତ୍ତ୍ରୀ ଭାବେ ମୋନାଲିସା ସାହୁ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ନାମ ସଂକୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ରାତି ୨ଟାରେ ଉଠିବ ମହାଦୀପ

### ବାବା ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

କୋଣାର୍କ,୭।୨(ଜ୍ୟୋତିରାଜ ମହାନ୍ତି)


ବୈଠକରେ ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟ ଅତିଥିମାନେ ।

ପୁରୀ-କୋଣାର୍କ ବେଳାମାର୍ଗ ସଂଲଗ୍ନ ତରକୋର ପଞ୍ଚାୟତରେ ଅବସ୍ଥିତ ତଥା ଭଙ୍ଗା ହାଡ଼ଯୋଡ଼ା ପାଇଁ ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ବ୍ୟାରିକେଟ ନିର୍ମାଣ, ଶ୍ରଦ୍ଧାଳୁଙ୍କ ପାଇଁ ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସ୍ୱେଚ୍ଛାସେବୀ ମୁତୟନ, ସ୍ୱଚ୍ଛତା ପରିମଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମେତ ଠାକୁରଙ୍କ ନୀତିକାନ୍ତି ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଗତବର୍ଷ ଭଳି ଚଳିତ ବର୍ଷ ବାବା ବାଲିକପିଳେଶ୍ୱର ପୀଠରେ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ସେବାୟତ ଓ ଉନ୍ନୟନ କମିଟି, ତରୋକୋର ପଞ୍ଚାୟତ ଓ ଗ୍ରାମ୍ୟ କମିଟି ସହିତ ଆଲୋଚନା ପରେ ଠାକୁରଙ୍କ ନୀତି ନିର୍ଦ୍ଧାରଣ କରାଯାଇଛି। ଜାଗର ଭୋର ସମୟରୁ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି, ସ୍ନାନ ଚନ୍ଦନ ବେଶ, ବାଳ ଭୋଗ ପରେ ଭୋର୍ ୪ଟାରୁ ସର୍ବସାଧାରଣ ଦର୍ଶନ, ଖେଚୁଡ଼ି ଧୂପ, ଆଳତି, ଦିବା ୨ଟାରେ ମଧ୍ୟାହ୍ନ ସ୍ନାନ, ଖିରିଧୂପ, ଆଳତି, ସନ୍ଧ୍ୟା ଆଳତି, ରାତ୍ର ସ୍ନାନ, ବେଶ, ରାତିରେ ମନ୍ଦିର ଶୋଧ, ହରିହର ଭେଟ, ପରେ ରାତି ୨ଟାରେ ମହାଦୀପ ମନ୍ଦିର ଉପରକୁ ଉଠିବା ନେଇ ନୀତି ନିର୍ଦ୍ଧାରଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ, ତରକୋର ଗ୍ରାମ କମିଟି ସଭାପତି ଦୁର୍ଯ୍ୟୋଧନ ଖଟୋଇ, ଯୁବନେତା ଭାଜପା ମଣ୍ଡଳ ସଭାପତି ଦିଲୀପ କୁମାର ପ୍ରଧାନ, ଗୋପ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର, ରାମଚଣ୍ଡୀ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା, ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ବେହେରା, ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସୁତନ ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ବେହେରା, ତରକୋର ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ନିରଞ୍ଜନ ବେହେରା, ସୁତନ ସମିତିସଭ୍ୟ କାଶୀନାଥ ନାୟକ, ସେବାୟତ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ଉପସଭାପତି ଗଗନ ନାୟକ, ମନ୍ଦିର ସେବାୟତ ସମ୍ପାଦକ ମଦନ ମୋହନ ମହାପାତ୍ର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହାୟକ ଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ବେହେରା, ୱାର୍କୋ ଯନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସମେତ ସେବାୟତ, ବିଭିନ୍ନ କମିଟିର ସଦସ୍ୟ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ଜିଲାର ୪,୦୮,୮୩୯ ଜଣଙ୍କୁ ଦିଆଯିବ ବଟିକା

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)

**୧୦ରେ ଜାତୀୟ କୃମି ନାଶ ଦିବସ**

ପୁରୀ ଜିଲାର ସମସ୍ତ ବିଦ୍ୟାଳୟରେ ଫେବୃଆରୀ ୧୦ରେ ଜାତୀୟ କୃମି ନାଶ ଦିବସ ପାଳିତ ହେବ। ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇଙ୍କ ପରାମର୍ଶରେ ପ୍ରସ୍ତୁତି ଶେଷ ହୋଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୃମି ନାଶ ଆଲବେଣ୍ଡାଜୋଲ ବଟିକା ବା ସିରପ୍ ପ୍ରଦାନ କରାଯିବ। ପିଲାଙ୍କଠାରେ ପ୍ରାୟ କୃମି ଦେଖାଯାଏ ଓ ଏହା ଦ୍ୱାରା ପିଲାମାନେ ରୁଗ୍ଣ ଓ ଦୁର୍ବଳ ହୋଇଥାନ୍ତି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମିନାଶନ ଜରୁରୀ ହୋଇଥାଏ। ଯେଉଁମାନେ ଫେବୃଆରୀ ୧୦ରେ କୌଣସି କାରଣବଶତଃ ଅନୁପସ୍ଥିତ ରହିଥିବେ ବା ଅସୁସ୍ଥ ଥିବା ଯୋଗୁ କୃମିନାଶକ ବଟିକା ଖାଇ ନ ଥିବେ ସେମାନଙ୍କୁ ଫେବୃଆରୀ ୧୭ରେ ଏହି ଔଷଧ ଦିଆଯିବ। ୧ ବର୍ଷରୁ ୧୯ ବର୍ଷ ବୟସ୍କ ପର୍ଯ୍ୟନ୍ତ ପିଲା ଓ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ଦିଆଯିବ। ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୨୦୫ ଶିକ୍ଷାନୁଷ୍ଠାନର ୨,୦୧,୩୪୮ ଛାତ୍ରୀଛାତ୍ର, ୨୫୪ ବେସରକାରୀ ଶିକ୍ଷାନୁଷ୍ଠାନର ୫୬,୫୬୩ ଛାତ୍ରୀଛାତ୍ର, ୨୫୬୬ ଅଙ୍ଗନୱାଡି କେନ୍ଦ୍ରର ୮୮,୬୬୮ ପିଲା ଓ ୬୨,୨୬୦ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ସେବନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ମୁଖ୍ୟଙ୍କୁ ପରାମର୍ଶ ଓ ସଚେତନ କରାଯାଇଛି ବୋଲି ମଧ୍ୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀଙ୍କ ସୂତ୍ରରୁ ପ୍ରକାଶ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ବୃନ୍ଦ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଓ ଅନ୍ୟାନ୍ୟ ସହକାରୀ ପ୍ରକଳ୍ପ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମବାର୍ଷିକୀ

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ 'ସୁଧା' ମିଳିତ ଅନୁକୂଲ୍ୟରେ ସଂସ୍କୃତି ଭବନଠାରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମବାର୍ଷିକୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଆର୍ଟ ଗ୍ୟାଲେରୀର ମୁଖ୍ୟ ସତ୍ୟ ପାଢ଼ୀ ଯୋଗଦେଇ ରାଷ୍ଟ୍ରୀୟ ଅଖଣ୍ଡତା ଐକ୍ୟ, ଏକତା ଏବଂ ସାର୍ବଭୌମତ୍ୱ, ନାରୀଶିକ୍ଷା, ନାରୀ ସଶକ୍ତୀକରଣ ଏବଂ ଶ୍ୟାମପ୍ରସାଦଙ୍କ ଉକ୍ତି ଏକ ଦେଶ, ଏକ ପ୍ରଧାନ, ଏକ ଦେଶ ଏକ ବିଧାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତ୍ୟାଗପୂତ ଜୀବନ ଏବଂ ସମାଜ ସଂସ୍କାର କାର୍ଯ୍ୟାବଳୀ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଉତ୍ସବକୁ 'ସୁଧାର' ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

## 'ଛାତ୍ରୀଛାତ୍ର ପାଠପଢ଼ି ଭଲ ମଣିଷ ହୁଅନ୍ତୁ'

କଣାସ, ୭।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତ କରମଳାସ୍ଥିତ ଅଭିରାମ ସଂଯୁକ୍ତ ବିଦ୍ୟାପୀଠରେ ୫୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଓମ୍‌ପ୍ରକାଶ ମିଶ୍ର, କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଶାନ୍ତିଆନନ୍ଦ ଆଶ୍ରମର ସନ୍ନ୍ୟାସୀ ବନବିହାରୀ ଦାସ, ଆଳିବାଡ଼ ସରପଞ୍ଚ ମଞ୍ଜୁଲତା ପ୍ରଧାନ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇତିଶ୍ରୀ ସୁବୁଦ୍ଧି, ଆଲୁମ୍‌ନି କମିଟି ସଭାପତି ରଘୁନାଥ ପ୍ରଧାନ, ଶିକ୍ଷାବିତ୍ ଭ୍ରମରବର ସାମନ୍ତରାୟ, ଭାସ୍କର ଚନ୍ଦ୍ର ନାୟକ, ନୃସିଂହ ଚରଣ ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଚକ୍ରଧର ମହାପାତ୍ର ବାର୍ଷିକ ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ପଲାଇ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନିଶା କାରବାର ରୋକିବାକୁ ନିଶା ନିବାରଣ ମଞ୍ଚ ପକ୍ଷରୁ ଦାବିପତ୍ର


ନିଶା ନିବାରଣ ମଞ୍ଚପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଡେଲାଙ୍ଗ,୭।୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ୍ ଘନିପୁର ପଞ୍ଚାୟତରେ ଦିନକୁ ଦିନ ବେଆଇନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଓ ବେକାର ଯୁବକ ନିଶାକବଳରେ ପଡ଼ି କୁପଥଗାମୀ ହେବାରେ ଲାଗିଛନ୍ତି। ପଞ୍ଚାୟତର ବରିଷ୍ଠ ବୁଦ୍ଧିଜୀବୀମାନେ ପଥଭ୍ରଷ୍ଟ ଯୁବକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟନେଇ ଜାନୁଆରୀ ୩୧ରେ ପଞ୍ଚାୟତସ୍ତରୀୟ ନିଶା ନିବାରଣ ମଞ୍ଚ ଗଠନ କରିଛନ୍ତି । ଚିନ୍ମୟୀ ପରିଡ଼ାଙ୍କୁ ଏହି ମଞ୍ଚର ସଭାପତି ଭାବେ ଚୟନ କରାଯାଇଥିଲା। ଏନେଇ ଶନିବାର ଅପରାହ୍ନରେ ସାମାଜିକ କର୍ମୀ ଶଶି ଶେଖରଙ୍କ ଅଧ୍ୟକ୍ଷତାରେ ନିଶା ନିବାରଣ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ସରପଞ୍ଚ କାମିନୀ ରାଉତରାୟ, ସମିତିସଭ୍ୟା ରାଜଲକ୍ଷ୍ମୀ ବେହେରା, ନିଶା ନିବାରଣ ମଞ୍ଚ ସଭାପତି ଚିନ୍ମୟୀ ପରିଡ଼ାଙ୍କ ସମେତ ମଞ୍ଚର ସଦସ୍ୟ ଓ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ରହି ନିଶାକାରବାର ବନ୍ଦ କରିବାକୁ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ସ୍ଥାନୀୟ ପୋଲିସ ସହାୟତା କେନ୍ଦ୍ରର ଅଧିକାରୀ କୁଳମଣି ବେହେରାଙ୍କୁ ଦାବିପତ୍ର ଦିଆଯିବା ସହ ମୁଖ୍ୟମନ୍ତ୍ରୀ, ଏସ୍‌ପି, ଡେଲାଙ୍ଗ ଥାନାଧିକାରୀ, ଏକ୍ସାଇଜ୍ ଏସ୍‌ପି ପ୍ରମୁଖଙ୍କୁ ଦାବିପତ୍ର ଡାକ ମାଧ୍ୟମରେ ପ୍ରେରଣ କରାଯାଇଛି।

## କ୍ରୀଡ଼ାର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

ପୁରୀ, ୭।୨(ଅଜିତ୍ କୁମାର ମହାନ୍ତି)

ଜିଲାରେ କ୍ରୀଡ଼ା ଓ ଯୁବ ବିକାଶର ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ସଂଗଠନ 'ସମ୍ପର୍କ' ପକ୍ଷରୁ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ଜିଲାର କ୍ରୀଡ଼ା ଢାଞ୍ଚା ବିକାଶ ଓ କ୍ରୀଡ଼ାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି।

ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ଅନୁଯାୟୀ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସମୁଦ୍ରତଟୀୟ ଜିଲା ପୁରୀର ଦୀର୍ଘ ସମୁଦ୍ରତଟ ବିଚ୍ ଭଲିବଲ, ବିଚ୍ କବାଡ଼ି, ବିଚ୍ କୁସ୍ତି, ସର୍ଫିଂ ଓ ଅନ୍ୟାନ୍ୟ ଜଳକ୍ରୀଡ଼ା ପ୍ରଚାର ପାଇଁ ବିଶେଷ ସୁଯୋଗ ଦେଉଛି। ଯଥୋଚିତ ପରିକଳ୍ପନା ଓ ଆବଶ୍ୟକ ଢାଞ୍ଚା ବିକାଶ କରାଗଲେ ପୁରୀକୁ ଦେଶର ଏକ ପ୍ରମୁଖ ବିଚ୍ କ୍ରୀଡ଼ା କେନ୍ଦ୍ର ଭାବେ ଉନ୍ନତ କରାଯାଇପାରିବ, ଯାହା ଯୁବକମାନଙ୍କ ଅଂଶଗ୍ରହଣ ବୃଦ୍ଧି ସହ କ୍ରୀଡ଼ା ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହନ ଦେବ। ଓଡ଼ିଶା ବିଶେଷକରି ପୁରୀ ପାରମ୍ପରିକ କୁସ୍ତି ପାଇଁ ପରିଚିତ। ପୁରୀରେ ଆଜି ମଧ୍ୟ 'ଜାଗା ଘର' ପରମ୍ପରା ଜୀବନ୍ତ ଅଛି ଓ ଅନେକ ପ୍ରତିଭାଶାଳୀ ଯୁବକ ଏହି କ୍ରୀଡ଼ା ପ୍ରତି ଆଗ୍ରହୀ। ଏହାକୁ ଦୃଷ୍ଟିରେ ରଖି ପୁରୀରେ ଆଧୁନିକ ସୁବିଧାସମ୍ପନ୍ନ ଏକ କୁସ୍ତି ଏକାଡେମୀ ପ୍ରତିଷ୍ଠା, ଯେଉଁଠାରେ ପ୍ରଶିକ୍ଷିତ କୋଚ୍, ଟ୍ରେନର, ଆଧୁନିକ ସାମଗ୍ରୀ ଓ ଆବାସିକ ବ୍ୟବସ୍ଥା ରହିବ। ସେହିପରି କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ପୁରୀର ବର୍ତ୍ତମାନ ଯୁବ ଛାତ୍ରାବାସର ପୁନରୁଦ୍ଧାର ଓ ବିସ୍ତାର ଏବଂ ଜାତୀୟ, ଅନ୍ତର୍ଜାତୀୟସ୍ତରର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ ୧୦୦୦ ଆସନବିଶିଷ୍ଟ କନ୍‌ଭେନ୍‌ଶନ ହଲ୍ ନିର୍ମାଣର ଆବଶ୍ୟକତା ମଧ୍ୟ ଉଠାଯାଇଛି। ଏହି ଅବସରରେ ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଛନ୍ତି, ପୁରୀ କେବଳ ଧାର୍ମିକ ଓ ପର୍ଯ୍ୟଟନ ନୁହେଁ, କ୍ରୀଡ଼ା ଓ ଯୁବଶକ୍ତିର ଏକ ମହତ୍ୱପୂର୍ଣ୍ଣ କେନ୍ଦ୍ର ହୋଇପାରେ। ଠିକ୍ ଢାଞ୍ଚା ଓ ସରକାରୀ ସହଯୋଗ ମିଳିଲେ ପୁରୀର ଯୁବକମାନେ ଦେଶକୁ ଅନେକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଦେଇପାରିବେ। ଯୁବମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମେ ଏହି ଦାବି ରଖିଛୁ।

## ବାସୁଦେବଙ୍କ ୬ଷ୍ଠ ବାର୍ଷିକ ଉତ୍ସବ

ଯୋଗେଶ୍ୱରପୁର,୭।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିଅନ୍ତର୍ଗତ ଧୂମାଳ ପଞ୍ଚାୟତର ଆଲୁଦଣ୍ଡାପାଟଣା ଗ୍ରାମର ବାସୁଦେବ ଠାକୁରଙ୍କ ୬ଷ୍ଠ ବାର୍ଷିକ ଉତ୍ସବ ଶନିବାର ଆରମ୍ଭ ହୋଇଛି। ମୁଖ୍ୟ କର୍ତ୍ତା ଭାଗୀରଥି ବେହେରା କହିଛନ୍ତି ଯେ, ଏହା ତିନି ଦିନ ଧରି ଚାଲିବ। ଏଠାରେ ଗରିବ ଲୋକଙ୍କୁ ନୂଆଲୁଗା ଓ ଆର୍ଥିକ ସହାୟତା ଦିଆଯିବ। ପ୍ରଥମ ଦିନରେ ଭଜନସନ୍ଧ୍ୟା ଆୟୋଜନ କରାଯାଇଥିବା ବେଳେ ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।

## ମ୍ୟୁନିସିପାଲିଟି ଅଫିସ୍ ଘେରିଲା ଓକିଲ ସଂଘ

ପୁରୀ, ୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ମଧୁରଜଳ ଅଞ୍ଚଳକୁ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ଓକିଲ ସଂଘର ସତ୍ୟାଗ୍ରହ ୩୪୩ ଦିନରେ ପହଞ୍ଚିଥିବା ବେଳେ ଶନିବାର ସଂଘ ପକ୍ଷରୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ପ୍ରତିବାଦ ୩୪୩ ଦିନରେ ପହଞ୍ଚିଥିବା ବେଳେ ସଂଘ ସହ ସରକାର କି ବିଚାର ବିଭାଗ କୌଣସି ଆଲୋଚନା କଲେନାହିଁ। ସରକାରୀସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜିଲାପାଳ, ମୁଖ୍ୟ ବିଚାରପତିଙ୍କଠାରୁ ହାଇକୋର୍ଟ ବିଚାରପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବାଲୁଖଣ୍ଡରେ ଗଢ଼ିଉଠିଥିବା ବେଆଇନ ନିର୍ମାଣକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶମତେ ଉଚ୍ଛେଦ କର, ମଧୁରଜଳ ଅଭୟାରଣ୍ୟ ଅଞ୍ଚଳକୁ ସୁରକ୍ଷା କର। ନ କଲେ ସଂଘ ଅଦାଲତ ଅବମାନନା କେସ୍ କରିବାକୁ ବାଧ୍ୟହେବ ବୋଲି କହିଛି। ଏଥିରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ସାରଦା ସାମଲ, ସମୀର ଘୋଷ, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ରବି ନାରାୟଣ ପ୍ରଧାନ, ବିଭୂତି ତ୍ରିପାଠୀ, ପ୍ରମୋଦ ସିଂ ସାମନ୍ତ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ ରଥ, ନୀଳିମା ମିଶ୍ରଙ୍କ ସମେତ ଶତାଧିକ ଓକିଲ ଘେରାଉରେ ସାମିଲ ହୋଇଥିଲେ।



ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଓକିଲ ସଂଘର ବିକ୍ଷୋଭ ।

## ଓଡ଼ିଶା-ଜାପାନ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)



ଜଣେ ଜାପାନୀ ପର୍ଯ୍ୟଟକ ଗିଟାର ବଜାଉଛନ୍ତି ।

ପାରସ୍ପରିକ ସଦ୍‌ଭାବନା ଓ ଭାଇଚାରାକୁ ସମୃଦ୍ଧ କରେ ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଏ କ୍ଷେତ୍ରରେ ଭାଷା ଆଦୌ ପ୍ରତିବନ୍ଧକ ହୁଏ ନାହିଁ। ଏହାକୁ ଆଜି ପ୍ରମାଣ କରିଛନ୍ତି ଓଡ଼ିଶା -ଜାପାନ କଳାକାରମାନେ। ତାଳବଣିଆ ପଡ଼ିଆରେ ଶନିବାର ଠାରୁ ୨ଦିନିଆ ଓଡ଼ିଶା ଜାପାନ ସାଂସ୍କୃତିକ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ରହି କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମହୋତ୍ସବକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିବା ସହ ୨ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧିରେ ଏହା ସହାୟକ ହେବ ବୋଲି କହିଥିଲେ। ଓଡ଼ିଶା ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏହାସହ କଳାର ଆଦାନ ପ୍ରଦର୍ଶନ ଉଭୟ ଭାରତ ଓ ଜାପାନର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ। ଶ୍ରୀମନ୍ତ ଦାସ ଓ ଭାଇ କୁନା ଦାସଙ୍କ ସହଯୋଗରେ ଜାପାନରୁ ଅନେକ ପର୍ଯ୍ୟଟକ ଓ କଳାକାର ଓଡ଼ିଶା ବିଶେଷ କରି ପୁରୀ ଆସୁଛନ୍ତି। ସେମାନେ ମଧ୍ୟ ରଥଯାତ୍ରା, ଦୀପାବଳି, ହୋଲି ଇତ୍ୟାଦି ଓଡ଼ିଆ ପର୍ବରେ ସାମିଲ ହୋଇ ଆମ ସଂସ୍କୃତିକୁ ଭଲ ପାଇବା ଦେଉଛନ୍ତି। ଏହି ସମ୍ପର୍କ ଆହୁରି ଋଦ୍ଧିମନ୍ତ ହେଉ ବୋଲି ବେହେରା କହିଥିଲେ। ପରେ ଜାପାନ କଳାକାରମାନେ ସେମାନଙ୍କ ପାରମ୍ପରିକ ଜାପାନୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

ଜାପାନ କଳାକାର ବଲିଉଡ୍ ସଙ୍ଗୀତ ଓ ନୃତ୍ୟକୁ ନିଖୁଣ ଭାବେ ପରିବେଷଣ କରିଥିଲେ। ଇଣ୍ଡୋ-ଜାପାନ ଫ୍ରେଣ୍ଡସିପର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଜିଲା ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଭାରତ ସରକାରଙ୍କର ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ରଶ୍ମି ସୋନିଆ ତୋମୀ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପେଣ୍ଟକଟା ମେରାଇନ ଥାନା ଅଧିକାରୀ ବିକ୍ରମ କେଶରୀ ଜେନା, ଚନ୍ଦନପୁର ଥାନାଧିକାରୀ ଭୁବନ ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘୋଷକ ଡ. ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

## କ୍ଷତିପୂରଣ ସହ ବିଭିନ୍ନ ଦାବିରେ ୫ ଘଣ୍ଟା ରାସ୍ତାରୋକୋ





ଶଙ୍କର ରାଉତରାୟ।

ନିରାକାରପୁର,୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଖଡ଼ିପଦର ଗ୍ରାମର ଶଙ୍କର ରାଉତରାୟ ଓରଫ ହାବୁଲା(୪୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ଶନିବାର ସକାଳେ ଶରଣକୂଳରୁ-ପୁରୀ ଯାଇଥିବା ନୂଆଜଗନ୍ନାଥ ସଡ଼କର ସିକୋ ଖଡ଼ିପଦର ଛକରେ ୫ଘଣ୍ଟା ରାସ୍ତାରୋକୋ କରାଯାଇଥିଲା।

ସୂଚନା ମୁତାବକ, ଶୁକ୍ରବାର ରାତିରେ ଶଙ୍କର ସିକୋ ବଜାରରେ କାର୍ଯ୍ୟ ସାରି ସାଇକେଲରେ ଘରକୁ ଫେରୁଥିଲେ। ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳି ଦେଇଥିଲା। ପରେ ଗ୍ରାମବାସୀଙ୍କ ପାଟି ଶୁଣି ହାତୀଟି ଜଙ୍ଗଲ ଭିତରକୁ ପଳାଇଥିଲା। ଗ୍ରାମବାସୀଙ୍କ ସହିତ ମୃତକଙ୍କ ସମ୍ପର୍କୀୟମାନେ ଶନିବାର ସକାଳ ୮ଟାରେ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ସିକୋ ଖଡ଼ିପଦର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଏସିଏଫ୍‌ଓ ଦେବାଶିଷ ଭୋଇ, ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା, ଭୂଷଣ୍ଡପୁର ବନପାଳ ଦୁଃଶାସନ ନାୟକ, ଟାଙ୍ଗୀ ବନପାଳ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ସରପଞ୍ଚ ରୂପକାନ୍ତି ସାହୁ, ସାମାଜିକ କର୍ମୀ ଅରବିନ୍ଦ ରାୟ, ସର୍ବେଶ୍ୱର ମଙ୍ଗରାଜ, ଦୁର୍ଗାଚରଣ ସ୍ୱାଇଁ, ଦୁର୍ଗାଚରଣ ମଙ୍ଗରାଜ, ବାବି ପାଟଶାଣୀ, ଜିଲାପରିଷଦ ସଭ୍ୟା ତନୁଜା ପାଟଶାଣୀ ପ୍ରମୁଖ ଯୋଗଦେଇ ରାତିରେ ବିଦ୍ୟୁତ୍ କାଟ ବନ୍ଦ, ହାତୀକୁ ଯେପରି ସୁରକ୍ଷା ଦିଆଯାଉଛି ସେହିପରି ଜନସାଧାରଣଙ୍କୁ ସୁରକ୍ଷା ଦେବା, ଗଳିକନ୍ଦି ରାସ୍ତାରେ ବିଦ୍ୟୁତ୍ ସଂଯୋଗ କରାଯିବା ଆଦି ଦାବି କରିଥିଲେ। ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ୧ଟାରେ ରାସ୍ତା ଅବରୋଧ ହଟିଥିଲା। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ହଜାର ପ୍ରଦାନ କରାଯାଇଛି। ମୃତ ବ୍ୟକ୍ତିଙ୍କ ଆବଶ୍ୟକ କାଗଜପତ୍ର ଦାଖଲ ପରେ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ସ୍ୱରୂପ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁ ହୋଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଛି ବୋଲି ସିକୋ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ କହିଛନ୍ତି।

## ସଂକ୍ଷେପରେ

### ସୁନାଗହଣା ଲୁଟ୍ ଘଟଣାରେ ଜଣେ ଗିରଫ

**ବାଣପୁର,୭।୨(ଦିଲୀପ କୁମାର ସ୍ୱାଇଁ):** ସୁନାଗହଣା ଲୁଟ୍ ଘଟଣାରେ ବାଣପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଜପତି ଜିଲା ମୋହନା ଥାନା ଅଧୀନ ମୋହନା ଜଗନ୍ନାଥ ମନ୍ଦିର ସାହିର ସାଗର ପାଣିଗ୍ରାହୀ(୨୭)। ତାଙ୍କ ନିକଟରୁ ଏକ ବାଇକ୍, ଗୋଟିଏ ସୁନାହାର ଏବଂ ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାଥାଉ କି, ୨୦୨୪ ଅକ୍ଟୋବର ୨୯ରେ କୁମାରାଙ୍ଗ ଗ୍ରାମର ବିଷ୍ଣୁପ୍ରିୟା ବାଣପୁର କଲେଜ ଛକଠାରେ ସଉଦା କିଣିବା ବେଳେ ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କଠାରୁ ୬୦ଗ୍ରାମର ସୁନାଗହଣା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୬୧/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସିସିଟିଭି ଏବଂ ମୋବାଇଲ ଟ୍ରାକିଂ କରି ପୋଲିସ ଉପରୋକ୍ତ ଅଭିଯୁକ୍ତ ସାଗରଙ୍କୁ ଧରିଥିଲା। ତେବେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ଯାଁଳାରେ କିଶୋରୀ ମେଳା

**ଯାଁଳା, ୭।୨(ବୁଲା ବାରିକ):** ଜଟଣୀ ବ୍ଲକ ଅଧୀନ ଯାଁଳା ଓ ମଦନପୁର ପଞ୍ଚାୟତର କିଶୋରୀମାନଙ୍କୁ ନେଇ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ଉପରେ ବାଲ୍ୟବିବାହକୁ ନା' ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଝୋଟି, ବିଭିନ୍ନ ପ୍ରକାର ଫଳ, ପନିପରିବା, ଶସ୍ୟ ଜାତୀୟ ଖାଦ୍ୟ ଓ ପିଠା ଆଦି ଷ୍ଟଲ୍ ପଡ଼ିଥିଲା। ସୁପରଭାଇଜର ସୁବାସିନୀ ଦାସ, ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସହଯୋଗୀ ସୁଶାନ୍ତ ବେହେରା, ଅଙ୍ଗନୱାଡ଼ି କର୍ମୀ କଳ୍ପନା, ମାନସୀ, ପ୍ରତିଭା, ଇତିଶ୍ରୀ, ସଙ୍ଗୀତା, ଲିତା, ମୈତ୍ରୀ, ସୁନିତା, ମୋହିନୀ, ଗୀତା, ନିରୁପମା, ପିଙ୍କି, ସାଗରିକା, ସଞ୍ଜୁ, ସତ୍ୟଭମା, ସୁଚି ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଣପୁର,୭।୨(ଦିଲୀପ କୁମାର ସ୍ୱାଇଁ): ତାଳବୋରେଇ ସରକାରୀ ଉଚ୍ଚ ପ୍ରାଥମିକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦାମିଆ ବରବରା ସରପଞ୍ଚ ବୀଣାପାଣି ଷଣ୍ଢ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନୀଳାଦ୍ରି ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜକିଶୋର ବଳିୟାରସିଂ, ଶାଳିଆ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ନାୟକ, ବିଂଝଳା(କ) ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଙ୍ଗନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସାଲୁକା ସୁନାମାଝି ଏବଂ ସୁଚିତ୍ରା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଅନ୍ଧବିଶ୍ୱାସ ସଂକ୍ରାନ୍ତୀୟ ସଚେତନତା କର୍ମଶାଳା



ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୭।୨(ପ୍ରଭାତ ପାଣିଗ୍ରାହୀ)

ଏବେବି ଗାଁଗହଳିରେ ଡାହାଣୀ ଲାଗିବା, ଗୁଣିଗାରେଡ଼ି, ଚେଙ୍କ ଦେବା ଭଳି ଅନ୍ଧବିଶ୍ୱାସ ରହିଛି। ଜନଜାଗରଣ ଏବଂ ଜନସଚେତନତା ସୃଷ୍ଟି କରିପାରିଲେ ଏଭଳି କୁପ୍ରଥାର ବିଲୋପ ହୋଇପାରିବ ବୋଲି ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ବନ୍ଦକରିବା ନେଇ ଏକଦିବସୀୟ ସଚେତନତା କର୍ମଶାଳାରେ ରାଜ୍ୟସ୍ତରୀୟ ମୁଖ୍ୟ ପ୍ରଶିକ୍ଷିକାଭାବେ ମାନସୀ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ଅଧ୍ୟକ୍ଷତାକରି କହିଥିଲେ, ପ୍ରାଚୀନ କାଳରେ ଏଭଳି କୁପ୍ରଥା ବହୁଳ ମାତ୍ରରେ ଚାଲିଥିଲା। ଧୀରେ ଧୀରେ ଶିକ୍ଷାର ସାର୍ବଜନିନୀକରଣ ହେତୁ ଏଭଳି ପ୍ରଥା ସମାଜରୁ ହଟିବାରେ ଲାଗିଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରିବାକୁ ହେଲେ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ସମ୍ପୃକ୍ତ ସରକାରୀ କର୍ମଚାରୀ, ଜନପ୍ରତିନିଧି, ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଗ୍ରାମାଞ୍ଚଳ ଏବଂ ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରପାରିଲେ ଏହି କୁପ୍ରଥାର ବିଲୋପ ହୋଇପାରିବ ବୋଲି କହିଥିଲେ। ଏହି କର୍ମଶାଳାରେ ପୋଲିସ କର୍ମଚାରୀ, ସରପଞ୍ଚ, ୱାର୍ଡସଭ୍ୟ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଏଏନ୍‌ଏମ୍, କିଶୋରୀ ବାଳିକା, କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଅନୁସୂଚିତ ଜନଜାତି ଏବଂ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ। ସୌଦାମିନୀ ଦାସ ଧନ୍ୟବାଦ ଦେଇଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ବେଗୁନିଆ, ୭।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସେଥିରୁ ୩ ଗୋରୁଙ୍କୁ ଉଦ୍ଧାର କରିବା ସହ ଚାଳକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ପରିଛଳ ଗ୍ରାମର ଜଗନ୍ନାଥ ବେହେରା। ଏନେଇ ପୋଲିସ ଏକ ମାମଲା (ନଂ.୬୩/୨୬)ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର-ଜାମୁସାହି ରାସ୍ତାରେ ଶୁକ୍ରବାର ରାତିରେ ଏକ ଗୋରୁ ବୋଝେଇ ଗାଡ଼ି ଯାଉଥିବା ନେଇ ବେଗୁନିଆ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ଟିମ୍ ଚଢ଼ାଉ କରି ଏକ ଟାଟା ଏସିଇ (ଓଡି ୦୫ ୫୦୫୬)କୁ ଜବତ କରିଥିଲା। ଗାଡ଼ିରେ ଥିବା ୩ଟି ଗୋରୁଙ୍କୁ ଉଦ୍ଧାର ପରେ ବୋଲଗଡ଼ସ୍ଥିତ ଏକ ଗୋଶାଳାରେ ଛଡ଼ାଯାଇଛି। ସୂଚନାଥାଉ କି, ବେଗୁନିଆ ଥାନା ଅଞ୍ଚଳରେ ଗୋମାଫିଆ ସକ୍ରିୟ ରହି ଅଭିନବ ଉପାୟରେ ଗୋଚାଲାଣ ଜାରି ରଖିଛନ୍ତି। ମାଫିଆମାନେ ଗ୍ରାମାଞ୍ଚଳରୁ ଗୋରୁ କିଣୁଛନ୍ତି। ଛୋଟ ଗାଡ଼ିରେ ବୋଝେଇ କରି ଗୋଟିଏ ସ୍ଥାନରେ ଠୁଳ କରୁଛନ୍ତି। ପରେ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, ଗୋଚାଲାଣ ହେଉଥିବା ସୂଚନା ମିଳିଲେ ଚଢ଼ାଉ କରାଯାଉଛି।

# ୭୦ ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ





କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଜଟଣୀ,୭।୨(ରବୀନ୍ଦ୍ରନାଥ ମହାକୁଡ଼)

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଅନୁମୋଦିତ ୭୦ଟି ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ଜଟଣୀ ପୌର ପରିଷଦର ନିର୍ବାହୀ ଅଧିକାରିଣୀ ଆକ୍ରିତୀ ଗୋଏଙ୍କା, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଜଟଣୀ ସହରର ବିକାଶ ଉପରେ ଆଲୋକପାତ କରିବା ସହ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ର ପୁସ୍ତିକା ଉନ୍ମୋଚନ କରିଥିଲେ। ଉକ୍ତ ଯୋଜନା ମାଧ୍ୟମରେ ଟାଉନ ହଲ୍ ଉନ୍ନତୀକରଣ, ଖୋଲାସ୍ଥାନ ଉନ୍ନତୀକରଣ, ଜଳାଶୟ ପୁନରୁଦ୍ଧାର, ବୈଦ୍ୟୁତିକ ବାହନ ଚାର୍ଜ କେନ୍ଦ୍ର, ପଶୁ କଲ୍ୟାଣ, ଶ୍ମଶାନ ଉନ୍ନତୀକରଣ, ପାଠାଗାର ଉନ୍ନତୀକରଣ ଆଦି କାର୍ଯ୍ୟ ଅନୁମୋଦିତ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ, ମହିଳା ଗୋଷ୍ଠୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସାହୁ, ପୌର କର୍ମଚାରୀ ସତ୍ୟବ୍ରତ ତ୍ରିପାଠୀ, ଅଟଳ ଧର୍ମରାଜ, ମନସ୍ୱିନୀ ମହାରଣା, ସୁଜ୍ଞାନୀ ପାଢ଼ୀ, ଶିକ୍ତା ମହାନ୍ତି, ଜ୍ୟୋତିରଞ୍ଜନ ରାଉତରାୟଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# ନୀଳଶୈଳ ନୃତ୍ୟାଞ୍ଜଳି ନୃତ୍ୟ ମନ ମୋହିଲା

## ନୀଳାମ୍ବୁ ମହୋତ୍ସବର ୨ୟ ସନ୍ଧ୍ୟା





ଟାଙ୍ଗୀ/ନିରାକାରପୁର,୭।୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଐତିହାସିକ ଚାନ୍ଦପୁର ଦଶଦୋଳ ପଡ଼ିଆରେ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ପଦ୍ମନାଭ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, କାର୍ଯ୍ୟକାରୀ ସଭାପତି ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ରବିନାରାୟଣ ଚମ୍ପତି, ଭବାନୀ ଚମ୍ପତି, ଭାଗୀରଥି ମଙ୍ଗରାଜ, ରତିକାନ୍ତ ପ୍ରଧାନ, ପାଇକଗୁରୁ କବିରାଜ ପ୍ରଧାନ, ଅନୁଷ୍ଠାନର କୋଷାଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଘର ବରିଷ୍ଠ ସଭ୍ୟ ଉମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟାରେ ନୀଳଶୈଳ ନୃତ୍ୟାଞ୍ଜଳୀ ନୃତ୍ୟକଳା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏଥିସହିତ ଆଦର୍ଶ ବିଦ୍ୟାଳୟ ଟାଙ୍ଗୀ, ନଟରାଜ ଡ୍ୟାନ୍ସ ଗ୍ରୁପ୍ ଚାନ୍ଦପୁର, ବୀଣାପାଣି ଶିଶୁମନ୍ଦିର ଚାନ୍ଦପୁର ଏବଂ ଦେବ ନୃତ୍ୟାମ ସେମାନଙ୍କର ନୃତ୍ୟ ପରିବେଷଣ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧନୟାଗଡ଼, ନଟରାଜ ଡ୍ୟାନ୍ସ ଏକାଡେମୀ ଚାନ୍ଦପୁର, ଦେବନୃତ୍ୟ ଚାନ୍ଦପୁର ଆଦିର କଳାକାରମାନେ ପ୍ରଥମ ସନ୍ଧ୍ୟାରେ ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସଦସ୍ୟ ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ମହାପାତ୍ର, ଉଦ୍‌ଘୋଷକଭାବେ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ମୀନାବଜାର ସହିତ ଗୁପ୍‌ଚୁପ୍, ଚାଟ୍, ମଥୁରା କେକ୍ ଆଦି ବିଭିନ୍ନ ଚଟ୍‌ପଟି ଷ୍ଟଲ୍‌ରେ ଭିଡ଼ ଜମୁଛି। ଡିସ୍କୋ ଦୋଳି, ଡଙ୍ଗା ଦୋଳି ଆଦି ଦର୍ଶକଙ୍କ ମନମୋହୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରତିକ୍



@ ଶ୍ରୀପତି



@ ବାପୁ



@ କବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇନଜୀବୀ ରଜନୀକାନ୍ତ, ଏସ୍‌ଆଇ ସ୍ୱାଗତିକା ସମ୍ବର୍ଦ୍ଧିତ





ଖୋର୍ଦ୍ଧା, ୭।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପିପି) ତଥା ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ ଏବଂ ଶିଳ୍ପାଞ୍ଚଳ ଥାନା ଏସ୍‌ଆଇ ସ୍ୱାଗତିକା ଦାସଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମାନ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ଉଭୟଙ୍କୁ ସମ୍ମାନିତ କରି ଉତ୍ତରୋତ୍ତର କାମନା କରିଥିଲେ।

ଆଇନଜୀବୀ ପଟ୍ଟନାୟକ ଟାଙ୍ଗୀ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ହତ୍ୟା ମାମଲାର ପ୍ରଥମ ଜିଲା ଦୌରାଜଜ୍ ଖୋର୍ଦ୍ଧାଙ୍କ କୋର୍ଟରେ ସଫଳତାର ସହ ପରିଚାଳନା କରି ପୃଥକ ଭାବେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେହିପରି ଏସ୍‌ଆଇ ସ୍ୱାଗତିକା ଖୋର୍ଦ୍ଧା ଥାନାରେ କାର୍ଯ୍ୟରତ ଥିବା ସମୟରେ ୨୦୨୫ ଜାନୁଆରୀ ୩ରେ ଜଣେ ନାବାଳିକାଙ୍କୁ ନିର୍ଯାତନା ଘଟଣା (ନଂ.୪/୨୫)ର ତଦନ୍ତ ଦାୟିତ୍ୱରେ ରହିଥିଲେ। ତଦନ୍ତରେ ସ୍ୱଚ୍ଛତା, ନିରପେକ୍ଷତା ପାଇଁ ଗତ ୬ ତାରିଖରେ ୪ର୍ଥ ଅତିରିକ୍ତ ଜିଲା ଏବଂ ସେସନ ଜଜ୍, ଖୋର୍ଦ୍ଧାଙ୍କ କୋର୍ଟରେ ଅଭିଯୁକ୍ତ ଦଣ୍ଡିତ ହୋଇଛନ୍ତି। ସ୍ୱାଗତିକାଙ୍କ ଉତ୍ସର୍ଗୀକୃତ ସେବା ପ୍ରଶଂସା କରିବା ସହ ପ୍ରତିବଦ୍ଧତା ବଜାୟ ରଖିବା ପାଇଁ ଏସ୍‌ପି ଶର୍ମା ପରାମର୍ଶ ଦେଇଥିଲେ। ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି(ହେଡ୍‌କ୍ୱାର୍ଟର) ଶ୍ରୀନିବାସ ମହାନ୍ତି, ସଦର ଡିଏସ୍‌ପି ନୀହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବୟନିକା ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

## ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ: ପ୍ରଦୀପ

ଭୁବନେଶ୍ୱର,୭।୨(ସୌମ୍ୟରଞ୍ଜନ ରାଉତ)



ମେଳାକୁ ଉଦ୍‌ଘାଟନ କରିବା ପରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏକ ଷ୍ଟଲ୍‌ରେ ହସ୍ତତନ୍ତ ଶାଢ଼ି ଦେଖୁଛନ୍ତି। (ଫଟୋ–ବିକାଶ ନାୟକ)

ବୟନିକା ପକ୍ଷରୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଶନିବାର ଭୁବନେଶ୍ୱରସ୍ଥିତ ୟୁନିଟ୍‌–୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନକରି କହିଲେ, ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ। ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ। ଏହାର ସଂରକ୍ଷଣ ଓ ପ୍ରଚାରପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତକରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗର କମିଶନର ଓ ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ। ଉତ୍କୃଷ୍ଟ ବୟନ କଳାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ବିପଣନ ସହ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଭଳି ନୂଆ ଡିଜାଇନ ଓ ଡିଜିଟାଲ ମାର୍କେଟିଂକୁ ମଧ୍ୟ ଆମେ ଉତ୍ସାହିତ କରୁଛୁ ବୋଲି ସେ କହିଛନ୍ତି।

ଏବର୍ଷ ମେଳାରେ ୮୦ଟି ଷ୍ଟଲ୍ ଖୋଲାଯାଇଛି। ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମଥର ପାଇଁ ସମସ୍ତ ଷ୍ଟଲ ବିନା ମୂଲ୍ୟରେ ବଣ୍ଟନ କରାଯାଇଛି। ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଓ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଥିସହ ରାଜ୍ୟ ବାହାରୁ ମଧ୍ୟ ୨୦ଜଣ ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି। ଉତ୍ତରପ୍ରଦେଶ, ଜମ୍ମୁ–କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ନାଟକ, ହରିୟାଣା, ତାମିଲନାଡୁ, ତେଲଙ୍ଗାନା, ଦିଲ୍ଲୀ, ବିହାର, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟର ବୁଣାକାରମାନେ ସେଠାକାର ପ୍ରସିଦ୍ଧ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନକରି ବିକ୍ରି କରୁଛନ୍ତି। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ୍ ଧଉଳି ଶାନ୍ତିସ୍ତୂପ ଉପରେ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଆସନ୍ତା ୨୨ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଲତା ନାଇଟ୍: ସଙ୍ଗୀତରେ ସ୍ୱର ସମ୍ରାଜ୍ଞୀ



ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)

## କଣ୍ଠଶିଳ୍ପୀ ଶର୍ମିଳା ସିଂଙ୍କୁ 'ଲତା ସମ୍ମାନ'

ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱର ସମ୍ରାଜ୍ଞୀ ଭାରତରତ୍ନ କଣ୍ଠଶିଳ୍ପୀ ଲତା ମଙ୍ଗେସ୍‌କରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ରବୀନ୍ଦ୍ର ମଣ୍ଡପଠାରେ 'ଲତା ନାଇଟ୍' ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଶୈଳଭାମା, ଅଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରୀତିନନ୍ଦା, ପ୍ରତିଭା ପ୍ରଧାନ, କୁମାର ବିଷ୍ଣୁ, ରୀତିକା ରିମଝିମ, ସିଦ୍ଧାନ୍ତ ଶତପଥୀ, ଆଶିଷ ଦତ୍ତ, ଦେବାଂଶୀ ନାୟକ, ତମମ ତ୍ରିପାଠୀ ଓ ଶୁଭ୍ରାଂଶୁ ପ୍ରମୁଖ ସୁଲଳିତ କଣ୍ଠରେ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରି ସ୍ୱର ସମ୍ରାଜ୍ଞୀଙ୍କୁ ମନେପକାଇଥିଲେ। ରାକେଶ ବିଶ୍ୱାଳ ଭାଓଲିନ ମାଧ୍ୟମରେ ଲତାଙ୍କ ସଙ୍ଗୀତର ସ୍ୱର ବାଦନ କରିଥିଲେ।

ଅତିଥି ଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମହାବୋଧ ସୋସାଇଟି ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଯୋଗଦେଇ ଲତାଙ୍କ ଅମ୍ଳାନ୍ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିନେ ସମୀକ୍ଷକ ଦିଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶର୍ମିଳା ସିଂଙ୍କୁ 'ଲତା ସମ୍ମାନ–୨୦୨୬'ରେ ସମ୍ମାନିତ କରାଯାଇଥିଲା। କଳା ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବେହେରାଙ୍କୁ ମଞ୍ଚସଜ୍ଜା ନିମନ୍ତେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଷ୍ଟେଶନରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ୍

ଭୁବନେଶ୍ୱର, ୭।୨(ତ୍ରିନାଥ ମହାନ୍ତି)

■ସମ୍ପର୍କୀୟଙ୍କୁ ସାକ୍ଷାତ କରିବାକୁ ଆସିଥିବା ବେଳେ ଲୁଟ୍‌ର ଶିକାର
■ ୩ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଷ୍ଟେଶନରେ ମାତିଛନ୍ତି ଲୁଟେରା। ବିଳମ୍ବିତ ରାତି ଏବଂ ଭୋରୁ ଯେଉଁମାନେ ଷ୍ଟେଶନ ନିକଟକୁ ଯାଉଛନ୍ତି ସେମାନେ ଲୁଟ୍‌ପାଟ କରୁଛନ୍ତି। ସୁଶାନ୍ତ କୁମାର ସାମଲ ନାମକ ଜଣେ ଯୁବକଙ୍କଠାରୁ ଅଭିଯୁକ୍ତମାନେ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୦ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ମସ୍‌ଜିଦ କଲୋନୀର ବିଜୁ ବେହେରା, ସାଇଜା ଖାଁ ଓ ସୁବ୍ରତ କୁମାର ମହାନ୍ତି।

ସୂଚନାଯୋଗ୍ୟ ଯେ, ଗତ ୫ ତାରିଖ ସକାଳ ୬ଟାରେ ସୁଶାନ୍ତ ନିଜ ସମ୍ପର୍କୀୟଙ୍କୁ ସାକ୍ଷାତ କରିବା ଲାଗି ଭୁବନେଶ୍ୱର ରେଲୱେ ଷ୍ଟେଶନ ଯାଇଥିଲେ। ସେଠାରୁ ଫେରିବାବେଳେ ରିଲାଏନ୍ସ ଶୋରୁମ ନିକଟରେ ୩ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ତାଙ୍କୁ ଘେରିଯାଇଥିଲେ। ତାଙ୍କୁ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ଭୟଭୀତ କରିବା ସହ ଅନ୍‌ଲାଇନ ଟଙ୍କା ପଠାଇବା ଲାଗି ବାଧ୍ୟ କରିଥିଲେ। ସୁଶାନ୍ତ ଭୟରେ ଅଭିଯୁକ୍ତଙ୍କ ନିର୍ଦ୍ଦେଶ ମୁତାବକ ଏସକେ. ଆଲମିନ୍ ନାମକ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୫୫ ହଜାର ଟଙ୍କା ଏବଂ ପ୍ରଶାନ୍ତ ବାରିକ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ଶ୍ରୀରାମ ଟି ଷ୍ଟଲ୍ ନାମରେ ଥିବା ଅକାଉଣ୍ଟକୁ ୨୦ ହଜାର ୫୦୦ ଟଙ୍କା ପଠାଇ ଦେଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତମାନେ ଘଟଣାକୁ ବାହାରେ ପ୍ରକାଶ କଲେ ଭୟଙ୍କର ପରିଣାମ ଭୋଗିବ ବୋଲି ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ସଭାପତି ସୁନୀଲ ପନୱାରଙ୍କ ଅନୁମୋଦନ କ୍ରମେ ଆର୍‌ଜିପିଏସ୍ ଓଡ଼ିଶାରେ ନୂତନ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଏହିକ୍ରମରେ ନିରୁପମା ପାତ୍ର ଓ ଡ. ମନୀଷା ଦାସ ପଟ୍ଟନାୟକ ସହ–ଅଧ୍ୟକ୍ଷ, ସ୍ୱାଗତିକା ପଟ୍ଟନାୟକ ବରିଷ୍ଠ ଉପ ସଭାପତି, ବଳରାମ ବଗର୍ତ୍ତୀ, ତପନ ଚକ୍ରବର୍ତ୍ତୀ, ଅଖିଳ ଭତ୍ରା, ସୁବ୍ରତ ପ୍ରଧାନ, ଗୌରୀ ନାୟକ ସାଧାରଣ ସମ୍ପାଦକ ରୂପେ ନିଯୁକ୍ତ ହୋଇଛନ୍ତି।

ଏହାବ୍ୟତୀତ ଆବାହକ ଏବଂ ସହ ଆବାହକ ପାଇଁ ବିଭିନ୍ନ ଜିଲାରେ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡ଼ା ପାଇଁ ରାକେଶ କୁମାର ରାଉତ ଆବାହକ ଓ ବିଜୟଲକ୍ଷ୍ମୀ ସାହୁ ସହ ଆବାହକ, ମୟୂରଭଞ୍ଜ (ପଶ୍ଚିମ) ଧରଣୀ ମହନ୍ତ ଓ ଗୋଲାପ ସୋରେନ, ମୟୂରଭଞ୍ଜ (ପୂର୍ବ) ବାଦଲ ହେମ୍ବ୍ରମ ଓ ସୁଜାତା ସିଂ, ବାଲେଶ୍ୱର ଆଶିଷ ପଟ୍ଟନାୟକ ଓ ଝୁନା ମୁଖୀ, ଯାଜପୁର ମନୋରଞ୍ଜନ ଦାସ ଓ ସୁଲୋଚନା ଦାସଙ୍କୁ ଆବାହକ ଏବଂ ସହ ଆବାହକ ଦାୟିତ୍ୱ ମିଳିଥିବାବେଳେ ବିନାୟକ ଗୌଡ଼ଙ୍କୁ ଗଞ୍ଜାମ (ପଶ୍ଚିମ), ଆଲୋକ କୁମାର ପ୍ରଧାନ ନୟାଗଡ଼, ପ୍ରହ୍ଲାଦ ଖମାରୀ ଝାରସୁଗୁଡ଼ା, ଦିଲ୍ଲୀପ ଦାସ ବରଗଡ଼ ଓ ବନମାଳୀ ପୋଢ଼ଙ୍କୁ ସୋନପୁରର ଆବାହକ ରୂପେ ଦାୟିତ୍ୱ ବଣ୍ଟନ ହୋଇଛି ବୋଲି ରାଜ୍ୟ ଆର୍‌ଜିପିଏସ ଅଧ୍ୟକ୍ଷ ସୁଦର୍ଶନ ଦାସ ପ୍ରକାଶ କରି କହିଛନ୍ତି। ଏହି ନିଯୁକ୍ତି ଫଳରେ ତୃଣମୂଳସ୍ତରରେ କଂଗ୍ରେସ ସୁଦୃଢ ହେବା ସହିତ ଗ୍ରାମୀଣ ଶ୍ରମିକ ମୂଲିଆ ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମଜଦୁରମାନଙ୍କ ଅଧିକାର ପାଇଁ ଅଧିକ କାର୍ଯ୍ୟ କରିହେବ ବୋଲି ଅଧ୍ୟକ୍ଷ ଦାସ କହିଛନ୍ତି।

# ସରିଲା ଗୋଲାପ ଦିଆନିଆ, ଆଜି ପ୍ରପୋଜ୍

ଭୁବନେଶ୍ୱର,୭।୨ (ସୌମ୍ୟରଞ୍ଜନ ରାଉତ)



ଭାଲାଣ୍ଟାଇନ୍ ଡେ'ର ପ୍ରଥମ ପାହାଚ ରୋଜ୍ ଡେ' ପାଇଁ ଶନିବାର ଚଳଚଞ୍ଚଳ ହୋଇଉଠିଥିଲା ରାଜଧାନୀ। ପରସ୍ପରକୁ ଗୋଲାପ ଦେଇ ଶୁଭେଚ୍ଛା ଜଣାଇଥିଲେ ପ୍ରେମୀଯୁଗଳ। ହଷ୍ଟେଲ୍‌ଗୁଡିକରେ ରୋଜ୍ ଡେ' ପାଇଁ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ସାଙ୍ଗସାଥୀମାନେ ମଧ୍ୟ ପରସ୍ପରକୁ ଗୋଲାପ ଫୁଲ ଫୁଲଟିଏ ଦେଇ ରୋଜ୍ ଡେ'ର ଶୁଭ କାମନା କରିଥିଲେ। ଏଥିପାଇଁ ସହରର ଫୁଲ ଦୋକାନଗୁଡିକରେ ବେପାର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ପୂର୍ବରୁ ରାଜ୍ୟ ବାହାରୁ ଭଳିକିଭଳି ଗୋଲାପ ଫୁଲ ମଗାଇଥିଲେ। ବାଙ୍ଗାଲୋର ଓ ଝାଡ଼ଖଣ୍ଡର ରାୟପୁର୍‌ରୁ ଆସିଥିବା ଗୋଲାପର ଭଲ ଡିମାଣ୍ଡ ରହିଥିଲା। କିନ୍ତୁ ଲାଲ ଗୋଲାପର ବିକ୍ରି ଅଧିକ ହୋଇଥିବା ୟୁନିଟ–୮ର ଜଣେ ଫୁଲ ବ୍ୟବସାୟୀ ଦୁର୍ଯ୍ୟୋଧନ ସ୍ୱାଇଁ କହିଛନ୍ତି। ରୋଜ୍ ଡେ' ପାଇଁ ସହରରେ ଥିବା ପାର୍କ, ସିନେମା ହଲ୍‌ରେ ମଧ ଭିଡ ଲାଗିଥିବା ବେଳେ ରବିବାର ପ୍ରପୋଜ୍ ଡେ' ପାଳନ କରିବାକୁ ପ୍ରସ୍ତୁତ ହୋଇଛି ରାଜଧାନୀ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରତିକ୍


@ ଶ୍ରୀପତି


@ ବାପୁ


@ କବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋରମ ଉଠାଇବାକୁ ନେଇ ଆକ୍ରମଣ, ୩ ଗିରଫ

ବାରଙ୍ଗ,୭।୨(ଲିଙ୍ଗରାଜ ରାଉତ)

ମଧୁବନ ଗାଁମୁଣ୍ଡ ପାହାଡ଼ରୁ ବେଆଇନ ଭାବେ କାଜୁ ଗଛ କାଟି ମୋରମ ଚାଲାଣ ହେଉଥିବାର ଅଭିଯୋଗ କରି ଶୁକ୍ରବାର ରାତିରେ ମଧୁବନ ଗ୍ରାମର କେତେଜଣ ଯୁବକ କାର୍ଯ୍ୟରତ ଶ୍ରମିକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୨ଜଣ ଆହତ ହୋଇଥିଲେ। ଏହି ଘଟଣାରେ ବାରଙ୍ଗ ଥାନା ପୋଲିସ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁବନ ଗ୍ରାମର ଦେବେନ୍ଦ୍ର ପ୍ରଧାନ(୪୫), ଦେବାଶିଷ ରାଉଳ(୨୨)ଓ ଟିକଲ ସ୍ୱାଇଁ (୨୨)। ତେବେ ଅନ୍ୟମାନେ ଫେରାର ଅଛନ୍ତି।

ପୋଲିସ ସୂଚନାନୁସାରେ, ପ୍ରଶାନ୍ତ ପାତ୍ର ନାମକ ବ୍ୟକ୍ତି କଟକ ଖଣି ଅଧିକାରୀଙ୍କଠାରୁ ଇଡକୋ ସାଇଟରେ କାମ ନିମନ୍ତେ ମଧୁବନ ଗାଁ ମୁଣ୍ଡ ପାହାଡରୁ ମୋରମ ଉଠାଇବା ସହ ପରିବହନ ପାଇଁ ଟେଣ୍ଡର ଆଣିଛନ୍ତି। ଶୁକ୍ରବାର ରାତିରେ ଶ୍ରମିକମାନଙ୍କୁ ନିୟୋଜିତ କରି ମୋରମ ଖୋଳି ପରିବହନ କରୁଥିଲେ। ଏହି ସମୟରେ ମଧୁବନ ଗ୍ରାମର ପବିତ୍ର ପ୍ରଧାନ, ସୁନୀଲ ସ୍ୱାଇଁ ଏବଂ ଟୁଲିଆ ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୧୫/୨୦ ଜଣ ଯୁବକ ଉକ୍ତ ଜାଗାକୁ ଆସି ବେଆଇନ ଭାବେ ମୋରମ ଉଠାଇବା ଓ କାଜୁ ଗଛ କାଟିବା ଅଭିଯୋଗ କରି ଶ୍ରମିକମାନଙ୍କୁ ହତ୍ୟା ଉଦ୍ଦେଶ୍ୟରେ ପଥର ମାଡ଼ କରିଥିଲେ। ଏନେଇ ଶନିବାର ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା(ନଂ.୬୨/୨୬) ରୁଜୁ କରିଥିଲା।

# ଉଚ୍ଚସ୍ତରୀୟ କମିଟି ସହ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆଲୋଚନା

ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)

## ୨୦୦୮ରୁ ୨୦୧୮ ନିଯୁକ୍ତ ଅଧ୍ୟାପକଙ୍କୁ ଅନୁଦାନ ଦାବି

ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ୍ ୧ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବିକରି ଆସୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଉଚ୍ଚସ୍ତରୀୟ କମିଟି ଦାବିର ଯଥାର୍ଥତାକୁ ନେଇ ବାରମ୍ବାର ଆଲୋଚନା ମାଧ୍ୟମରେ ତର୍ଜମା କରୁଛି। ଶନିବାର ପୁଣି ଉଚ୍ଚସ୍ତରୀୟ କମିଟି ସହିତ ସଂଘର ୫ଜଣିଆ ପ୍ରତିନିଧି ମଣ୍ଡଳୀର ଏକ ବୈଠକ ତୋଷାଳି ଭବନସ୍ଥିତ ଆମ କଲେଜ ଆମ ଗୌରବ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏକାମ୍ର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବାବୁ ସିଂ ଓ ତାଙ୍କ ବ୍ୟକ୍ତିଗତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହି ଦାବିକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ସଂଘ ସଭାପତି ବିଶ୍ୱରଞ୍ଜନ ଦାସ କମିଟି ସମ୍ମୁଖରେ ପ୍ରମାଣପତ୍ର ଉପସ୍ଥାପନ କରିଥିଲେ। ଉଚ୍ଚସ୍ତରୀୟ କମିଟିର ସଦସ୍ୟମାନେ ସଂଘ ସହ ଦେଢ଼ଘଣ୍ଟା ଧରି ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଦାବିକୁ ଗ୍ରହଣ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ସଂଘର ସମ୍ପାଦକ ପ୍ରିୟବ୍ରତ ମହାପାତ୍ର, ଆବାହକ ନୀଲୁ ନାୟକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ବାପୁଜୀ ମହାପାତ୍ର ଏବଂ କଟକ ଜିଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ଧଉଳି କଳିଙ୍ଗ ମହୋତ୍ସବ

# ମନମୋହିଲା ଓଡ଼ିଶୀ, ଭାରତନାଟ୍ୟମ୍, ଛଉ ନୃତ୍ୟ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୭।୨
(ସୌମ୍ୟରଞ୍ଜନ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)



ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଚାଲିଥିବା ୨୨ତମ ଧଉଳି କଳିଙ୍ଗ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଭାରତନାଟ୍ୟମ ଓ ଓଡ଼ିଶୀ ନୃତ୍ୟ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଓ ଆର୍ଟ ଭିଜନ୍ ପକ୍ଷରୁ ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଚାଲିଥିବା ୨୨ତମ ଧଉଳି କଳିଙ୍ଗ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ଭାରତର ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ସତ୍ୟାନନ୍ଦ ମିଶ୍ର, ସେଲ୍ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ଅଶୋକ କୁମାର ତ୍ରିପାଠୀ, ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ପ୍ରଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ରାମ୍‌ଜୀ ନଟରାଜନ୍, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଏକାଡେମୀର ସମ୍ପାଦିକା ଗୁରୁ ଅରୁଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମ ପ୍ରସ୍ତୁତିରେ ଥିଲା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଶ୍ରୀ ଜଗନ୍ନାଥ ଅଷ୍ଟକମ୍। ଏହା ଓଡ଼ିଆ ପରିଚୟ ଏବଂ ସଂସ୍କୃତିର ଆତ୍ମା ପ୍ରଭୁ ଜଗନ୍ନାଥଙ୍କ ଗୁଣଗାନ କରିଥିଲା। ପରେ ସେମାନଙ୍କ ପ୍ରସ୍ତୁତିରେ ସ୍ଥାନ ପାଇଥିଲା ଶକ୍ତି ଓ ଶିବ। ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ ଉଭୟ ନୃତ୍ୟର ସଂରଚନା କରିଥିଲେ। ଗୁରୁ ଡ. ବିଜୟ କୁମାର ଜେନାଙ୍କ ସଙ୍ଗୀତ ସଂଯୋଜନା ଏବଂ ଗୁରୁ ବିଜୟ କୁମାର ବାରିକଙ୍କ ବାଦ୍ୟ ସଂଯୋଜନା ବେଶ୍ ଶ୍ରୁତିମଧୁର ଥିଲା। ଦ୍ୱିତୀୟ ଉପସ୍ଥାପନା ଥିଲା ଗୁଜରାଟରୁ ଆସିଥିବା ଅରୂପା ଲାହିରୀ ଓ ସାଥୀଙ୍କ ଭାରତନାଟ୍ୟମ୍ ନୃତ୍ୟ। ଶେଷ ଉପସ୍ଥାପନାରେ ଥିଲା ମୟୂରଭଞ୍ଜର ନିଟୁଆପଡା ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ହରିପଦ ମହାନ୍ତ ଓ ସାଥୀଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ। ସେମାନେ ହିନ୍ଦୁ ଦର୍ଶନରେ ମନମନ୍ଥନ ଉପସ୍ଥାପନ କରିଥିଲେ। ଷଡ଼ରିପୁ ମନର ୬ ଶତ୍ରୁ– କାମ, କ୍ରୋଧ, ଲୋଭ, ଅହଂକାର, ମୋହ ଏବଂ ଈର୍ଷା–ଆତ୍ମାକୁ ଜନ୍ମ ଏବଂ ମୃତ୍ୟୁ ଚକ୍ରରେ ବାନ୍ଧି ଆଧ୍ୟାତ୍ମିକ ମୁକ୍ତିକୁ ବାଧା ଦିଅନ୍ତି। ଏହି ଆଭ୍ୟନ୍ତରୀଣ ଶତ୍ରୁମାନେ ବିଶେଷକରି ଇଚ୍ଛା, କ୍ରୋଧ, ଲୋଭ, ଦୁଃଖ ଓ ଭ୍ରମ ସୃଷ୍ଟି କରନ୍ତି, ଅହଂକାର ଦ୍ୱାରା ପରିଚାଳିତ କାର୍ଯ୍ୟ ଭୌତିକ ଆସକ୍ତିକୁ ପ୍ରୋତ୍ସାହିତ କରନ୍ତି। ଏହି ଛଅ ଶତ୍ରୁଙ୍କ ଉପରେ କର୍ତ୍ତୃତ୍ୱ ଜଣେ ମଣିଷକୁ ଏକ ସତ୍ୟ, ଜ୍ଞାନୀ ବ୍ୟକ୍ତିରେ ପରିଣତ କରେ ବୋଲି ନୃତ୍ୟ ମାଧ୍ୟମରେ ବାର୍ତ୍ତା ଦେଇଥିଲେ ଶିଳ୍ପୀ। ଡ. ଶ୍ରୀନିବାସ ଘଟୁଆରୀ ଓ ଡ. ନାଜିଆ ଆଲାମ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ମନ ମୋହିଲା 'ସତ୍ୟବାଦୀର ସଂଳାପ' ନୃତ୍ୟ ସଙ୍ଗୀତ

**ସତ୍ୟବାଦୀ ମହୋତ୍ସବର ୩ୟ ସନ୍ଧ୍ୟା**

ସାକ୍ଷୀଗୋପାଳ, ୭।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



କଣ୍ଠଶିଳ୍ପୀ ସୋହିନୀ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି ।

ଐତିହାସିକ ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ୪ ଦିନ ବ୍ୟାପୀ ଚାଲିଥିବା ୧୦ମ ସତ୍ୟବାଦୀ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରିଆରେ ଗ୍ରାମୀଣ ମହିଳାଙ୍କଠାରୁ ଯୁବଶକ୍ତିର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଚିଲିକାରୁ ପୁରୀ ମଙ୍ଗଳା ନଦୀ ସହିତ ପାରାଦୀପକୁ କ୍ରୁଜ୍ ମାଧ୍ୟମରେ ସଂଯୋଗ କରି ପ୍ରାକୃତିକ ବୈଭବକୁ ଆକର୍ଷଣୀୟ କରାଯାଇ ପର୍ଯ୍ୟଟନର ଉନ୍ନତି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଥିଲେ। ପୁରାତନ ଧର୍ମପୀଠ ସାକ୍ଷୀଗୋପାଳ ମନ୍ଦିର ସହିତ ଐତିହାସିକ ବକୁଳବନକୁ ନେଇ ଐତିହ୍ୟ କରିଡର ପ୍ରକଳ୍ପ ନିମନ୍ତେ ପ୍ରସ୍ତୁତ ଯୋଜନାର ବ୍ୟୟ ୪ଶହ କୋଟିରେ ପହଞ୍ଚିବା ଆମ ପାଇଁ ସୌଭାଗ୍ୟ ବୋଲି ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର କହିଥିଲେ। ଏଥିପାଇଁ ସେ ସତ୍ୟବାଦୀ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିଶିକାନ୍ତ ମିଶ୍ର ଯୋଗଦେଇ ସତ୍ୟବାଦୀ ମହୋତ୍ସବର କଳେବର ବୃଦ୍ଧି ପାଇଁ କମିଟିକୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା କମିଟି ସଭାପତି ଅଜିତ ମହାପାତ୍ର, ଡାକ୍ତର ପ୍ରୀତମ ବାଗ୍, ଶିକ୍ଷାବିତ୍ ପ୍ରଭାତ କୁମାର ରଥ, ଖବରଦାତା କିଶୋର ଚନ୍ଦ୍ର ମହାପାତ୍ର, ଅଶୋକ ବେହେରା ପ୍ରମୁଖ ପ୍ରତିଭାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ପାଦକ ଦୀପକ କୁମାର ଶତପଥୀ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପିକା କ୍ରିଏଟିଭ ଡ୍ୟାନ୍ସ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସାକ୍ଷୀଗୋପାଳ ହାନା ଟାଏକୋଣ୍ଡୋର ଛାତ୍ରୀଛାତ୍ରମାନେ କଳା ପ୍ରଦର୍ଶନ କରିଥିଲେ। ସାଇ ସମୃଦ୍ଧି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ଷ୍ଟାର୍ ଧମାକା ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସତ୍ୟବାଦୀ ସଂଳାପ ପରିବେଷଣ ଐତିହ୍ୟ ମାଟିର ଗାଥା ବେଶ୍ ମନଛୁଆଁ ହୋଇପାରିଥିଲା। ବିଳମ୍ବିତ ରାତିରେ ରୁକୁ ସୁନା ଓ ତାଙ୍କ ଟିମ୍ ଏବଂ ସୋହିନୀ ମିଶ୍ରଙ୍କ ଟିମ୍ ସଙ୍ଗୀତ ଗାନ କରିଥିଲେ। ଦର୍ଶକମାନେ ବିଳମ୍ବିତ ରାତିପର୍ଯ୍ୟନ୍ତ ମନଭରି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେରଣା ପ୍ରତୀକ ସିଂ ସଂଯୋଜନା କରିଥିଲେ। ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ଏବଂ ଆଇଆଇସି ସୌମ୍ୟରଞ୍ଜନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଜାନକୀ ବଲ୍ଲଭ ବରାଳ, ସହସମ୍ପାଦକ ଭବାନୀ ଶଙ୍କର ନନ୍ଦ, କୋଷାଧ୍ୟକ୍ଷ ପ୍ରିୟରଞ୍ଜନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୨।୨୦୨୬

| | |
|---|---|
| ୫,୮୩,୯୩୧ ଟଙ୍କା | |
| ସୁନା | ୫.୧୦୦ ଗ୍ରାମ୍ |
| ରୁପା | ୪୦.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପିପିଲି, ୭।୨(ଦୁର୍ଗାମାଧବ ମିଶ୍ର)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପିପିଲି ଥାନା ଅନ୍ତର୍ଗତ ସିଉଳା ଛକ ନିକଟରେ ଜଣେ ବାଇକ୍ ଆରୋହୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ର ଅଶ୍ୱିନୀ କୁମାର ଦାଶ(୫୦)। ସୂଚନାଯୋଗ୍ୟ, ଅଶ୍ୱିନୀ ପିପିଲିରୁ ଏକ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସିଉଳା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକ, ଜାତୀୟ ରାଜପଥ ପୋଲିସ ପାଟ୍ରୋଲିଂ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଆହତ ଅଶ୍ୱିନୀଙ୍କୁ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

### ମଙ୍ଗଳା ମନ୍ଦିର ସମ୍ମୁଖରେ ଲାଗିଲା ଏଲଇଡି ବୋର୍ଡ

କାକଟପୁର/ଅସ୍ତରଙ୍ଗ,୭।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ସ୍ଥାନୀୟ ବରୋଦା ବ୍ୟାଙ୍କ ପକ୍ଷରୁ ଏକ ଏଲ୍‌ଇଡି ବୋର୍ଡ ଶନିବାର ମଧ୍ୟାହ୍ନରେ ଲୋକାର୍ପିତ ହୋଇଯାଇଛି। ଏହି ଏଲ୍‌ଇଡି ବୋର୍ଡରେ ମା' ମଙ୍ଗଳାଙ୍କ ସମସ୍ତ ନୀତିକାନ୍ତି, ଯାନିଯାତ୍ରା ଏବଂ ସମସ୍ତ ପ୍ରକାର ସେବା ଆଦି ଉପଲବ୍ଧ ହେବା ସହିତ ମାତୃଭକ୍ତମାନେ ଅତି ନିକଟରୁ ଦେଖିପାରିବେ ବୋଲି ବରୋଦା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ମହା-ପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଅତିରିକ୍ତ ମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର, ବାଣିଜ୍ୟିକ ମୁଖ୍ୟ ଶରତ ପାଣିଗ୍ରାହୀ, ଅତିରିକ୍ତ ଆଞ୍ଚଳିକ ମୁଖ୍ୟ ରାଜୀବ କୁମାର ସିହ୍ନା, ମଙ୍ଗଳା ମନ୍ଦିର ଟ୍ରଷ୍ଟୀ ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ମଙ୍ଗଳା ମନ୍ଦିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ମନ୍ଦିର ପରାମର୍ଶଦାତା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷା ସହ ଶୃଙ୍ଖଳା ଜରୁରୀ: ଉପମୁଖ୍ୟମନ୍ତ୍ରୀ

#### ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ

ଗୋପ,୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ସହିତ ଶୃଙ୍ଖଳା ଜରୁରୀ। ଆମେମାନେ ପ୍ରଥମେ ଶୃଙ୍ଖଳିତ ହେବାର ଆବଶ୍ୟକତା ରହିଛି। ଶୃଙ୍ଖଳିତ ଛାତ୍ରୀଛାତ୍ର ସମାଜରେ ଭଲ ମଣିଷ ହୋଇପାରିବେ ବୋଲି ଶୁକ୍ରବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସଂସ୍କୃତି ଗବେଷକ ଡ. ମୃତ୍ୟୁଞ୍ଜୟ ରଥ, ଶିଶୁ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପୁରାତନ ଛାତ୍ର ସଂସଦ ସଭାପତି ପୁନେଶ କୁମାର ସେନାପତି, ବରିଷ୍ଠ ଶିକ୍ଷକ ଦୀପକ କୁମାର ସେନାପତି ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଆମ ଭବିଷ୍ୟତ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲାସ୍ତରୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

ପୁରୀ, ୭।୨(ଅଜିତ୍ କୁମାର ମହାନ୍ତି)

ଭୋଳାନାଥ ବିଦ୍ୟାପୀଠଠାରେ ଦୀର୍ଘ ୩ ଦିନ ଧରି ପରିଚାଳିତ ହେଉଥିବା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲାସ୍ତରୀୟ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଜିଲାର ସମସ୍ତ ବ୍ଲକର ୧୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ, ଗାଇଡ୍ସ, ରୋଭର୍ ରେଞ୍ଜର, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ୍ ଓ ଅଫିସିଆଲ୍‌ଙ୍କ ସମାବେଶରେ ପରିଚାଳିତ ଉକ୍ତ ଶିବିରରେ ପିଲାମାନେ ଫାଷ୍ଟଏଡ୍, କଲର୍ ପାଟି, କ୍ୟାମ୍ପ୍ କ୍ରାଫ୍ଟ, ସ୍କିଲୋରାମା, ଫୋକ୍ ଡ୍ୟାନ୍ସ, ବ୍ୟାଣ୍ଡ ଡିସ୍‌ପ୍ଲେ, ସ୍କଟ୍ ପେଣ୍ଟିଂ, ପିଜାଣ୍ଟ ଶୋ' ଓ ଫେସ୍ ପେଣ୍ଟିଂ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ଚିଫ୍ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରାବସ୍ଥାରୁ ପିଲାମାନେ ସେବାବ୍ରତରେ ଦୀକ୍ଷିତ ହେଲେ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ଦେଶ ଓ ଜାତିକୁ ଆଗେଇ ନେଇପାରିବେ ବୋଲି ମତପୋଷଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ କମିଶନର ତଥା ପୁରୀ ଜିଲାର ପୂର୍ବତନ ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ୍ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାଙ୍କୁ ଉତ୍‌ପ୍ରେରିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପରିଚାଳନା ସମ୍ପାଦକ ଅନାମିକା ଦାସ ଉପସ୍ଥିତ ରହି ନିଜର ଓଜସ୍ୱୀ ଭାଷଣ ଦ୍ୱାରା ସେମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲା ଉପସଭାପତି ରଘୁନାଥ ମହାପାତ୍ର, ଡିସି ସ୍କାଉଟ୍ସ ରମେଶ ଚନ୍ଦ୍ର ପଣ୍ଡା, ଡିସି ଗାଇଡ୍ ରୂପଶ୍ରୀ ଛୋଟରାୟ, ସମ୍ପାଦକ ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରଧାନଶିକ୍ଷକ ଭୋଳାନାଥ ବିଦ୍ୟାପୀଠ, ମଞ୍ଜୁଲତା ସାମନ୍ତରାୟ, ଡିଓସି ସ୍କାଉଟ୍ସ ଓ ଗାଇଡ୍ସ ଦେବାଶିଷ ମିଶ୍ର, ଡି ସି ଗାଇଡ୍ସ ମୀନାକ୍ଷୀ ମିଶ୍ର ଓ ଶିବିର ପରିଚାଳନା ସମ୍ପାଦକ ପ୍ରବୀଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରମାକାନ୍ତ ସମ୍ମାନ ଭଗବାନ୍ ମହାପାତ୍ର ଓ ବ୍ରଜକିଶୋର ପାଇକରାୟଙ୍କୁ ପ୍ରଦାନ କରାଯାଇଥିଲା। ବସନ୍ତ କୁମାର ବାରିକ ଓ ପାୟଲ ପରସ୍ମିତା ସାମନ୍ତରାୟଙ୍କୁ ଯଥାକ୍ରମେ ବେଷ୍ଟ ସ୍କାଉଟ୍ସ ମାଷ୍ଟର ଓ ବେଷ୍ଟ ଗାଇଡ୍ କ୍ୟାପ୍‌ଟେନ୍ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମଗ୍ରିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଭଗବାନ୍ ମହାପାତ୍ର, ରାଜେନ୍ଦ୍ର ହରିଚନ୍ଦନ, ମନୋରମା ଷଡ଼ଙ୍ଗୀ, ସସ୍ମିତା ରାଉତରାୟ ଓ ସମସ୍ତ ରୋଭର୍, ରେଞ୍ଜର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମହେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ୧୭୧ ଜଣଙ୍କର ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)

ରୋଟାରୀ କ୍ଲବ ପୁରୀ ଓ କରୁଣାଳୟ ଲେପର୍ସି କେୟାର ସେଣ୍ଟରର ମିଳିତ ଆନୁକୂଲ୍ୟରେ ପୁରୀ ବଳିଆପଣ୍ଡାସ୍ଥିତ ବେଟ୍ରିକ୍ସ ବିଦ୍ୟାଳୟ ପରିସରରେ ଶନିବାର ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ରୋଟାରୀ କ୍ଲବ ସଭାପତି ରତିକାନ୍ତ ନାୟକ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କରୁଣାଳୟ ଲେପର୍ସି କେୟାର ସେଣ୍ଟରର ନିର୍ଦ୍ଦେଶକ ଫାଦର ବାପଟିଷ୍ଟ ଡିସୌଜା, ଚକ୍ଷୁ ସୁରକ୍ଷାର ଚେୟାରମ୍ୟାନ୍ ଜୟ ଦାସଗୁପ୍ତା ଓ ପ୍ରଧାନଶିକ୍ଷକ ଫାଦର ବୁଲୁ ବୀରେନ୍ଦ୍ର ଗୁଜୁର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଶିବିରରେ ଚକ୍ଷୁ ପରୀକ୍ଷା, ମୋତିଆ ବିନ୍ଦୁ ଚିହ୍ନଟ, ହୋମିଓ ପାଥିକ ଚିକିତ୍ସା ଓ ଫିଜିଓ ଥେରାପି ଚିକିତ୍ସା କରାଯାଇଥିଲା। ଜେପିଏମ୍‌ର ଡ. ପରେଶ ଓ ତାଙ୍କର ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ହୋମିଓପାଥିକ ଡ. ସୁଜାତା ତ୍ରିପାଠୀ, ଫିଜିଓଥେରାପି ବିଶେଷଜ୍ଞ ରୋଟାରିଆନ୍ ଡ. ସିଦ୍ଧାର୍ଥ ଶେଖର ପ୍ରମୁଖ ଉପସ୍ଥିତ ରହିଥିଲେ। ୧୭୧ ଜଣ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିମଧ୍ୟରେ ୧୫ଜଣ ବ୍ୟକ୍ତିଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ୧୧ଜଣଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ପଠାଯାଇଛି। ଏଥିରେ ପୁରୀ ରୋଟାରୀ କ୍ଲବ ମେମ୍ବର ନରେନ୍ଦ୍ର ପାତ୍ର, ନାରାୟଣ ଦାଶ, ସୁରେଶ ପ୍ରହରାଜ, ମକର ବେହେରା, ଶୈଳେଶ ବେହେରା, ରାମକୃଷ୍ଣ ପାତ୍ର, ସନ୍ତୋଷ ଲେଙ୍କା, ସୁଧାଂଶୁ ଶେଖର ମହାନ୍ତି ଓ ଅଞ୍ଜଳି ପଣ୍ଡା ଏବଂ ଇନର ହୁଇଲ୍ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ର ଗଠନରେ ଶ୍ରମିକ, ନାରୀଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ, ୭।୨(ଅଜିତ୍ କୁମାର ମହାନ୍ତି)



ଭାରତୀୟ ମଜଦୁର୍ ସଂଘର ତ୍ରୈବାର୍ଷିକ ଅଧିବେଶନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ।

ଭାରତୀୟ ମଜଦୁର ସଂଘ(ବିଏମ୍ଏସ)ର ତ୍ରୈବାର୍ଷିକ ଅଧିବେଶନର ଦ୍ୱିତୀୟ ଦିନ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସତ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସତ୍ରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ବିଏମ୍‌ଏସ୍ ସଦା ଶ୍ରମିକ ହିତ ସହ ରାଷ୍ଟ୍ରହିତକୁ ସର୍ବୋପରି ରଖିଆସିଛି। ଏହି ସତ୍ରକୁ ସମ୍ବୋଧନ କରି ପ୍ରଧାନ କହିଛନ୍ତି, ଏହି ସଂଗଠନ ଦେଶକୁ ବୈଚାରିକ ଭାବେ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ସଂଗଠିତ, ପ୍ରଶିକ୍ଷିତ ଓ ସଚେତନ ଶ୍ରମିକ ଶକ୍ତି ହିଁ ଭାରତ ପ୍ରଗତିର ମୂଳାଧାର। ଏହି ସତ୍ରରେ ଆରଏସ୍‌ଏସ୍ କାର୍ଯ୍ୟକାରିଣୀ ସଦସ୍ୟ ବି. ଭାଗୟ୍ୟା କହିଛନ୍ତି, ରାଷ୍ଟ୍ରକୁ ମା' ଭାବେ ଦେଖିବା ଓ ଦେଶ, ପରିବାର ଓ ସମାଜ ପ୍ରତି ଭାବନା ରଖିବା ଅତ୍ୟନ୍ତ ଆବଶ୍ୟକ। ଏହି ଅବସରରେ ବିଏମ୍‌ଏସ୍‌ର ଅଖିଳ ଭାରତୀୟ ଅଧ୍ୟକ୍ଷ ହିରଣ୍ମୟ ପାଣ୍ଡ୍ୟା ଓ ମହାମନ୍ତ୍ରୀ ରବୀନ୍ଦ୍ର ହିମତେ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଦ୍ୱିତୀୟ ସତ୍ରରେ 'ଟ୍ରେଡ୍ ୟୁନିୟନ ଆନ୍ଦୋଳନରେ ମହିଳାଙ୍କ ଭାଗୀଦାରି: ଚ୍ୟାଲେଞ୍ଜ ଓ ସୁଯୋଗ' ବିଷୟରେ ମହିଳା ସତ୍ର ଆୟୋଜିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅତିଥି ଭାବେ ଯୋଗଦେଇ କହିଛନ୍ତି, ମହିଳାମାନେ ଦୁଇଟି ଭାର ଘରୋଇ ଓ ସାମାଜିକ ବହନ କରୁଥିବା ସତ୍ତ୍ୱେ ଦେଶର ଆର୍ଥିକ ବିକାଶର ମୂଳାଧାର ସ୍ତମ୍ଭ ଭାବେ କାମ କରୁଛନ୍ତି। ସେହିପରି ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯିବ। ଟ୍ରେଡ୍ ୟୁନିୟନ କ୍ଷେତ୍ର ସଂଗଠନର ସଭାନେତ୍ରୀ ଓ ସମ୍ପାଦିକାମାନେ ପ୍ରଥମେ ପରସ୍ପର ମଧ୍ୟରେ ସମନ୍ୱୟ ରଖିପାରିଲେ ସେମାନଙ୍କର ସମ୍ମାନ ବୃଦ୍ଧି ହୋଇପାରିବ। ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ମହିଳା ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ସୁଭଦ୍ରା ଯୋଜନା ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଫିଡିଂ ସେଣ୍ଟର ଖୋଲିବା ପାଇଁ ଯୋଜନା କରାଯାଉଛି। ଓଡ଼ିଶାରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ।

ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକର ଯୋଗଦେଇ କହିଛନ୍ତି, ମହିଳା କେବଳ ଶ୍ରମଶକ୍ତି ନୁହେଁ, ସେମାନଙ୍କ ଭିତରେ ନେତୃତ୍ୱ ଓ ନିଷ୍ପତ୍ତି ନେବାର ଶକ୍ତି ରହିଛି। ବିଏମ୍‌ଏସ୍ ଅଖିଳ ଭାରତୀୟ ଉପାଧ୍ୟକ୍ଷା ନୀତା ଚୌବେ କହିଥିଲେ, ନାରୀଶକ୍ତି ସଶକ୍ତ ହେଲେ ଦେଶର ସର୍ବାଙ୍ଗୀନ ବିକାଶ ସମ୍ଭବ। ଅପରାହ୍ନରେ ପ୍ରାୟ ୧୦ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଶେଷରେ ବେଳାଭୂମିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରତିକ୍


@ ଶ୍ରୀପତି


@ ବାପୁ


@ କବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାଚୀ ପରିକ୍ରମା ଆରମ୍ଭ , ୧୩ରେ ପୂର୍ଣ୍ଣାହୁତି

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)

ପ୍ରାଚୀନଦୀର ସ୍ୱଚ୍ଛତା, ପବିତ୍ରତା ଓ ସୁରକ୍ଷା ପାଇଁ ପ୍ରାଚୀ ପରିକ୍ରମା ଚାରିଟେବଲ ଟ୍ରଷ୍ଟ ଗଠିତ ହୋଇ କାର୍ଯ୍ୟ କରୁଛି। ଗୁରୁଜୀ ପରମହଂସ ପ୍ରଜ୍ଞାନନ୍ଦ ଜୀ ମହାରାଜଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହା ପ୍ରତିବର୍ଷ ଆୟୋଜିତ ହୋଇଆସୁଛି। ଚଳିତମାସ ୭ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏକାଧିକ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା ଓ ସଚେତନତା ସୃଷ୍ଟି କରି ୧୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ସ୍ଥିର ହୋଇଛି। ଏହାର ସଫଳ ଓ ଶୃଙ୍ଖଳିତ ଆୟୋଜନ ପାଇଁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ପ୍ରାଚୀ ପରିକ୍ରମା ପଦଯାତ୍ରା କଟକ ଜିଲାର ନିଆଳି ତହସିଲ ଅଧୀନ ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିରଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ, ଯୋଡ଼ି ଶଙ୍ଖ, ଘୋଡ଼ା ନାଚ, ଘଣ୍ଟ ପାଟୁଆ ଏହି ଶୋଭାଯାତ୍ରାରେ ସାମିଲ ହୋଇ ନୂଆଗାଁର ରାଧାକାନ୍ତ ମଠ ପର୍ଯ୍ୟନ୍ତ ଆସି ସେଠାରେ ରାତ୍ରି ଯାପନ କରିଥିଲେ। ରାତ୍ରି ଯାପନ ସ୍ଥଳରେ ପାଲା ପରିବେଷଣ କରାଯାଇଥିଲା। ୮ ତାରିଖ ପୂର୍ବାହ୍ନରେ ପଦଯାତ୍ରା ବାହାରି ଆର୍ତ୍ତତ୍ରାଣ ଗାଦି ମୁଷି ବାବା ମଠ ଜଲାରପୁର ହୋଇ ମାଧବାନନ୍ଦ ମନ୍ଦିରରେ ରାତ୍ରି ଯାପନ କରିବେ। ୯ରେ ସେଠାରୁ ବେତଣ୍ଡା ନିଆଳି ହୋଇ କାକଟପୁର ତହସିଲର ଦେଉଳି ମଠରେ ରାତ୍ରି ଯାପନ କରିବେ। ୧୦ରେ ସେଠାରୁ ବାହାରି ଅସ୍ତରଙ୍ଗ ତହସିଲ୍‌ର କେଲୁଣୀ ମୁହାଣ କେଉଟଜଙ୍ଗା ଠାରେ ରାତ୍ରିଯାପନ କରିବେ। ୧୧ରେ ସେଠାରୁ ବାହାରି କାକଟପୁରର ଜଗନ୍ନାଥ ମନ୍ଦିର ଦେଇ ଗୋପ ତହସିଲର ପ୍ରାଚୀଗୁରୁ ଧର୍ମକ୍ଷେତ୍ର ନୂଆମଠ ନୂଆହାଟଠାରେ ପହଞ୍ଚି ରାତ୍ରିଯାପନ କରିବେ। ୧୨ ତାରିଖରେ ନିମାପଡ଼ା ତହସିଲ୍‌ର ଶଙ୍ଖପଡ଼ା ଦଶହରା ପଡ଼ିଆ ହୋଇ ଖୋର୍ଦ୍ଧା ଜିଲା ବାଲିପାଟଣା ତହସିଲର ଦେଉଳିଧରପୁର ବୁଦ୍ଧିକେଶ୍ୱର ମନ୍ଦିରରେ ରାତ୍ରି ଯାପନ କରିବେ। ପଦଯାତ୍ରୀ ରାତ୍ରିଯାପନ କରୁଥିବା ସ୍ଥାନଗୁଡ଼ିକରେ ପ୍ରତି ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ୧୩ରେ ପଦଯାତ୍ରୀ ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିରରେ ପହଞ୍ଚିବେ। ସେଠାରେ ପୂର୍ଣ୍ଣାହୁତି ସମ୍ପନ୍ନର କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି। ପୁରୀ ଜିଲା ପରିକ୍ରମା ସମୟରେ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ପାଇଁ ଅତିରିକ୍ତ ଜିଲାପାଳ ଭୋଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆଭାସି ମାଧ୍ୟମରେ ବୈଠକରେ କାକଟପୁର, ଅସ୍ତରଙ୍ଗ, ଗୋପ ବିଡିଓ, ଆଇଆଇସି, ଅନ୍ୟାନ୍ୟ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଚୀ ପରିକ୍ରମା ଚାରିଟେବଲ ଟ୍ରଷ୍ଟର ସଂଯୋଜକ ପ୍ରିୟବ୍ରତ କର, ରାଜ କିଶୋର ନନ୍ଦ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ।

**ଅଭୀପସା ପକ୍ଷରୁ ବସନ୍ତ ମିଳନ**

କଟକ,(କୁମାରଶ୍ରୀ): ସାଂସ୍କୃତିକ ଅନୁଷ୍ଠାନ ଅଭୀପସା ପକ୍ଷରୁ ବସନ୍ତ ମିଳନ ଉତ୍ସବ ଗାନ୍ଧୀଭବନରେ ଅନୁଷ୍ଠିତ ହୋଇଯାଇଛି। ଅଭୀପସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କବି ମୁରଲୀଧର ଶତପଥୀ, କବି ସାଗରିକା ଜେନା, ସମାଜସେବୀ ସୁଲତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ଭଜନ ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭ୍ୟା ମାଧୁରୀ ଦାସ ଧନ୍ୟବାଦ ଦେଇଥିଲେ।

# ‘ସଫଳତା ପାଇଁ ସୁସ୍ଥ ରହିବାକୁ ହେବ’

## ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ

**କଟକ,୭।୨(କାର୍ତ୍ତିକ ସାହୁ)**

କ୍ରୀଡ଼ା ଉତ୍ସବ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଖେଳୁଆଡ଼ ଭାବନା ସୃଷ୍ଟି କରିଥାଏ। ସେମାନଙ୍କୁ ଅଧିକ ଦକ୍ଷ କରି ଗଢ଼ି ତୋଳିବା ପାଇଁ କ୍ରୀଡ଼ା ସହାୟକ ହୋଇଥାଏ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ହେବ ବୋଲି ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମଠାରେ ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଶନିବାର ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ. ଅନୁରାଧା ବିଶ୍ୱାଳ ଏବଂ କଳାକାର ପିଙ୍କି ପ୍ରଧାନ ଉପସ୍ଥିତ ଥିଲେ। ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆକର୍ଷଣୀୟ



ସତ୍ୟବ୍ରତ ଷ୍ଟାଡିୟମରେ ଅନୁଷ୍ଠିତ ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିବାଦନ ଗ୍ରହଣ କରୁଛନ୍ତି।

ଅଂଶ ଭାବେ ଡିଏସ୍‌ପି ଧନେଶ୍ୱର ବରାଡ଼ଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏକ ସୁସଙ୍ଗଠିତ ପରେଡ଼ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୋଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଭିଡିଓ ଉନ୍ମୋଚନ କରିଥିଲେ। ସେହିପରି ଅବକାରୀ ବିଭାଗର କ୍ଷେତ୍ରସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢ଼ତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲାର ଅଧିକାରୀମାନଙ୍କୁ ୪୮ଗୋଟି ବଡି କ୍ୟାମେରା ବଣ୍ଟନ କରିଥିଲେ। ଆଗାମୀ ଦିନରେ ସମସ୍ତ ଜିଲାର ଅଧିକାରୀମାନଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବା ଯୋଜନା ରହିଛି ଓ ଏହା ସହିତ ଧରପଗଡ଼ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୂରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲା ଏବଂ ସମ୍ବଲପୁର ଇଆଇ ଆଣ୍ଡ ଇବିକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

ଓଡ଼ିଶାର ସମସ୍ତ ୩୩ଟି ଅବକାରୀ ଜିଲା ଓ ୪ଟି ଇଆଇ ଆଣ୍ଡ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ମୋଟ ୧୬ଟି ବିଭାଗରେ ୮୦୯ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ମି ଦୌଡ଼, ୧୫୦୦ମି ଦୌଡ଼, ୩୦୦୦ମି ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଟ୍ରିପଲ ଜମ୍ପ, ଶଟ୍‌ପୁଟ ଥ୍ରୋ, ଡିସ୍କ ଥ୍ରୋ, ଜାଭେଲିନ ଥ୍ରୋ, ଭଲିବଲ, ବ୍ୟାଡମିଣ୍ଟନ ଆଦି ଅନ୍ତର୍ଭୁକ୍ତ ରହିଛି। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜ ହିନ୍ଦୀ ବିଭାଗର ବାର୍ଷିକ ପାଠଚକ୍ର

**କଟକ,୭।୨(ଶିଳ୍ପା ପ୍ରିୟଦର୍ଶିନୀ)**

ଖ୍ରୀଷ୍ଟ କଲେଜ ହିନ୍ଦୀ ବିଭାଗ ପକ୍ଷରୁ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଯୋଗଦେଇ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅଞ୍ଜୁମନ ଆରା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଯୋଗଦେଇଥିଲେ। ସମକାଳୀନ ହିନ୍ଦୀ କାହାଣୀ ଓ ଡିଜିଟାଲ ଯୁଗର ମାୟାଜାଲ ସମ୍ପର୍କରେ ବର୍ତ୍ତମାନର ଗଳ୍ପ ସାହିତ୍ୟ କିପରି ସମୃଦ୍ଧ ହେବାରେ ଲାଗିଛି ସେ ବିଷୟରେ ଅତିଥିମାନେ ସବିଶେଷ ଆଲୋଚନା କରିଥିଲେ। ହିନ୍ଦୀ ବିଭାଗର ବିଦ୍ୟାର୍ଥୀ ଗୌତମୀ ପୃଷ୍ଟି, ଦିବ୍ୟଜ୍ୟୋତି ପୃଷ୍ଟି ଓ ବଂଶୀକା ଲାଲଙ୍କୁ ଉତ୍କୃଷ୍ଟ ପ୍ରବନ୍ଧ ପଠନ ଓ କୋମଳ ଅଗ୍ରୱାଲ ତଥା ସୌମ୍ୟରଞ୍ଜନ ଭୋଳଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପାଠଚକ୍ରକୁ କଲେଜ ଅଧ୍ୟାପକ ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା କିରଣ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜଦୋଳ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୭।୨(ଆଶୁତୋଷ ଦାସ)**

ଚୌଦ୍ୱାରରେ ଆସନ୍ତା ଦୋଳ ମେଳଣ ପାଇଁ ୪୪ ମଣ୍ଡଳ ରାଜଦୋଳ ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଞ୍ଚଳରେ ଆୟୋଜିତ ହେଉଥିବା ମୋଟ ୫ଟି ମେଳଣ ଯାତ୍ରାର ଦିନ ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ଫେବୃଆରୀ ୨୭ରେ ଆଗ୍ରାହାଟ ମେଳଣ, ୨୮ରେ ଜଗତପୁର ମେଳଣ, ମାର୍ଚ୍ଚ ୧ରେ ଗୋଡ଼ିପାଟଣା ମେଳଣ, ୩ରେ ଚୌଦ୍ୱାର ମେଳଣ ଓ ୪ରେ ଫକୀରପୁର ମେଳଣ ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ୪୪ମଣ୍ଡଳ ସମିତି ଉପସଭାପତି ହରିହର ପଣ୍ଡା, ସମ୍ପାଦକ ନବ ସାହୁ, ଶିବଶଙ୍କର ସାହୁ, ଭାବଗ୍ରାହୀ ପଣ୍ଡା, ପ୍ରକାଶ ପଣ୍ଡା, ଚନ୍ଦ୍ରମୋହନ ଚୌଧୁରୀ, ରବୀନ ଚନ୍ଦ୍ର ସୁବୁଦ୍ଧିରାୟ, ଭାଗୀରଥି ବେଉରା, ହେମନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ମାର୍ଫତଦାରମାନେ ଉପସ୍ଥିତ ଥିଲେ।

### ସୁବୋଧ ବେହେରା ହେଲେ କଟକ ଜିଲା ବିଜେଡି କୋଷାଧକ୍ଷ

**କଟକ ସଦର,୭।୨(ସୁଶାନ୍ତ କୁମାର ଜେନା)**



କଟକ ଜିଲା ବିଜେଡି କୋଷାଧକ୍ଷ ଭାବେ ସୁବୋଧ ବେହେରା ମନୋନୀତ ହୋଇଛନ୍ତି। ଏନେଇ ଦଳୀୟ ରାଜ୍ୟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅବସରରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଅଥଙ୍ଗାଠାରେ ଶନିବାର ବେହେରାଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିକାଶ ମଞ୍ଚ ସଭାପତି ଡାକ୍ତର ଦେବଦତ୍ତ ନନ୍ଦ, ଉପସଭାପତି ଚିତ୍ତରଞ୍ଜନ ମହାପାତ୍ର, ରଜନୀ କାନ୍ତ ସାହୁ, ସମର ବେହେରା, ହିମାଂଶୁ ଦାସ, ରାଜୀବ ବେଉରା, ରାକେଶ ବେହେରା, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ କୋଷାଧକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବେହେରା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ଜିଲା ସଭାପତି ପ୍ରଫୁଲ୍ଲ ସିଂହଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ତାରକସି କାରିଗରଙ୍କ ପରଲୋକ

**କଟକ,୭।୨(କାର୍ତ୍ତିକ ସାହୁ)**

ମାନସିଂହପାଟଣା ବାସିନ୍ଦା ତାରକସି କାରିଗର ହରେକୃଷ୍ଣ ସାହୁ(୯୬)ଙ୍କ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ଜୟକୃଷ୍ଣ ସାହୁ ମୁଖାଗ୍ନି ଦେଇଥିଲେ। ସୂକ୍ଷ୍ମ ରୁପାର ହସ୍ତଶିଳ୍ପ ତାରକସି କାମ ନିମନ୍ତେ ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ବହୁ କାରିଗର ତିଆରି କରି ସେ ତାରକସି କାମର ବିକାଶ ଓ ପ୍ରସାର ନିମନ୍ତେ ବହୁ ଉଦ୍ୟମ କରିଥିଲେ। ତାରକସି ଶିଳ୍ପ ଜଗତର ସେ ଜଣେ ସୁଦକ୍ଷ ବିନ୍ଧାଣି। ତାଙ୍କ ମରଶରୀରକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଥିଲା।

# ପଲ୍ଲୀ ମହୋତ୍ସବ ଦ୍ୱାରା ଏକତା, ଭାଇଚାରା ସମ୍ପର୍କ ବୃଦ୍ଧିପାଏ

## ୩ୟ ଚାରିଦେଶ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ


ଚାରିଦେଶ ପଲ୍ଲୀ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖୁଣ୍ଟୁଣୀ,୭।୨(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା କଣ୍ଡରେଇ ହାଇସ୍କୁଲ ଖେଳ ପଡ଼ିଆଠାରେ ୩ୟ ବାର୍ଷିକ ଚାରିଦେଶ ପଲ୍ଲୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଣ୍ଡରେଇ ଚାରିଦେଶ ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବକୁ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳରେ ଅନୁଷ୍ଠିତ ପଲ୍ଲୀ ମହୋତ୍ସବ ଦ୍ୱାରା ଆଞ୍ଚଳିକ ସ୍ତରରେ ଏକତା ଓ ଭାଇଚାରା ସମ୍ପର୍କ ବୃଦ୍ଧିପାଏ ବୋଲି କହିଥିଲେ। ଆୟୋଜକ ଚାରିଦେଶ ବିକାଶ ପରିଷଦ ସମ୍ପାଦକ ଅରୂପ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତିସଭ୍ୟ ବିଶ୍ୱନାଥ ପୂର୍ତ୍ତି, ରାଧାକୃଷ୍ଣପୁର ପଞ୍ଚାୟତ ସମିତି ସଭ୍ୟ ଅଜୟ ପରିଡା, ନୀଳମଣି ପରିଡା, ଦୁଲାଲ ଦାସ, ବୟୋଜ୍ୟେଷ୍ଠ ମୁରବି ହୃଷୀକେଶ ପରିଡା, ଚାରିଦେଶ ବିକାଶ ପରିଷଦ ଉପଦେଷ୍ଟା ବରୁଣ କାନ୍ତ ବେହେରା, ପ୍ରତ୍ୟୁଷ ବେଉରା, ଗୁଣନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିଷଦ ସଭାପତି ଅନୀଲ ବେହେରା ଧନ୍ୟବାଦ ଦେଇଥିଲେ। ଅଞ୍ଚଳର ଯୁବ କବି ପ୍ରତିଭା ଶୁଭମ ବେହେରା ଚାରିଦେଶ ଇତିହାସ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ସାହୁ, ପ୍ରାଣବନ୍ଧୁ ପ୍ରଧାନ, ରାମଚନ୍ଦ୍ର ସାହୁ, ଆୟୁର୍ବେଦ ଚିକିତ୍ସକ ସ୍ୱର୍ଗତ ଅରବିନ୍ଦ ମଜୁମଦାରଙ୍କ ସ୍ତ୍ରୀ ଛବିରାଣୀ ମଜୁମଦାର, ଶିକ୍ଷାବିତ ରାଜକିଶୋର ସାହୁ, ବସନ୍ତ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାରମ୍ଭରେ ସାବିତ୍ରୀପୁର ହନୁମାନ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହୋତ୍ସବରେ ମିନାବଜାର, ସ୍ୱାଦିଷ୍ଟ ଖାଦ୍ୟ ସହ ଦର୍ଶକ ବିଭିନ୍ନ ଦୋଳିର ମଜା ନେଇଥିଲେ। ମହୋତ୍ସବ ଆସନ୍ତା ୯ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ସ୍ୱଦେଶୀ ମେଳାରେ ହସ୍ତତନ୍ତ, ଝୋଟ ମାର୍କ କର୍ମଶାଳା

**କଟକ,୭।୨(କାର୍ତ୍ତିକ ସାହୁ)**

ହସ୍ତତନ୍ତ ଏବଂ ଝୋଟ ମାର୍କ (ହାଣ୍ଡଲୁମ ଆଣ୍ଡ ଜ୍ୟୁଟ ମାର୍କ) ଉପରେ ଏକ ସ୍ୱତନ୍ତ୍ର ସଚେତନତା କର୍ମଶାଳା ତଳ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ସ୍ୱଦେଶୀ ମେଳାରେ ଶନିବାର ଆୟୋଜିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ମିଳିତ ଭାବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ତତ୍ତ୍ୱାବଧାନରେ ଓର୍‌ମାସ ଦ୍ୱାରା ଅନୁଷ୍ଠିତ କର୍ମଶାଳାରେ ସ୍ୱଦେଶୀ ଅର୍ଥନୀତି ପାଇଁ ହସ୍ତତନ୍ତ ଓ ଝୋଟର ମାର୍କ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଏଫପିଓ, କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ଉତ୍ପାଦର ପ୍ରାମାଣିକତା, ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଉତ୍ତମ ବଜାର ଚିହ୍ନଟ କରିବାର ହସ୍ତତନ୍ତ ମାର୍କ ଓ ଝୋଟ ମାର୍କର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା କର୍ମଶାଳାର ଉଦ୍ଦେଶ୍ୟ। ପଞ୍ଜୀକରଣ ପ୍ରକ୍ରିୟା, ପ୍ରମାଣପତ୍ରର ଲାଭ ଏବଂ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି କରିବା ସହିତ ଏହି ମାର୍କଗୁଡ଼ିକ ପାରମ୍ପରିକ କାରିଗରମାନଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ସ୍ୱଦେଶୀ ଶିଳ୍ପକୁ ସୁଦୃଢ଼ କରିବା, ପ୍ରକୃତ ହସ୍ତତନ୍ତ ଏବଂ ଝୋଟ ଉତ୍ପାଦକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ଓ କ୍ଷମତା ନିର୍ମାଣ ମାଧ୍ୟମରେ ତୃଣମୂଳସ୍ତରର ଉତ୍ପାଦକଙ୍କୁ ସଶକ୍ତ କରିବା ଦିଗରେ ଓର୍‌ମାସର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ବୟନଶିଳ୍ପ ବିଭାଗର ବିଶେଷଜ୍ଞମାନେ କହିଥିଲେ। ଓର୍‌ମାସର ଯୁଗ୍ମ ନିର୍ଦ୍ଦେଶକ ବିପିନ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରତିକ୍


@ ଶ୍ରୀପତି


@ ବାପୁ


@ କବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେବୃଆରୀ ୧୨ ଧର୍ମଘଟ ସଫଳ କରିବାକୁ ବାମପନ୍ଥୀଙ୍କ ଆହ୍ୱାନ

**କଟକ,୭।୨(କାର୍ତ୍ତିକ ସାହୁ)**

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ମାଲେ-ଲିବରେଶନ), ସୋସିଆଲିଷ୍ଟ ୟୁନିଟ ସେଣ୍ଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ) ପାର୍ଟିର କଟକ ଜିଲା କମିଟି ଫେବୃଆରୀ ୧୨ରେ ସାଧାରଣ ଧର୍ମଘଟ ହେବ। ଏଥିରେ ସାମିଲ ହେବା ପାଇଁ ଜିଲାର ସମସ୍ତ ସ୍କିମ୍ ଶ୍ରମିକ, ଶିଳ୍ପ ଓ ସେବା କ୍ଷେତ୍ରର ଶ୍ରମିକ, ପ୍ରବାସୀ ଶ୍ରମିକ, କୃଷକ, ଗ୍ରାମୀଣ ଶ୍ରମିକ, କ୍ଷେତ ମଜଦୁର, ଯୁବତୀ, ଯୁବକ, ମହିଳା ଏବଂ ସମାଜର ସମସ୍ତ ବର୍ଗଙ୍କୁ ଆହ୍ୱାନ କରୁଛନ୍ତି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନରଙ୍କ ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା, କ୍ଷେତ ମଜଦୁର ୟୁନିୟନର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେଶନ ସମୂହ ଦ୍ୱାରା ଆହୂତ ସାଧାରଣ ଧର୍ମଘଟ କେନ୍ଦ୍ର ସରକାରଙ୍କ ଶ୍ରମିକ-ବିରୋଧୀ, କୃଷକ-ବିରୋଧୀ ଏବଂ କର୍ପୋରେଟ୍-ପକ୍ଷପାତୀ ନୀତି ବିରୋଧରେ ମିଳିତ ପ୍ରତିବାଦ ଜଣାଇବ। କଟକ ଜିଲାରେ ଧର୍ମଘଟ ପାଇଁ ପ୍ରସ୍ତୁତି ଚାଲିଛି। ଧର୍ମଘଟରେ ସାମିଲ ହେବା ପାଇଁ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ସିପିଆଇର ରାଜ୍ୟ ପରିଷଦ ସଦସ୍ୟ ଅମରେନ୍ଦୁ ମହାନ୍ତି, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା କଟକ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ସିପିଆଇଏମ-ଏଲ ଲିବରେଶନର ଜିଲା ସମ୍ପାଦକ କେଶବ ଷଡ଼ଙ୍ଗୀ ଏବଂ ଏସୟୁସିଆଇ (ସି)ର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ କଟକ ସହର ସମେତ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

# ବ୍ଲକ୍ ପ୍ରାଥମିକ ଶିକ୍ଷକଙ୍କ ତାଲିମ ଶିବିର

**ଚୌଦ୍ୱାର,୭।୨(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ନୋଡ଼ାଲ ହାଇସ୍କୁଲରେ ଆୟୋଜିତ ଏହି ପାଞ୍ଚ ଦିବସୀୟ ଶିବିରରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ରୂପରେଖ ଉପରେ ଆଲୋଚନା ହେବା ସହିତ ଏସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ୍‌ର ବାଲିଚନ୍ଦ୍ରପୁରୀ, କଳିଙ୍ଗ ବିଦ୍ୟାପୀଠ, ମାଧପୁର, ହରିଅନ୍ତା, ଝୋଟେଶ୍ୱର, ଶଙ୍କରପୁରର ଗାନ୍ଧୀ ବିଦ୍ୟାପୀଠ, ମାତୃସେବା କ୍ଲଷ୍ଟର, ଦେବୀନଗର କ୍ଲଷ୍ଟରର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ରାଜେଶ ନାୟକ, ହରିହର ମିଶ୍ର, ଦୁଃଶାସନ ସାହୁ, ପ୍ରକାଶ କୁମାର ନାୟକ ପ୍ରମୁଖ ସାଧନ କର୍ମୀ ଭାବେ କାର୍ଯ୍ୟ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିବିରାର୍ଥିନୀ ଓ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଶୈଳବାଳା ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ,୭।୨(କୁମାରଶ୍ରୀ)**

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ଏବଂ ନିଖିଳ ଓଡିଶା ସଂସ୍କୃତ ଅଧ୍ୟାପକ ସଂଘର ମିଳିତ ଆନୁକୂଲ୍ୟରେ ‘ପଞ୍ଚ ମହାକାବ୍ୟରେ ନୂତନ ଦିଗନ୍ତର ଅନୁସନ୍ଧାନ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଜୀବନବଲ୍ଲଭ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ଡ. ରାଜେନ୍ଦ୍ର ପ୍ରସାଦ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ମେନକାରାଣୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ସମ୍ପାଦକ ଡ. ବ୍ରଜସୁନ୍ଦର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଡ. ମଧୁସୂଦନ ମିଶ୍ର ପଞ୍ଚ ମହାକାବ୍ୟରେ ମାନବୀୟ ମୂଲ୍ୟ ଓ ନୀତିବୋଧକ ସଚେତନତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ‘ଶୋଧସାର ସ୍ମରଣିକା’ ସହିତ ଡ. ବ୍ରଜ ସୁନ୍ଦର ମିଶ୍ରଙ୍କ ରଚିତ ସିନ୍ଦୂର ସୌର୍ଯ୍ୟମ ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୋଷ୍ଟର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଯୋଗମାୟା ପଣ୍ଡା ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ଡ. ସୁଲଗ୍ନା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ୨ ଦିନ ହେବ ଇଣ୍ଟରନେଟ୍ ସେବାରେ ବାଧା

## ଏସ୍‌ସିବି ରକ୍ତ ନମୁନା ସଂଗ୍ରହ କେନ୍ଦ୍ରରେ ଅବ୍ୟବସ୍ଥା

- ରୋଗୀଙ୍କ ନମୁନା ସଂଗ୍ରହ, ରିପୋର୍ଟ ପାଇବାରେ ସମସ୍ୟା
- ନାହାନ୍ତି ଆବଶ୍ୟକ କର୍ମଚାରୀ

**କଟକ,୭।୨(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ରକ୍ତ ନମୁନା ସଂଗ୍ରହ କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ରକ୍ତ ନମୁନା ଦେବାକୁ ଆସୁଥିବା ରୋଗୀଙ୍କୁ ମେଡିକାଲରୁ ଶନିବାର ଫେରାଇ ଦିଆଯାଇଛି। କମ୍ପ୍ୟୁଟର ସର୍ଭର ସ୍ଲୋ ବା ଇଣ୍ଟରନେଟ୍ ସ୍ଲୋ ଥିବାରୁ ରୋଗୀଙ୍କୁ ପରେ ଆସିବାକୁ କୁହାଯାଇ ଫେରାଇ ଦିଆଯାଉଛି। ଏଭଳି ସମସ୍ୟା ଦୁଇଦିନ ହେବ ଲାଗି ରହିଥିବାବେଳେ ଯେଉଁ ରୋଗୀମାନେ ଶୁକ୍ରବାର ନମୁନା ଦେଇଛନ୍ତି, ସେମାନେ ଶନିବାର ସନ୍ଧ୍ୟା ଯାଏ ରିପୋର୍ଟ ପାଇ ପାରିନାହାନ୍ତି। ଅନ୍ୟପଟେ ରକ୍ତ ନମୁନା ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ପ୍ରାୟତଃ କାର୍ଯ୍ୟରେ ତତ୍ପରତା ରହୁ ନ ଥିବା ରୋଗୀ ଓ ସମ୍ପର୍କୀୟ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ତିନିରୁ ଚାରୋଟି ରକ୍ତ ନମୁନା ସଂଗ୍ରହ କେନ୍ଦ୍ର କାର୍ଯ୍ୟ କରୁଛି।




ଏଠାରେ ତିନୋଟି ପର୍ଯ୍ୟାୟରେ ୩ଜଣ ଲେଖାଏ କର୍ମଚାରୀ ଯଥା ରକ୍ତ ନମୁନା ସଂଗ୍ରହ କରିବା, ପଞ୍ଜୀକରଣ ଓ ରିପୋର୍ଟ ଦେବା ପାଇଁ ନିୟୋଜିତ କରାଯାଇଛି। ହେଲେ ଏଠାରେ ଇଣ୍ଟରନେଟ୍ ସମସ୍ୟା ଥିବାରୁ ଦୁଇଦିନ ହେବ ରୋଗୀ ପରୀକ୍ଷା କରାଇବା ସହ ରିପୋର୍ଟ ମଧ୍ୟ ପାଇ ପାରୁନାହାନ୍ତି। ଏପରିକି ସାମାନ୍ୟ ଥାଇରଏଡ୍, ମଧୁମେହ ଓ ସିବିସି ଭଳି ରିପୋର୍ଟ ପାଇବାକୁ ରୋଗୀ ଅସୁବିଧା ହେଉଛନ୍ତି। ଫଳରେ ରୋଗୀ ଚିକିତ୍ସାରୁ ବଞ୍ଚିତ ରହିବା ସହ ଶନିବାର କେବଳ ଅପେକ୍ଷା କରି ରହିଛନ୍ତି। ଏସ୍‌ସିବିରେ ଇଣ୍ଟରନେଟ୍ ସେବା ଉପରେ ବହୁ କାର୍ଯ୍ୟ ନିର୍ଭର କରି ରହିଥାଏ। ଆଭାସି ମାଧ୍ୟମରେ ବୈଠକଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏଥିରେ କରାଯାଉଥିବାବେଳେ ଦୁଇଦିନ ହେବ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଏ ନେଇ ମେଡିକାଲକୁ କେନ୍ଦ୍ରପଡ଼ା ଅଞ୍ଚଳର କିରଣ ମଲ୍ଲିକ ରକ୍ତ ନମୁନା ଦେବାକୁ ଆସିଥିବାବେଳେ ଦୁଇଦିନ ହେବ କର୍ମଚାରୀ ସର୍ଭର ସ୍ଲୋ ଥିବା କହି ତାଙ୍କୁ ଫେରାଇ ଦେଉଛନ୍ତି। ସେହିପରି ଆଠଗଡ଼ ଅଞ୍ଚଳର କବିତା ନାୟକ ଥାଇରଏଡ୍ ପରୀକ୍ଷା କରାଇବାକୁ ଦେଇଥିବାବେଳେ ଦୁଇଦିନ ହେବ ରିପୋର୍ଟ ପାଇ ପାରିନାହାନ୍ତି। ଏପରିକି ତାଙ୍କୁ ସୋମବାର ରିପୋର୍ଟ ମିଳିବ ବୋଲି ରକ୍ତ ନମୁନା ସଂଗ୍ରହ କେନ୍ଦ୍ରର କର୍ମଚାରୀ କହିଥିବା ସେ କହିଛନ୍ତି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
# କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼

## ବିଜ୍ଞପ୍ତି

**No.32001/22/2526**: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ନୟାଗଡ଼ କ୍ଷୁଦ୍ର ଜଳସେଚନ ଉପ ବିଭାଜନର (ଡିମିସର) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ମୌଜା-ଡିମିସର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡିକୁ ଖାତା ରୟତଙ୍କ ଠାରୁ ସିଧାସଳଖ କ୍ରୟ କରିବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟଗୁଡିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ତା.୧୨.୧୦.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଅଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

### ଠିକଣା

(୧) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ ।

(୨) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ନୟାଗଡ ।

ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି ।

### ମୌଜା-ଡିମିସର, ଥାନା-ଶରଣକୁଳ, ତହସିଲ-ଓଡ଼ଗାଁ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ, ଠିକଣା |
|---|---|---|---|---|---|---|
| ୧ | ୪ | ୮୨୫ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ଅଇଁଠା ସେଠୀ, ପି-ଗଦେଇ ସେଠୀ, ଜାତି-ଧୋବା, ଗ୍ରାମ-ନିଜଗାଁ |
| ୨ | ୪୬ | ୪୯୯ | ସାରଦ ଦୋ ଫସଲି-୨ | ୦.୧୯ | ୦.୧୯ | ଆନନ୍ଦ ପରିଡା, କୈବଲ୍ୟ ପରିଡା, ପି-ଖତି ପରିଡା, ଜାତି-ଚଷା, ଗ୍ରାମ-ହରିପୁର |
| ୩ | ୬୨ | ୫୩୬ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଉତ୍ତମ ବିଶୋଇ, ସ୍ୱା-ବୃନ୍ଦାବନ ବିଶୋଇ, ଚିନ୍ତା ବିଶୋଇ, ମାଟିଆ ବିଶୋଇ, ଅବଳା ବିଶୋଇ, ପି-ବୃନ୍ଦାବନ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୩୭ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୦୪୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୧୬୭୭ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| | | ୧୬୭୮ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୪ | ୭୭ | ୫୨୩ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| ୫ | ୭୮ | ୫୦୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| | | ୫୨୨ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| | | ୫୨୮ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୮୦୦ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| | | ୧୪୨୧ | ସାରଦ ଦୋ ଫସଲି-୧ | ୦.୧୮ | ୦.୧୮ | |
| | | ୫୨୮/୪୭୮୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୬ | ୮୬ | ୧୧୨୨ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଏକାଦଶୀ ମହାରଣା, ଭାଗିରଥୀ ମହାରଣା, ପି-ଜଗନ୍ନାଥ ମହାରଣା, ଗ୍ରାମ-ଡିମିସର |
| ୭ | ୮୭ | ୫୩୯ | ସାରଦ ଦୋ ଫସଲି | ୦.୦୭ | ୦.୦୭ | କନକ ଦାସ, ସ୍ୱା-ନଟବର ଦାସ, ଆଲେଖ ଦାସ, ଲକ୍ଷ୍ମୀଧର ଦାସ |
| ୮ | ୯୫ | ୧୧୨୫ | ସାରଦ ଦୋ ଫସଲି | ୦.୦୬ | ୦.୦୬ | କାଳୁ ଜେନା, ପି-କ୍ଷେତ୍ର ଜେନା, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୯ | ୧୦୧ | ୧୫୪ | ସାରଦ ଦୋ ଫସଲି | ୦.୦୮ | ୦.୦୮ | କାଶୀ ପଧାନ, ବେଙ୍ଗ ପଧାନ, ନନ୍ଦି ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୧୦ | ୧୧୦ | ୧୪୭ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | କୀର୍ତନ ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ଝର ସ୍ୱାଇଁ, ପି-ଲୋକନାଥ ସ୍ୱାଇଁ, ବାଉରୀ ସ୍ୱାଇଁ, ହାଲୁରି ସ୍ୱାଇଁ, ଦାଶରଥି ସ୍ୱାଇଁ, ପି-ଜଗବନ୍ଧୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ଗୋଡିପଡା |
| | | ୯୬୪ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| | | ୯୬୩ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | |
| | | ୯୬୫ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | |
| ୧୧ | ୨୫୨ | ୧୧୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଜଗନ୍ନାଥ ପରିଡା, ପି-ରାମ ବଳିଆରସିଂଘ, ଜାତି-ଚଷା, ଗ୍ରାମ-ନଗମୁଣ୍ଡୁଳି |
| ୧୨ | ୮୧୦ | ୧୧୩ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ହଜାରି ବେହେରା, ଲାବଣ୍ୟ ବେହେରା, ପି-ବାଉରୀ ବେହେରା, ଝୁମେଇ ବେହେରା, ସ୍ୱା-ବାଉରୀ ବେହେରା, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| | | ୧୧୪ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୧୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୧୩ | ୮୫୫/୯୮ | ୧୨୬ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ବାଳକୃଷ୍ଣ ସାହୁ, ଗୋପାଳ ଚରଣ ସାହୁ, ପି-ମଧୁସୂଦନ ସାହୁ, ଜାତି- ଗୁଡିଆ, ଗ୍ରାମ-ନଗମୁଣ୍ଡୁଳି |
| | | ୧୨୭ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୧୪ | ୧୪୦ | ୧୨୫ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | କୈବଲ୍ୟ ବେହେରା, ପି-ମଙ୍ଗୁଳି ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୧୫ | ୭୯୪ | ୧୩୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ସୋଦର ସ୍ୱାଇଁ, ସ୍ୱା-କିରତନ ସ୍ୱାଇଁ, ଧୋବା ସ୍ୱାଇଁ, ସାହେବ ସ୍ୱାଇଁ, ଶେଷଦେବ ସ୍ୱାଇଁ, ଉଜାଳା ସ୍ୱାଇଁ, ନୀଳ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ହିନ ସ୍ୱାଇଁ, ପି-ଭିକାରୀ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| | | ୧୩୩ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୧୩୪ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୧୬ | ୭୧୧ | ୧୩୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶଙ୍କର ଜେନା, ହର ଜେନା, ପି-ଦୋଳ ଜେନା, ବୃନ୍ଦାବନ ଜେନା, ରଇବାରି ଜେନା, ପି-ଲିଙ୍ଗା ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୭ | ୩୬୪ | ୧୪୮ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ନବୀନ ବିଶୋଇ, ପି-ବଡପାଣ୍ଡୁ ବିଶୋଇ |
| | | ୧୦୪୬ | ସାରଦ ଦୋ ଫସଲି-୧ | ୦.୨ | ୦.୨ | |
| ୧୮ | ୪୫୫ | ୧୪୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ବନ୍ଧୁ ଜେନା, ପି-ନୀଳ ଜେନା |
| ୧୯ | ୭୦୬ | ୧୫୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଶଙ୍କର ସ୍ୱାଇଁ, ଦାସ ସ୍ୱାଇଁ, ପି-ସନିୟା ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ଡିମିସର |
| ୨୦ | ୫୩୬ | ୧୫୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଭଗବାନ ସ୍ୱାଇଁ, ପି-ଅଗାଧୁ ସ୍ୱାଇଁ, ସୁଦାମ ସ୍ୱାଇଁ, କିର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ |
| ୨୧ | ୩୨୩ | ୧୫୨ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | ଧନେଶ୍ୱର ବିଶୋଇ, ପି-ବୁଦ୍ଧି ବିଶୋଇ, ରଇବାରି ବିଶୋଇ, ସ୍ୱା-ବୁଦ୍ଧି ବିଶୋଇ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୫୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| ୨୨ | ୨୧୭ | ୮୩୦ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଚକ୍ରଧର ସାହୁ, ପି-ନରସିଂଘ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୩ | ୨୪୭ | ୮୨୯ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଜୟକୃଷ୍ଣ ସାହୁ, ଧନେଶ୍ୱର ସାହୁ, ପି-ଲିଙ୍ଗରାଜ ସାହୁ, ରାଜକିଶୋର ସାହୁ, ପି-ସଦା ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୪ | ୨୮୮ | ୭୩୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ଦଣ୍ଡୁ ସ୍ୱାଇଁ, ପି-କଣ୍ଡୁରି ରଣସିଂ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| | | ୮୨୩ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| | | ୧୦୪୫ | ସାରଦ ଦୋ ଫସଲି-୧ | ୦.୧୨ | ୦.୧୨ | |
| ୨୫ | ୧୬୩ | ୮୨୪ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ଖଲି ନାୟକ, ବାସୁ ନାୟକ, ପି-ଜେନା ନାୟକ, କୈବଲ୍ୟ ନାୟକ, ପି-ସଇତା ନାୟକ, ଲକ୍ଷ୍ମଣ ନାୟକ, ଜାତି-ଓଡ ଖଣ୍ଡାୟତ |
| ୨୬ | ୮୫୫/୫୯ | ୮୧୪ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ଦାଶରଥି ମଲିକ, ପି-ଜଗନ୍ନାଥ ମଲିକ, ଜାତି-କଣ୍ଡରା, ଗ୍ରାମ-ନିଜଗାଁ |
| ୨୭ | ୫୧୪ | ୮୮୬/୪୮୨୩ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | ବୁଦ୍ଧି ବିଶୋଇ, ପି-ପଞ୍ଚୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୨୮ | ୪୫୬ | ୯୦୦ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ସ୍ୱା-ଖଲି ବିଶୋଇ, ପଦି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୯୦୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| | | ୯୧୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୮୧୪ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୨୯ | ୭୬୩ | ୯୦୨ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ସୁକୁରୀ ପଧାନ, ସ୍ୱା-କୀର୍ତନ ପଧାନ, ବିଶିକା ସ୍ୱାଇଁ, ସ୍ୱା-ଅର୍ଜୁନ ସ୍ୱାଇଁ |
| | | ୯୨୦ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | |
| | | ୮୨୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| ୩୦ | ୧୬୦ | ୯୦୩ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ଖଲି ନାୟକ, ପି-କେଳା ନାୟକ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୯୦୪ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | |
| ୩୧ | ୫୯୦ | ୯୨୧ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ମଙ୍ଗୁଳି ରାଉତ, ପି-କେଳା ରାଉତ, ମୁକୁନ୍ଦ ରାଉତ, ପି-ଭୀମ ରାଉତ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୯୨୨ | ସାରଦ ଦୋ ଫସଲି-୨ | ୦.୧ | ୦.୧ | |
| | | ୬୦୮ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | |
| ୩୨ | ୭୧୦ | ୯୨୩ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ଶଙ୍କର ବେହେରା, ପି-ଶ୍ରୀଧର ବେହେରା, ମଣ୍ଡା ବେହେରା, ସ୍ୱା-ଶ୍ରୀଧର ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୭୪୧ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | |
| ୩୩ | ୬୬୦ | ୯୨୪ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ରଇବାରି ବେହେରା, କୁସୁନ ବେହେରା, ସମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧି ବେହେରା, ପି-ଗଦେଇ ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୭୪୭ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| | | ୧୭୮୮ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୩୪ | ୩୭୦ | ୯୩୮ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ନରସିଂହ ମହାରଣା, ଜଗନ୍ନାଥ ମହାରଣା, ପି-କଣ୍ଠ ମହାରଣା, ଜାତି-କମାର, ଗ୍ରାମ-ନିଜଗାଁ |
| | | ୯୩୯ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| ୩୫ | ୨୧୧ | ୯୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଗୌରୀ ଦାସ, ସ୍ୱା-ଭିକାରି ଦାସ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୩୬ | ୬୫୦ | ୯୩୬ | ସାରଦ ଦୋ ଫସଲି-୨ | ୦.୧୪ | ୦.୧୪ | ମୋଟି ବିଶୋଇ, ବଇଷମ ବିଶୋଇ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୯୪୦ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | |
| ୩୭ | ୩୦୧ | ୯୪୧ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଦ୍ୱାରି ମାଝି, ପି-ଗୋବିନ୍ଦ ମାଝି, ଜାତି-ପାଣ, ଗ୍ରାମ-ନିଜଗାଁ |
| ୩୮ | ୩୪୮ | ୯୬୧ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | ନଟବର ସାହୁ, ପି-ରାମ ସୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| | | ୯୬୭ | ସାରଦ ଦୋ ଫସଲି-୨ | ୦.୦୮ | ୦.୦୮ | |
| ୩୯ | ୮୪୯ | ୧୧୨୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ହୀନା ପଧାନ, ପି-ମୋଟି ପଧାନ, ସୋଦରି ପଧାନ, ସ୍ୱା-ମୋଟି ପଧାନ, ରାମା ପଧାନ, ମାଟିଆ ପଧାନ, ପି-ପାଣ୍ଡୁ ପଧାନ, ଜାତି-କାଳନ୍ଦି, ଗ୍ରାମ- |
| ୪୦ | ୮୩୬ | ୧୧୨୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ରଇବାରି ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୧ | ୬୩୪ | ୬୧୫ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ହଜାରି ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ଚନ୍ଦ୍ର ସ୍ୱାଇଁ, ସତୁରା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୧୨୭ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| | | ୧୮୦୨ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | |
| | | ୧୮୦୩ | ସାରଦ ଦୋ ଫସଲି | ୦.୦୧ | ୦.୦୧ | |
| ୪୨ | ୮୫୫/୪୬୦ | ୫୫୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବଳଭଦ୍ର ନାୟକ, ବୁଲୁ ନାୟକ, ପି-ବଳଭଦ୍ର ନାୟକ, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୫୮ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| | | ୫୫୯ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୪୩ | ୫୭୧ | ୧୧୨୧ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଭିକାରି ଦାସ, ପି-ମାଧବ ପ୍ରହରାଜ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୪୪ | ୩୨୯ | ୯୨୮ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ଧୋବା ସ୍ୱାଇଁ, ଭୋବନୀ ସ୍ୱାଇଁ, ମଣ୍ଡା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ: ନିଜଗାଁ |
| | | ୧୧୨୮ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| ୪୫ | ୩୩୧ | ୬୧୧ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଧୋବା ଜେନା, ପି-କେଳା ଜେନା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୬୧୨ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | |
| | | ୧୧୨୯ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୪୬ | ୩୯୫ | ୧୧୧୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ପଞ୍ଚୁ ବିଶୋଇ, ପି-ମାଗତା ସୁନ୍ଦରା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୭ | ୭୭୮ | ୧୧୬୦ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ସୁଭାଷ ଚନ୍ଦ୍ର ସାହୁ, ନିଶା ସାହୁ, ସରସ ସାହୁ, ବିକାଶ ସାହୁ, ପି-ଲୋକନାଥ ସାହୁ, ସେବତୀ ସାହୁ, ସ୍ୱା-ଲୋକନାଥ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| | | ୧୪୩୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | |
| | | ୧୦୩୦ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| ୪୮ | ୭୪୬ | ୧୨୮୪ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ସାବିତ୍ରୀ ପାତ୍ର, ସ୍ୱା-ଶତ୍ରୁଘନ ପାତ୍ର, ଜାତି- କୁମୁଟି, ଗ୍ରାମ-ନିଜଗାଁ |
| ୪୯ | ୬୭୧ | ୧୨୮୫ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ରାଜ କିଶୋର ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୫୦ | ୬୨୮ | ୧୨୮୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ମାଗି ସ୍ୱାଇଁ, ସ୍ୱା-ଖଲି ସ୍ୱାଇଁ, ଅଇଁଠା ସ୍ୱାଇଁ, ପି-ଖଲି ସ୍ୱାଇଁ, ଦୁଲା ସ୍ୱାଇଁ, ରଇବାରି ସ୍ୱାଇଁ, ପି-ଲକ୍ଷ୍ମଣ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୨୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୨୯୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୨୮୨/୪୮୩୪ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୫୧ | ୮୩୫ | ୧୨୬୧ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୨ | ୪୬୪ | ୧୨୬୨ | ସାରଦ ଦୋ ଫସଲି-୨ | ୦.୧୨ | ୦.୧୨ | ବନମାଳି ସାହୁ, ପି-ନରସିଂହ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୩ | ୩୫୦ | ୧୨୬୩ | ସାରଦ ଦୋ ଫସଲି-୨ | ୦.୧୧ | ୦.୧୧ | ନଟବର ସାହୁ, ରାମ ଶୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୪ | ୮୪୧ | ୧୨୬୪ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ହାଲୁରି ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୨୬୫ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | |
| ୫୫ | ୬୩୬ | ୧୨୬୮ | ସାରଦ ଦୋ ଫସଲି-୧ | ୦.୨୩ | ୦.୨୩ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅତଙ୍ଗ ସ୍ୱାଇଁ, କ୍ଷେତ୍ର ଜେନା, ପି-ପୁନିୟା ଜେନା, ହଟ ବିଶୋଇ, ପି-ଗୁରୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୨୬୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୫୬ | ୫୫୧ | ୧୨୭୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଭାଗିରଥୀ ସ୍ୱାଇଁ, ପି-ଚିନ୍ତାମଣି ସ୍ୱାଇଁ, ତପୋଇ ସ୍ୱାଇଁ, ସ୍ୱା-ଚିନ୍ତାମଣି ସ୍ୱାଇଁ, ଶେଷଦେବ ସ୍ୱାଇଁ, ପି-ଆମିନ ସ୍ୱାଇଁ, ଭରତ ସ୍ୱାଇଁ, ପି-ପାଇକରା ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୨୭୫ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | |
| | | ୧୩୦୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| | | ୧୩୦୭ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୫୭ | ୫୪୨ | ୧୨୭୪ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଭରତ ସ୍ୱାଇଁ, ପାଇକରା ସ୍ୱାଇଁ, ଧୋବା ସ୍ୱାଇଁ, ଭୋବନୀ ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ଭୀମ ସ୍ୱାଇଁ, ଉଦିଆ ସ୍ୱାଇଁ, ପାବନ ସ୍ୱାଇଁ, ପି-ବାସୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୩୧୨ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୩୧୩ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୫୮ | ୪୧୦ | ୧୨୭୭ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ପଦି ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୩୦୫ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୪୨୬ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୫୯ | ୪୭୯ | ୧୩୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବାଞ୍ଛାନିଧି ସ୍ୱାଇଁ, ଭିକାରି ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୦ | ୮୦୦ | ୧୨୭୯ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହଜାରି ସ୍ୱାଇଁ, ପି-ସଙ୍କରା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ହୀନ ସ୍ୱାଇଁ, ପି-ହଟ ସ୍ୱାଇଁ, ଅଲେଖ ସ୍ୱାଇଁ, ମଦନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରସ ସ୍ୱାଇଁ, ଜାତି-ଖଣ୍ଡାୟତ |
| | | ୧୨୮୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୩୦୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୬୧ | ୮୫୫/୯୭ | ୧୩୦୨ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ସରସ ସ୍ୱାଇଁ, ସ୍ୱା-ସାହେବ ସ୍ୱାଇଁ, ସାହେବ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୨ | ୩୩୯ | ୧୩୧୧ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ନଟବର ସ୍ୱାଇଁ, ସମ୍ବାରୀ ସ୍ୱାଇଁ, ପବନା ସ୍ୱାଇଁ, ପି-ସନିଆ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୩ | ୬୦୩ | ୧୪୨୩ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ମଧୁ ସାହୁ, ପି-ମଦନ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୬୪ | ୪୧୪ | ୧୪୨୭ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ପଦି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୪୨୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୬୫ | ୮୫୪ | ୧୪୩୦ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହେଙ୍ଗୁଳା ସ୍ୱାଇଁ, ସାହସ ସ୍ୱାଇଁ, ପି-ମଙ୍ଗୁଳି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ପାଣ୍ଡୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୬ | ୬୨୬ | ୧୪୩୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ମାଗି ମଲ୍ଲିକ, ପି-ମହନ ମଲ୍ଲିକ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୭ | ୬୪୯ | ୧୧୬୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ମୋଚି ବିଶୋଇ, ପି-ମଙ୍ଗୁଳି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୧୬୧/୪୭୮୩ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| ୬୮ | ୨୦୩ | ୫୦୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଗୋବିନ୍ଦ ପଧାନ, ପି-ସୁକୁରୀ ପଧାନ, କାଶୀ ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୦୧ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୬୯ | ୨୩୪ | ୫୦୭ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଚିନ୍ତା ପଧାନ, ପି-ଆନନ୍ଦ ପଧାନ, ସୁକୁରି ପଧାନ, ସ୍ୱା-ଚିନ୍ତା ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୧୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୭୦ | ୪୧୬ | ୫୨୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ପଦ୍ମଲାଭ ନାୟକ, ପି-ଅରକ୍ଷିତ ନାୟକ, ଜାତି-ଧୋବା, ଗ୍ରାମ-ହରିପୁର |
| ୭୧ | ୬୪୦ | ୫୨୧ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ମନ ଦଳବେହେରା, ପି-ଅମିନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୨୧/୪୯୦୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୭୨ | ୬୯୨ | ୫୩୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଲିଙ୍ଗରାଜ ପଧାନ, ଅନ୍ତର୍ଯାମୀ ପଧାନ, ପି-ଚିନ୍ତାମଣି ପଧାନ, ଜାତି-ଚଷା, ଗ୍ରାମ-ହରିପୁର |
| ୭୩ | ୫୯୬ | ୫୫୪ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | ମଦନ ଷଣ୍ଢ, ପି-ଚିନ୍ତା ଷଣ୍ଢ, ଜାତି-ଚଷା, ଗ୍ରାମ-ହରିପୁର |
| ୭୪ | ୮୫୫/୧୮ | ୫୫୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଚିରଞ୍ଜୀବି ଦଳବେହେରା, ଯୋଗେନ୍ଦ୍ର ଦଳବେହେରା, ପି-ସୁଦର୍ଶନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୮୨ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୭୫ | ୪୪୪ | ୫୬୦ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ପୁଣି ସ୍ୱାଇଁ, ସ୍ୱା-ଦଣ୍ଡୁ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ବିଳାଶ ସ୍ୱାଇଁ, ସୁଲେଇ ସ୍ୱାଇଁ, ମନ୍ଦି ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଖଦଳ ସ୍ୱାଇଁ, ସ୍ୱା-ହଟ ସ୍ୱାଇଁ, ସୁଶୀଳା ସ୍ୱାଇଁ, ପି-ହଟ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୭୬ | ୧୪୨ | ୫୮୧ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | କୈବଲ୍ୟ ସ୍ୱାଇଁ, ବତୀ ସ୍ୱାଇଁ, ମାଟିଆ ସ୍ୱାଇଁ, ପି-ଯୋଗୀ ସ୍ୱାଇଁ, ଜାତି-ଚଷା, ଗ୍ରାମ-ନିଜଗାଁ |
| | | ୫୮୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| ୭୭ | ୧୫୨ | ୫୮୩ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଖଲିଆ ଜେନା, ସ୍ୱା-ଧନୀ ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୬୦୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୭୮ | ୮୫୫/୧୦ | ୮୨୨ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | ସତ୍ୟା ପଧାନ, ଇନ୍ଦିରା ପଧାନ, ପି-କୀର୍ତନ ପଧାନ, ଜାତି-ଓଡ ଖଣ୍ଡାୟତ |
| ୭୯ | ୫୪୮ | ୫୮୫ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଭାଗବତ ପଧାନ, ପି-ଖତି ପଧାନ, ଭଗବାନ ପଧାନ, ପି-ବୈଦ୍ୟନାଥ ପଧାନ, ଦୁଲା ପଧାନ, ସ୍ୱା-ନରସିଂହ ପଧାନ, ଗ୍ରାମ-ହରିପୁର |
| | | ୧୭୪୮ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୮୦ | ୯୨ | ୬୧୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | କାଳିକା ଦଳବେହେରା, ସ୍ୱା-କାଶୀନାଥ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| ୮୧ | ୮୫୯ | ୬୧୪ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ, ନୟାଗଡ |
| ୮୨ | ୬୦୫ | ୬୧୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ମହନ୍ତ ସ୍ୱାଇଁ, ପି-ବନମାଳି ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୪୨୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୮୩ | ୧୫୦ | ୧୭୪୫ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଖଲି ରାଉତ, ପି-କାଶୀ ରାଉତ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୪ | ୪୨୦ | ୧୭୪୪ | ସାରଦ ଦୋ ଫସଲି-୧ | ୦.୨୪ | ୦.୨୪ | ପଦ୍ମଚରଣ ସ୍ୱାଇଁ, ଲବଙ୍ଗ ସ୍ୱାଇଁ, ପି-ଘନଶ୍ୟାମ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ, ପି-ରଘୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୮୫ | ୬୧୬ | ୧୭୪୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ମହନ ଜେନା, ତପୋଇ ଜେନା, ପି-ଆନନ୍ଦ ଜେନା, ଝୁମେଇ ଜେନା, ସ୍ୱା-ଆନନ୍ଦ ଜେନା, କୈବଲ୍ୟ ଜେନା, ସନ୍ତରା ଜେନା |
| ୮୬ | ୭୪୭ | ୧୭୪୨ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଶ୍ରୀ ଭାଗବତ ଗୋସ୍ୱାମୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ସାମ ସାହୁ, ପି-ଅର୍ଜୁନ ସାହୁ |
| ୮୭ | ୭୦୧ | ୧୭୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୭ | ଲୋକନାଥ ଦାସ, ପି-ଋଷି ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୮ | ୨୭୭ | ୧୭୮୯ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ତ୍ରିଲୋଚନ ଦାସ, ପି-ଲୋକନାଥ ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୯ | ୨୨୪ | ୧୭୯୨ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଚାନ୍ଦ ସ୍ୱାଇଁ, ସ୍ୱା-ମାଗତା ସ୍ୱାଇଁ, ମହନ ସ୍ୱାଇଁ, କୋକିଳ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଲୋଚନ ସ୍ୱାଇଁ, ପି-ଚଇତନ ସ୍ୱାଇଁ, ବାନା ସ୍ୱାଇଁ, ପି-ବରଜୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୭୯୩ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୯୮୬ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୯୦ | ୬୩୨ | ୧୭୯୯/୪୭୯୩ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୯୧ | ୧୩୦ | ୧୮୦୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | କୃପାସିନ୍ଧୁ ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୨ | ୩୬୬ | ୧୮୧୫ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ନରସିଂହ ନାୟକ, ପି-କଣ୍ଠ ନାୟକ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| | | ୧୮୧୭ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | |
| ୯୩ | ୩୧୧ | ୧୮୧୬ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଦୁଖୀ ବିଶୋଇ, ସ୍ୱା-ରଘୁ ବିଶୋଇ, ଅରକ୍ଷିତ ବିଶୋଇ, ପି-ରଘୁ ବିଶୋଇ |
| ୯୪ | ୬୪୪ | ୧୮୧୮ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ମୁଳି ସାହୁ, ପି-ଲିଙ୍ଗରାଜ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୯୫ | ୮୫୫/୧୨୯ | ୮୮୨ | ସାରଦ-୨ | ୦.୧୪ | ୦.୧୪ | ଗୋବର୍ଦ୍ଧନ ନାୟକ, ସୁଦର୍ଶନ ନାୟକ, ପି-ଭୀମ ନାୟକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୬ | ୪୫୬ | ୯୦୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ପଡି ବିଶୋଇ, ସ୍ୱା-ଖଲି ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୭ | ୮୫୫/୧୫୭ | ୧୩୦୦ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବଳରାମ ବିଶୋଇ, ବଷ୍ଟରାମ ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୮ | ୮୫୫/୨୨୨ | ୧୨୭୮ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଗୌରାଙ୍ଗ ସାହୁ, ପି-ଦିନବନ୍ଧୁ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୯ | ୮୩୮ | ୫୨୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ହଟ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ରାଇବାରି ସ୍ୱାଇଁ, ସ୍ୱା-ପୁନିୟା ସ୍ୱାଇଁ |
| ୧୦୦ | ୮୫୫/୨୩୩ | ୧୭୪୬ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ହୀନା ବିଶୋଇ, ପି-ସମ୍ବରୀ ବିଶୋଇ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୧ | ୮୫୫/୨୫୬ | ୯୨୯ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ରବିନ୍ଦ୍ର ବିଶୋଇ, ପି-ଛାଟିଆ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୦୨ | ୮୫୫/୧୫୩ | ୧୭୮୧ | ସାରଦ ଦୋ ଫସଲି-୧ | ୦.୨ | ୦.୨ | କୀର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୩ | ୨୦୪ | ୧୪୨୨ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଗୋବିନ୍ଦ ଜେନା, ପି-କ୍ଷେତ୍ର ଜେନା, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୪ | ୪୬୩ | ୧୭୮୫ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ବନମାଳି ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ପି-ନାରଣ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୫ | ୬୫୨ | ୯୩୦ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ମୋହନ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୬ | ୬୩୭ | ୯୩୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ମନ୍ଦ ସ୍ୱାଇଁ, ସ୍ୱା-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅଟଙ୍ଗ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୭ | ୩୭୫ | ୧୦୩୧ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ନରସିଂହ ସ୍ୱାଇଁ, ହଜାରି ସ୍ୱାଇଁ, ସୁବଳ ସ୍ୱାଇଁ, ଦେବରାଜ ସ୍ୱାଇଁ, ସାବି ସ୍ୱାଇଁ, ସିତା ସ୍ୱାଇଁ, ପି-ଭୀମ ସ୍ୱାଇଁ, ଅତେଇ ସ୍ୱାଇଁ, ସ୍ୱା-ଭୀମ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୮ | ୭୫୯ | ୧୦୩୨ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ସୁକୁରି ବିଷୋଇ, ପି-ମଙ୍ଗୁଳି ବିଷୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୯ | ୬୪୨ | ୧୦୩୩ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ମହାଳି ପଲେଇ, ସ୍ୱା-ନୀଳ ପଲେଇ, ହେମ ସ୍ୱାଇଁ, ପି-ଭଗତ ସ୍ୱାଇଁ, ରଘୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୦ | ୧୪୭ | ୧୦୩୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଖଦାଳ ବିଷୋଇ, ସ୍ୱା-ମହେଶ୍ୱର ବିଷୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୧ | ୬୬୧ | ୧୦୩୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ରଇବାରି ବେହେରା, କୁସୁନ ବେହେରା, ଶାମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧିନାଥ ବେହେରା, ପି-ଗଦେଇ ବେହେରା, ଶ୍ରୀଧର ବେହେରା, ପି-ସଇତା ବେହେରା, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୧୨ | ୬୦୪ | ୧୦୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ମନୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଗଦାଧର ସ୍ୱାଇଁ, ପି-ରତନ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୩ | ୧୬୧ | ୧୦୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ଖଲି ନାୟକ, ପି-କେଲା ନାୟକ, ଅଗାଧୁ ବିଷୋଇ, ସନ୍ତରା ବିଷୋଇ, ବଳି ବିଷୋଇ, ପି-ସୁକୁରି ବିଷୋଇ, ଖଦାଳ ମଲ୍ଲିକ, ସ୍ୱା-ଧୋବା ମଲ୍ଲିକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୧୪ | ୮୫୮ | ୧୬୭୧ | ସାରଦ ଦୋ ଫସଲି-୧ | ୦.୧୮ | ୦.୧୮ | ଶ୍ରୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ଼ |
| ୧୧୫ | ୮୧ | ୧୬୭୨ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶ୍ରୀ ଗ୍ରାମଦେବତୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ ସେବା ସୂତ୍ରେ ଦଖଲ ଅରକ୍ଷିତ ମହାପାତ୍ର, ପି-ବସୁଦେବ ମହାପାତ୍ର, ଜାତି-ମାଳୀ, ଗ୍ରାମ-ଗୋଡିପଡା |
| ୧୧୬ | ୮୫୭ | ୧୬୭୩ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଶ୍ରୀ ପଣ୍ଡୁକେଶ୍ୱର ମହାଦେବ ବିଜେ ବଉଳ ସାହି, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ |
| ୧୧୭ | ୮୬୧ | ୧୬୮୮ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | କୀର୍ତନ ସ୍ୱାଇଁ, ପି-କେଳା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, କୁସୁନ ସ୍ୱାଇଁ, ପି-ପତି ସ୍ୱାଇଁ |
| | | ୧୬୮୯ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୧୮ | ୮୫୫/୩୬୮ | ୧୬୯୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ନିଧି ବିଶୋଇ, ପି-ମହେଶ୍ୱର ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| | | ୧୬୯୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୬୯୨ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୬୯୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୧୧୯ | ୮୧୨ | ୧୬୯୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ହଟ ବିଶୋଇ, ପି-ଗୌରୀ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୦ | ୨୯୩ | ୭୩୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଦର୍ପଣୀ ବିଶୋଇ, ସ୍ୱା-ଅର୍ଜୁନ ବିଶୋଇ, ମହେଶ୍ୱର ବିଶୋଇ, ଭଗବାନ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |

# ୯ ହଜାର ବୋତଲ କଫ୍ ସିରପ୍ ଜବତ

- କାର୍, ପିକ୍‌ଅପ୍ ଭ୍ୟାନ୍ ଜବତ
- ବରଗଡ଼ରୁ ଆଣି ରାମପୁରରେ ବିକ୍ରି ଯୋଜନା ଥିଲା

ସୋନପୁର/ଡୁଙ୍ଗୁରିପାଲି, ୭।୨ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)



ପୋଲିସ ଭ୍ୟାନ୍ ଓ କାର୍‌ରୁ କଫ୍‌ସିରପ୍ ଜବତ କରୁଛି।

ସୁବର୍ଣ୍ଣପୁର ଜିଲା ରାମପୁର ପୋଲିସ ଶନିବାର ସକାଳେ ଚଢ଼ାଉକରି ବିପୁଳ ପରିମାଣର କଫ୍ ସିରପ୍ ଜବତ୍ କରିଛି। ଏହି ଘଟଣାରେ ପରିବହନକାରୀ ତଥା ବରଗଡ଼ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ(୨୪)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କଫ୍ ସିରପ୍ ବୋଝେଇ ହୋଇଥିବା ପିକ୍‌ଅପ୍ ଭ୍ୟାନ୍ ଓ ଏକ କାର୍‌କୁ ପୋଲିସ ଜବତ କରିଛି। ବରଗଡ଼ ପଟୁ ଏହି କଫ୍ ସିରପ୍ ଆସିଥିଲା। ଗୁଲସନଙ୍କ କାର୍‌ରେ ସେଗୁଡିକୁ ରାମପୁର ଅଞ୍ଚଳରେ ବିକ୍ରି କରାଯିବାର ଯୋଜନା ଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ସୂଚନା ଦେଇଛନ୍ତି।

ରାମପୁର ଥାନା ମାୟାବାର୍ହା ପଞ୍ଚାୟତ ସାହାଜବାହାଲ ପଡ଼ିଆରେ ଶନିବାର ସକାଳେ କେତେଜଣ ଲୋକଙ୍କ ଦ୍ୱାରା କଫ୍ ସିରପ୍ କାରବାର ଚାଲିଥିବା ନେଇ ଏସ୍‌ପି ନାୟକଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାମପୁର ଥାନା ଏସ୍‌ଆଇ ପ୍ରକାଶ ନନ୍ଦ ଓ ଟିମ୍ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ପିକ୍‌ଅପ୍ ଭ୍ୟାନ୍ ଓ କାର୍ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଟିମ୍‌କୁ ଦେଖି ସେଠାରେ ଥିବା ୩ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ପିଛା କରିବାକୁ ଯାଇ ପୋଲିସ ଟିମ୍ କାର୍ (ନଂ. ଓଡି୦୩-ଏବି-୧୭୯୦) ଓ କାର୍ ମାଲିକ ଗୁଲସନଙ୍କୁ ଅଟକ ରଖିଥିଲା। ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୧୭ଏଫ-୬୬୬୬) ଓ କାର୍ ତନଖି ସମୟରେ ସେଥିରୁ କଫ୍ ସିରପ୍ ଠାବ ହୋଇଥିଲା। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ସାକ୍ଷୀ ଓ ମାଜିଷ୍ଟ୍ରେଟ୍ ତଥା

## ଜଣେ ଗିରଫ

ରାମପୁର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଉପସ୍ଥିତିରେ ଉଭୟ ଗାଡ଼ି ତନଖି ସମୟରେ ମୋଟ ୬୮ଟି ବ୍ୟାଗ୍ ମିଳିଥିଲା। ପ୍ରତି ବ୍ୟାଗ୍‌ରେ ୬ଟି ପ୍ୟାକେଟ୍ ଥିଲା। ସେହିଭଳି ପ୍ରତି ପ୍ୟାକେଟ୍‌ରେ ୨୫ଟି ଲେଖାଏ ୧୦୦ମିଲିଲିଟର ବିଶିଷ୍ଟ ସର୍ବ ମୋଟ ୯୦୦୦ ବୋତଲ ଏସ୍‌କଫ୍ କୋଡିନ୍ ଫୋସଫେଟ୍ ଓ ଟ୍ରିପ୍ରୋଲାଇଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ ବୋତଲ ମିଳିଥିଲା। ଏହି ଘଟଣାରେ ରାମପୁର ଥାନା ପୋଲିସ ଏନ୍‌ଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ଏକ ମାମଲା(ନଂ.୪୪/୨୬)ରୁଜୁ କରିଛି। ସେହିପରି କଫ୍‌ସିରପ, କାର୍ ଓ ପିକ୍‌ଅପ୍‌କୁ ପୋଲିସ ଜବତକରି ଅଧିକ ଅନୁସନ୍ଧାନ ଜାରି ରଖିଛି। ଜବତ କଫ୍‌ସିରପ୍‌ର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ୮୨ ହଜାର ଟଙ୍କା ହେବ ବୋଲି ଏସ୍‌ପି ନାରାୟଣ ନାୟକ କହିଛନ୍ତି।

# ଡକାୟତି ଘଟଣାରେ ୧୦ ଗିରଫ

**ଲୁଟ ସାମଗ୍ରୀ ସହ ମାରଣାସ୍ତ୍ର ଜବତ**

ହିଞ୍ଜିଳିକାଟୁ, ୭।୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଶରଧାପୁର ଶ୍ମଶାନ ନିକଟରେ ମଙ୍ଗଳବାର ରାତିରେ ଏକ ନିର୍ବନ୍ଧ ଭୋଜିରୁ ଫେରୁଥିବା ବେଳେ ଏକ ଗ୍ୟାଙ୍ଗ ରାସ୍ତାରେ ୩ ଜଣଙ୍କୁ ଆକ୍ରମଣ କରି ଡକାୟତି କରିଥିଲେ। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ(୧୯), ଗଣେଶ ପ୍ରଧାନ(୨୪), ସଦାଶିବ ପ୍ରଧାନ(୧୯), ପୋଲସରା ଥାନା ମଥୁରା ଗ୍ରାମର ଶୁଭମ ରାଉତ (୧୯), ମନଶିଳା ଗ୍ରାମର ବିନାୟକ ଖଟାଇ ଓରଫ କାଳିଆ(୨୨), ଆସିକା ଥାନା ଗବନଳା ଗ୍ରାମର ସୁଦାମ ରାଉତ ଓରଫ ରାଜ (୨୪) ଓ ଚୋରି ସାମଗ୍ରୀ କିଣିଥିବା ୪ ଯୁବକ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ମୋହନ ଗୌଡ(୨୭), ସେୱତା ଖଟାଇ ଓରଫ ପାଣ୍ଡା(୨୫), ସୁନାପାଲ୍ଲୀ ଗ୍ରାମର ଚନ୍ଦନ ସେଠୀ(୨୩) ଓ ପୋଲସରା ଗ୍ରାମର ତୁଷାର ସାହୁ(୧୯)। ସେମାନଙ୍କ ଠାରୁ ସୁନାମୁଦି, ୩ଟି ମୋବାଇଲ ଫୋନ, ୫ ହଜାର ଟଙ୍କା ସହ ଅନ୍ୟ ୧୭ଟି ମୋବାଇଲ, ଡକାୟତିରେ ବ୍ୟବହୃତ ବହୁ ମାରଣାସ୍ତ୍ର ଓ ୩ଟି ବାଇକ (ଓଡି୦୭ବିସି ୦୯୨୨, ଓଡି୩୧ଏଲ ୪୦୨୪ ଓ ଓଡି୦୭ଏକେ ୪୦୯୧) ପୋଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେଶ୍ ନଂ ୭୫/୨୬ରେ ଏକ ମାମଲା କରି ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମର ଅମିର ସାହୁ, ତାଙ୍କ ଭଣଜା ସୁମନ ସାହୁ ଓ କ୍ୟାମେରା ମ୍ୟାନ ଅଜିତ ମହାନ୍ତି ହିଞ୍ଜିଳି ଥାନା ପିତଳ ଗ୍ରାମରୁ ପୁଅର ନିର୍ବନ୍ଧ କାର୍ଯ୍ୟ ସାରି ବାଇକରେ (ଓଡି୦୭ଏଆର ୩୯୨୫) ଘରକୁ ଫେରୁଥିଲେ। ହିଞ୍ଜିଳି ଥାନା ଶରଧାପୁର ଗ୍ରାମ ଶ୍ମଶାନ ନିକଟରେ ୬ ଜଣ ଅମିରଙ୍କ ବାଇକ ଅଟକାଇ ନିସ୍ଥୁକ ମାଡ ମାରିଥିଲେ। ପରେ ସେମାନେ ଧରିଥିବା ସୁନା ମୁଦି, ୫ ହଜାର ଟଙ୍କା, ୩ଟି ମୋବାଇଲ ଫୋନ, କ୍ୟାମେରା ଓ କ୍ୟାମେରା ଲାଇଟ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ନେଇ ଅମିର ବୁଧବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ବ୍ରହ୍ମପୁର ଅଞ୍ଚଳରୁ ୬ ଜଣଙ୍କୁ କାବୁ କରିଥିଲା। ପରେ ଲୁଟ ସାମଗ୍ରୀକୁ ଜବତ କରିଛି।



ଜବତ ହୋଇଥିବା ସାମଗ୍ରୀ ।

**ଷ୍ଟିଲ୍ ସିଟିରେ ଚା' ଦୋକାନୀଙ୍କୁ ହତ୍ୟା ଘଟଣା**

# ଅଭିଯୁକ୍ତ ଫେରାର, ପୋଲିସର ତନାଘନା

ରାଉରକେଲା,୭।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ରାତିରେ ଜଣେ ଚା ଦୋକାନୀଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପୋଲିସ ପାଇପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଥାନାଧିକାରୀଙ୍କୁ ଭେଟି ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ଅପରପକ୍ଷେ, ପୋଲିସ ଏ ନେଇ ଏକ ମାମଲା (ନଂ.୧୨୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡସ୍ଥଳଏବଂଆଖପାଖଅଞ୍ଚଳରେସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଲିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତିପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତେବେ ନିକଟସ୍ଥ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ଅବିନାଶଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ କାମ କରୁଥିବା ଚା' ଦୋକାନ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେଲା ଅବିନାଶ ତାଙ୍କ ଦୋକାନରେ କାମ କରିଆସୁଥିଲେ। ଗତବର୍ଷ ଗଣେଶ ବିସର୍ଜନ ସମୟରେ ଗୀତ ବଜାଇବାକୁ ନେଇ ଅନ୍ୟମାନଙ୍କ ସହ ଝଗଡ଼ା ହୋଇଥିଲା। ତାଙ୍କୁ ଜୀବନରୁ ମାରିବାକୁ ଯୋଜନା କରାଯାଉଥିବା ଶୁଣିବାକୁ ମିଳିଥିଲା। ଅବିନାଶଙ୍କ ସହ ଝଗଡ଼ା ହୋଇଥିବା ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟା ସାଢ଼େ ୮ଟାରେ ଷ୍ଟେଶନ ପରିସରରେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖାଯାଇଛି। ଅବିନାଶଙ୍କୁ ହତ୍ୟା କରାଯିବା ଘଟଣାରେ ଉକ୍ତ ଯୁବକଙ୍କୁ ସନ୍ଦେହ କରାଯାଉଛି ବୋଲି ଦୋକାନ ମାଲିକ ଯାଦବ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିବସ୍ୱ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ପ୍ରଧାନ କହିଥିଲେ।



ଅବିନାଶ ଯାଦବ। (ଫାଇଲ ଫଟୋ)

# ରୁପାଚେନ୍ ମାଗିବାରୁ ଯୁବକଙ୍କ ଗଳାକାଟି ହତ୍ୟା କରିଥିଲେ

**ଜଙ୍ଗଲରୁ ଗଳିତ ମୃତଦେହ ଜବତ ଘଟଣା**

**୫ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା**

ବ୍ରଜରାଜନଗର, ୭।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୫ଜଣ ନାବାଳକଙ୍କୁ ଧରି ଶନିବାର ରାଉରକେଲାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ସେମାନଙ୍କ ଘର ରାମପୁର ଫାଣ୍ଡି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ଜବତ କରାଯାଇଛି। ତେବେ ରୁପାଚେନ୍ ମାଗିବାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ବ୍ରଜରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସାହିଲ ସହିସ(୧୯) ଗତ ୧ ତାରିଖ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ଗତ ବୁଧବାର ଅପରାହ୍ନରେ ସାହିଲଙ୍କ ବାପା ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ କେତେଜଣ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ସକାଳେ ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଜଙ୍ଗଲରୁ ସାହିଲଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ରୁପାଚେନ୍ ମାଗିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଥିଲା। ସାହିଲଙ୍କ ଏକ ରୁପାଚେନ୍‌କୁ ଜଣେ ନାବାଳକ ସାଙ୍ଗ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ଫେରାଇ ନ ଥିଲେ। ସାହିଲ ବାରମ୍ବାର ମାଗିବା ପରେ ସମ୍ପୃକ୍ତ ନାବାଳକ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତଦନୁଯାୟୀ ଗତ ୧ ତାରିଖରେ ନାବାଳକ ତାଙ୍କ ସାଙ୍ଗମାନଙ୍କ ସହାୟତାରେ ସାହିଲଙ୍କୁ ଟାଙ୍ଗରଘାଟ ଜଙ୍ଗଲକୁ ଡାକି ଏକ ଭୁଜାଲିରେ ସାହିଲଙ୍କ ଗଳା କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାହିଲଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅନ୍ୟ ସାଙ୍ଗଙ୍କ ସହାୟତାରେ ମୃତଦେହକୁ ଏକ କଳାଜରିରେ ବାନ୍ଧି ଜଙ୍ଗଲ ଭିତରେ ଫିଙ୍ଗି ପକାଇ ଯାଇଥିଲେ। ଏପରି କି ଗତ ୧ ତାରିଖ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉପରେ ତାଳପତ୍ର ପକାଇ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲା। ସେମାନଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨ ଜଣଙ୍କୁ କାବୁ କରିଥିବା ଏସ୍‌ପି କହିଛନ୍ତି।


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ ଠିକଣା |
|---|---|---|---|---|---|---|
| ୧୨୧ | ୧୫୪ | ୯୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଖଳି ସେଠୀ, ପି-ବୀର ସେଠୀ, ହରି ସେଠୀ, ରାଜ ସେଠୀ, ମାଲତୀ ସେଠୀ, ପି-ମୋଚି ସେଠୀ, ମାଟିଆ ସେଠୀ, ଜାତି-ଧୋବା, ଗ୍ରାମ-ନିଜଗାଁ |
| | | ୯୯୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୨୨ | ୬୧୩ | ୯୯୨ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ମହନ ସ୍ୱାଇଁ, କସ୍ତୁରି ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ। |
| ୧୨୩ | ୨୭୮ | ୧୦୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ତୋଫାନ ବିଶୋଇ, କୁମାରୀ ବିଶୋଇ, ନବନ ବିଶୋଇ, ପି-ଅରକ୍ଷିତ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୪ | ୮୫୫/ ୨୪୪ | ୧୬୯୬/୫ ୬୦୩ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ନାରାୟଣ ପାତ୍ର, ପି-ଘନଶ୍ୟାମ ପାତ୍ର, ଜାତି-କୁମୁଟି, ଗ୍ରାମ-ନିଜଗାଁ |
| ୧୨୫ | ୮୫୫/ ୨୨୬ | ୭୩୪/ ୫୫୪୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ମହେଶ୍ୱର ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
OIPR-32001/32260/3/25-26/0022

Union Bank of India
ମଧୁପାଟଣା ଶାଖା
ଶ୍ରମିକ ଭବନ, ନିଶାମଣୀ ରେଷ୍ଟୁରାଣ୍ଟ ନିକଟ, କଟକ-୭୫୩୦୧୨, ଇ-ମେଲ୍: ubin0551422@unionbankofindia.bank
**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ **ଟ.୪୩,୦୦୦/- (ତେୟାଳିଶ ହଜାର ଟଙ୍କା ମାତ୍ର)**ର ପେ ଅର୍ଡର କିମ୍ବା ବ୍ୟାଙ୍କର୍ସ ଚେକ୍ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସପକ୍ଷରେ ଏବଂ **କଟକ**କୁ ପୈଠ ଦର୍ଶାଇ ଦାଖଲ କରିବେ।

ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ **"ଗାଡି ନଂ.: OD 05 BQ 5963** କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ **ତା.୦୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ **ତା.୧୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।

ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ **୧୦ (ଦଶ)**ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।

ଗାଡିଟି **"ଯେଉଁଠାରେ ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki Swift VXI 2023 | OD 05 BQ 5963 | ଟ.୪,୩୦,୦୦୦/- / ଟ.୪୩,୦୦୦/- |

ସ୍ଥାନ: କଟକ
ତାରିଖ: ୦୭.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**CORRIGENDUM**
**No. RDM-LAA-BLS-0006-2025-47460/R&DM, dated 17 DEC 2025**

**No.III-12** : In inviting a reference to this Department Notification No.22168 dated 19.06.2025 issued u/s 11(1) of the RFCTLA R&R Act, 2013 for acquisition of land measuring to **Ac.1.64** in Village-**Digapada**, P.S.-Balasore Sadar No.43, Tahasil-Remuna of Balasore district for construction of Tribhangapur Distributary and Odangi minor under Subarnarekha Irrigation Project, the following changes/insertion have been made for future reference and necessary action.

| Notification No. & date of Revenue & D.M. Department | For the words occurring in the last paragraph (in page No.2) | To be read as |
|---|---|---|
| No.22168 dated 19.06.2025 | The last line of last paragraph (in page No.2) the word is written as "ମୟୂରଭଞ୍ଜ" | The last line of last paragraph (in page No.2) the word shall be read as "ବାଲେଶ୍ୱର" |

All other entries as mentioned in the Notification No.22168 dated 19.06.2025 shall remain unchanged.

Sd./- (Suranjan Pradhan)
Additional Secretary to Government
OIPR-

Modal Bidding Document
Government of Odisha
Health and Family Welfare Department,Odisha
**OFFICE OF THE DEAN-PRINCIPAL**
**GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**
**QUOTATION/TENDER CALL NOTICE**

**Advt. No. 01/2026** **Dated. 06.02.2026**

**No.10001/22/2526** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 1(no.) of AC petrol/Diesel driven vehicles having sitting capacity not more then 5(five) including driver. Which shall conform to the Terms and condition (Annexure-I & A) for official use in Dean & Principal of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc. will be available with website (https://kandhamal.odisha.gov.in. The Quotation completed in all respect should reach the undersigned on or before **02.03.2026** By the **5.00 PM.** through registered post/courier and shall be opened on **05.03.2026** at **11.30 AM** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

Sd./- N.Behera, Dean & Principal
Govt. Medical College & Hospital, Phulbani, Kandhamal
OIPR-10001/10270/1/25-26/0001

**OFFICE OF THE DIVISIONAL FOREST OFFICER, NAYAGARH DIVISION**
Phone/Fax: 06753-252226, Mob-9437052226, E-Mail: dfo.nayagarh@odisha.gov.in
No.8001/24/2526
**TENDER NOTICE**

Last date for sale of tender papers : 11.02.2026 (05.30 PM)
Last date for submission of tender papers : 13.02.2026 (01.30 PM)

Sealed tenders are invited by the undersigned from the "D & C" class Contractors for cutting, logging and dragging of Car timbers approximate 11106.37 Cft. of Lord Jagannath, Puri for 2026 Car festival from different Forest block of Nayagarh Forest Division, Khurdha Forest Division, Ghumusar South Division, Ghumusar North Division, Boudh Division, Bamra WL Division, Sonpur Division & Redhakhol Division. **The last date for submission of tender paper in this office is dt. 13.02.2026 up to 01.30 PM.** The tender received after **01.30 PM** on **dt.13.02.2026** will be rejected. The tender paper will be opened on the same day at **4.00 PM.** The tender paper can be obtained from this office @ Rs.1000/- per each paper from the date of publication of this advertisement in all working days up to **13.02.2026 (5.30 PM)**. The tenderers are required to submit E.M.D. in shape of Bank Draft worth of Rs. 1,00,000/- (Rupees one lakh) only drawn in any Nationalised Bank **in favour of the Divisional Forest Officer, Nayagarh** payable at State Bank of India, Main Branch, Nayagarh only alongwith the tender paper. Tender paper without E.M.D. will be rejected. For further details, the undersigned may be contacted during office hours of working days. The undersigned reserves the right to cancel any or all tender without assigning any reason thereof.

**TENTATIVE LIST OF CAR TIMBER TO BE SUPPLIED FOR CAR FESTIVAL, PURI 2026**

| Species | Length & Girth | No. of log | Approximate volume in Cft. |
|---|---|---|---|
| 1 | 2 | 3 | 4 |
| Asan | 12' x 3' | 220 logs | 1485.00 |
| Dhaura | 12' x 3' | 214 logs | 1444.50 |
| Asan | 20' x 3' | 90 logs | 1012.50 |
| Dhaura | 20' x 3' | 101 logs | 1136.25 |
| Dhaura | 20' x 4' | 12 logs | 240.00 |
| Dhaura | 20' x 6' | 06 logs | 270.00 |
| Asana | 40' x 3' | 30 logs | 675.00 |
| Dhaura | 40' x 3' | 43 logs | 967.50 |
| Dhaura | 40' x 3.6" | 21 logs | 1273.12 |
| Dhaura | 40' x 4' | 06 logs | 240.00 |
| Phasi | 14' x 6' | 72 logs | 2268.00 |
| Simili | 14' x 6' | 03 logs | 94.50 |
| | Total : | 818 Logs | 11106.37 |

Sd./- Divisional Forest Officer
Nayagarh Division
OIPR-8001/8026/1/25-26/0002

**ODISHA STATE CIVIL SUPPLIES CORPORATION LTD. KENDRAPARA**
e-mail : cso.kendrapada@gmail.com
**Tender Call Notice No. 257** **Dt.31.01.2026**

**No.7001/5/2526** : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara
OIPR-7001/7039/1/25-26/0002

इंडियन बैंक Indian Bank इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର**, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍ ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧
**ଡିମାଣ୍ଡ ନୋଟିସ୍**

ଆମ ଶାଖାର ଋଣଗ୍ରହୀତାମାନଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ୍ ବ୍ୟାଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଅସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

| ଶାଖା / ଋଣର ପ୍ରକାର / ଆକାଉଣ୍ଟ ନଂ. / ନୋଟିସ୍ ତାରିଖ | ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଛତ୍ରପୁର ଶାଖା / ଏଚ୍‌ଏଲ୍ ଆରଇପି/ଆରଇଏନ୍ ଆକାଉଣ୍ଟ ନଂ.: ୬୯୦୨୪୦୩୦୫୯ (ଟ.୧୦,୩୦,୦୦୦/-) / ୨୯.୦୧.୨୦୨୬ | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଗାଣାଗାଲା କାମାୟା, ପିତା: ଶ୍ରୀ ଜି. ଲୋକାୟା / ସହ-ଋଣଗ୍ରହୀତା: ଶ୍ରୀ ଗାଣାଗାଲା ଶ୍ରୀନିବାସ ରାଓ, ପିତା: ଶ୍ରୀ ଗାଣାଗାଲା କାମାୟା, ଉଭୟଙ୍କ ଠିକଣା: ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ୨୮.୦୧.୨୦୨୬ ସୁଦ୍ଧା ଟ.୮,୮୬,୧୯୦.୦୦ + ୨୯.୦୧.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଗାଣାଗାଲା କାମାୟାଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁତି ଗୋପାଳପୁର, ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୮୩/୮୯୮, ପ୍ଲଟ୍ ନଂ.: ୭୭/୧୫୪୨, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ଡ୍ରେନ୍, ପଶ୍ଚିମ: ରାସ୍ତା, ଉତ୍ତର: ସିଏଚ୍. ଶକୁନ୍ତଳା ଦେବୀଙ୍କ ଗୃହ, ଦକ୍ଷିଣ: ଉଦୟନାଥ ସାହୁଙ୍କ ଗୃହ, ସିଆଇଆର୍‌ଏସ୍‌ଏଆଇ ଆସେଟ୍ ଆଇଡ଼ି- ୨୦୦୦୫୦୦୧୨୭୨୮ |

ଉପର ସାରଣୀର ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ବକେୟା ଋଣ ରାଶି ପରିଶୋଧ କରିବାରେ ଆପଣମାନେ ବିଫଳ ହୋଇଛନ୍ତି। ଉପରଲିଖିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଆପଣମାନଙ୍କ ଋଣ ଆକାଉଣ୍ଟ **ତା୦୮.୦୧.୨୦୨୬ରିଖ** ଠାରୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଯାଇଛି। ଏଣୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପ୍ରଦାନ କରିବା ପାଇଁ ଆପଣମାନଙ୍କୁ କୁହାଯାଉଛି। ଏଥିରେ ଖିଲାପ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ବ୍ୟାଙ୍କର ପୂର୍ବ ଲିଖିତ ସହମତି ବିନା ଆପଣମାନେ ସୁରକ୍ଷିତ ସମ୍ପତ୍ତିକୁ (ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀରେ ପ୍ରଦତ୍ତ) ଏହି ନୋଟିସ୍ ପ୍ରକାଶନ ପରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୨.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

इंडियन बैंक Indian Bank इलाहाबाद ALLAHABAD
**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**
**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ **୨୦୦୨** ଏବଂ ଧାରା **୧୩(୧୨)** ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ **୨୦୦୨** ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା **୧୩(୪)** ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଇନ୍‌ଫୋସିଟି ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ଜେନା,** ପିତା: ଶ୍ରୀ ବିଦ୍ୟୁତ କୁମାର ଜେନା, ବର୍ତ୍ତମାନ ଠିକଣା: ବୈଷ୍ଣବ ବିହାର, ଫ୍ଲାଟ ନଂ.୨୦୧, ବ୍ଲକ-ସି, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସ୍ଥାୟୀ ଠିକଣା: ସା- କାନପୁର, ଥାନୁଆଲ, ଯାଜପୁର, ଓଡିଶା, ପିନ୍-୭୫୫୦୨୪। | **ଶ୍ରୀ ବିକ୍ରମ କେଶରୀ ଜେନା** ଙ୍କ ନାମରେ ଥିବା ଗୃହ / ଫ୍ଲାଟ ନଂ.୧୭୦୨, ୩ ବିଏଚ୍‌କେ, ନିର୍ମାଣ ଏରିଆ ୧୨୧୯ ବର୍ଗଫୁଟ (ନିର୍ମାଣ ଅଧିନ) ସହିତ ସମୁଦାୟ ଏରିଆ ମଧ୍ୟରୁ ୯୪୫ ବର୍ଗଫୁଟ ୟୁଡିଏସ୍ ଜମି ଯାହାର ଡୋର୍ ନଂ., ପ୍ଲଟ ନଂ,୩୦୬ ଏବଂ ଅନ୍ୟ, ବ୍ଲକ ବି, ପଟିଆ, ଭୁବନେଶ୍ୱର, ପିନ୍-୭୫୧୦୨୪, ଏବଂ ସର୍ଭେ ନଂ. ଖାତା ନଂ.୪୭୪, ପଟିଆ ଗ୍ରାମ, ପଟିଆ ତାଲୁକ, ସବ୍ ରେଜିଷ୍ଟ୍ରେସନ ଭୁବନେଶ୍ୱର ଏବଂ ରେଜିଷ୍ଟ୍ରେସନ ଜିଲ୍ଲା ଖୋର୍ଦ୍ଧାରେ ଅବସ୍ଥିତ, ଚାରିପାର୍ଶ୍ୱରେ: ପୂର୍ବ- ଫ୍ଲାଟ ନଂ.୧୭୦୩, ପଶ୍ଚିମ- ଫ୍ଲାଟ ନଂ.୧୭୦୧, ଉତ୍ତର- ଖୋଲା ଯାଗା, ଦକ୍ଷିଣ- ବାରଣ୍ଡା / ଫ୍ଲାଟ ନଂ.୧୭୦୮। | ୦୬.୧୧.୨୦୨୫ | ୦୨.୦୨.୨୦୨୬ | ଟ.୭୮,୦୮,୨୮୩/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୭.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଆର୍‌ସିଟିସି ପକ୍ଷରୁ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି), ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ନବରତ୍ନ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜ, ପୂର୍ବ ଭାରତ ପାଇଁ ଏକ ନୂଆ ପର୍ଯ୍ୟଟନ ସର୍କିଟ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍ ଆରମ୍ଭ କରିଛି। ଏହି ବିଶେଷ ଯାତ୍ରା ଭାରତ ଗୌରବ ଡିଲକ୍ସ ଟୁରିଷ୍ଟ ଟ୍ରେନରେ ପରିଚାଳିତ ହେବ, ଯାହା ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡର କେତେକ ପ୍ରସିଦ୍ଧ ତୀର୍ଥସ୍ଥଳ ଏବଂ ସାଂସ୍କୃତିକ ଐତିହ୍ୟ

## ୧୦ଦିନରେ ୪ ରାଜ୍ୟକୁ ଯାତ୍ରା

ସ୍ଥଳକୁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ଏହି ୧୦ ଦିନିଆ ରେଳ ଯାତ୍ରା ଦିଲ୍ଲୀ ସଫଦରଜଙ୍ଗ ରେଳଷ୍ଟେଶନରୁ ମାର୍ଚ୍ଚ ୯ରେ ଆରମ୍ଭ ହେବ ଏବଂ ବାରାଣସୀ, କୋଲକାତା, ଗଙ୍ଗାସାଗର, ପୁରୀ, ଭୁବନେଶ୍ୱର, କୋଣାର୍କ, ଚିଲିକା ଏବଂ ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) ଆଦି ସ୍ଥଳକୁ ଆଚ୍ଛାଦନ କରିବ। ମାର୍ଚ୍ଚ ୧୮ରେ ଏହି ଯାତ୍ରା ଶେଷ ହେବ। ଯାତ୍ରାର ମୁଖ୍ୟ ଆକର୍ଷଣ ମଧ୍ୟରେ ବାରାଣସୀରେ କାଶୀ ବିଶ୍ୱନାଥ ମନ୍ଦିର (ଜ୍ୟୋତିର୍ଲିଙ୍ଗ) ଦର୍ଶନ ଏବଂ ଗଙ୍ଗା ଆରତି, କୋଲକାତାରେ ଭିକ୍ଟୋରିଆ ମେମୋରିଆଲ ସହ କାଳୀଘାଟ (ଶକ୍ତିପୀଠ) ଏବଂ ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଗଙ୍ଗାସାଗରରେ ପବିତ୍ର ସାଗର ସଙ୍ଗମରେ ସ୍ନାନ ଏବଂ କପିଳ ମୁନି ମନ୍ଦିର ଦର୍ଶନ ରହିଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସହ ଭୁବନେଶ୍ୱର, ଧଉଳି ଶାନ୍ତି ସ୍ତୂପ, ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ସୁଯୋଗ ମିଳିବ। ଶେଷରେ ଦେଓଘରର ବୈଦ୍ୟନାଥ ଧାମ ଦର୍ଶନ ହେବ। ଏହି ଟ୍ରେନରେ ୧୫୦ ପର୍ଯ୍ୟଟକଙ୍କୁ ରଖିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏସି ଫାଷ୍ଟ କ୍ଲାସ (୧ଏସି), ଏସି ସେକେଣ୍ଡ କ୍ଲାସ (୨ଏସି) ଏବଂ ଏସି ଥାର୍ଡ କ୍ଲାସ (୩ଏସି) ସହ ଦୁଇଟି ରେଷ୍ଟୁରାଣ୍ଟ କାର୍ ରହିଛି। ଟ୍ରେନରେ ଆଧୁନିକ ସୁବିଧା ରହିଛି। ସୁସଜ୍ଜିତ କ୍ୟାବିନ, ସ୍ୱାସ୍ଥ୍ୟକର ଶାକାହାରୀ ଭୋଜନ, ସୁରକ୍ଷା ବ୍ୟବସ୍ଥା, ଫୁଟ ମସାଜର୍, ଇନ୍ଫୋଟେନମେଣ୍ଟ ସିଷ୍ଟମ ରହିଛି। ଏହି ଅଲ-ଇନ୍‌କ୍ଲୁସିଭ ପ୍ୟାକେଜ ମୂଲ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ୧ଏସି କ୍ଲାସ ପ୍ରତି ୧,୦୬,୯୪୦ ଟଙ୍କା, ୨ଏସି କ୍ଲାସ ୯୮,୯୨୫ ଟଙ୍କା, ୩ଏସି କ୍ଲାସ ୭୯,୨୮୫ ଟଙ୍କା ରହିଛି।



# ସିଜିୟୁର ବାର୍ଷିକ ଉତ୍ସବ 'ସେଲିଗାନ୍ସ'




ଭୁବନେଶ୍ୱର, ୭।୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥ ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୫ରେ ଅନୁଷ୍ଠିତ ଓଡ଼ିଶା ସ୍କିଲ ପ୍ରତିଯୋଗିତାରେ ସିଜିୟୁ ସର୍ବାଧିକ ୬୩ ପଦକ ହାସଲ କରି ରାଜ୍ୟସ୍ତରରେ ଶୀର୍ଷସ୍ଥାନରେ ପହଞ୍ଚାଇଥିବା କହିଥିଲେ। ଏହି ସମାରୋହରେ ବେଦାନ୍ତ ଆଲୁମିନିୟମର ମେଟାଲ ବିଭାଗର ସିଇଓ ଯଜ୍ଞେଶ୍ୱର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଓଡ଼ିଶା ସରକାରଙ୍କ ବିଭିନ୍ନ

## ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା

ଦକ୍ଷତା ଶିକ୍ଷାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱବିଦ୍ୟାଳୟର ସକ୍ରିୟ ସଂଯୋଗ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି। ସିଜିୟୁର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଭାଇସ୍ ପ୍ରେସିଡେଣ୍ଟ ଶୈଳଜା ରାଉତ, ଭାଇସ୍ ଚାନ୍ସେଲର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ଡ. ଗୁଡ଼ା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ସାହିଲ କୁମାର ସିଂହଙ୍କୁ 'ବିଶ୍ୱବିଦ୍ୟାଳୟ ଅଲ୍ ରାଉଣ୍ଡର ସ୍ନାତକ' ପୁରସ୍କାର ପ୍ରଦାନ କରାଯାଇଥିଲା। ୨ଦିନରେ କଣ୍ଠଶିଳ୍ପୀ ଅନନ୍ୟା ଚକ୍ରବର୍ତ୍ତୀ ଏବଂ ଋଷି ସିଂହଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ରୁଦ୍ର ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅରୁନ୍ଧତୀ ଜୁଏଲର୍ସର 'ଅଭିନିକା' କଲେକ୍ସନ




କଟକ,୭।୨(କାର୍ତ୍ତିକ ସାହୁ)

ଭାଲେଣ୍ଟାଇନ୍ ସପ୍ତାହ ଏବଂ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର କଟକ ଶାଖାରେ ନୂଆ 'ଅଭିନିକା' କଲେକ୍ସନ ଉନ୍ମୋଚନ କରାଯାଇଛି। ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ମିଶ୍ରଣ ଏଥିରେ ଦେଖିବାକୁ ମିଳିଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏଥିରେ ସୁନା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବାବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଡାଇମଣ୍ଡ ନୋଜ୍‌ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଏହାର ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଘୋଷଣା କରାଯାଇଛି। ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକ୍‌ଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ୧.୪୯ ଲକ୍ଷ ଟଙ୍କା ଥିବାବେଳେ ବିଭିନ୍ନ କାନଫୁଲ ଓ ମୁଦି ୩୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଅଭିନିକା କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ।

# ସେଣ୍ଟ୍ରାଲ ବ୍ୟାଙ୍କର କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ

ସମ୍ବଲପୁର,୭।୨(ବି.ଶଙ୍କର)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ ଶନିବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଅଞ୍ଚଳର କ୍ଷୁଦ୍ର, ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକୁ ଋଣ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଯୋଜନା ବିଷୟରେ ଆଲୋକପାତ କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଋଣଗ୍ରହୀତା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ଋଣଗ୍ରହୀତାମାନଙ୍କୁ ଋଣ ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଶାଖା ପ୍ରବନ୍ଧକ ସ୍ନେହା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାହକମାନେ ଅଛନ୍ତି।

# କାକଟପୁର ମଙ୍ଗଳାମନ୍ଦିରରେ ବିଓବି ଏଲ୍‌ଇଡି



ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ପୁରୀସ୍ଥିତ କାକଟପୁର ମା' ମଙ୍ଗଳା ମନ୍ଦିରରେ ପ୍ରଦାନ କରାଯାଇଥିବା ଏଲ୍‌ଇଡି ସ୍କ୍ରିନ୍‌ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ, ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏବଂ ଉପ-ମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁ (କମ୍ପ୍ଲିୟାନ୍ସ ଆଣ୍ଡ୍ ଆସ୍ୟୁରାନ୍ସ), ଉପ-ମହାପ୍ରବନ୍ଧକ ଶରତ ପାଣିଗ୍ରାହୀ (ବିଜ୍‌ନେସ୍ ଡେଭେଲପମେଣ୍ଟ), ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜମେଣ୍ଟ ଟ୍ରଷ୍ଟି ତଥା

## ପ୍ରଦର୍ଶନ ହେବ ମା'ଙ୍କ ଦୈନିକ ରୀତିନୀତି

ତହସିଲଦାର ଅଙ୍କିତା ଅନିନ୍ଦିତା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ଏକ୍‌ଜିକ୍ୟୁଟିଭ ଅଫିସର କୈଳାସ ଚନ୍ଦ୍ର ଦାଶ ଏବଂ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଡ. ଚାନ୍ଦ ଜନସାଧାରଣଙ୍କ ପ୍ରତି ବ୍ୟାଙ୍କ୍‌ର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏହି ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ଐତିହ୍ୟ ଓ ଦୈନନ୍ଦିନ ରୀତିନୀତି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ। ବ୍ୟାଙ୍କ ତରଫରୁ ପେମେଣ୍ଟ ଗେଟ୍‌ୱେ ସିଷ୍ଟମକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ସୁବିଧାର ସହ ଅନ୍‌ଲାଇନ୍ ଦାନ କରିବାରେ ସାହାଯ୍ୟ କରିବ।

# ଟାଟା ପାୱାର ପକ୍ଷରୁ ଭିଜିଲାନ୍ସ କର୍ମଶାଳା

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ୪ ଡିସକମ ପକ୍ଷରୁ ବରମୁଣ୍ଡାସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ୩ ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ୍ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ, ଟିପି ସଦର୍ନ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ସିଇଓ ପ୍ରବୀଣ କୁମାର ବର୍ମା ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଟାଟା ପାୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବଣାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ, ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।


# Classified Everyday

0674-2580101, 9692975378



## MATRIMONIAL

### GROOM WANTED

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact- 9078494524. D-3262



## REAL ESTATE

### SALE

**Plot for sale: Area- 41dcml, Mouza- Ankuli, BERHAMPUR, Beside Pole Factory, 50 meter from NH, Phone: 7788862475.** D-3331

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



## CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା। ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

I, BHAGIRATHI SENAPATI, aged about 59 years, S/o. Baban Senapati, resident of At- Hasanpur, Post- Bhaganai, P.S.- Ramachandrapur, Dist.- Keonjhar, Odisha, PIN- 758043, Aadhaar No.- xxxx xxxx 1679, Mobile No.- 9438372895. Wish to create a mortgage on the property Dist.- Jajpur, Tahasil- Byasanagar, P.S.- Korei, P.S. No.- 37, Sub-Registrar- Dolipur, Mouza- Chandama, Mutation Khata No.- 771/178, Plot No.- 473/2689, Area Ac.0.060 decs, Status- Sthitiban (Freehold), Kisam- Gharabari (Homestead) Loan from AU Small Finance Bank Ltd. the previous link deeds are as follows: 1). Original Regd. Sale Deed bearing Document No.- 10821103573, dated 12.08.2011, executed by Smt. Juli Dash, wife of Sri Bhagirathi Senapati, in favour of Sri Himansu Sekhar Dwibedi, S/o. Sri Rajkishore Dwibedi & 2). Original Mutation ROR of Mouza- Chandama issued in the name of Sri Himansu Sekhar Dwibedi, S/o.- Sri Rajkishore Dwibedi in respect of Khata No.- 771/178 of my property, Dist.- Jajpur, Tahasil- Byasanagar, P.S.- Korei, P.S. No.-37, Sub-Registrar- Dolipur, Mouza-Chandama was lost on dtd. 30.01.2026 at KOREI area in this regard, I filed a Lost Report at KOREI Police Station, Jajpur, vide GD No.- 031 dtd.- 05.02.2026. D-3329

MIS NEOTECH SPECIALITY STRUCTURES PRIVATE LIMITED (formerly MIS NEOTECH OILS PVT. LTD.) has lost/misplaced the Original Sale Agreement Certificate No. IN-AP45878316539289V dated 07.12.2023 (116/2024) from its Bhubaneswar Office on 05.02.2026. Any claim/ objection may be raised within 15 days from publication, failing which a duplicate/certified copy shall be obtained.

Sd./- Balankeswar Patnaik
Kondavalasa, GM
Place: Bhubaneswar
D-3330

ଶ୍ରୀ ମୋତିଲାଲ ସାହୁଙ୍କ ନାମରେ ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. 1914 ବରପାଲିରୁ ଅଇଁଲାପାଲି ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ଯୋଗାଯୋଗ କରନ୍ତୁ: ୭୭୪୯୮୪୧୮୮୮। ଧ-୩୩୩୪

## AFFIDAVIT

I am SUKAMANI BHAKTA, aged about 48years, W/o.- Gopi Bhakta, Resident of At/P.O.- Patharchakuli, P.S.- Baripada Sadar, Dist.- Mayurbhanj, PIN- 757107 declare by this affidavit No. 95 dtd.- 27.1.26, my original name is SUKAMANI BHAKTA but in my Aadhaar card my name is wrongly mentioned as SHUKA BHAKTA. D-3327

By virtue of an affidavit sworn before Executive Magistrate, Aul dated- 19.01.2026 affidavit No.-124. I, Baidhar Behera, At- Kothabruti, P.O.- Palimi, P.S.- Aul, Dist.- Kendrapara, State- Odisha, PIN- 755061 declare that I have changed the name of my daughter from Trushnarani Behera to Saisampurna Behera. Henceforth, she shall be known as Saisampurna Behera for all purposes.

Baidhar Behera
D-3326

I, Khalid Iqbal, S/o.- Iqbal Kadar Ansari, resident of At- Razamiya Building, Nimasahi, Dist.- Cuttack, PIN- 753001, Odisha declare by this affidavit No.- 586, Dated- 02.02.2026, that now onwards I shall be known as Khalid Bin Iqbal for all future purposes. D-3333

I, Geetika Bag, D/o.- Bikram Singh Bag, born on 23.01.2004 residing at Saraswati Nagar, Semiliguda, P.O.- Semiliguda, P.S.- Sunabeda, Dist.- Koraput, Odisha, PIN- 764036 have changed my name to Geetika Naik vide affidavit dated 06.02.2026 at Semiliguda, Koraput, Odisha. D-3328

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଡକ୍ଟର ସୁରେଖା ଓଝା**

ବରୀ- ବାଗଦା, ଯାଜପୁର
ଆବିର୍ଭାବ : ୨୩।୧୨।୧୯୪୨
ତିରୋଧାନ : ୨୯।୦୧।୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକାତୁର ବୃନ୍ଦ:- ପୁଅ- ସମରେଶ, ଅମରେଶ, ବିମଳେଶ, ବୋହୂ- ଶୁଭଶ୍ରୀ, ଶିବାନୀ, ଲିପ୍ସିମୟୀ, ନାତି/ନାତୁଣୀ- ଶୀବୁନି, ଶାକି, ନୀତିନ, ରୁଦ୍ରାଭି, ଶିୟା, ନାତୁଣୀ ବୋହୂ- ସିନି, ବନ୍ଧୁ ଓ ପରିବାରବର୍ଗ।

ଧ-୩୩୨୫

# ପ୍ରଥମ ପ୍ରେମ ନିବେଦନ



**ଆଜି ହେଉଛି ଭାଲେଣ୍ଟାଇନ୍ସ ୱିକ୍‌ର ୨ୟ ଦିନ ଅର୍ଥାତ୍ ପ୍ରପୋଜ୍ ଡେ'। ବହୁ ପ୍ରତୀକ୍ଷିତ ଏହି ଦିନଟିରେ ନିଜର ପ୍ରିୟ ମଣିଷକୁ ପ୍ରେମ ନିବେଦନ କରିବାକୁ ଉତ୍କଣ୍ଠାରେ ଚାହିଁ ରହିଥା'ନ୍ତି ଅନେକେ। ଯଦିଓ ବର୍ତ୍ତମାନ ଏହି ଦିନଗୁଡ଼ିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି, ହେଲେ ସେତେବେଳେ ନା ଥିଲା କାହାକୁ ମନର କଥା ଜଣାଇବା ଲାଗି କୌଣସି ନିର୍ଦ୍ଦିଷ୍ଟ ଦିନ ନା ଭଳିକି ଭଳି ଉପହାର ଦେଇ କରାଯାଉଥିଲା ପାଳନ। ତେବେ କେତେଜଣ ସଫଳ ଦମ୍ପତିଙ୍କ ସେ ସମୟରେ ନିଜ ମନର ମଣିଷକୁ ପ୍ରଥମ ପ୍ରେମ ନିବେଦନର ଅଭୁଲା ଅନୁଭୂତିକୁ ନେଇ ଏଥରର ବିଶେଷ ଉପସ୍ଥାପନା ...**

## ବଡ଼ ଅସଲଖ ଥିଲା ଭଲପାଇବାର ରାସ୍ତା

**ହିରଣ୍ମୟୀ ମିଶ୍ର**(ପ୍ରାଧ୍ୟାପିକା ଓ ସାହିତ୍ୟିକା)– ଆଜି ଏତେବର୍ଷ ଏକାଠି ବଞ୍ଚିବା ପରେ ମୁଁ ବିଶ୍ୱାସ କରେ ଯେ, ବିବାହର ସିଦ୍ଧାନ୍ତ ଆମ ହାତରେ ନ ଥାଏ। ଅରୁଣ ଓ ମୁଁ ଦୁଇ ଭିନ୍ନ ପୃଥିବୀର ମଣିଷ। ମୋର ଚାକିରି କରିବା ପରେ ତାଙ୍କ ସହ ଦେଖା। ଆମ ଦୁହିଁଙ୍କର କିଛି ବି ମିଶେ ନାହିଁ, କେବଳ ମନ ଛଡ଼ା। ବହୁତ ଅଭାବୀ ପରିବାରରେ ଓ ନିପଟ ମଫସଲରେ ବଢ଼ିଥିବା ସେ ଓ ବିଶେଷ କିଛି ଜୀବନର ଅସୁବିଧାକୁ ଚିହ୍ନି ନ ଥିବା ଓ ବାପାଙ୍କ ଚାକିରି ସହ ବିଭିନ୍ନ ସହରରେ ବଡ଼ ହେଇଥିବା ମୁଁ। କେହି କାହାକୁ କହିବାର ନ ଥିଲା ଯେ– 'ମୁଁ ତମକୁ ଭଲପାଏ।' ଭଲ ଲାଗୁଥିଲା ଉଭୟଙ୍କୁ ଗପିବାକୁ। ଆମ ଗପ ଭିତରେ ତାଙ୍କର ପିଲାଦିନର କଥା ଓ ମୋର ଗପ, କବିତାର କଥା ବେଶି ଆସୁଥିଲା। କେହି କାହା ମନ ଜିଣିବା ପାଇଁ କିଛି ଉପହାର ଦେବା ବା ସାଂଗ ହୋଇ ବୁଲିବାକୁ ଯିବା ଭଳି କିଛି ସୁଯୋଗ ନଥିଲା। ଗୋଟିଏ ଗ୍ରାମୀଣ ମହାବିଦ୍ୟାଳୟରେ ଚାକିରି କରିଥିବାରୁ ନିଜେ ବହୁତ ସୀମା ଟାଣିଥିଲୁ ନିଜ ପାଇଁ। ତାଙ୍କର ଡର ଥିଲା କାଳେ କିଛି କଥାରେ କଲେଜ କର୍ତ୍ତୃପକ୍ଷ ଅସନ୍ତୁଷ୍ଟ ହେଲେ ତାଙ୍କର ଚାକିରିର ଅସୁବିଧା ହେବ। ମୋର ଡର ଥିଲା ଆମ ଘରେ କେହି କିଛି ଶୁଣିଲେ ସେଇଠି ଚାକିରି ଶେଷ। ଧୀରେ ଧୀରେ ପରସ୍ପରକୁ ଜାଣିବାର ସୁଯୋଗ ପାଇବା ପରେ ଶ୍ରଦ୍ଧା ଓ ସମ୍ମାନ ପରିଣତ ହେଇଥିଲା ଭଲପାଇବାରେ। ମୋ ପରିବାର ପ୍ରବଳ ବିରୋଧ କରୁଥିବାରୁ ଆମର ବାହାଘର ହେଇ ନ ଥିଲା ତଥାକଥିତ ରୀତିନୀତିରେ। ସଂକ୍ରାନ୍ତିର ତିଥିକୁ ବିବାହ ପାଇଁ ଅନୁକୂଳ ମାନନ୍ତି ନାହିଁ। ଆମେ ଗୋଟିଏ ତାରିଖ ଠିକ୍ କରିଥିଲୁ ବାହା ହେବା ପାଇଁ, ଜାଣିନଥିଲୁ ଯେ ସେଦିନ ସଂକ୍ରାନ୍ତି। କିଏ କହିଥିଲା ? ସମ୍ଭବତଃ ମୁଁ ପ୍ରଥମେ କହିଥିଲି। ପରେ ସେ ମତେ କହିଥିଲେ ଯେ, ସେ କହିବାକୁ ବହୁତ ଚାହୁଁଥିଲେ, କିନ୍ତୁ ସାହସ କରି ପାରିନଥିଲେ। ଆଜି ପଛକୁ ଚାହିଁଲେ ଓ ଆଜିକାଲିର ପିଲାମାନଙ୍କୁ ଦେଖିଲେ ବଡ ଅଦ୍ଭୁତ ଲାଗେ ଆମ ସମୟ। ଏକା ଜାଗାରେ ଚାକିରି କରିଥିଲେ ବି ମନର କଥା କହିବା ପାଇଁ ସବୁଦିନ ଚିଠି ଲେଖୁଥିଲି ମୁଁ। ସେ ଚିଠିରେ ବି ସିଧାସଳଖ କିଛି ଭଲପାଇବାର କଥା ରହୁନଥିଲା। ବଡ଼ ଅସଲଖ ଭଲପାଇବାର ରାସ୍ତା ଥିଲା ଆମ ସମୟରେ। ସେ ୮୦୦ ଟଙ୍କା ଓ ମୁଁ ୬୦୦ ଟଙ୍କା ପାଉଥିଲୁ। ତେଣୁ ପ୍ରପୋଜ ନୁହେଁ, ବାହା ହେଇ ସବୁଦିନ ପାଇଁ ଏକାଠି ରହିବା ହିଁ ଶେଷ କଥା ଥିଲା। ସେ ଏଯାଏଁ ବି ବଡ଼ ବାସ୍ତବବାଦୀ। ମୁଁ ଏଯାଏଁ ବି ସ୍ୱପ୍ନରେ ବଞ୍ଚୁଥିବା ମଣିଷ। କିନ୍ତୁ ଆମେ ଜୀବନର ବହୁତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପରସ୍ପରର ସହଯୋଗ ଓ ସମର୍ଥନ କରିଛୁ।



ସ୍ୱାମୀ ଅରୁଣଙ୍କ ସହ ହିରଣ୍ମୟୀ

## ମନର କଥା କହିବା ପାଇଁ ଲେଖୁଥିଲି ଚିଠି

**ମାନମୟୀ ରଥ**(ସାହିତ୍ୟିକା ଓ ଚିତ୍ରଶିଳ୍ପୀ)– କଳ୍ପନାର ପୃଥିବୀରେ ବଞ୍ଚୁଥିବା ମଣିଷ ମୁଁ, ମୋ ମୁତାବକ ମୁହୂର୍ତ୍ତ ପଛରେ ମାତିଥାଏ। କାହା ଅରୋପିତ ବିଚାରରେ ଅଣନିଃଶ୍ୱାସୀ ହୋଇଯାଏ ବୋଲି ଚିଠି ସହ ମୋର ଥାଏ ନିବିଡ଼ ବନ୍ଧୁତା। ଏକୁଟିଆ ସମୟ ମିଳିଲା ମାନେ ଚିଠି ଲେଖା। କହିପାରୁ ନ ଥିବା କଥାକୁ ଉତାରୁଥିଲି ଚିଠିରେ। ଅଭିମାନ, ଅଭିଯୋଗ, ପ୍ରାପ୍ତିର ଉଲ୍ଲାସ ଓ ଅବସୋସ ସବୁ ଗାରେଇ ଦେଉଥିଲି ଚିଠିରେ ସେ ରୁକ୍ଷତା ଦେଖାଉଥିବା ଅଧ୍ୟାପକ ହୁଅନ୍ତୁ କି ବିରକ୍ତ ହେଉଥିବା ସହପାଠୀ, ପହଡ଼ ଭିତରେ ପାହାଡ଼ ହୋଇ ବସିଥିବା ଜଗନ୍ନାଥ ଅଥବା ବୁଲା କୁକୁରକୁ ହଇରାଣ କରୁଥିବା ଦୁଷ୍ଟ କିଶୋର। ସବୁଦିନ ଲେଖାହୁଏ ଚିଠି। ଏମିତି ଚିଠି ଲେଖିବସିଲି ପବିତ୍ର ମୋହନ ଦାଶଙ୍କୁ ତାଙ୍କ ସୁନ୍ଦର ବ୍ୟକ୍ତିତ୍ୱ ବିଷୟରେ ସୁବିଖ୍ୟାତ ସର୍ଜକ ଦମ୍ପତି ବିଜୟକୃଷ୍ଣ ମହାନ୍ତି ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କଠାରୁ ଶୁଣି ଶୁଣି। ଶୁଣୁଥିବା ସୁନ୍ଦର ଗୁଣବତ୍ତାର ଆଧାରରେ କଳ୍ପନାରେ ଯେଉଁ ଚିତ୍ରଙ୍କୁ ଗଢ଼ିଥିଲି, ଚିଠି ଲେଖୁଥିଲି, ଖୋଜି ହେଉଥିଲି ସେଠାରେ ବିବାହ, ପ୍ରେମ ବୋଲି କିଛି ମନରେ ନଥିଲା । ଲମ୍ବା ଲମ୍ବା ଚିଠି ଲେଖିଲାବେଳେ ପବିତ୍ର ନାମକ ଯେଉଁ ବ୍ୟକ୍ତିସତ୍ତା ସହ ମୁଁ ଏକାତ୍ମ ହେଉଥିଲି ଲୁହରେ ଓଦା ହେଉଥିଲି, ବିଭୋର ହେଉଥିଲି, ପୁଲକର ସ୍ନିଗ୍ଧତାରେ ଅନେକ ଜହ୍ନରାତିକୁ ବିନିଦ୍ର କାଟୁଥିଲି ତାଙ୍କୁ କେବଳ ଭେଟିବାକୁ ଚାହୁଁଥିଲି। ଚାହୁଁଥିଲି ଥରୁଟିଏ ପାଇଁ ବି ହେଉ ସେ ମୋର ବ୍ୟାକୁଳତାକୁ ବୁଝନ୍ତୁ , ମୋର ଆବେଗକୁ ମୂଲ୍ୟ ଦେଇ ମୋତେ ମୋ' ଭଳି ଗ୍ରହଣ କରନ୍ତୁ, ହେଲେ ସାହସ କରିପାରୁନଥିଲି। ମୋର ଜଣେ ସାଙ୍ଗ ତାଙ୍କ ଠିକଣା ଖୋଜି ଜଣେଇ ଦେଇଥିଲା ଯେ, ମୁଁ ରହୁଥିବା ଘରଠାରୁ ତାଙ୍କ ବସାଘର ମାତ୍ର ପଚାଶ ମିଟର ଦୂରରେ। ବର୍ଷେ ପାଖାପାଖି ତାଙ୍କୁ ଚିଠି ଲେଖି ନିଜ ଭିତରେ ନିଜକୁ ବାନ୍ଧି ରଖୁଥିବା 'ମୁଁ ଦିନେ ଖୁବ୍ ଅସୁସ୍ଥ ହୋଇପଡ଼ିଲି। ଏକୁଟିଆ ରହୁଥାଏ। ପରିସ୍ଥିତି ସହ ଲଢ଼ିବା ଶିଖୁଥାଏ। ଲାଗିଲା ଏଇ ହିଁ ପ୍ରକୃଷ୍ଟ ସମୟ ଚିଠିତକ ତାଙ୍କ ପାଖରେ ପହଞ୍ଚେଇ ମୋର ଲୋଡ଼ିବାପଣକୁ ଜଣେଇ କିଛି ଖୁସି ସାଉଁଟି ଆଣିବା। ସଂକୋଚକୁ ସାଥି କରି ଚିଠିତକ ନେଇଗଲି, ତାଙ୍କୁ ଅତମତ ହୋଇ କ'ଣ କ'ଣ କହି ଦେଇଆସିଲି। ଭାବିଥିଲି ରାତି ଅନିଦ୍ରା ହୋଇ ଚିଠିତକ ପଢ଼ି ସେ ସକାଳୁ ଆସି ମୁଁ ରହୁଥିବା ଘରେ ପହଞ୍ଚିବେ। କାହିଁ ଆସନ୍ତେ ! ପାଞ୍ଚ ଦିନର ଲମ୍ବା ଅପେକ୍ଷା ପରେ ବରଂ ମୁଁ ତାଙ୍କୁ ଗୋଟିଏ ଜଳଖିଆ ଦୋକାନରୁ ବାହାରୁଥିବା ଦେଖି ନିଜ ଆଡୁ ପଚାରିଲି– ଚିଠି ପଢ଼ିଲେ ? ସେ କହିଲେ– ହଁ। କାହିଁ କିଛି କହିଲେନି ତ ମୁଁ ଅପେକ୍ଷା କରିଥିଲି, ମୁହଁ ପୋତି ମୁଁ କହିଲି। ସେ କହିଲେ– ପଢ଼ିବାକୁ ଦେଇଥିଲ ପରା ! ଲୁହରେ ଭର୍ତ୍ତି ହୋଇଯାଇଥିଲା ମୋ ଆଖି। ଫେରି ଆସିଥିଲି ତାଙ୍କୁ ଜୀବନସାଥୀ କରିବାର 'ଜିଦ୍'କୁ ସାଥିରେ ଧରି। ଘରେ ଜଣେଇଲି। ମୋର ସ୍ପଷ୍ଟତା ଓ ପିଲାଳିଆମିକୁ ସମର୍ଥନ କଲେ ନନା, ଭାଇନା , ଗୁରୁଜନ। 'ମାନୁର ପସନ୍ଦ ଆମର ପସନ୍ଦ' କହିଲେ ସିନା, ହେଲେ ପ୍ରସ୍ତାବ ପକେଇବ କିଏ ! ବଡ଼ ଭାଇ ଗଲେ। ସିଧା ଶୁଣେଇ ଦେଲେ ପବିତ୍ର– 'ଭଉଣୀ ଆପଣଙ୍କର ଶସ୍ତା ସିନେମା ଏବଂ ଉପନ୍ୟାସ ଦେଖି ଏମିତି ହେଉଛି, ମୁଁ ମୋ ଭାଇ ଭଉଣୀଙ୍କ ଭବିଷ୍ୟତ ପାଇଁ ସହରରେ ଆସି ଖଟୁଛି। ଆପଣଙ୍କ ଭଉଣୀର ଭବିଷ୍ୟତ ଆପଣ ଭଲରେ ଦେଖନ୍ତୁ।' ଭାଇ ହତାଶ ହୋଇ ଫେରିଲେ। ହେଲେ ମୁଁ ହାର୍ ମାନିଲିନି। ସେ ପଢ଼ନ୍ତୁ କି ନ ପଢ଼ନ୍ତୁ ତାଙ୍କ ପାଇଁ ପ୍ରତିଦିନ ଲେଖୁଥିବା ଚିଠି ତାଙ୍କୁ ଦେଇଆସୁଥିଲି। ତହିଁରେ ତାଙ୍କ ସହ ବନ୍ଧୁ ଭଳି ରହିବାର ଅକ୍ଳାନ୍ତ ଚେଷ୍ଟା କରୁଥିଲି। ପରିଶେଷରେ ତାଙ୍କୁ ନେଇ ମୋ' ଆବେଗ ଜିତିଲା। ଛଅ ମାସ ପରେ ସେ ମାନିଗଲେ ଜୀବନସାଥୀ କରିବା ପାଇଁ ମୋତେ।



ସ୍ୱାମୀ ପବିତ୍ରଙ୍କ ସହ ମାନମୟୀ

## ଜୀବନସାଥୀ ହେବାକୁ ପ୍ରଥମେ ସମ୍ମତି ଲୋଡ଼ିଥିଲି

**ଓଁ ଅଭିଜ୍ଞାନ ସାହୁ(ବ୍ୟଙ୍ଗକାର)–** ସ୍କୁଲ କଲେଜ ପିଲାଙ୍କ ଭିତରେ ଭାରତୀୟ କଳା ସଙ୍ଗୀତ ତଥା ସାହିତ୍ୟର ପ୍ରଚାର ପ୍ରସାର ପାଇଁ କାମ କରୁଥିବା ଏକ ସର୍ବଭାରତୀୟ ଅନୁଷ୍ଠାନ ସ୍ପିକ୍ ମାକେର ରାଜ୍ୟ ସଂଯୋଜକ ଥିବା ସମୟରେ ବବିତାଙ୍କ ବିଷୟରେ ଜାଣିବାକୁ ପାଇଲି। ସେତେବେଳକୁ ସେ ଓଡ଼ିଶା ଲଳିତ କଳା ଏକାଡେମୀ ସହ ଜାତୀୟ ନେତାଜୀ ଯୁବ ପୁରସ୍କାର ମଧ୍ୟ ପାଇ ସାରିଥାନ୍ତି। ଏକଦା ମହିଳାଙ୍କ ପାଇଁ ନିଷିଦ୍ଧ ଥିବା ପୁରୁଷପ୍ରଧାନ ପଟଚିତ୍ରରେ ବହୁ ସାମାଜିକ ପ୍ରତିକୂଳ ବାଧାବିଘ୍ନ ସତ୍ତ୍ୱେ ଏତେ ସୁନାମ ଅର୍ଜିଥିବା ବବିତାଙ୍କ ବିଷୟରେ ଜାତୀୟ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆରେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଇଥିଲା। ତାଙ୍କ ସହ ମୋର ପ୍ରଥମ ପରିଚୟ ଏହି ପୃଷ୍ଠାରୁ। ସାମାଜିକ ବାସନ୍ଦ ସତ୍ତ୍ୱେ ନିଜ ଗୁରୁ ଓ ମା'ବାପାଙ୍କ ସହଯୋଗରେ ସେ ପଟଚିତ୍ରରେ ଅର୍ଜିଥିବା ଖ୍ୟାତି ପାଇଁ ଭାରତ ସରକାରଙ୍କ ହସ୍ତକଳା ଓ ବୟନ ଶିଳ୍ପ ବିଭାଗ ତରଫରୁ ପଟଚିତ୍ରର ପ୍ରଥମ ମହିଳା ଭାବେ ପ୍ରଶସ୍ତିପତ୍ର ମଧ୍ୟ ପାଇ ସାରିଥାନ୍ତି। ଅଧିକରୁ ଅଧିକ ଝିଅ ଓ ଛାତ୍ରୀଛାତ୍ରମାନେ କିପରି ଆମ ଶାସ୍ତ୍ରୀୟ ଚିତ୍ରକଳା ବିଷୟରେ ଅଧିକ ଜାଣିବେ ଓ ଶିଖିବେ ଚିନ୍ତାକରି ଆମ ଅନୁଷ୍ଠାନ ତରଫରୁ ଏକ କର୍ମଶାଳାର ଆୟୋଜନ କରି ତାଙ୍କୁ ଯୋଗାଯୋଗ କରିଥିଲୁ। ସେ ଖୁସିରେ ଗ୍ରହଣ କରି ଆମକୁ ସହଯୋଗ କରିଥିଲେ। ତାଙ୍କୁ ପ୍ରଥମେ ଦେଖି ବିଶ୍ୱାସ ଆସୁନଥିଲା ଯେ ଏତେ କମ୍ ବୟସରୁ ଜାତୀୟ ସ୍ତରରେ ନାଁ କରିଥିବା ଝିଅଟି ଏଇ ବୋଲି। ତେଲମରା ଲମ୍ବା ବେଣୀ ସହ ଫ୍ରକ୍‌ରୁ ନୂଆ ନୂଆ ସାଲ୍‌ୱାର କୁର୍ତ୍ତା ପିନ୍ଧି ଅଳ୍ପବୟସ୍କା ସାଧାରଣ ଝିଅକୁ ଦେଖି ସେହି ଆଭିଜାତ୍ୟ ସମ୍ପନ୍ନ ସ୍କୁଲର ପ୍ରିନ୍ସିପାଲଙ୍କ ମୁହଁ ଆମ୍ବିଳା ହେଇଯାଇଥିଲା। କିନ୍ତୁ ପ୍ରଥମ ସ୍ୱାଗତ ସଭାରେ ଯେତେବେଳେ ତାଙ୍କ ପରିଚୟ ସମୟରେ ସମସ୍ତ ବଡ଼ ବଡ଼ ଜାତୀୟ ଖବରକାଗଜ ସହ ଟେଲିଭିଜନରେ ତାଙ୍କ ଉପରେ ହୋଇଥିବା ସ୍ୱତନ୍ତ୍ର ଉପସ୍ଥାପନା ବିଷୟରେ ପଢ଼ାଗଲା, ସେତେବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ସେଠାରେ ଉପସ୍ଥିତ ଅଭିଭାବକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସାତ ଦିନ ଧରି ଚାଲିଥିବା ଏହି କର୍ମଶାଳାକୁ ମୁଁ ପ୍ରଥମ ଓ ଶେଷଦିନ ଯାଇଥିଲି। ମୂଳରୁ ଆମ ପରିଚୟ କେବଳ ପରସ୍ପର ପ୍ରତି ଆକର୍ଷଣ ଥିଲା, ଯାହାକୁ ପ୍ରେମ କୁହାଯିବ କି ନା ଜାଣେ ନାହିଁ। ସେହି ସମୟରେ ମୁଁ ବିଭିନ୍ନ କାର୍ଯ୍ୟକ୍ରମ ନେଇ ତାଙ୍କ ବାପା ଓ ତାଙ୍କ ସହ କଥା ହୋଇଛି ଓ ସେହି କଥାବାର୍ତ୍ତା ଭିତରେ ଯାହା ଅଳ୍ପ କିଛି ବ୍ୟକ୍ତିଗତ ଭଲ ମନ୍ଦ କଥା ହେଇଛୁ। ତାଙ୍କ ପ୍ରତିଭା, ନମ୍ରତା ଓ ରୁଚିପୂର୍ଣ୍ଣ ଆଚରଣରୁ ମୋତେ ଲାଗିଥିଲା ସେ ମୋ ଜୀବନସାଥୀ ହେଲେ ମୁଁ ଖୁସି ରହିବି। ତାଙ୍କୁ ଏକଥା ଜଣାଇଲି ଓ ସମ୍ମତି ପରେ ବିବାହ କରିବା ପାଇଁ ମୁଁ ପ୍ରଥମେ ଆମ ଘରେ ପ୍ରସ୍ତାବ ଦେଇଥିଲି। ଉଭୟ ପରିବାରର ସମ୍ମତିରେ ପ୍ରଥମେ ପୁରୀ କୋର୍ଟରେ ବିବାହ କଲା ପରେ ବୈଦିକ ରୀତିରେ ଆମେ ପରସ୍ପରକୁ ବରି ନେଇଥିଲୁ।



ପତ୍ନୀ ବବିତାଙ୍କ ସହ ଓଁ ଅଭିଜ୍ଞାନ

## ମୋ ପ୍ରସ୍ତାବ ପରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିଲା

**ଦିଲୀପ କୁମାର ବେହେରା** (ଡାକ୍ତର ଓ ଲେଖକ)– ସେତେବେଳକୁ ରୋଜାଲିନ୍‌କୁ ଜାଣିବାର ବେଶ୍ କିଛି ମାସ ହେଇଯାଇଥିଲା। କଥାବାର୍ତ୍ତା ତଥା ଭାବଦିଆନିଆରେ ଅନ୍ତରଙ୍ଗତା ବଢ଼ିଯାଇଥିଲା। ହୁଏତ ପରସ୍ପରକୁ ଆମେ କିଛିମାତ୍ରାରେ ବୁଝିସାରିଥିଲୁ। ମୋତେ ଲାଗେ ମୁଁ ଜମା ରୋମାଣ୍ଟିକ୍ ମଣିଷ ନୁହଁ କି ରୋମାଣ୍ଟିସିଜିମ ମୋତେ ଆସେନି। ମୋ ଦୃଷ୍ଟିରେ ପାରସ୍ପରିକ ସମ୍ମାନ ଆଉ ଭଲ ବୁଝାମଣା ହିଁ ପ୍ରେମ। ମୋତେ ଲାଗେ ମଣିଷର ଚିନ୍ତାଧାରା, ତା'ର ଚାଲିଚଳନ ସହ ଅଞ୍ଚଳଗତ ପାରିବାରିକ ତଥା ସାଂସ୍କୃତିକ ବିସଙ୍ଗତି ସତ୍ତ୍ୱେ ଯଦି ଦୁଇଟି ମଣିଷଙ୍କ ବିଚାରଧାରା ତଥା ଆଦର୍ଶଗତ ସଙ୍ଗତି ଅଛି, ତେବେ ସଂସାର ସୁରୁଖୁରୁରେ ଚାଲିପାରିବ। ସେତେବେଳକୁ ମୋର ବାହାଘର ପାଇଁ ପ୍ରସ୍ତାବ ଦେଖାଦେଖି ଚାଲିଥାଏ। ମୁଁ ଦୋଳାୟମାନ ସ୍ଥିତିରେ ଥାଏ। ଏମିତି ଦିନେ କଥା ହେଉହେଉ ମୁଁ ରୋଜାଲିନ୍‌କୁ ପ୍ରସ୍ତାବ ଦେଲି– ମୋତେ ବାହା ହେବୁ ? ହଠାତ୍ କେମିତି ଗୋଟେ ଗମ୍ଭୀର ସ୍ଥିତି ସୃଷ୍ଟି ହେଲା। ସେ ବାହାଘର କଥା କିଛି ଭାବିନଥାଏ। ସେ ସମୟ ମାଗିଲା। ଘର ଲୋକଙ୍କୁ ପଚାରିଲା। ପାରିବାରିକ ବିଚାରବିମର୍ଶ ପରେ ଯାହା କିଛି ନିଷ୍କର୍ଷ ବାହାରିଲା, ସେଥିରେ ଥିଲା ଅଳ୍ପ ରାଜି ଆଉ ଅନେକ ଅରାଜି। ତା'ରି ଭିତରେ ବାହାଘର ସ୍ଥିର ହେଲା।



ପତ୍ନୀ ରୋଜାଲିନ୍‌ଙ୍କ ସହ ଦିଲୀପ

– ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ ?

୧– ଏସିଆ ମ୍ୟାନୁଫାକ୍ଚରିଂ ଇଣ୍ଡେକ୍ସ ୨୦୨୬ରେ ଭାରତର ସ୍ଥାନ.......... ?

୨– ନମ୍ବେଓ ଗ୍ଲୋବାଲ୍ ସେଫ୍ଟି ଇଣ୍ଡେକ୍ସ–୨୦୨୬ ରିପୋର୍ଟ ଅନୁଯାୟୀ ପୃଥିବୀର ସବୁଠୁ ସୁରକ୍ଷିତ ସହର ............ ?

୩– ...........ଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଏ ?

୪– ଲାମ୍ବାଡା ସମ୍ପ୍ରଦାୟ ମୁଖ୍ୟତଃ ଭାରତୀୟ ରାଜ୍ୟ ........... ଏବଂ ......... ରାଜ୍ୟରେ ବସବାସ କରନ୍ତି ?

୫– ଅଲିମ୍ପିକ୍ ଇସ୍ପୋର୍ଟ୍ସ ଗେମ୍ସ ୨୦୨୭ ...........ଠାରେ ଅନୁଷ୍ଠିତ ହେବ ?

## ଗତ ଥରର ଉତ୍ତର

୧ ଆରାବଳୀ ପର୍ବତମାଳା

୨ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍

୩ ସୁଇଡେନ୍

୪ ଗୋଆ ଶିପ୍‌ୟାର୍ଡ ଲିମିଟେଡ୍

୫ ଯମୁନା

## ଉତ୍ତରଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର



ସୁଶାନ୍ତ ନାଏକ, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବବୃହତ୍ ବୌଦ୍ଧ ମୂର୍ତ୍ତି

| | |
|---|---|
| ୧. ସ୍ପ୍ରିଙ୍ଗ୍ ବୁଦ୍ଧ ଟେମ୍ପଲ୍ (ଚାଇନା) | ୪୨୦ ଫୁଟ୍ |
| ୨. ଲେକ୍ୟୁନ୍ ସେକ୍ୟା (ମ୍ୟାନ୍‌ମାର୍) | ୩୮୧ ଫୁଟ୍ |
| ୩. ଉଶିକୁ ଡାଇବୁସୁ (ଜାପାନ) | ୩୩୦ଫୁଟ୍ |
| ୪. ସେଣ୍ଡାଇ ଡାଇକାନନ୍ (ଜାପାନ) | ୩୩୦ ଫୁଟ୍ |
| ୫. ଗୁଇଶାନ୍ ଗୁଆନିନ୍ (ଚାଇନା) | ୩୨୫ ଫୁଟ୍ |
| ୬. ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ | ୩୦୨ ଫୁଟ୍ |
| ୭. ଡାଇ କ୍ୟାନନ୍ ଅଫ୍ କାଇଟା (ଜାପାନ) | ୨୮୯ ଫୁଟ୍ |
| ୮. ଗ୍ରାଣ୍ଡ ବୁଦ୍ଧ ଆଟ୍ ଲିଙ୍ଗ୍ ଶାନ୍ (ଚାଇନା) | ୨୮୯ ଫୁଟ୍ |
| ୯. ଆୱାଜି କ୍ୟାନନ୍ (ଜାପାନ) | ୨୬୦ ଫୁଟ୍ |
| ୧୦. ଗୁଆନିନ୍ ଅଫ୍ ମାଉଣ୍ଟ ଜିକିଆଓ (ଚାଇନା) | ୨୫୩ ଫୁଟ୍ |

## ୟୁଥ୍ ଆଲର୍ଟ

# ବୁଲିବା ପାଇଁ ଏଆଇ ସାହାଯ୍ୟ ନେଉଥିଲେ

**ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ସାହାଯ୍ୟରେ ଅନେକ କାର୍ଯ୍ୟ ଖୁବ୍ ସହଜ ଏବଂ ସରଳ ଭାବେ କରାଯାଇପାରୁଛି। ଠିକ୍ ଯେମିତି କେଉଁ ନୂଆ ଜାଗାକୁ ବୁଲିବାକୁ ହେଲେ ବି ଅଧିକାଂଶ ଯୁବପିଢ଼ି ଏଆଇର ସାହାଯ୍ୟ ନେଉଛନ୍ତି। ହେଲେ ଜାଣନ୍ତି କି ଏଆଇ ସାହାଯ୍ୟରେ ଟ୍ରିପ୍ ପ୍ଲାନିଂ କରିବା ଦ୍ୱାରା ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜାଣନ୍ତୁ କିପରି ରହିବେ ସତର୍କ...**

- ଏଆଇ ଦ୍ୱାରା କେବେକେବେ ଏଭଳି ମଡେଲ୍ ପ୍ରସ୍ତୁତ ହୋଇଯାଏ, ଯାହା ଅବାସ୍ତବ ହୋଇଥାଏ ; ଯାହାକୁ ହ୍ୟାଲୁସିନେଶନ୍ ବୋଲି କୁହାଯାଏ। ତେଣୁ ଏଆଇ ଦ୍ୱାରା ଟ୍ରିପ୍ ବୁକ୍ କଲାବେଳେ କେବେକେବେ ଏମିତି କିଛି ହୋଟେଲ୍ ବା କୌଣସି ମ୍ୟୁଜିୟମ୍ ଆଦିର ଆଡ୍ରେସ୍ ମିଳିଥାଏ, ଯାହାକି ଦୀର୍ଘଦିନରୁ ବନ୍ଦ ହୋଇଯାଇଥାଏ କିମ୍ବା ଆଦୌ ନ ଥାଏ। ତେଣୁ ଏହା ଉପରେ ବିଶ୍ୱାସ କରି ଯିବା ଅପେକ୍ଷା ଗୁଗୁଲ୍ ମ୍ୟାପ୍ କିମ୍ବା ଉକ୍ତ ସ୍ଥାନର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଯାଇ ଚେକ୍ କରନ୍ତୁ ଏବଂ ତାହା ଠିକ୍ ଥିଲେ ଟ୍ରିପ୍ ପ୍ଲାନ୍ କରନ୍ତୁ।
- ଏଆଇରେ ଅପ୍‌ଡେଟ୍ ବା ରିଅଲ୍‌ଟାଇମ୍ ତଥ୍ୟ ମିଳିବା କଷ୍ଟ। କାରଣ ଏଥିରେ ଯେଉଁ ସମୟରେ ଯେଉଁ ଡାଟା ଅପ୍‌ଲୋଡ୍ ହୋଇଥାଏ, ତାହା ପୁନର୍ବାର ଅପ୍‌ଡେଟ୍ କରିବା ପର୍ଯ୍ୟନ୍ତ ସେହିପରି ରହିଥାଏ। ତେଣୁ ଟ୍ରପ୍ ସମୟରେ କେଉଁ ସ୍ଥାନକୁ ଯିବାକୁ ଚାହୁଁଥିଲେ ଯଦି ସେଠାରେ କୌଣସି କାରଣରୁ ଷ୍ଟ୍ରାଇକ୍, କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଦି ହୋଇଥାଏ, ତେବେ ତାହା ଏଆଇରେ ଜଣା ପଡ଼ି ନ ଥାଏ। ତେଣୁ କେଉଁଆଡ଼େ ଯିବା ପୂର୍ବରୁ ଗମନାଗମନ ସୁବିଧା, ସେଠାକାର ପାଣିପାଗ ଏବଂ ରହିବା ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ଏଆଇ ବଦଳରେ ସରକାରୀ ୱେବ୍‌ସାଇଟ୍, ରେଲ୍‌ୱେ ଆପ୍, ଟ୍ରାଭେଲ୍ ଆଣ୍ଡ ଟୁରିଜମ୍ ଆପ୍, ଗୁଗୁଲ୍ ଆଦିର ସାହାଯ୍ୟ ନିଅନ୍ତୁ।
- କେଉଁ ସ୍ଥାନକୁ କିଭଳି ଡ୍ରେସ୍ ପିନ୍ଧି ଯିବା ଦରକାର, ଅବା କେତେକ ସ୍ଥାନରେ କେବଳ ସ୍ଥାନୀୟ ଲୋକଙ୍କୁ ଯିବା ଅନୁମତି ରହିଥାଏ, ଆଦି ଭଳି ଏସବୁ କଥା ଏଆଇରୁ ଜଣା ପଡ଼ି ନ ଥାଏ। ଯେଉଁଥିପାଇଁ ଏହା ଜରିଆରେ ଟୁର୍ ପ୍ଲାନିଂ କରି ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ ୱେବ୍‌ସାଇଟ୍‌ରେ ପ୍ରଥମେ ପୂର୍ବରୁ ସେହି ସ୍ଥାନକୁ ଯାଇଥିବା ଲୋକଙ୍କ ଫିଡ୍‌ବ୍ୟାକ୍ ପଢ଼ନ୍ତୁ କିମ୍ବା ପରିଚିତ କେହି ଯାଇଥିଲେ ତାଙ୍କଠାରୁ ଭଲ ଭାବେ ଜାଣିବା ପରେ ହିଁ ଟ୍ରିପ୍ ପ୍ଲାନ କରନ୍ତୁ।






# ଟି୨୦ ବିଶ୍ୱକପ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରୁଛନ୍ତି ରାପର୍ ବାଦ୍‌ଶା(ବାମ) । ନୃତ୍ୟରତା ନୋରା ଫତେହୀ ।

**ମୁମ୍ବାଇ, ୭।୨**

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଶନିବାର ସନ୍ଧ୍ୟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ଆରମ୍ଭ ହୋଇଛି । ଭାରତ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱକପ୍ ଟ୍ରଫି ସହ ଜେଟ୍‌ପ୍ୟାକ୍ ପର୍‌ଫର୍ମର ଷ୍ଟାଡିୟମରେ ପ୍ରବେଶ ଅନ୍ୟତମ ହାଇଲାଇଟ୍ ଥିଲା । ଏହି କାର୍ଯ୍ୟକ୍ରମ ପ୍ରସିଦ୍ଧ ତବଲା ବାଦକ ଶିବମନି ଓ ସିତାର ବାଦକ ରିଶବ ଶର୍ମାଙ୍କ ପରଫର୍ମାନ୍ସ ସହ ଆରମ୍ଭ ହୋଇଥିଲା । ଏଥିରେ ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହୀ ଓ ର୍‍ୟାପର୍ ବାଦ୍‌ଶା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଏହି ଉତ୍ସବରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ପୂର୍ବତନ ଭାରତୀୟ ଅଧିନାୟକ ତଥା ଚଳିତ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରୋହିତ୍ ଶର୍ମା ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ ।

## ମ୍ୟାଚ୍ ଦେଖିଲେ ଆମେରିକା ରାଷ୍ଟ୍ରଦୂତ

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଭାରତ ଓ ୟୁଏସ୍‌ଏ ମଧ୍ୟରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବେଳେ ଉପସ୍ଥିତ ଥିଲେ ଭାରତରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରଦୂତ ତଥା ଦକ୍ଷିଣ ଓ କେନ୍ଦ୍ରାଞ୍ଚଳ ଏସିଆର ସ୍ୱତନ୍ତ୍ର ଦୂତ ସର୍ଗିଓ ଗୋର୍ । ସେ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କ ସହିତ ମ୍ୟାଚ ପୂର୍ବରୁ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କାରିଥିଲେ । ସେ ୟୁଏସ୍‌ଏ ଖେଳାଳିଙ୍କୁ ମଧ୍ୟ ସାକ୍ଷାତ୍ କରିଥିଲେ । ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଦୁଇ ଦେଶ ମଧ୍ୟରେ ଏହା ଥିଲା ଦ୍ୱିତୀୟ ମୁକାବିଲା । ପୂର୍ବରୁ ଦୁଇ ଦଳ ଟି୨୦ ବିଶ୍ୱକପ୍‌ର ୨୦୨୪ ସଂସ୍କରଣରେ ପରସ୍ପରକୁ ଭେଟିଥିଲେ । ଏଥିରେ ଭାରତ ୭ ଉଇକେଟରେ ବିଜୟଲାଭ କରିଥିଲା । ନାମ୍ବିୟା, ନେଦରଲାଣ୍ଡ୍ସ, ପାକିସ୍ତାନ ସହ ଭାରତ ଓ ଆମେରିକା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି ।

# ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

## ଶେଫର୍ଡଙ୍କ ହ୍ୟାଟ୍ରିକ୍

**କୋଲ୍‌କାତା, ୭।୨**

ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ଉଇକେଟ ସଫଳତା ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ୍ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ ।

ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା । ଦଳ ପାଇଁ ସିମରନ ହେଟମେୟର ୩୬ ବଲରେ ୬୪(୨ ଚୌକା, ୬ ଛକା) ଓ ବ୍ରାଣ୍ଡନ କିଙ୍ଗ୍ ୩୫ (୪ ଚୌକା, ୧ ଛକା) ରନ୍ କରିଥିଲେ । ଜବାବରେ ସ୍କଟ୍‌ଲାଣ୍ଡ ପାୱାର ପ୍ଲେ ମଧ୍ୟରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା । ଅଧିନାୟକ ରିଚି ବେରିଙ୍ଗଟନ ୪୨ (୩ ଚୌକା, ୨ ଛକା) ଓ ଟମ୍ ବ୍ରୁସ୍ ୩୫(୧ ଚୌକା, ୨ ଛକା) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ । ହେଲେ ୧୭ତମ ଓଭରରେ ଶେଫର୍ଡ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇ ୱେଷ୍ଟଇଣ୍ଡିଜ୍‌ର ବିଜୟ ନିଶ୍ଚିତ କରିଥିଲେ । ସେ ଓଭରର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲ୍‌ରେ ଯଥାକ୍ରମେ ମାଥ୍ୟୁ କ୍ରସ୍, ମାଇକେଲ ଲିସ୍କ ଓ ଓଲିଭର ଡାଭିଡ୍‌ସନ୍‌ଙ୍କୁ ଆଉଟ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ । ଫଳରେ ସ୍କଟ୍‌ଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା । ୱେଷ୍ଟଇଣ୍ଡିଜ୍ ପାଇଁ ଶେଫର୍ଡ ୫ ଓ ଜାସନ ହୋଲ୍ଡର ୩ ଉଇକେଟ ନେଇଥିଲେ ।



ରୋମାରିଓ ଶେଫର୍ଡ

### ଆଜିର ମ୍ୟାଚ

**ନ୍ୟୁଜିଲାଣ୍ଡ** ବନାମ **ଆଫଗାନିସ୍ତାନ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ** ବନାମ **ନେପାଳ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା

**ଶ୍ରୀଲଙ୍କା** ବନାମ **ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: **ଷ୍ଟାର୍‌ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

# ଭାରତ-ନେଦରଲାଣ୍ଡ୍ସ ବରାବର ସ୍ଥିତିରେ

## ଡେଭିସ୍ କପ୍

**ବେଙ୍ଗାଲୁରୁ, ୭।୨(ପି.ଟି.)**

ଭାରତ-ନେଦରଲାଣ୍ଡ୍ସ ଡେଭିସ୍ କପ୍ କ୍ୱାଲିଫାୟର୍ସ ରାଉଣ୍ଡ-୧ ମୁକାବିଲା ୧-୧ ବରାବର ସ୍ଥିତିରେ ରହିଛି । ଶନିବାର ଗ୍ରୁପ୍ ଡି' ଓଡେନଙ୍କ ବିପକ୍ଷ ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତର ସୁମିତ ନାଗାଲ ୦-୬, ୬-୪, ୩-୬ରେ ହାରିଯାଇଥିଲେ । ତେବେ ଦ୍ୱିତୀୟ ସିଙ୍ଗଲ୍ସରେ ୪୬୫ ର୍‍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣେଶ୍ୱର ସୁରେଶ ୬-୪, ୭-୫ ସେଟ୍‌ରେ ଡଚ୍ ନମ୍ବର-୧ ତଥା ବିଶ୍ୱର ୮୮ ର୍‍ୟାଙ୍କିଙ୍ଗ୍ ଖେଳାଳି ଜେସ୍‌ପର ଡି' ଜଙ୍ଗ୍‌ଙ୍କୁ ହରାଇ ଦେଇଥିଲେ । ରବିବାର ୟୁକି ଭାମ୍ବ୍ରୀ ଓ ଏନ୍. ଶ୍ରୀରାମ ବାଲାଜୀ ଡବଲ୍ସ ମୁକାବିଲାରେ ସାଣ୍ଡର ଆରେଣ୍ଟ୍ସ ଓ ଡେଭିଡ୍ ପେଲ୍‌ଙ୍କୁ ଭେଟିବେ । ଏହି ମ୍ୟାଚ ପରେ ରିଭର୍ସ ସିଙ୍ଗଲ୍ସ ମ୍ୟାଚ ଖେଳାଯିବ । ଏହି ମୁକାବିଲାର ବିଜେତା ଦଳ ସେପ୍ଟେମ୍ବର ୨ରୁ ଖେଳାଯିବାକୁଥିବା କ୍ୱାଲିଫାୟର୍ସ ରାଉଣ୍ଡ-୨ ପାଇଁ ଯୋଗ୍ୟତା ଅର୍ଜନ କରିବ । ଅନ୍ୟପକ୍ଷରେ ପରାଜିତ ଦଳକୁ ୱାର୍ଲ୍ଡ ଗ୍ରୁପ୍-୧ ପ୍ରତିଯୋଗିତାରେ ଭାଗନେବାକୁ ପଡ଼ିବ ।

# ଅଳ୍ପକେ ବର୍ତ୍ତିଲା ପାକିସ୍ତାନ

**କଲମ୍ବୋ, ୭।୨(ପି.ଟି.)**

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍ ଉଦ୍‌ଘାଟନୀରେ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି ପାକିସ୍ତାନ । ଟେଲ୍‌ଏଣ୍ଡର ଫହିମ ଅଶ୍ରଫ୍‌ଙ୍କ ୧୧ ବଲ୍‌ରେ ୨୯ ରନ୍ ସହାୟତାରେ ପାକିସ୍ତାନ ନେଦରଲାଣ୍ଡ୍ସକୁ ୩ ଉଇକେଟରେ ହରାଇ ଦେଇଛି । ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ ୧୯.୫ ଓଭରରେ ୧୪୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା । ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ପାକିସ୍ତାନ ଏକଦା ୨ ଉଇକେଟ ବିନିମୟରେ ୯୦ ରନ୍ କରି ସୁବିଧାଜନକ ସ୍ଥିତିରେ ଥିଲା । ମାତ୍ର ପରବର୍ତ୍ତୀ ସମୟରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧୪ ରନ୍ ମଧ୍ୟରେ ୭ ବ୍ୟାଟରଙ୍କୁ ହରାଇଥିଲା । ଏପରିକି ଦଳ ଶେଷ ୨ ଓଭରରେ ବିଜୟ ପାଇଁ ୨୯ ରନ୍ ଆବଶ୍ୟକ କରୁଥିଲା । ଏହି ପରିସ୍ଥିତିରେ ଅଶ୍ରଫ୍ ବିସ୍ଫୋରକ ବ୍ୟାଟିଂକରି ଲୋଗାନ ଭାନ୍ ବିକ୍‌ଙ୍କ ବୋଲିଂରେ ୩ ଛକା ଓ ଗୋଟିଏ ଚୌକା ଲଗାଇଥିଲେ ଏବଂ ଅନ୍ତିମ ଓଭରରେ ଏକ ଚୌକା ମାରିଥିଲେ । ପାକିସ୍ତାନ ୩ଟି ବଲ୍ ବାକିଥାଇ ୭ ଉଇକେଟ ହରାଇ ୧୪୮ ରନ୍‌କରି ମ୍ୟାଚ୍ ଜିତିନେଇଥିଲା । ପାକିସ୍ତାନର ଟପ୍ ସ୍କୋରର ଥିଲେ ଓପ୍‌ନର ଶାହିବଜାଦା ଫର୍‌ହାନ । ସେ ୪୭ ରନ୍(୩୧ ବଲ୍) କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ: ୧୯.୫ ଓଭରରେ ୧୪୭/ଅଲ୍‌ଆଉଟ(ସ୍କଟ୍ ଏଡ୍‌ୱାର୍ଡ୍ସ-୩୭, ସଲମନ ମିର୍ଜା- ୩/୨୪, ସଇମ ଆୟୁବ-୨/୭, ମହମ୍ମଦ ନୱାଜ-୨/୩୮) । ପାକିସ୍ତାନ: ୧୯.୩ ଓଭରରେ ୧୪୮/୭ (ସାହିବଜାଦା ଫରହାନ୍-୪୭, ଫହିମ ଅଶ୍ରଫ୍-୨୯*; ପଲ୍ ଭାନ୍ ମିକ୍‌ରେନ-୨/୨୦, ଆର୍ଯ୍ୟନ ଦତ୍ତ-୨/୩୩) ।

# ସରକାରଙ୍କ ସହ ପରାମର୍ଶ କରିବ ପିସିବି

**କରାଚୀ, ୭।୨(ପି.ଟି.)**

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ଟି୨୦ ମ୍ୟାଚ୍‌କୁ ବର୍ଜନ କରିବା ନିଷ୍ପତ୍ତି ଉପରେ ପାକିସ୍ତାନ ପୁନଃ ବିଚାର କରିପାରେ । ଭାରତ-ପାକିସ୍ତାନ ବହୁ ପ୍ରତୀକ୍ଷିତ ମ୍ୟାଚ୍ ଖେଳା ନ ଗଲେ ହେବାକୁ ଥିବା କ୍ଷତିକୁ ଦର୍ଶାଇ ଶ୍ରୀଲଙ୍କା ପକ୍ଷରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଥିଲା । ଏ ସମ୍ପର୍କରେ ପିସିବି ସରକାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି ।

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ସର୍ବଦା ସରକାରୀ ଓ କ୍ରିକେଟ ସ୍ତରରେ ଭଲ ସମ୍ପର୍କ ରହି ଆସିଛି । ଏଣୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଇଥିବା ମେଲ୍‌କୁ ଅଣଦେଖା କରାଯାଇପାରିବ ନାହିଁ । ଶ୍ରୀଲଙ୍କା କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭା ସିଧାସଳଖ ପିସିବି ମୁଖ୍ୟ ମହସିନ ନକ୍‌ଭିଙ୍କୁ ଯୋଗାଯୋଗ କରି ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍‌ରୁ ଅତିରିକ୍ତ ଆୟ କରିପାରିବନାହିଁ । ଏଥିଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ସରକାରଙ୍କ ସହ ପୁନଃ ବିଚାର ଲାଗି ଆଲୋଚନା କରିବେ ବୋଲି ନକ୍‌ଭି ଆଶ୍ୱାସନା ଦେଇଛନ୍ତି । ନକ୍‌ଭି ଏବେ ପାକିସ୍ତାନରେ ନାହାନ୍ତି । ସେ ଦେଶକୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ କଥାହେବେ । ତା' ପରେ ସୋମବାର ସୁଦ୍ଧା ନିଷ୍ପତ୍ତି ହୋଇପାରେ ବୋଲି ପିସିବି ସୂତ୍ରରୁ ଜଣାପଡ଼ିଛି ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

# ଓଡ଼ିଶାର ଅଭୂତପୂର୍ବ ସଫଳତା

**ରୋହତକ (ହରିୟାଣା), ୭।୨**

ସ୍ଥାନୀୟ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ସତନ୍ତ୍ର ଅଲିମ୍ପିକ୍ସ ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ମୋଟ ୩୪ ପଦକ ହାସଲ କରିଛନ୍ତି । ପ୍ରତିଯୋଗିତାରେ ୨୭ ରାଜ୍ୟରୁ ୬୦୦ ଖେଳାଳି ଅଂଶଗ୍ରହଣ କରିଥିଲେ । ମହିଳା ବର୍ଗର ବିଭିନ୍ନ ବିଭାଗରେ ପଦକ ଜିତିଥିବା ଓଡ଼ିଶାର ଆଥ୍‌ଲେଟ୍‌ମାନଙ୍କ ମଧ୍ୟରେ ଅଛନ୍ତି ହର୍ଷିତା ପ୍ରିୟଦର୍ଶିନୀ ତ୍ରିପାଠୀ (୫୦ମିଟର ଦୌଡ଼ରେ ବ୍ରୋଞ୍ଜ ଓ ୧୦୦ ମିଟର ଦୌଡ଼ରେ ବ୍ରୋଞ୍ଜ), ସୁଶ୍ରୀ ସଂଗୀତା ନାଏକ (୫୦ ମି.ରେ ରୌପ୍ୟ ଓ ୧୦୦ ମି.ରେ ବ୍ରୋଞ୍ଜ), ସତ୍ୟଭାମା ସାହୁ (୫୦ ମି.ରେ ରୌପ୍ୟ ଓ ୧୦୦ ମି.ରେ ରୌପ୍ୟ), ଲିଲିମା ଭୁଏ (୧୦୦ ମି.ରେ ରୌପ୍ୟ), ଦୀପିକା କୁମ୍ଭାର (୫୦ ମି.ରେ ରୌପ୍ୟ ଓ ୧୦୦ମି.ରେ ରୌପ୍ୟ) ଗୀତାଞ୍ଜଳି ସିଂହ (୫୦ମି.ରେ ସ୍ୱର୍ଣ୍ଣ), ସଗୁପ୍ତା ସାହିନ (୨୦୦ ମି., ଲଙ୍ଗ୍ ଜମ୍ପ ଓ ରିଲେରେ ସ୍ୱର୍ଣ୍ଣ) । ଜସ୍ମିତା ମାରାଣ୍ଡି (ରିଲେରେ ସ୍ୱର୍ଣ୍ଣ) ସୀମା ପଟେଲ (ରିଲେରେ ସ୍ୱର୍ଣ୍ଣ ଓ ୪୦୦ ମି. ଦୌଡ଼ରେ ରୌପ୍ୟ), ସୀମା ନାୟକ (ରିଲେରେ ସ୍ୱର୍ଣ୍ଣ ଓ ଶଟ ପୁଟରେ ରୌପ୍ୟ) । ପୁରୁଷ ବିଭାଗରେ ପଦକ ଜିତିଥିବା ଓଡ଼ିଶା ଖେଳାଳିମାନେ ହେଲେ: ଭୀମସେନ ରଣା, (ଲଙ୍ଗ୍ ଜମ୍ପରେ ସ୍ୱର୍ଣ୍ଣ ଓ ୨୦୦ ମି.ରେ ରୌପ୍ୟ), ଶୁଭେନ୍ଦୁ ବୈଗା (ଦୌଡ଼, ଲଙ୍ଗ୍ ଜମ୍ପ୍‌ରେ ସ୍ୱର୍ଣ୍ଣ ଓ ରିଲେରେ ବ୍ରୋଞ୍ଜ), ହୃଦାନନ୍ଦ ନାଗ୍, ଶଟ ପୁଟ ସ୍ୱର୍ଣ୍ଣ ଓ ରିଲେରେ ବ୍ରୋଞ୍ଜ), ସତ୍ୟବ୍ରତ ଦାଶ (ଦୌଡ଼, ଲଙ୍ଗ୍ ଜମ୍ପ୍‌ରେ ସ୍ୱର୍ଣ୍ଣ ପଦକ ଓ ରିଲେରେ ବ୍ରୋଞ୍ଜ), ବିମଳ ନାୟକ (ଶଟ୍ ପୁଟ୍‌ରେ ସ୍ୱର୍ଣ୍ଣ ଓ ୨୦୦ ମି.ରେ ବ୍ରୋଞ୍ଜ) ଅମନ ପଟେଲ (ଦୌଡ଼, ଲଙ୍ଗଜମ୍ପ୍‌ରେ ବ୍ରୋଞ୍ଜ), ବାଦଲ ବନଛୁର (୨୦୦ ମି.ରେ ରୌପ୍ୟ ଓ ୪୦୦ ମି.ରେ ବ୍ରୋଞ୍ଜ), ଲବ ବେହେରା (୪୦୦ ମି.ରେ ସ୍ୱର୍ଣ୍ଣ ଓ ୨୦୦ ମି.ରେ ରୌପ୍ୟ) ସତନ୍ତ୍ର ଅଲିମ୍ପିକ୍ସ ଓଡ଼ିଶାର କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ ।



କର୍ମକର୍ତ୍ତାଙ୍କ ଗହଣରେ ପଦକଧାରୀ ଓଡ଼ିଶା ଦଳର ଖେଳାଳି ।

## ୧୯ ବର୍ଷରୁ କମ୍ ସାଫ ମହିଳା ଚାମ୍ପିୟନଶିପ୍

# ଭାରତ ଚାମ୍ପିୟନ

**ନୂଆଦିଲ୍ଲୀ,୭।୨(ପି.ଟି.)**

୧୭ ବର୍ଷରୁ କମ୍ ଦଳ ଓହ୍ଲାଇଥିବା ଭାରତ ଦକ୍ଷିଣ ଏସୀୟ ଫୁଟବଲ ଫେଡେରେଶନ (ସାଫ) ୧୯ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛି । ଶନିବାର ନେପାଳର ପୋଖରା ରଙ୍ଗଶାଳାରେ ଅନୁଷ୍ଠିତ ଫାଇନାଲରେ ଭାରତ ୪-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ବାଂଲାଦେଶକୁ ପରାସ୍ତ କରିଛି । ଅଧିନାୟିକା ଜୁଲନ ନୋଙ୍ଗମାଇଥେମ ୪୨ତମ ମିନିଟ୍ ଭାରତ ପାଇଁ ଖାତା ଖୋଲିଥିଲେ । ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲ୍‌ରେ ଆଗରେ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଏଲିଜାବେଦ ଲାକ୍ରା (୬୩ତମ), ପର୍ଲ ଫର୍ନାଣ୍ଡେସ (୬୮ତମ) ଓ ଅନ୍ୱିତା ରଘୁରାମ (୮୩ତମ) ଗୋଲ ଦେଇଥିଲେ । ଏହି ବିଜୟ ସହ ଲିଗ୍ ପର୍ଯ୍ୟାୟରେ ବାଂଲାଦେଶଠାରୁ ୨-୦ ଗୋଲର ପରାଜୟର ପ୍ରତିଶୋଧ ଭାରତୀୟ ଦଳ ନେଇଛି । ଚଳିତ ବର୍ଷ ହେବାକୁ ଥିବା ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ପୂର୍ବରୁ ପ୍ରସ୍ତୁତି ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲା । ନବନିଯୁକ୍ତ ମୁଖ୍ୟ କୋଚ୍ ପାମେଲା କୋଣ୍ଟିଙ୍କ ନେତୃତ୍ୱରେ ଭାରତ ଏହି ଟୁର୍ନାମେଣ୍ଟର ରାଉଣ୍ଡ ରବିନ୍ ଲିଗ୍ ପର୍ଯ୍ୟାୟରେ ନେପାଳ(୧-୦), ଭୁଟାନ(୮-୦)କୁ ପରାସ୍ତ କରିଥିଲା ।




ଟ୍ରଫି ସହ ଚାମ୍ପିୟନ ଭାରତୀୟ ଦଳ ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ